# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୩/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, February 13/2020 | ★★★★★★

୪୬ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଇର୍‌ଫାନ୍‌ଙ୍କ ଇମୋଶନାଲ୍ ପୋଷ୍ଟ**

ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ଇର୍‌ଫାନ ଖାନ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଏକ ଇମୋଶନାଲ ଭିଡିଓ ଶେୟାର କରିବା ପରେ ଏହା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି।

୧୨

୧୮

**ଅଙ୍କିତଙ୍କ ରଣଜୀ କ୍ୟାରିୟର ଆରମ୍ଭ**

ବାରବାଟୀ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ରଣଜୀ ଟ୍ରଫି କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ଓଡ଼ିଶାର ଅଙ୍କିତ ଯାଦବ।




**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୯

**ଆଜିର ସମ୍ପାଦକୀୟ**
ବେଆଇନ ମାଂସ ଶିଳ୍ପ






Vencobb CHICKEN

12.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 53 | 97 | 107 |
| DKL | 54 | 98 | 108 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 54 | 98 | 108 |
| BHM | 51 | 94 | 104 |

Issued in the Interest of Consumers
*Conditions Apply


# ଗଠନ ହେଲା ଓବିସି କମିଶନ

- ଜଷ୍ଟିସ ରଘୁନାଥ ବିଶ୍ୱାଳ ହେଲେ ଅଧ୍ୟକ୍ଷ
- ୩ ପ୍ରଫେସର, ଜଣେ ସଚିବ ସଦସ୍ୟ

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଓଡ଼ିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି)ଙ୍କ ପ୍ରକୃତ ସଂଖ୍ୟା କେତେ, ସେ ସମ୍ପର୍କରେ କୌଣସି ସରକାରୀ ହିସାବ ନାହିଁ। ତେଣୁ ଏମାନଙ୍କ ପ୍ରକୃତ ସଂଖ୍ୟା କେତେ ତାହା ଜାଣିବା ପାଇଁ ଜାତିଭିତ୍ତିକ ଜନଗଣନା ଆବଶ୍ୟକତା ରହିଥିବା ରାଜ୍ୟ ସରକାର ଅନୁଭବ କରିଥିଲେ। କିଛିଦିନ ତଳେ ସରକାର କ୍ୟାବିନେଟ୍ ବୈଠକ ଡକାଇ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଇଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିଲେ। ହେଲେ ବଜେଟ ଅଧିବେଶନର ପ୍ରଥମ ଭାଗରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଏକ ଲିଖିତ ଉତ୍ତର ଜାତିଭିତ୍ତିକ ଜନଗଣନା ସପକ୍ଷରେ କେନ୍ଦ୍ର ସରକାର ନ ଥିବା ସ୍ପଷ୍ଟ କରିଥିଲା। ତେଣୁ ରାଜ୍ୟ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ସେ ନେଇ ସମସ୍ତଙ୍କ ନଜର ରହିଥିଲା।

ଏହି କ୍ରମରେ ରାଜ୍ୟ ସରକାର ବୁଧବାର ଓବିସି କମିଶନ ଗଠନ ନେଇ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କୁ ଓବିସି କମିଶନ୍‌ର ପ୍ରଥମ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଜଷ୍ଟିସ ବିଶ୍ୱାଳ ଓଡ଼ିଶା ହାଇକୋର୍ଟରେ ବିଚାରପତିଭାବେ କାର୍ଯ୍ୟ କରିସାରିଛନ୍ତି। ଏତଦ୍ ବ୍ୟତୀତ ସେ ରାଜ୍ୟ ଖାଉଟି ସମସ୍ୟା ସମାଧାନ ମଞ୍ଚର ସଭାପତି ଭାବେ ୨୦୧୨ ନଭେମ୍ବରୁ ୨୦୧୭ ମାର୍ଚ୍ଚ ଯାଏ ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ଅଧ୍ୟକ୍ଷ ବିଶ୍ୱାଳଙ୍କ ସମେତ ଏହି କମିଶନରେ ୩ ଜଣ ସଦସ୍ୟ ଏବଂ ଜଣେ ସଚିବ ସଦସ୍ୟ ରହିଛନ୍ତି। ଏମାନେ ହେଉଛନ୍ତି, ପ୍ରଫେସର ଡକ୍ଟର ନବନୀତା ରଥ, ପ୍ରଫେସର ଡକ୍ଟର ମିତାଲି ଚିନ୍ନାରା ଏବଂ ଡକ୍ଟର ପ୍ରସନ୍ନ କୁମାର ପାତ୍ର। ସେହିପରି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ବୀର ବିକ୍ରମ ଯାଦବ ସଚିବ ସଦସ୍ୟ ରହିଛନ୍ତି। ପ୍ରଫେସର ରଥ ଜଣେ ସମାଜ ବିଜ୍ଞାନୀ। ସେ ପଛୁଆ ବର୍ଗଙ୍କ ସମ୍ପର୍କିତ ବିଭିନ୍ନ ତଥ୍ୟ ଅନୁଶୀଳନ କରିବା ସହ ଗବେଷଣା କରିସାରିଛନ୍ତି। ପ୍ରଫେସର ଚିନ୍ନାରା ପ୍ରୟୋଗାତ୍ମକ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସେହିଭଳି ଡକ୍ଟର ପାତ୍ର ଜଣେ ନୃତତ୍ତ୍ୱବିତ୍(ଆନ୍ଥ୍ରପୋଲୋଜିଷ୍ଟ)। ଉପରୋକ୍ତ ୩ ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ରାଜ୍ୟ ସରକାର 'ଓଡ଼ିଶା ଷ୍ଟେଟ କମିଶନ ଫର୍ ବ୍ୟାକୱାର୍ଡ କ୍ଲାସ ନିୟମ-୧୯୯୩'ରେ ଥିବା ବ୍ୟବସ୍ଥା ଆଧାରରେ ଏହି କମିଶନ ଗଠିତ ହୋଇଥିବା ଜଣାପଡିଛି। ଏହାର ପ୍ରଥମ ଅଧ୍ୟାୟରେ କମିଶନଙ୍କ ବିଷୟରେ ସଂକ୍ଷିପ୍ତ ବିବରଣୀ ରହିଛି। ଏହି ନିୟମର ଦ୍ୱିତୀୟ ଅଧ୍ୟାୟରେ କମିଶନ ଗଠନ, ଏହାର ଅଧ୍ୟକ୍ଷ ଓ ସଦସ୍ୟ, କର୍ମଚାରୀ ଏବଂ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେହିଭଳି ଖାଲିଥିବା ପଦବୀ, କମିଶନଙ୍କ କାର୍ଯ୍ୟସାରଣୀକୁ ରଦ୍ଦ ନ କରିବା ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତୃତୀୟ ଭାଗରେ କମିଶନଙ୍କ କାର୍ଯ୍ୟ, କ୍ଷମତା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପିରିୟଡିକ୍ ରିଭିଜନ୍ ଲିଷ୍ଟ ସମ୍ପର୍କରେ ନିୟମ ସନ୍ନିବେଶିତ କରାଯାଇଛି। ଚତୁର୍ଥ ଭାଗରେ ସରକାରୀ ଅନୁଦାନ, ବାର୍ଷିକ ଅଡିଟ୍, ବାର୍ଷିକ ବିବରଣୀ ଏବଂ ଓଡ଼ିଶା ବିଧାନସଭାରେ ଉପସ୍ଥାପନ ହେବାକୁ ବିଭିନ୍ନ ରିପୋର୍ଟ ସମ୍ପର୍କିତ ନିୟମ ଉଲ୍ଲେଖ କରାଯାଇଛି। ସେହିଭଳି ପଞ୍ଚମ ଭାଗରେ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷମତା, ନିୟମ ପ୍ରଣୟନ ବିଧି ସମ୍ପର୍କରେ ଉଲ୍ଲେଖ କରାଯାଇଛି। କମିଶନ ଅଧ୍ୟକ୍ଷଭାବେ ନିଯୁକ୍ତ ହୋଇଥିବା ଜଷ୍ଟିସ ରଘୁନାଥ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟ ସରକାର ଗୁରୁ ଦାୟିତ୍ୱ ଦେଇଛନ୍ତି। ଏହାକୁ ସୂଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବି।



" ରାଜ୍ୟ ସରକାର ଗୁରୁଦାୟିତ୍ୱ ଦେଇଛନ୍ତି। ଏହାକୁ ସୁଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବି।
**-ଜଷ୍ଟିସ ରଘୁନାଥ ବିଶ୍ୱାଳ, ରାଜ୍ୟ ଓବିସି କମିଶନ ଅଧ୍ୟକ୍ଷ**

# ଏଲ୍‌ପିଜି ସିଲିଣ୍ଡର ୧୪୪.୫ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୧୨।୨

ରନ୍ଧନ ଗ୍ୟାସ ଏଲ୍‌ପିଜି ମୂଲ୍ୟରେ ବୁଧବାର ୧୪୪.୫ ଟଙ୍କା ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଦରବୃଦ୍ଧି ଯୋଗୁ ଦେଶରେ ଏହାର ପ୍ରଭାବ ଦେଖାଯାଇଛି। ପୂର୍ବରୁ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡରର ମୂଲ୍ୟ ୭୧୪ ଟଙ୍କା ପଡୁଥିବାବେଳେ ଏହା ବର୍ତ୍ତମାନ ୮୫୮.୫୦ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ୨୦୧୪ ପରଠାରୁ ଏହା ସର୍ବୋଚ୍ଚ ସ୍ତରର ଅଭିବୃଦ୍ଧି ବୋଲି କୁହାଯାଉଛି। ୨୦୧୪ରେ ଏଲ୍‌ପିଜିର ସିଲିଣ୍ଡର ପିଛା ମୂଲ୍ୟ ୨୨୦ ଟଙ୍କା ବଢି ୧୨୪୧ ଟଙ୍କା ଛୁଇଁଥିଲା। ଏଲ୍‌ପିଜି ଉପଭୋକ୍ତାଙ୍କୁ ସିଲିଣ୍ଡର ପିଛା ସରକାର ପ୍ରଦାନ କରୁଥିବା ସବ୍‌ସିଡି ୧୫୩.୮୬ ଟଙ୍କାରୁ ୨୯୧.୪୮ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସବ୍‌ସିଡି ୧୭୪.୮୬ ଟଙ୍କାରୁ ୩୧୨.୪୮ ଟଙ୍କାକୁ ବଢିଛି।



ସବ୍‌ସିଡି ବାଦ ଲୋକମାନେ ସିଲିଣ୍ଡର ପିଛା ଏଲ୍‌ପିଜି ଲାଗି ୫୬୭.୦୨ ଟଙ୍କା ଏବଂ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନେ ୫୪୬.୦୨ ଟଙ୍କା ଦେବେ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୧୪୮.୫୦ ଟଙ୍କା ବଢି ୭୪୬.୫୦ ଟଙ୍କାରୁ ୮୯୫ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।






# ଶ୍ରୀବିଗ୍ରହଙ୍କ ଚିତାଲାଗିରେ ତ୍ରୁଟି

ପୁରୀ ଅଫିସ,୧୨।୨

ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକରେ ଲାଗିଥିବା ଚିତାରେ ରହିଛି ତ୍ରୁଟି। ସେବାୟତଙ୍କ ଖାମଖିଆଲି ଯୋଗୁ ଏପରି ହୋଇଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଶ୍ରାବଣ ମାସ ଅମାବାସ୍ୟା ତିଥିରେ ପରମ୍ପରା ଅନୁଯାୟୀ ଦଇତାପତିମାନେ ମହାପ୍ରଭୁଙ୍କ ମସ୍ତକରେ ପୂର୍ବରୁ ଖୋଲା ଯାଇଥିବା ଦୁର୍ମୂଲ୍ୟ ଚିତା ଲାଗି କରିଥିଲେ। ଦେବୀ ସୁଭଦ୍ରାଙ୍କ ମାଣିକ୍ୟ ଖଚିତ ଚିତା ବଙ୍କା ରହିଥିବାବେଳେ ବଡ଼ଠାକୁର ବଳଭଦ୍ରଙ୍କ ଲୀଳା ଖଚିତ ଚିତା ତ୍ରୁଟିପୂର୍ଣ୍ଣ ରହିଛି। ମାତ୍ର ଶ୍ରୀଜଗନ୍ନାଥଙ୍କ ଦୁର୍ମୂଲ୍ୟ ହୀରା ଖଚିତ ଚିତା ଠିକ୍ ରହିଥିବା କୁହାଯାଉଛି।



- ସୁଭଦ୍ରାଙ୍କ ମସ୍ତକର ଚିତା ବଙ୍କା ରହିଛି
- ସେବକଙ୍କ ଖାମଖିଆଲିକୁ ଦାୟୀ କଲେ ଶ୍ରଦ୍ଧାଳୁ

ତେବେ ଦେବୀ ସୁଭଦ୍ରାଙ୍କ ଚିତା ବଙ୍କା ଲାଗିବା ସବୁଠୁ ବଡ଼ ତ୍ରୁଟି ବୋଲି ଜଗନ୍ନାଥ ପରମ୍ପରାରେ ବିଚାର କରାଯାଉଛି। ତେବେ ଏହି ପ୍ରସଙ୍ଗ ବୁଧବାର ପଦାକୁ ଆସିବା ପରେ ଏଭଳି ତ୍ରୁଟି ହେଲା କିପରି, କିଏ କଲା ବୁଧବାର ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେହି ଏଭଳି ତ୍ରୁଟିକୁ ମାନିବାକୁ ରାଜି ନୁହନ୍ତି। ଏବେ ସେବାୟତମାନେ ପରସ୍ପର ମଧ୍ୟରେ ଦୋଷ ଠେଲାଠେଲି ହେଉଛନ୍ତି। କିଏ କହୁଛନ୍ତି ଚିତା ଲାଗି ହେବା ପରେ ଶୁଖିବାକୁ କିଛି ସମୟ ଲାଗେ। ଏହି ସମୟରେ ଯଦି କୌଣସି ସେବକଙ୍କ ହାତ ବାଜିଥିବ ତେବେ ତାହା ବଙ୍କା ହୋଇଯାଇଥିବ। ଅନ୍ୟ କେହି ଭିନ୍ନ କଥା କହି ଏହାକୁ ଚାପିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ବାହାରେ ଆଲୋଚନା ହେବା ପରେ ସେବକଙ୍କ ଖାମଖିଆଲିକୁ ଶ୍ରଦ୍ଧାଳୁମାନେ ଦାୟୀ କରିଛନ୍ତି।

ପରମ୍ପରା ଅନୁସାରେ ମହାପ୍ରଭୁଙ୍କର ଚିତା ଲାଗି ପର୍ବ ଶ୍ରାବଣ ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। ଗତବର୍ଷ ଅଗଷ୍ଟ ୧ ତାରିଖରେ ଚିତା ଲାଗି କରାଯାଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ☞ପୃଷ୍ଠା-୪




**ଆୟୁଷ୍ମାନ୍ ଭାରତ ହିତାଧିକାରୀଙ୍କୁ ମିଳିବ ୧୫ ଲକ୍ଷ ପର୍ଯ୍ୟନ୍ତ ସହାୟତା**

ଆୟୁଷ୍ମାନ ଭାରତ ଯୋଜନାର ହିତାଧିକାରୀ ବୀମା କାର୍ଯ୍ୟକ୍ରମର ବିଭିନ୍ନ ପ୍ୟାକେଜ୍ ଏବଂ ବ୍ୟୟବହୁଳ ଚିକିତ୍ସା ସୁବିଧା ପାଇ ନ ଥିଲେ ରାଷ୍ଟ୍ରୀୟ ଆରୋଗ୍ୟ ନିଧି (ଆର୍ଏଏନ୍) ଯୋଜନାରେ ସେମାନେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିବେ। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂଶୋଧିତ ଗାଇଡଲାଇନ୍ ଜାରି କରିଛନ୍ତି।

# ହାଫିଜ୍ ସୟିଦଙ୍କୁ ୧୧ ବର୍ଷ ଜେଲ

ଲାହୋର,୧୨।୨(ପି.ଟି.)



୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ ସୟିଦଙ୍କୁ ପାକିସ୍ତାନର ଏକ ଅଦାଲତ ୧୧ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ସମ୍ପର୍କିତ ଦୁଇଟି ମାମଲାରେ ହାଫିଜଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ଏହି ମାମଲାରେ ତାଙ୍କୁ ଗତବର୍ଷ ଜୁଲାଇ ୧୭ରେ ଗିରଫ କରାଯାଇ ଲାହୋରର କୋଟ୍ ଲଖପତ୍ ଜେଲ୍‌ରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିଲା। ପ୍ରତି ମାମଲାରେ ଅଦାଲତ ହାଫିଜଙ୍କୁ ୫ ବର୍ଷ ୬ ମାସ ଲେଖାଏ ଜେଲ୍‌ଦଣ୍ଡ ଏବଂ ୧୫,୦୦୦ ଟଙ୍କା ଅର୍ଥଦଣ୍ଡ ଶୁଣାଇଛନ୍ତି। ଡିସେମ୍ବର ୧୧ରେ ଆତଙ୍କବାଦ ନିରୋଧୀ ଅଦାଲତ (ଏଟିସି) ହାଫିଜ୍ ଓ ତାଙ୍କ ସହଯୋଗୀମାନଙ୍କୁ ଦୋଷୀ ଦର୍ଶାଇଥିଲା। ଗତ ଶନିବାର ଏଟିସି ଜଜ୍ ଅର୍ସାଦ୍ ହୁସେନ୍ ଭଟ୍ଟ ମାମଲାର ଶୁଣାଣି କରି ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ହାଫିଜ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ବିଭାଗ (ସିଟିଡି) ପକ୍ଷରୁ ୨୩ଟି ଏତଲା ଦାଏର ହୋଇଥିଲା ଏବଂ ଏଟିସିରେ ୨୦ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ।

**ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା**

୨୦୧୯ ଜାନୁୟାରୀ ୧ରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଜାତୀୟ ସୁରକ୍ଷା କମିଟି ବୈଠକ ବସି ହଫିଜ୍‌ଙ୍କ ବିରୋଧରେ କଟକଣା ଲଗାଇବା ପରେ ସିଟିଡି ପକ୍ଷରୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ଜାତିସଂଘ ସୁରକ୍ଷା ପରିଷଦ ୨୦୦୮ରେ ହଫିଜ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଥିବାବେଳେ ଆମେରିକା ତାଙ୍କୁ ବିଶ୍ୱ ଆତଙ୍କବାଦୀର ଆଖ୍ୟା ଦେଇଥିଲା। ତାଙ୍କୁ ଆଇନର କାଠଗଡ଼ାକୁ ଆଣିବା ପାଇଁ ସୂଚନାଦାତାଙ୍କୁ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ୨୦୧୨ରେ ଆମେରିକା ଘୋଷଣା କରିଥିଲା।

## ୪ ଜେଇଏମ୍ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜଶିଟ୍

ନୂଆଦିଲ୍ଲୀ,୧୨।୨(ପି.ଟି.)



**ପୁଲ୍‌ୱାମା ଆକ୍ରମଣ**

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣର ପାକିସ୍ତାନୀ ମାଷ୍ଟରମାଇଣ୍ଡଙ୍କ ୪ ସହଯୋଗୀ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ବୁଧବାର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଗତବର୍ଷ ସେପ୍ଟେମ୍ବରରେ ଦାଖଲ ଚାର୍ଜଶିଟ୍‌ରେ ପୁଲ୍‌ୱାମା ଆକ୍ରମଣ ମାଷ୍ଟରମାଇଣ୍ଡ ମୁଦାସିର୍ ଅହମଦ ଖାନ୍‌ଙ୍କ ଘନିଷ୍ଠ ସହଯୋଗୀ ଜେଇଏମ୍ ସଦସ୍ୟ ସଜ୍ଜାଦ ଅହମଦ ଖାନ୍ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିବା କୁହାଯାଇଥିଲା। ବୁଧବାର ୪ ଜେଇଏମ୍ ସଦସ୍ୟଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧ ଆହ୍ୱାନ କରିବା ବା ଯୁଦ୍ଧଭଳି ସ୍ଥିତି ସୃଷ୍ଟି କରିବା ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ସଜ୍ଜାଦ ଅହମଦ ଖାନ୍, ବିଲାଲ ଅହମଦ ମୀର୍, ଇଶ୍‌ଫାକ୍ ଅହମଦ ଭଟ୍ଟ ଏବଂ ମେହରାଜ-ଉଦ୍-ଦିନ୍ ଚୋପାନ। ସମସ୍ତେ ପୁଲ୍‌ୱାମା ବାସିନ୍ଦା। ଗତବର୍ଷ ମାର୍ଚ୍ଚରେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ମୁଦାସିର ନିହତ ହେବା ପରେ ତାଙ୍କ ବିରୋଧରେ ଅଭିଯୋଗ ପ୍ରତ୍ୟାହାର କରିନିଆଯାଇଛି।

## ପଞ୍ଜାବ ଦେଇ କଶ୍ମୀରକୁ ଅସ୍ତ୍ର ଚୋରାଚାଲାଣ କରୁଛି ପାକ୍

ନୂଆଦିଲ୍ଲୀ,୧୨।୨(ଆଇଏଏନ୍ଏସ୍)

ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ପାକିସ୍ତାନ ସରକାରଙ୍କ ଉପରେ ଚାପ ପକାଉଥିବାବେଳେ ଏବେ ସେଠାରୁ ପଞ୍ଜାବ ଦେଇ କଶ୍ମୀରକୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ହେଉଥିବା ଜଣାପଡିଛି। ଗତବର୍ଷ ଫେବୃୟାରୀରେ ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣ ପରେ କଶ୍ମୀରକୁ ଚାଲାଣ ହେଉଥିବା ଅନେକ ଅସ୍ତ୍ର ପଞ୍ଜାବରେ ଜବତ ହୋଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ ପରେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାରୁ ପାକିସ୍ତାନରୁ ଚାଇନା ଡ୍ରୋନ୍ ଦ୍ୱାରା ପଞ୍ଜାବରେ ଅସ୍ତ୍ର ଓ ଯୋଗାଯୋଗ ଉପକରଣ ପକାଯାଉଛି। ଗତ କିଛିମାସ ମଧ୍ୟରେ ଡ୍ରୋନ୍ ଦ୍ୱାରା ୮୦ କିଲୋଗ୍ରାମ ଯୁଦ୍ଧାସ୍ତ୍ର ପକାଯାଇଥିବା ଏକ ସୂତ୍ରରୁ ଜଣାପଡିଛି। ପଞ୍ଜାବ-ଜମ୍ମୁ ସୀମାରେ ଥିବା ଲଖନପୁରରୁ ୧୫ଟି ଏକେ-୪୭ ରାଇଫଲ, ବହୁସଂଖ୍ୟାରେ ପିସ୍ତଲ ଓ ଗୁଳି ଏବଂ ସାଟେଲାଇଟ୍ ଫୋନ୍ ଜବତ ହୋଇଛି।

## ଫେଶନ ଡିଜାଇନର ରୋଡ୍ରିକ୍ସଙ୍କ ପରଲୋକ



**ପଣଜୀ,୧୨।୨:** ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ଖ୍ୟାତନାମା ଫେଶନ ଡିଜାଇନର ତଥା ଲେଖକ ୱେଣ୍ଡେଲ୍ ରୋଡ୍ରିକ୍ସଙ୍କର ବୁଧବାର ତାଙ୍କ ଗୋଆ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ବଲିଉଡ୍ ସେଲିବ୍ରିଟିମାନଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା। ସେ ବଲିଉଡ୍ ଅଭିନେତା ଅଭିନେତ୍ରୀମାନଙ୍କ ପାଇଁ କେବଳ ପୋଷାକ ଡିଜାଇନ କରୁ ନ ଥିଲେ, ସେ କୌଜାଦ ଗୁସ୍ତାଦଙ୍କ 'ବୁମ୍' ଓ ମଧୁର ଭଣ୍ଡାରକରଙ୍କ ଫେଶନ ଚଳଚ୍ଚିତ୍ରରେ ମଧ୍ୟ ସ୍ଥାନ ପାଇଥିଲେ। ଏହା ବ୍ୟତୀତ ଅନେକ ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହୋଇଛି। ସବୁଜ ପରିବେଶ ପାଇଁ କାମ କରୁଥିବା ରୋଡ୍ରିକ୍ସ ଗଛକଟା ବିରୋଧରେ ପ୍ରଚାର ଚଳାଇଥିଲେ।

## ଅହମଦାବାଦରେ ହେବ 'କେମ୍ ଛୋ ଟ୍ରମ୍ପ୍' କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୨।୨(ଆଇଏଏନ୍ଏସ୍)



**ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଲାଗି ପ୍ରସ୍ତୁତି**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଗାମୀ ୨୪ ଓ ୨୫ ତାରିଖରେ ଭାରତ ଗସ୍ତରେ ଆସୁଥିବାବେଳେ ତାଙ୍କୁ ଗୁଜରାଟରେ ରେଡ୍ କାର୍ପେଟ ସ୍ୱାଗତ ଲାଗି ବ୍ୟାପକ ଆୟୋଜନ ହେଉଥିବା ଜଣାପଡିଛି। ଗତବର୍ଷ ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଗତ ଲାଗି ଆମେରିକା ସରକାର 'ହାଓଡି ମୋଦି' କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଗୁଜରାଟରେ ଟ୍ରମ୍ପ୍ ଓ ତାଙ୍କ ପତ୍ନୀ ମେଲାନିଆଙ୍କୁ ତାହାଠାରୁ ବଡ଼ ଧରଣର ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମର ନାଁ ରଖାଯାଇଛି, 'କେମ୍ ଛୋ, ଟ୍ରମ୍ପ୍'। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଏହି ଗସ୍ତ ସ୍ୱତନ୍ତ୍ର। ଏହା ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଏକ ନୂତନ ସୋପାନକୁ ନେଇଯିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ଟ୍ରମ୍ପ୍ ମଧ୍ୟ ଅହମଦାବାଦ ସ୍ୱାଗତ ସମ୍ବର୍ଦ୍ଧନା ସମ୍ପର୍କରେ ୱାଶିଂଟନ ଡିସିଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଯୋଗଦେବେ ବୋଲି ମୋଦି ଜଣାଇଥିବା ଟ୍ରମ୍ପ୍ କହିଛନ୍ତି।

## ଗୃହମନ୍ତ୍ରୀ ପଦରୁ ଭାଇଙ୍କୁ ବିଦାକଲେ ମେଘାଳୟ ମୁଖ୍ୟମନ୍ତ୍ରୀ

ଶିଲଂ,୧୨।୨(ପି.ଟି.)

ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ କେ. ସଙ୍ଗ୍‌ମା ବୁଧବାର ତାଙ୍କ ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସେ ତାଙ୍କ ଭାଇ ଜେମ୍ସ କେ. ସଙ୍ଗ୍‌ମାଙ୍କୁ ଗୃହମନ୍ତ୍ରୀ ପଦରୁ ହଟାଇଦେଇଛନ୍ତି। ଏଥିସହିତ ତାଙ୍କ ହାତରୁ ଜିଲାପରିଷଦ ବ୍ୟାପାର ବିଭାଗକୁ ମଧ୍ୟ କାଢ଼ିନିଆଯାଇଛି। ଜେମ୍ସଙ୍କୁ ଗୃହମନ୍ତ୍ରୀ ପଦ ଦିଆଯାଇଥିବାରୁ ଅନ୍ୟ ମନ୍ତ୍ରୀମାନେ ଅସନ୍ତୁଷ୍ଟ ଥିଲେ। ବେଆଇନ କୋଇଲା ପରିବହନରେ ସମ୍ପୃକ୍ତ ଜେମ୍ସଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ପାଇଁ ମେଣ୍ଟ ସରକାରର ସହଯୋଗୀ ଦଳ ଦାବି କରୁଥିଲେ। ତେବେ ଜେମ୍ସଙ୍କ ହାତରେ ଶକ୍ତି, ଖାଦ୍ୟ, ସାଧାରଣ ଯୋଗାଣ, ଖାଉଟି ବ୍ୟାପାର ଓ ଆଇନ ବିଭାଗ ପୂର୍ବଭଳି ରହିଛି।

## ୧୬ରେ ଶପଥ ନେବେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୨।୨(ପି.ଟି.)



ନିର୍ବାଚନରେ ବିପୁଳ ବିଜୟ ହାସଲକରିବା ପରେ ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ଫେବୃୟାରୀ ୧୬ରେ ରାମ୍‌ଲୀଳା ମଇଦାନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଏହି ସମାରୋହ ସର୍ବସାଧାରଣଙ୍କ ଲାଗି ଖୋଲାରହିବ। ଏହି କାର୍ଯ୍ୟକ୍ରମରେ ସମସ୍ତ କ୍ୟାବିନେଟ ମନ୍ତ୍ରୀ ଶପଥଗ୍ରହଣ କରିବେ। ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଏଏପି ନେତା ମନୀଷ୍ ସିସୋଡିଆ ବୁଧବାର ଏହା ପ୍ରକାଶ କରିଛନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ଶପଥଗ୍ରହଣ ଉତ୍ସବ ଆରମ୍ଭ ହେବ। ତୃତୀୟ ଥର ଲାଗି କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ପୂର୍ବରୁ ଦଳୀୟ ବୈଠକରେ କେଜ୍‌ରିୱାଲଙ୍କୁ ବିଧାୟକ ଦଳ ନେତା ଭାବେ ବଛାଯାଇ ସାରିଛି। ପ୍ରକାଶଥାଉ କି, ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୋଟ ୭୦ ଆସନ ମଧ୍ୟରୁ ଏଏପିକୁ ୬୨ ଆସନ ମିଳିଥିବାବେଳେ ଭାଜପାକୁ ୮ଟି ଆସନ ମିଳିଥିଲା। କଂଗ୍ରେସ ଖାତା ଖୋଲିବାରେ ପୂର୍ବଥର ଭଳି ବିଫଳ ହୋଇଥିଲା।

## କଶ୍ମୀରରେ ବିଦେଶୀ କୂଟନୀତିଜ୍ଞ

ଶ୍ରୀନଗର,୧୨।୨(ପି.ଟି.)




ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ୬ ମାସ ପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ପାଇଁ ବୁଧବାର ଦ୍ୱିତୀୟ ବ୍ୟାଚ୍ ବିଦେଶୀ କୂଟନୀତିଜ୍ଞ ଟିମ୍ ସେଠାରେ ପହଞ୍ଚିଛି। ୨୦ଟି ଦେଶର ଏହି କୂଟନୀତିଜ୍ଞ ପୂର୍ବାହ୍ନ ୧୧ଟାରେ ଶ୍ରୀନଗର ବିମାନବନ୍ଦରରେ ପହଞ୍ଚିଥିଲେ ହେଁ ପ୍ରତିକୂଳ ପାଗ ଯୋଗୁ ବାରମୁଲ୍ଲା ଯାଇ ନ ପାରି ବୁଲେଭାର୍ଡ ରୋଡ୍ ପାର୍ଶ୍ୱରେ ଥିବା ଏକ ହୋଟେଲରେ ରହିଛନ୍ତି। ଏହି ପ୍ରତିନିଧି ଦଳରେ ୟୁରୋପୀୟ ସଂଘ ସମେତ ଦକ୍ଷିଣ ଆମେରିକା ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞମାନେ ଅଛନ୍ତି।

ବିଦେଶୀ ପ୍ରତିନିଧିଙ୍କ ଗସ୍ତକୁ ନେଇ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉପତ୍ୟକାରେ ଇଣ୍ଟରନେଟ ବନ୍ଦ ଏବଂ ରାଜନୈତିକ ନେତାମାନଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍ଏ)ରେ ଅଟକ ସମ୍ପର୍କରେ ସେମାନେ ସରକାରଙ୍କୁ ପ୍ରଶ୍ନ କରିବା ଆବଶ୍ୟକ ବୋଲି ଇଲ୍‌ତିଜା କହିଛନ୍ତି। ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଦ୍ୱିତୀୟ ଥର ପାଇଁ ସେଠାକୁ ବିଦେଶୀ କୂଟନୀତିଜ୍ଞ ଦଳ ଆସିଛନ୍ତି। ସେମାନେ ସ୍ଥାନୀୟ ପ୍ରତିନିଧି ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକମାନଙ୍କ ସହ ଆଲୋଚନା କରିବେ। ଜାନୁୟାରୀରେ ଆମେରିକା ରାଷ୍ଟ୍ରଦୂତ କେନେଥ୍ ଜଷ୍ଟରଙ୍କ ସମେତ ୧୫ ଜଣ କୂଟନୀତିଜ୍ଞ ଉପତ୍ୟକା ଗସ୍ତରେ ଆସିଥିଲେ।

## ଏନ୍ଆର୍‌ସି ତାଲିକାରେ ଜାଲିଆତି ଅଭିଯୋଗ

ଗୁଆହାଟୀ,୧୨।୨(ପି.ଟି.)

ଆସାମର ଚୂଡ଼ାନ୍ତ ଏନ୍ଆର୍‌ସି ତାଲିକାରେ ଜାଲିଆତି ହୋଇଥିବା ଆସାମ ପବ୍ଲିକ୍ ୱାର୍କସ୍ (ଏପିଡବ୍ଲ୍ୟୁ) ନାମକ ଏନ୍‌ଜିଓ ଅଭିଯୋଗ କରିଛି। ପୂର୍ବତନ ଏନ୍ଆର୍‌ସି ରାଜ୍ୟ ସଂଯୋଜକ ପ୍ରତୀକ ହାଜେଲା ଜାଲିଆତି କରି ଚୂଡ଼ାନ୍ତ ତାଲିକାରୁ ଦୁଇଜଣଙ୍କୁ ବାଦ୍ ଦେଇଥିବା ଏପିଡବ୍ଲ୍ୟୁ ରାଜ୍ୟ ସିଆଇଡି ନିକଟରେ ଅଭିଯୋଗ କରିଛି। ହାଜେଲା କ୍ଷମତାର ଦୁରୁପଯୋଗ କରିଥିବାରୁ ଏହାକୁ ସାଇବର ଅପରାଧ ଭାବେ ଗ୍ରହଣ କରିବାକୁ ଏପିଡବ୍ଲ୍ୟୁ ଦାବି କରିଛି।

## ପି.ସି. ଚାକୋଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୨।୨(ପି.ଟି.)



ଶୀଲା ଦୀକ୍ଷିତ | ପି.ସି. ଚାକୋ

ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଦୟନୀୟ ପ୍ରଦର୍ଶନକୁ ନେଇ ଏଆଇସିସି ଦିଲ୍ଲୀ ଦାୟିତ୍ୱରେ ଥିବା କଂଗ୍ରେସ ନେତା ପି.ସି. ଚାକୋ ନିଜକୁ ଦାୟୀ କରିବା ସହ ନୈତିକତା ଦୃଷ୍ଟିରୁ ବୁଧବାର ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ନିଜର ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳୀୟ ନେତାଙ୍କ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ପି.ସି. ଚାକୋ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ଉପରେ ଦୋଷ ଲଦିଛନ୍ତି। ୨୦୧୩ ଶୀଲାଙ୍କ ସମୟରୁ କଂଗ୍ରେସ ଦୁର୍ବଳ ପ୍ରଦର୍ଶନ କରିଆସୁଛି। ତା' ପରଠାରୁ କଂଗ୍ରେସ ତଳକୁ ତଳକୁ ଖସିଚାଲିଛି।

## ପିଲାଙ୍କୁ ଜେଲ୍‌ରେ ରଖାଯାଇପାରିବନି

ନୂଆଦିଲ୍ଲୀ,୧୨।୨(ଆଇଏଏନ୍ଏସ୍)

ଜାମିନ ନ ମିଳିଲେ ମଧ୍ୟ ପିଲାଙ୍କୁ ଜେଲ୍ କିମ୍ବା ପୋଲିସ ହାଜତରେ ରଖାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସେମାନଙ୍କୁ ପର୍ଯ୍ୟବେକ୍ଷଣ ଗୃହ କିମ୍ବା ନିରାପଦ ସ୍ଥାନରେ ରଖିବାକୁ ହେବ। ଜୁଭେନାଇଲ ଜଷ୍ଟିସ୍ ବୋର୍ଡ କେବଳ ନୀରବ ଦର୍ଶକ ସାଜିପାରିବେ ନାହିଁ । ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ପୋଲିସ ହାଜତରେ ପିଲାଙ୍କୁ ଅଟକ ରଖାଯିବା ସହ ନିର୍ଯାତନା ଦିଆଯିବାର ଖବର ପ୍ରକାଶ ପାଇବା ପରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିବା ସହ ଉପରୋକ୍ତ ମତ ଦେଇଛନ୍ତି।



## ୨ ଭାରତୀୟ ନାବିକ କରୋନା ସଂକ୍ରମିତ

**ଟୋକିଓ,୧୨।୨(ପି.ଟି.):** ଜାପାନ ଉପକୂଳରେ ଅଟକି ରହିଥିବା ଜାହାଜରେ ୨ ଜଣ ଭାରତୀୟ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। ଡାଇମଣ୍ଡ ପ୍ରିନ୍ସେସ ଜାହାଜରେ ମୋଟ ୩୭୧୧ ଯାତ୍ରୀ ଓ କର୍ମଚାରୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୭୪ ଜଣ କରୋନା ସଂକ୍ରମିତ ଥିବା ଜଣାପଡିଛି। ଜାହାଜରେ ୧୩୮ ଜଣ ଭାରତୀୟ ରହିଛନ୍ତି।

### କେମିତି ରହିବ ଆଜିର ପାଗ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୧.୨ |
| ଚାନ୍ଦବାଲି | ୨୮.୨ | ୧୩.୦ |
| କଟକ | ୨୯.୪ | ୧୧.୫ |
| ପାରାଦୀପ | ୨୭.୦ | ୧୪.୪ |
| ଭୁବନେଶ୍ୱର | ୨୯.୭ | ୧୨.୬ |
| ଗୋପାଳପୁର | ୩୦.୧ | ୧୬.୯ |
| ପୁରୀ | ୨୮.୪ | ୧୫.୮ |
| ଅନୁଗୋଳ | ୨୯.୧ | ୮.୦ |
| ବାରିପଦା | ୨୮.୪ | ୧୧.୮ |
| ଝାରସୁଗୁଡ଼ା | ୨୭.୬ | ୧୦.୪ |
| କେନ୍ଦୁଝର | ୨୭.୬ | ୯.୯ |
| ସମ୍ବଲପୁର | ୨୮.୯ | ୧୦.୪ |
| ସୁନ୍ଦରଗଡ଼ | ୨୯.୦ | ୧୨.୦ |
| ହୀରାକୁଦ | ୨୮.୯ | ୧୧.୯ |
| ତାଳଚେର | ୩୦.୧ | ୧୧.୭ |
| ଭବାନୀପାଟଣା | ୨୯.୦ | ୧୨.୦ |
| ବଲାଙ୍ଗୀର | ୨୯.୩ | ୧୧.୬ |
| କୋରାପୁଟ | ୨୭.୬ | ୧୨.୬ |
| ଫୁଲବାଣୀ | ୨୬.୪ | ୯.୦ |
| ଟିଟିଲାଗଡ଼ | ୨୯.୬ | ୯.୧ |
| ମାଲକାନଗିରି | ୩୫.୦ | ୧୫.୮ |
| ସୋନପୁର | ୨୮.୮ | ୭.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ପରିବାରର ୫ ସଦସ୍ୟଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ,୧୨।୨(ପି.ଟି.)



ଉତ୍ତରପୂର୍ବ ଦିଲ୍ଲୀର ଭଜନପୁରା ଅଞ୍ଚଳରେ ଏକ ଘରୁ ବୁଧବାର ସକାଳେ ପରିବାରର ୫ ସଦସ୍ୟଙ୍କ ଗଳିତ ମୃତଦେହ ରହସ୍ୟମୟ ସ୍ଥିତିରେ ଉଦ୍ଧାର ହୋଇଛି। ମୃତକମାନେ ହେଲେ ଇ-ରିକ୍ସା ଡ୍ରାଇଭର ଶମ୍ଭୁ ଚୌଧୁରୀ(୪୩), ତାଙ୍କ ସ୍ତ୍ରୀ ସୁନୀତା (୩୭) ଓ ୩ ପିଲା ଶିବମ୍ (୧୭), ସଚିନ (୧୪) ଏବଂ କୋମଲ (୧୨)। ଘରୁ ଦୁର୍ଗନ୍ଧ ଆସୁଥିବାର ଜଣେ ପଡୋଶୀ ପୋଲିସକୁ ଫୋନ୍ କରି ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ୫ଟି ଗଳିତ ଶବ ପଡ଼ିରହିଥିବା ଦେଖିବାକୁ ପାଇଥିଲା। ସେଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଘଟଣାସ୍ଥଳରେ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରୁଥିବା ଡିସିପି ବେଦପ୍ରକାଶ ସୂର୍ଯ୍ୟ କହିଛନ୍ତି। ଘଟଣାସ୍ଥଳରୁ କୌଣସି ସୁଇସାଇଡାଲ ନୋଟ ଜବତ ହୋଇନାହିଁ। ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି, ଶମ୍ଭୁ ଭଜନପୁରା ଅଞ୍ଚଳରେ ଇ-ରିକ୍ସା ଚଳାଇ ପରିବାର ପୋଷଣ କରୁଥିଲେ। ତାଙ୍କ ଘର ବିହାରର ସୁପୋଲ ଜିଲାରେ ହୋଇଥିବାବେଳେ ୫ ମାସ ହେଲା ଭଜନପୁରା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ ବୋଲି ଡିସିପି କହିଛନ୍ତି। ଘର ଭିତର ପଟୁ ବନ୍ଦ ଥିବାରୁ ଆର୍ଥିକ ସମସ୍ୟାକୁ ନେଇ ପରିବାର ମୁଖ୍ୟ ଅନ୍ୟ ସଦସ୍ୟମାନଙ୍କୁ ହତ୍ୟାକରିବା ପରେ ନିଜେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଘର ଭିତରକୁ କେହି ବଳପୂର୍ବକ ପଶିବା କିମ୍ବା ଡକାୟତି କରିବାର କୌଣସି ସୂଚନା ମିଳିନାହିଁ। ୪/୫ ଦିନ ପୂର୍ବରୁ ଏହି ମୃତ୍ୟୁ ଘଟିଥିବା କୁହାଯାଉଛି।

ସୂଚନାଯୋଗ୍ୟ ୨୦୧୮ ଜୁଲାଇ ୧ରେ ଦିଲ୍ଲୀର ବୁରାରୀ ଅଞ୍ଚଳରେ ଏକ ଘରୁ ରହସ୍ୟଜନକ ଭାବେ ପରିବାରର ୧୧ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସେମାନଙ୍କ ହାତଗୋଡ ବନ୍ଧାଯିବା ସହ ଆଖିରେ ପଟି ଲଗାଯାଇଥିଲା। ଏହି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ତେବେ ଘଟଣାସ୍ଥଳରୁ ମିଳିଥିବା ଏକ ରହସ୍ୟମୟ ଡାଇରିରୁ ପରିବାର ସଦସ୍ୟମାନେ ଗଣଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା।

### [ଇତିହାସର ଆଇନାରେ]

**ଫେବୃୟାରୀ ୧୩ର ପ୍ରମୁଖ ଘଟଣା**

#### ଭୂକମ୍ପରେ ୯୫୦ ମୃତ

୨୦୦୧ ଫେବୃୟାରୀ ୧୩ରେ ଏଲ୍ ସାଲ୍‌ଭାଡରରେ ଭୟଙ୍କର ଭୂକମ୍ପ ହେବାରୁ ପ୍ରାୟ ୯୫୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ୫ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୬ ଥିଲା।

#### ପୁଣେରେ ବିସ୍ଫୋରଣ

୨୦୧୦ ଫେବୃୟାରୀ ୧୩ରେ ମହାରାଷ୍ଟ୍ରର ପୁଣେ ସହରରେ ବୋମା ବିସ୍ଫୋରଣ ହେବାରୁ ୧୭ ଜଣଙ୍କ ପ୍ରାଣହାନି ଘଟିଥିଲା। କେତେକ ବିଦେଶୀ ନାଗରିକଙ୍କ ସମେତ ପ୍ରାୟ ୬୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ। ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦାର ଏଥିରେ ହାତ ଥିବା ଜଣାପଡ଼ିଥିଲା।



ସୁନ୍ଦରଗଡ଼ ଜିଲାର କାଲମୋଙ୍ଗ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ବୁଧବାର ୟାଜଦାନୀ ଇଣ୍ଟରନ୍ୟାଶନାଲ ପ୍ରା. ଲିଃ ହାତେଇଛି। ରାଜ୍ୟ ସରକାରଙ୍କୁ ଖଣିଜ ମୂଲ୍ୟର ୧୦୦ ପ୍ରତିଶତ ପ୍ରିମିୟମ ପ୍ରଦାନ ସର୍ତ୍ତରେ ୟାଜଦାନୀକୁ ଏହି ଖଣି ମିଳିଛି।

ସ୍ମାର୍ଟ ସିଟିର ସ୍ମାର୍ଟ ଲୋକ




# ପ୍ରତିଷ୍ଠା ହେବ ୪୫ ଏମ୍ଏସ୍ଏମ୍ଇ କ୍ଲଷ୍ଟର

ଭୁବନେଶ୍ୱର,୧୨।୨(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ
- ବାଲେଶ୍ୱରରେ ସମ୍ପ୍ରସାରଣ କେନ୍ଦ୍ର ଲାଗି ଜମି ଦେବାକୁ ଅନୁରୋଧ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୁଧବାର ସାକ୍ଷାତ୍ କରି ବାଲେଶ୍ୱରରେ ପ୍ରତିଷ୍ଠା ହେବାକୁଥିବା ସମ୍ପ୍ରସାରଣ କେନ୍ଦ୍ର ପାଇଁ ଜମି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ଏକ ଚିଠି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ କେନ୍ଦ୍ର ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ ଷଡଙ୍ଗୀ କହିଛନ୍ତି ଯେ, ରାଉରକେଲାରେ ଟୁଲ୍ ରୁମ୍ ଟ୍ରେନିଂ ସେଣ୍ଟର କରାଯିବ। ଏଥିପାଇଁ କେନ୍ଦ୍ର ସରକାର ୨୦୦କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିଲାଗି ରାଜ୍ୟ ସରକାର ଜମି ଯୋଗାଇ ଦେବେ। ସେହିପରି ୪ଟି ଜିଲାରେ ସମ୍ପ୍ରସାରଣ ସେଣ୍ଟର ହେବ। ବ୍ରହ୍ମପୁର, କେନ୍ଦୁଝର, କଳାହାଣ୍ଡି ଓ ବାଲେଶ୍ୱରରେ ହେବାକୁ ଥିବା ପ୍ରତ୍ୟେକ ସେଣ୍ଟରରେ ୨୦କୋଟି ଟଙ୍କା ଲେଖା ଖର୍ଚ୍ଚ ହେବ। ସାରା ଦେଶରେ ମୋଟ ୨୨୬ଟି ଏମ୍ଏସ୍ଏମ୍ଇ କ୍ଲଷ୍ଟର ହେବ। ସେଥିରୁ ଓଡିଶାରେ ୪୫ଟି କ୍ଲଷ୍ଟର କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଏହାସହ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶରେ ୨୦ଟି ନୂତନ ବୈଷୟିକ କେନ୍ଦ୍ର ଏବଂ ୧୦୦ଟି ସମ୍ପ୍ରସାରଣ(ହବ୍ ଆଣ୍ଡ ସ୍ପୋକ ମଡେଲ)କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରୁ କେତୋଟି ସମ୍ପ୍ରସାରଣ କେନ୍ଦ୍ର ବୈଷୟିକ କେନ୍ଦ୍ର ଅଧୀନରେ ପ୍ରତିଷ୍ଠା କରାଯିବ। ଏନେଇ ମାର୍ଚ୍ଚ ୧୮ ୨୦୧୯ରେ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଅତିରିକ୍ତ ଉନ୍ନୟନ କମିଶନର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ସମ୍ପ୍ରସାରଣ କେନ୍ଦ୍ର ବାଲେଶ୍ୱରଠାରେ ମଧ୍ୟ ପ୍ରତିଷ୍ଠା ହେବା ଲାଗି ସ୍ଥାନ ଚିହ୍ନଟ କରାଯାଇଛି। ଏହି କେନ୍ଦ୍ର ସକାଶେ ଭିତ୍ତିଭୂମି ଏବଂ ଭଲ ସ୍ଥିତି ରହିଛି। ଏଥିପାଇଁ ପ୍ରାୟ ୫୦ହଜାର ସ୍କୋୟାର ଫିଟ୍ ସହ ପାଖାପାଖି ୧ ଏକର ମାଗଣା ଜମିର ଆବଶ୍ୟକତା ରହିଛି। ଶେଷ ୯ ମାସ ହେବ ଏଥିପାଇଁ ପ୍ରୟାସ ଚାଲିଥିଲେ ମଧ୍ୟ ଜମି ମିଳୁନାହିଁ। ଫଳରେ ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ହେବାକୁ ବିଳମ୍ବ ହେଉଛି। ରାଜ୍ୟର ସ୍ୱାର୍ଥ ସକାଶେ ଏଥିଲାଗି ସହଯୋଗ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧପତ୍ର ପ୍ରଦାନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

# ବଜେଟ ଅଧିବେଶନ ପାଇଁ ସର୍ବଦଳୀୟ ବୈଠକ ଆଜି

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ମାସ ୧୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଅଧିବେଶନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗୁରୁବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶାସକ ବିଜେଡି, ବିରୋଧୀ ଭାଜପା, କଂଗ୍ରେସ ଏବଂ ସିପିଏମ୍ର ପ୍ରତିନିଧିମାନେ ଯୋଗଦେବେ। ଅନୁରୂପଭାବେ ବିଜେଡି ବିଧାୟକ ଦଳ ବୈଠକ ମଧ୍ୟ ୫ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ମଧ୍ୟ ଅପରାହ୍ନ ୧ଟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଅନୁରୂପଭାବେ କଂଗ୍ରେସର କେତେଜଣ ବିଧାୟକ ଏକାଠି ବସି ବିଧାନସଭା ରଣନୀତି ପ୍ରସ୍ତୁତ କରିବେ ବୋଲି ଜଣାପଡିଛି।

# ଦଳିତ ନାବାଳିକାଙ୍କୁ ୬ ମାସ ଗଣବଳାତ୍କାର

ସୋଲାପୁର,୧୨।୨(ପି.ଟି.)

## ୫ ଅଭିଯୁକ୍ତ ଗିରଫ

ମହାରାଷ୍ଟ୍ରର ସୋଲାପୁର ଜିଲାରେ ଜଣେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ୧୦ ଜଣ ଯୁବକ ଦୀର୍ଘ ୬ ମାସ ଧରି ତାଙ୍କୁ ବଳାତ୍କାର କରିଥିବାବେଳେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଦଫା ୩୭୬-ଡି, ପୋକ୍ସୋ ଆଇନ ଲଗାଯାଇଛି।

ମଙ୍ଗଳବାର ଦଳିତ ନାବାଳିକା ଜଣକ ଏକ ମନ୍ଦିର ପାଖେ ବସି କାନ୍ଦୁଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ପରେ ପୋଲିସ ପୀଡ଼ିତାଙ୍କଠାରୁ ସବୁ ଜାଣି ତଦନ୍ତକରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। କେତେକ ଅଭିଯୁକ୍ତ ନାବାଳିକାଙ୍କ ବନ୍ଧୁଥିବାବେଳେ କେତେକ ରିକ୍ସାଚାଳକ ବୋଲି ଜଣାପଡ଼ିଛି। ୧୦ ଯୁବକ ବଳପୂର୍ବକ ନାବାଳିକାଙ୍କୁ ଟେକିନେଇ ବିଭିନ୍ନ ସ୍ଥାନରେ ଦୀର୍ଘ ୬ ମାସ ବଳାତ୍କାର କରିଥିଲେ। ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ସର୍ଚ୍ଚ ଅପରେଶନ ଚାଲିଥିବା ଜଣାପଡ଼ିଛି। ବାପା ମରିଯିବା ପରେ ପୀଡ଼ିତାଙ୍କ ମା' ଅନୈତିକ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ପରେ ପରିସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ଏଭଳି କାର୍ଯ୍ୟ କରିଥିଲେ। ଖୁବ୍‌ଶୀଘ୍ର ଅନ୍ୟ ୫ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଦିଲ୍ଲୀର ୫୨ ବିଧାୟକ କୋଟିପତି

**ନୂଆଦିଲ୍ଲୀ,୧୨।୨:** ଦିଲ୍ଲୀର ନବ ନିର୍ବାଚିତ ୭୦ ବିଧାୟକଙ୍କ ମଧ୍ୟରୁ ୫୨ ଜଣ କୋଟିପତି ଥିବାବେଳେ ୪୩ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେମାନେ କରିଥିବା ସତ୍ୟପାଠରେ ଏହା ଦର୍ଶାଯାଇଛି। କୋଟିପତି ବିଧାୟକଙ୍କ ମଧ୍ୟରେ ଏଏପିର ୪୫ ଜଣ ଥିବାବେଳେ ଭାଜପାର ୭ ଜଣ ରହିଛନ୍ତି। ମୁଣ୍ଡକା ଆସନରୁ ନିର୍ବାଚିତ ଏଏପି ବିଧାୟକ ଧରମପାଲ ଲାକଡା ସବୁଠାରୁ ଧନୀ। ତାଙ୍କ ସମ୍ପତ୍ତି ପରିମାଣ ୨୯୨ କୋଟିରୁ ଅଧିକ। ଅପରପକ୍ଷରେ ଏଏପି ବିଧାୟକ ରାକ୍ଷୀ ବିରଲାଙ୍କ ପାଖରେ ସବୁଠାରୁ କମ୍ ସମ୍ପତ୍ତି ରହିଛି। ସେହିପରି ଏଏପିର ୩୮ ଏବଂ ଭାଜପାର ୫ ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା ରହିଥିବା ଜଣାପଡିଛି।

# ସଂଖ୍ୟାଲଘୁ ଧର୍ମାନୁଷ୍ଠାନ ପାଇଁ ୧୬ କୋଟି ମଞ୍ଜୁର

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ବିଭିନ୍ନ ଜିଲାର ସଂଖ୍ୟାଲଘୁ ଧର୍ମାନୁଷ୍ଠାନଗୁଡିକର ବିକାଶ ପାଇଁ ୧୬କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ଏହି ଅର୍ଥ ସରକାର ସଂଖ୍ୟାଲଘୁ ଧର୍ମାନୁଷ୍ଠାନଗୁଡିକୁ ଯୋଗାଇ ଦେବେ। ଧର୍ମାନୁଷ୍ଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ ସାଙ୍ଗକୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ସତ୍ୟନଗର ଯିଶୁଖ୍ରୀଷ୍ଟ ଏବଂ ମଦରମେରୀ ଭୁବନେଶ୍ୱର କ୍ୟାଥଲିକ୍ ଚର୍ଚ୍ଚକୁ ଦୁଇ କୋଟି ଟଙ୍କା ଏବଂ ରାଜଧାନୀର ୟୁନିଟ୍ ୪ରେଥିବା କ୍ୟାପିଟାଲ ମସଜିଦ୍‌ପାଇଁ ଦୁଇକୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି କଟକ ମିଶନ ରୋଡ୍‌ସ୍ଥିତ ଓଡିଆ ବାପଟିଷ୍ଟ ଚର୍ଚ୍ଚ ଏବଂ ଦରଘାବଜାର କଦମ ଇ-ରସୁଲ ମସଜିଦ୍‌କୁ ଦୁଇକୋଟି ଟଙ୍କା ଲେଖାଏ ଅର୍ଥ ମଞ୍ଜୁର କରାଯାଇଛି। କେନ୍ଦ୍ରାପଡା ଫକୀରାବାଦ ମରକାଜି ମସଜିଦ୍, ଭଦ୍ରକ ପୁରୁଣା ବଜାର ଜମା ମସଜିଦ୍, ସମ୍ବଲପୁର ଜିଲା ସ୍କୁଲ ଛକ ପଲଟନ୍ ମସଜିଦ, ସମ୍ବଲପୁର ସେଣ୍ଟ ଯୋଶେଫ କ୍ୟାଥଡ୍ରାଲ(ରୋମାନ କ୍ୟାଥଲିକ), ବ୍ରହ୍ମପୁର ଭାପୁର ବଜାର ଜାମିୟା ମସଜିଦ୍, ଗିରିରୋଡ ବ୍ରହ୍ମପୁର ଓଡିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ରାଉରକେଲା ବିଶପ ମିଶନାରୀ(ରୋମାନ କ୍ୟାଥଲିକ) ଏବଂ ରାଜଗାଙ୍ଗପୁର ସୁନ୍ନି ଜାମା ମସଜିଦକୁ ଏକ କୋଟି ଟଙ୍କା ଲେଖାଏ ଅର୍ଥ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି।




# ଏଆଇସିସିରୁ ଡକରା ପାଇ ଦିଲ୍ଲୀରେ ମୋକିମ୍

ଭୁବନେଶ୍ୱର,୧୨।୨(ବ୍ୟୁରୋ)

- ପିସିସି ସଭାପତି ପରିବର୍ତ୍ତନ ନେଇ ଜୋର୍ ଧରିଲା ଚର୍ଚ୍ଚା
- ଆଜି ପୁଣିଥରେ ଅନ୍ୟ ନେତାଙ୍କ ସହ ମୋକିମ୍‌ଙ୍କ ଆଲୋଚନା

କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପରବର୍ତ୍ତୀ ସଭାପତି ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମୋକିମ୍ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନେତାଙ୍କ ଡକରା ପାଇ ଦିଲ୍ଲୀ ଯିବାପରେ ଏଭଳି ଚର୍ଚ୍ଚା ଶୁଣିବାକୁ ମିଳୁଛି। ବୁଧବାର ମୋକିମ୍ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ମାଧବନଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କୁ ଭେଟିଛନ୍ତି। ଏହା ସହ ସେ ଏଆଇସିସି ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ଅହମ୍ମଦ ପଟେଲ, କେସି ବେଣୁଗୋପାଳଙ୍କୁ ମଧ୍ୟ ଭେଟି ସେମାନଙ୍କ ସହ ଓଡିଶା କଂଗ୍ରେସର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ମୋକିମ୍ ପୁନର୍ବାର ଗୁରୁବାର ଦିଲ୍ଲୀରେ ଅନ୍ୟ ନେତାମାନଙ୍କୁ ଭେଟିବାକୁ ଥିବା ମଧ୍ୟ ଜଣାପଡିଛି। ସେ ଶୁକ୍ରବାର ଓଡିଶା ଫେରିବେ ବୋଲି ସୂଚନା ମିଳିଛି।

ସାଧାରଣ ନିର୍ବାଚନ ପରଠାରୁ ରାଜ୍ୟରେ ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକଙ୍କୁ ହଟାଇବାକୁ ଦାବି ଜୋର୍ ଧରିଛି। ବିଭିନ୍ନ ସମୟରେ ରାଜ୍ୟ କଂଗ୍ରେସର ମାଳମାଳ ନେତା ଦିଲ୍ଲୀ ଯାଇ ନିରଞ୍ଜନଙ୍କୁ ହଟାଇବା ଲାଗି ଏଆଇସିସିର ବରିଷ୍ଠ ନେତାମାନଙ୍କ ପାଖରେ ଦାବି କରିଆସୁଛନ୍ତି। ଏହାସହ ସୋନିଆଙ୍କୁ ମଧ୍ୟ ଏଥିପାଇଁ ବାରମ୍ବାର ଓଡିଶା ନେତାମାନେ ଭେଟିବାରେ ଲାଗିଛନ୍ତି। ପିସିସି ସଭାପତି ପରିବର୍ତ୍ତନ ଲାଗି ନିକଟରେ ଦିଲ୍ଲୀ ଗସ୍ତ କରିଥିବା ପଶ୍ଚିମ ଓ ଉପକୂଳ ଓଡିଶାର କେତେଜଣ ନେତା ଡେରା ପକାଇ ଅଛନ୍ତି। କିଛିଦିନ ତଳେ ଦୁଇଟି ପର୍ଯ୍ୟାୟରେ କେତେଜଣ ନେତା ଦିଲ୍ଲୀ ଗସ୍ତ ମଧ୍ୟ କରିଥିଲେ। ଏହାପରେ ଓଡିଶା କଂଗ୍ରେସ ଭବନଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମ ସମୟରେ ନିରଞ୍ଜନଙ୍କୁ ହଟାଇବାକୁ ବହୁ ନେତା ରାଜ୍ୟ କାର୍ଯ୍ୟାଳୟ ବାହାରେ ଧାରଣା ଦେଇଥିଲେ। ମାତ୍ର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ କିନ୍ତୁ ପିସିସି ସଭାପତି ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ହେବ ନାହିଁ ବୋଲି କହିଆସୁଥିଲେ। ମାତ୍ର ମୋକିମ୍‌ଙ୍କୁ କିଛିଦିନ ତଳେ ଏଆଇସିସି ପକ୍ଷରୁ ଡକାଯାଇଥିବା ବେଳେ ସେ ଦିଲ୍ଲୀ ଯାଇ ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ଫେରିଥିଲେ। ମାତ୍ର ଏହା ବାହାରକୁ ଜଣାପଡି ନ ଥିବାବେଳେ ଦ୍ୱିତୀୟ ଥର ଲାଗି ମୋକିମ୍ ଦିଲ୍ଲୀ ଯାଇଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କୁ ହଟାଇବା ଲାଗି ଦିଲ୍ଲୀ ଯାଉଥିବା ନେତାମାନେ ମୋକିମ୍‌ଙ୍କୁ ସଭାପତି କରିବା ଲାଗି ଦାବି କରିଆସୁଛନ୍ତି।

ସୂଚନାଯୋଗ୍ୟ ଯେ, ସାଧାରଣ ନିର୍ବାଚନ ପରେ ନିରଞ୍ଜନଙ୍କୁ ଚାରିଆଡୁ ବିରୋଧ ହେବାପରେ ସୋନିଆ ଗାନ୍ଧୀ ରାଜ୍ୟ କଂଗ୍ରେସର ସମସ୍ତ କମିଟିକୁ ଭାଙ୍ଗି ଦେଇଥିଲେ। ମାତ୍ର ପିସିସି ସଭାପତି ଏବଂ ରାଜ୍ୟର ଦୁଇ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ଦଳର କୌଣସି କମିଟି ଗଠନ ହୋଇପାରି ନାହିଁ। ଅନ୍ୟପକ୍ଷରେ ମିଳିଥିବା ସୂଚନା ମୁତାବକ କେବଳ ଓଡିଶା ନୁହେଁ ବରଂ ଅନ୍ୟ କେତୋଟି ରାଜ୍ୟରୁ ମଧ୍ୟ ନେତାଙ୍କୁ ଏଆଇସିସି ପକ୍ଷରୁ ଡକାଯାଇଛି।

# ଖୁବ୍‌ଶୀଘ୍ର ଧର୍ମପଦ ପୁରସ୍କାର



(ବାମରୁ) ଗୋକୁଳ ବିହାରୀ ପଟ୍ଟନାୟକ, ଅସୀମ ବସୁ, ଦୁର୍ଗାପ୍ରସାଦ ଦାସ, ସୁଦର୍ଶନ ସାହୁ, ଯତୀନ ଦାସ, ଦିନନାଥ ପାଠୀ ଓ ରଘୁନାଥ ମହାପାତ୍ର।

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ବହୁ ବାଦବିବାଦ ମଧ୍ୟରେ ଅଟକି ରହିଥିବା ଧର୍ମପଦ ପୁରସ୍କାରର ଭାଗ୍ୟ ଶେଷରେ ଖୋଲିବାକୁ ଯାଉଛି। ଚାରୁକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦିଆଯାଉଥିବା ଏହି ସର୍ବୋଚ୍ଚ ସମ୍ମାନ ଯଥାଶୀଘ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତାହେଲେ ଆସନ୍ତା ଏକମାସ ମଧ୍ୟରେ ପୁରସ୍କାର ପ୍ରଦାନ ଉତ୍ସବର ଆୟୋଜନ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ଧର୍ମପଦ ପୁରସ୍କାର ଘୋଷଣା ସରିଥିଲେ ମଧ୍ୟ କୋର୍ଟକୁ ମାମଲା ଚାଲିଯାଇଥିବାରୁ ତାହା ଅଟକି ରହିଛି। ଇତିମଧ୍ୟରେ ପୁରସ୍କାର ପାଇବାକୁ ଥିବା କେତେଜଣ ଶିଳ୍ପୀଙ୍କର ପରଲୋକ ଘଟିସାରିଛି। ଏଭଳିସ୍ଥଳେ ଆଇନ ବିଭାଗର ପରାମର୍ଶ କ୍ରମେ ଖୁବ୍‌ଶୀଘ୍ର ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି।

ଧର୍ମପଦ ପୁରସ୍କାର ପାଇଁ ବାଟ ଫିଟିବା ପରେ ପ୍ରଥମେ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ୭ବର୍ଷ ପାଇଁ ୭ ଜଣ ବିଶିଷ୍ଟ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ୨୦୦୯ ଲାଗି ପଟଚିତ୍ର ଶିଳ୍ପୀ ସ୍ୱର୍ଗତ ଗୋକୁଳ ବିହାରୀ ପଟ୍ଟନାୟକ, ୨୦୧୦ ପାଇଁ ଚିତ୍ର ଓ ମଞ୍ଚଶିଳ୍ପୀ ସ୍ୱର୍ଗତ ଅସୀମ ବସୁ, ୨୦୧୧ ଲାଗି ଖଲ୍ଲିକୋଟ କଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସାଦ ଦାସ, ୨୦୧୨ ଲାଗି ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ୨୦୧୩ ଲାଗି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଯତୀନ ଦାସ, ୨୦୧୪ ପାଇଁ ଶିଳ୍ପୀ ଓ କଳା ସମାଲୋଚକ ସ୍ୱର୍ଗତ ଡ. ଦିନନାଥ ପାଠୀ ଓ ୨୦୧୫ ଲାଗି ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ପୁରସ୍କୃତ କରାଯିବ। ତେବେ ପରଲୋକଗତ ଶିଳ୍ପୀମାନଙ୍କୁ ପ୍ରଥମଥର ଲାଗି ଏକାଡେମୀ ମରଣୋତ୍ତର ଭାବେ ସମ୍ମାନିତ କରିବ। ଏହି ଅବସରରେ ଶିଳ୍ପୀମାନଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ। ସେହିପରି ୨୦୧୪ ପାଇଁ ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ସ୍ୱର୍ଗତ ଶରତ କୁମାର ରଥ, ସ୍ୱର୍ଗତ ହରିସିହ୍ନା ବାବୁ, ଟେରାକୋଟା ଶିଳ୍ପୀ ସ୍ୱର୍ଗତ ଦେବରାଜ ସାହୁ, ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରମୋଦ ମହାନ୍ତି ଏବଂ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୦୧୫ ଲାଗି ଚିତ୍ରଶିଳ୍ପୀ ଚନ୍ଦ୍ରମଣୀ ବିଶ୍ୱାଳ, ଚିତ୍ରଶିଳ୍ପୀ ସ୍ୱର୍ଗତ ଚିତ୍ରା ପଟ୍ଟନାୟକ, ଚିତ୍ରଶିଳ୍ପୀ କୈଳାସ ମେହେର, ରାମହରି ଜେନା ଏବଂ ଶୈଳବାଳା ନାୟକଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହାସହ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ଧର୍ମପଦ ପୁରସ୍କାର ଲାଗି ପ୍ରତିଭାଙ୍କୁ ଖୁବ୍‌ଶୀଘ୍ର ମନୋନୀତ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

୨୦୦୮ରେ ପୁରସ୍କାର ଘୋଷଣା ସମୟରେ ବିବାଦ ଦେଖାଦେବାରୁ ଆଉ ପୁରସ୍କାର ଦିଆଯାଇ ନ ଥିଲା। ଏନେଇ ବାଦବିବାଦ ଲାଗି ରହିବା ଫଳରେ ପୁରସ୍କାର ପ୍ରଦାନ ନେଇ ଅନିଶ୍ଚିତତା ଲାଗିରହିଥିଲା। ତାହାରି ଭିତରେ ପୁରସ୍କାର ରାଶିକୁ ସରକାର ଦ୍ୱିଗୁଣିତ କରିବା ସହ ୨୦୧୫ ସୁଦ୍ଧା ଦେବାକୁ ନିଷ୍ପତ୍ତି ହୋଇଥିଲା। ୨୦୧୫ରେ ଏକ କମିଟି ଗଠନ କରାଯିବା ସହ ଶିଳ୍ପୀ ଚୟନ କରାଯାଇ ୭ବର୍ଷ ଲାଗି ପୁରସ୍କାର ପ୍ରଦାନ ପାଇଁ ଘୋଷଣା ହୋଇଥିଲା। ହେଲେ କେତେଜଣ ଶିଳ୍ପୀ କୋର୍ଟରେ ମାମଲା କରିବାରୁ ପୁରସ୍କାର ଦିଆଯାଇପାରି ନାହିଁ। ତେବେ ପୁରସ୍କାର ଦିଆଯାଇପାରିବ ନାହିଁ ବୋଲି କୌଣସି କଟକଣା ନ ଥିବାରୁ ଆଇନ ବିଭାଗ ପରାମର୍ଶ କ୍ରମେ ଉତ୍ସବ ଆୟୋଜନ କରିବାକୁ ଏକାଡେମୀ ନିଷ୍ପତ୍ତି ନେଇଛି।



**ଆଜିର ମନ୍ତବ୍ୟ**
ସିଏଏ-ଏନ୍‌ଆରସି ତଥ୍ୟ ସଂଗ୍ରହ ପାଇଁ ବ୍ୟାଙ୍କ ଓ ପୋଷ୍ଟ ଅଫିସଗୁଡ଼ିକୁ ବ୍ୟବହାର କରାଯାଉଛି।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**
ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପରେ ଜାନୁୟାରୀ ମାସରେ ୧.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି।
– ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଏସ୍.କେ. ଜାହିର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୋ ସରକାର ଅଧୀନକୁ ଆସିଲା ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ


ମୋ ସରକାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ
- ବିଡିଓଙ୍କ ସହ ଆଲୋଚନା କଲେ ୫-ଟି ସଚିବ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ତୃଣମୂଳସ୍ତରରେ ଥିବା ବ୍ଲକ ଅଫିସ ପ୍ରଶାସନର କେନ୍ଦ୍ର। ଗ୍ରାମାଞ୍ଚଳରେ ବିଭିନ୍ନ ସେବା ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୋ ସରକାର କାର୍ଯ୍ୟକ୍ରମ ରାଜ୍ୟର ୮୩ ପ୍ରତିଶତ ଜନତାଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ତେଣୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ବୁଧବାର ମୋ ସରକାର ଅଧୀନକୁ ଅଣାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଞ୍ଚାୟତିରାଜ ବିଭାଗ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ କାର୍ଯ୍ୟକ୍ରମକୁ ପରିଚାଳନା କରୁଛି। ୨୦୧୪ ପରଠାରୁ ଏହି ବିଭାଗ ପକ୍ଷରୁ ପ୍ରାୟ ୨୫ ଲକ୍ଷ ଘର ନିର୍ମାଣ କରାଯାଇ ସାରିଛି। ସଫଳତାର ସହ ଏହି ବିଭାଗ ରାଜ୍ୟର ସମସ୍ତ ଯୋଗ୍ୟ ଲୋକଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ୬୫ ପ୍ରତିଶତ ଜନତାଙ୍କୁ ଜଳ ଯୋଗାଇବା କାର୍ଯ୍ୟ ମଧ୍ୟ ଜାରି ରହିଛି। ଆସନ୍ତା ୨୦୨୪ ସୁଦ୍ଧା ସମସ୍ତଙ୍କ ପାଖରେ କିପରି ପାନୀୟ ଜଳ ସୁବିଧା ପହଞ୍ଚିବ, ସେ ଦିଗରେ କାର୍ଯ୍ୟ କରୁଛି। ଏହି ବିଭାଗ ଦ୍ୱାରା ହିଁ ରାଜ୍ୟକୁ ବାହ୍ୟ ମଳତ୍ୟାଗମୁକ୍ତ କରାଯାଇପାରିଛି। ତେଣୁ ମୋ ସରକାର ଏ ସମସ୍ତ କାର୍ଯ୍ୟକ୍ରମରେ ଅଧିକ ବୃତ୍ତିଗତ ଇଚ୍ଛାଶକ୍ତି ଏବଂ ସରକାରୀ କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଏହାଦ୍ୱାରା ବିଭିନ୍ନ ହିତାଧିକାରୀଙ୍କଠାରୁ ସିଧାସଳଖ ଫିଡ୍‌ବ୍ୟାକ୍(ଅନୁଭୂତି/ପ୍ରତିକ୍ରିୟା) ସଂଗ୍ରହ କରାଯାଇପାରିବ। ରାଜ୍ୟ ପ୍ରଶାସନ ଓ ତୃଣମୂଳ ଜନତାଙ୍କ ମଧ୍ୟରେ ବ୍ଲକ ସେତୁଭାବେ କାର୍ଯ୍ୟ କରିଥାଏ। ମୋ ସରକାର କାର୍ଯ୍ୟକ୍ରମ ପଞ୍ଚାୟତିରାଜ ବିଭାଗରେ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ଜଳଯୋଗାଣ, ପକ୍କାଘର ନିର୍ମାଣ, ପରିମଳ, ଏମ୍‌ଜିଏନ୍‌ଆରଇଜିଏ ଭଳି କାର୍ଯ୍ୟକୁ ଅଧିକ ସୁସଙ୍ଗଠିତ ଢଙ୍ଗରେ କରାଯିବ। ରାଜ୍ୟରେ ସମସ୍ତେ ପକ୍କାଘରେ ବାସ କରନ୍ତୁ ବୋଲି ବିଜୁବାବୁଙ୍କ ଇଚ୍ଛା ଥିଲା। ଏହା ନିଶ୍ଚୟ ସତରେ ପରିଣତ ହେବ ବୋଲି ପ୍ରତାପ କହିଥିଲେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ, ସରକାରୀ ଯୋଜନାର ସୁଫଳ ବ୍ଲକ ଦ୍ୱାରା ହିଁ ହିତାଧିକାରୀ ନିକଟରେ ପହଞ୍ଚିଥାଏ। ତେଣୁ ମୋ ସରକାର କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଆଣିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ୫-ଟି ସଚିବ ଭି.କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ସମୟରେ କଣ୍ଟାବାଞ୍ଜି, ଜୁନାଗଡ଼, ପଟ୍ଟାଙ୍ଗୀ, ସବ୍‌ଟେକା, ରାଜଗାଙ୍ଗପୁର,ପାଟକୁରା,ଆଠମଲ୍ଲିକ ଏବଂ ଅନ୍ୟ କେତେକ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ସଚିବ ଡି.କେ ସିଂହ ଉପସ୍ଥିତ ରହିଥିଲେ। ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟାବଳୀକୁ ନେଇ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ କରାଯାଇଥିଲା।

## ରାସ୍ତାରେ ମୃତଦେହ ଛାଡ଼ି ଚାଲିଗଲେ ଅଟୋ ଚାଳକ

**ନବରଙ୍ଗପୁର,୧୨।୨(ବି.ପ୍ର.)**

କାମଳ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଦେଶୀ ଚିକିତ୍ସା ପାଇଁ ଅଟୋରେ ନେଉଥିବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଅଟୋ ଚାଳକ ମୃତଦେହ ନେଇ ପାରିବେ ନାହିଁ ବୋଲି କହିଥିଲେ। ଅଟୋ ଚାଳକ ମାନବିକତା ଭୁଲିଯାଇ ମୃତଦେହକୁ ରାସ୍ତାରେ ଛାଡି ଚାଲି ଯାଇଥିଲେ। ଏଭଳି ଏକ ଘଟଣା ମଙ୍ଗଳବାର ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ଦେଖିବାକୁ ମିଳିଛି। କୋଷାଗୁମୁଡା ବ୍ଲକ କୋଟାଗାଁ ପଞ୍ଚାୟତ ଅଧୀନ ତାରାଗାଁର ଉଷା ଭତରା(୨୧) କାମଳ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ବି.ଏମ. ସେମଳା ଗାଁରୁ ଛତିଶଗଡ ବସ୍ତର ଜିଲା ଅଧୀନ ଆଡବାଲଠାରେ ଦେଶୀ ଚିକିତ୍ସା ପାଇଁ ଏକ ଅଟୋରେ ନେଉଥିଲେ। ବଡ ଆମ୍ବଡା ଗାଁ ରାସ୍ତା ନିକଟରେ ଉଷାଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଅଟୋରେ ନେବେ ନାହିଁ ବୋଲି ଅଟୋ ଚାଳକ କହି ରାସ୍ତା କଡରେ ହିଁ ଓହ୍ଲାଇ ଦେଇଥିଲେ । ପରେ ସ୍ଥାନୀୟ ବାସିନ୍ଦା କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଯୋଗ କରିବା ପରେ ମହାପ୍ରୟାଣ ଗାଡିକୁ ଡକାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଶ୍ରୀବିଗ୍ରହଙ୍କ ଚିତାଲାଗିରେ...

ନୀତିସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟଶେଯ ଘରେ ବିଜେ କରାଯାଇଥିଲା। ଏହାପରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ ଠାକୁର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କୁ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଏବଂ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମସ୍ତକରେ ଚିତା ଲାଗି କରାଇଥିଲେ। ବିଧି ଅନୁଯାୟୀ, ଗତବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ବିରାଜମାନ କରିଥିଲେ। ଅଣସର ପିଣ୍ଡିରେ ଦଇତାପତିମାନେ ଶ୍ରୀବିଗ୍ରହଙ୍କ ଚିତାକୁ ପରମ୍ପରା ମୁତାବକ କାଢି ଦେଇଥିଲେ। ପରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ଦାରୁବିଗ୍ରହ ସୋଲ ଚିତା ପରିଧାନ କରି ନବଦିନାତ୍ମକ ଯାତ୍ରା କରିଥିଲେ। ହେଲେ ବର୍ତ୍ତମାନ ଚିତାକୁ ନେଇ ଯେଉଁତ୍ରୁଟିପଦାକୁଆସିଛି ତାହାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଭଳି ମନୁଷ୍ୟକୃତ ତ୍ରୁଟି ପାଇଁ ମହାପ୍ରଭୁ ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ବଙ୍କା ଚିତା ପରିଧାନ କରିବେ।

ଏ ସମ୍ପର୍କରେ ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଆମେ ଚିତା ଲଗାଇବା ସମୟରେ ଏହା ଠିକ୍ ରହିଥିଲା। ଲାଗି କରିସାରିବା ପରେ ମେକାପ ସେବକ ଆମଠାରୁ ମଣତି ନିଅନ୍ତି। ଏ ସମ୍ପର୍କରେ ସେମାନେ ହିଁ ଯାହା କହିପାରିବେ। ଏଥିରେ ଦଇତାଙ୍କର ଆଉ କୌଣସି ଭୂମିକା ନ ଥାଏ ବୋଲି ସେ କହିଛନ୍ତି। ଅନ୍ୟଜଣେ ସେବାୟତ ଓଷର ମାନ ଯଦି ଠିକ୍ ନ ଥିବ ତେବେ ଏପରି ହୋଇଥିବ, ଲାଗି ପରେ ଏହା ଢଳିଯାଇଥିବ ବୋଲି କହିଛନ୍ତି। ସେହିପରି ପୁଷ୍ପାଳକ ଏବଂ ସିଂହାରୀ ସେବାୟତ ଠାକୁରଙ୍କୁ ବେଶ କଲାବେଳେ ଯଦି କେବେ କେମିତି ସେମାନଙ୍କ ହାତ ବାଜିଥିବ ତେବେ ଚିତା ବଙ୍କା ହୋଇଯାଇଥିବ ବୋଲି ଅନ୍ୟଜଣେ ସେବାୟତ ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ଏଥିପାଇଁ ସେବକମାନଙ୍କ ଖାମଖିଆଲିକୁ ଦାୟୀ କରିଛନ୍ତି। ମହାପ୍ରଭୁଙ୍କ ସେବା କରିବା ସମୟରେ ଯେଉଁଭଳି ଭାବେ ନିଷ୍ଠା ଏବଂ ଏକାଗ୍ରତାର ସହ କରିବା କଥା ସେଭଳି କରୁ ନ ଥିବା ଏହି ଘଟଣା ସ୍ପଷ୍ଟ କରୁଛି ବୋଲି କଟକର ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ପଚାରିବାରେ କହିଛନ୍ତି, ଏହାର ଅନୁଧ୍ୟାନ କରାଯିବ। ବାସ୍ତବରେ କ'ଣ ହୋଇଛି ତାହା ଦେଖାଯିବ। ତେବେ ବର୍ତ୍ତମାନ କିଛି କରିହେବ ନାହିଁ। ରଥଯାତ୍ରା ପରେ ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସ୍ନାନ ପୂର୍ଣ୍ଣିମା ପରେ ଏହାର ଯାହା ସଂଶୋଧନ କରାଯାଇପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଅତ୍ୟଧିକ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି। ବ୍ୟବସାୟ ମାନ୍ଦାରେ ଚାଲିବ କିନ୍ତୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ପାରିବାରିକ ସମସ୍ୟାରେ ନ୍ୟାୟୋଚିତ କଥା କହି ପରିସ୍ଥିତିକୁ ସୁଧାରି ନେବେ ମାତ୍ର ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି ଭଲ ରହିବ।

**ବୃଷ** କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ବହୁତ ବାଦାନୁବାଦ ପରେ ଅଫିସରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପାଖ ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବ। କଚେରି ମାମଲା, ନିର୍ମାଣ, ଅର୍ଥ ସମ୍ପର୍କିତ କଥା ନେଇ ଟେନ୍ସନ ଲାଗି ରହିବ।

**ମିଥୁନ** ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରି ପାରନ୍ତି। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ଏବଂ ସଭାସମିତିରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଫାଇଲ କାମ ବଢ଼ିଯାଇ ପାରେ। ଯାନବାହନ, ପୁରୁଣା ଗାଡ଼ିମୋଟର, ଘର ମରାମତିରେ ବ୍ୟସ୍ତ ରହି ପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ହେତୁ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ବିଶେଷ ପ୍ରଭାବିତ ହୋଇପାରେ। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ମିତ୍ର ବନ୍ଧୁ ମାନଙ୍କ ସହ ଉଚ୍ଚବାଚ ଘଟିପାରେ । ଅପେକ୍ଷା କରିଥିବା ଖବରଟିକୁ ବହୁ ବିଳମ୍ବରେ ହେଲେ ମଧ ଶୁଣି ଖୁସି ହେବେ। ସାହିପଡ଼ୋଶୀଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବହୁତ ଆଶା କରି ବନ୍ଧୁଙ୍କ ନିକଟକୁ ଯିବେ ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଆଜି ଅପରାହ୍ନେ ଖୋଜୁଥିବା ଜିନିଷ ହଠାତ୍ ପାଇବେ।

**କନ୍ୟା** ଆଜିର କର୍ମକ୍ଷେତ୍ର କିମ୍ବା ପରିବାରରେ ବାକ୍ ଅସଂଯମତା ଯୋଗୁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ପ୍ରଦାନ କରିବ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଅସୁବିଧାବଶତଃ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବାରେ ସମର୍ଥ ହେବେ।

**ତୁଳା** କର୍ମକ୍ଷେତ୍ରରେ ପୂର୍ବ ନିର୍ଦ୍ଧାରିତ କାମଗୁଡ଼ିକ ଠିକ୍ ସମୟରେ ହେବା କଷ୍ଟକର ହୋଇପଡ଼ିବ। କାର୍ଯ୍ୟହାନି ସକାଶରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଆଜି ଘରକୁ ଫେରିବା ସମୟରେ ମୂଲ୍ୟବାନ ଦ୍ରବ୍ୟ ଆଣି ପାରନ୍ତି।

**ବିଛା** ପରିବାରର ବିଭିନ୍ନ ବ୍ୟତିକ୍ରମ ବିଷୟରେ ଚିନ୍ତା କରି ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପ୍ରଶାସନିକ, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦିଗଟି ମଧ୍ୟମ ପ୍ରକାରର ରହିବ। ଈର୍ଷାପରାୟଣ ମନୋଭାବ ନେଇ ଖଳଲୋକମାନେ ଅପପ୍ରଚାର କଲେ ମଧ୍ୟ କିଛି କରି ପାରିବେ ନାହିଁ। କିନ୍ତୁ ଅନୁରାଧା ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିବେ।

**ଧନୁ** ଆଜି ମାନସିକ ସ୍ଥିତି ଠିକ୍ ନ ରହିବା କାରଣରୁ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ। କାମ ହାସଲ କରିବା ସକାଶେ ଅନୁକୂଳ ସୁଯୋଗ ସୃଷ୍ଟି ହେବ କିନ୍ତୁ ଧୀରେ ସୁସ୍ଥେ କରିବା ଭଲ ହେବ। ସଭାସମିତିରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିପାରେ।

**ମକର** କର୍ମକ୍ଷେତ୍ରର ସମସ୍ୟାଗୁଡ଼ିକ ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। କିନ୍ତୁ ହଠାତ୍ ପୂର୍ବ ଶତ୍ରୁତା କାରଣରୁ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପୂର୍ବରୁ ସୁଚିନ୍ତିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ଦିନ ଭିତରେ ଖର୍ଚ୍ଚାନ୍ତ ହେବେ ସିନା ନିଜ ପରିସରସ୍ଥ ବ୍ୟକ୍ତିମାନଙ୍କ ସହାୟତାରେ କୌଣସି କାମ ଅଟକିବ ନାହିଁ। ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ,ଏଣୁ ସ୍ୱାସ୍ଥ୍ୟପ୍ରତି ସାବଧାନତା ଅବଲମ୍ବନ କରିବା ଠିକ୍ ହେବ। ଅଫିସ୍ କାମରେ କୌଣସି ଘଟଣା ମନକୁ ବାରମ୍ବାର ଆଲୋଡିତ କରିପାରେ।

**ମୀନ** ଆଜି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଯାହାକୁ ଅତି ନିଜର ବୋଲି ବିଶ୍ୱାସ କରୁଛନ୍ତି ସେମାନେ ବିଶ୍ୱାସଘାତକତା କରିପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

ଆଜି କୁମ୍ଭ ସଂକ୍ରାନ୍ତି, ଫାଲ୍‌ଗୁନ କୃଷ୍ଣ ୫ମୀ ଗୁରୁବାର, ଫେବୃୟାରୀ ୧୩ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ୧୦।୨୩ମି. ଗତେ, ଚିତ୍ରା ନକ୍ଷତ୍ର, ବୃଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୧ମି. ଗତେ ଘ୭।୫୧ମି. ମଧ୍ୟେ ଶୁଭବେଳା। ସକାଳ ଘ ୭।୪୫ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୫ମି. ଗତେ ଘ୨।୫୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

BDA Approved ready to move duplex at Patia-Raghunathpur 30mtr. from Nandankanan road, material used-redbrick,ultratech cemet , Tatatiscon Steel- 9438419823, 9337086655. D-68662

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର Sumhospitalରୁ 4k.m 100' ରୋଡ୍‌କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829. D-68486

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68787

**GENERAL**

**SALE**

Fully running AC Garment showroom sale/ lease, Bhubaneswar-9437087261, 7008275280. D-68661

**to-let**

Godown for rent @ Rs.20/- per sqft. (approx 2320 sqft.) with 3 months advance payment at Sikharpur, Talasahi, Cuttack. Contact @ H.K. Dash: 9437552432 (3 months notice either side). D-16672

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Bhubaneswar, Parkstreet Forestpark, Three Bedrooms, Ground Floor, Drawing, Dining, Toilets, Kitchen, Garage, Office/ Residence. Contact: 9861158578. D-68335

**healthcare**

Sai herbal spa refresh your body with smart, expert therapist. 7608062524. D-68991

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female-7326977966. D-69207

**business**

୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

**astrology**

ସବୁ ସମସ୍ୟାର ସମାଧାନ ହେବ ଗୁଣି ଗାରେଡି, ଭୂତପ୍ରେତରୁ ରକ୍ଷା, ପ୍ରେମବିବାହ, ଗୃହସମସ୍ୟା, ବ୍ୟବସାୟ, ଚାକିରି ସମସ୍ୟାର ସମାଧାନ ହେବ। Mob: 7008953611. D-16668

**AFFIDAVIT**

I Buddhadev Jena S/o- Radhakrushna Jena, address Mahabala Balasore- 756024 changed my name as Rohan Sharma for all purpose. D-16671

By virtue of an affidavit on 11.02.2020 before Executive Magistrate, Bhubaneswar, I have changed my name from Sushma Jaasmeet Singh to Sushma Singh for all puposes. D-16664

I, Alakananda Manjumayuri Mahapatra W/o- Tushar Kanta Prusty changed my name to Mayuri Prusty vide affidavit no.- 45AA819635 sworn before the Executive Magistrate, Keonjhar on 22.01.2020. D-16669

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Bhubaneswar I declared that my original name is Swarup Panda S/o Late Srinivas Panda but wrongly reflected as Swarupa Panda in some documents. That Swarup Panda & Swarupa Panda is one and same person & changed to Swarup Panda for all future purposes. D-68660

By an affidavit before the Executive Magistrate, Bhawanipatna, I have changed my name from Debesh Kumar Meher to Debesh Meher. Debesh Kumar Meher, S/o- Goutam Meher and Debesh Meher, S/o- Goutam Meher is the same and one person. At/ PO- Junagarh, Dist. Kalahandi. D-37394

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ଗୋଟିଏ ରାତିରେ ୪ ଗାଡ଼ି କାଚ ଭାଙ୍ଗିଲେ ଦୁର୍ବୃତ୍ତ

**କଟକ ରୋଡ,୧୨।୨(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୪ଟି ଗାଡ଼ିର କାଚ ଭାଙ୍ଗିଦେଇଥିବା ଜଣାପଡିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଖବରପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବୁଦ୍ଧେଶ୍ୱରୀ କଲୋନୀ କମ୍ୟୁନିଟି ସେଣ୍ଟର ନିକଟରେ ରହୁଥିବା ରବୀନ୍ଦ୍ର ମୋହନ ଜେନାଙ୍କ ଗାଡି(ନଂ. ଓଆର ୦୨ ବିଡି ୪୪୩୧)ର ସମ୍ମୁଖ କାଚ ଭଙ୍ଗାଯାଇଥିବା ବେଳେ ମୋଟର ପାର୍ଟସ ବ୍ୟବସାୟୀ ମନୋଜ ସୁବୁଦ୍ଧିଙ୍କ ଗାଡ଼ି (ନଂ. ଓଆର ୦୨ ବିଡବ୍ଲୁ ୯୧୯୫) ଏବଂ ଜଣେ ହେଟେଲ ମାଲିକଙ୍କ ସହ ରିତେଶ ଜାଲିଙ୍କ କାରର ପଛ କାଚ କେହି ଦୁର୍ବୃତ୍ତ ପଥର ମାଡ଼ କରି ଭାଙ୍ଗି ଦେଇଥିବା ଜଣାପଡିଛି। ଗାଡିଗୁଡ଼ିକ ଭଙ୍ଗାରୁଜା ପଛରେ ଲୁଟ୍‌ପାଟ ଉଦ୍ଦେଶ୍ୟ କିମ୍ବା ନିଶାସକ୍ତ ଅବସ୍ଥାରେ କେହି ଦୁର୍ବୃତ୍ତ ଏଭଳି କରିଛନ୍ତି ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ବାରମ୍ବାର ଏହି ଅଞ୍ଚଳରେ ଚୋରି ବଢୁଥିବା ବେଳେ ପୁଣି ଏଭଳି ଘଟଣା ପରେ ପାଟ୍ରୋଲିଂ ପାଇଁ ଦାବି ହୋଇଛି।

### ୮ ଚୋରି ମୋବାଇଲ ସହ ବାଇକ ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମୋବାଇଲ ଫୋନ୍ ଲୁଟୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ୮ ଚୋରି ମୋବାଇଲ ଫୋନ୍ ଓ ଲୁଟ୍‌ରେ ବ୍ୟବହୃତ ଏକ ଆପାଚି ବାଇକକୁ ପୋଲିସ ଜବତ କରିଛି। ଗିରଫ ଜଣକ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ବସ୍ତିରେ ରହୁଥିବା ଖୋର୍ଦ୍ଧା ଜଙ୍କିଆ ଥାନା ଅନ୍ତର୍ଗତ ରମ୍ଭା ଅଞ୍ଚଳର ପ୍ରଭାକର ସାହୁ(୨୫)। ସୂଚନା ମୁତାବକ, ରସୁଲଗଡରେ ରହୁଥିବା ପରେଶ କୁମାର ଜେନା ମଙ୍ଗଳବାର ଅପରାହ୍ନ ୨ଟାରେ ଚାଲିଚାଲି ଘରକୁ ଫେରୁଥିଲେ। ରସୁଲଗଡ଼ ଲେନ-୨ ଅଞ୍ଚଳରେ ଏକ ଧଳା ରଙ୍ଗର ଆପଚିରେ ଆସି ଅଭିଯୁକ୍ତ ପ୍ରଭାକର ତାଙ୍କ ହାତରୁ ମୋବାଇଲ୍ ଫୋନ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ପରେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୩/୧୯ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଫୋନ୍‌କୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବା ପରେ ଚଢ଼ାଉ କରି ଧରିଥିଲା।

### ଖଣ୍ଡଗିରି ମେଳାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ଖଣ୍ଡଗିରି ମେଳାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆହତ ଯୁବକ ଜଣକ ହେଲେ ଭରତପୁର ଅଞ୍ଚଳର ଅନନ୍ତ ଦାସ(୨୮)। ୮/୧୦ଜଣ ଦୁର୍ବୃତ୍ତ ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିବା ନେଇ ସେ ବୁଧବାର ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନନ୍ତଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ସାଢେ ୧୧ଟାବେଳେ ସେ ମେଳାରେ ବୁଲୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ହଠାତ ଲୁହା ରଡରେ ଆକ୍ରମଣ କରିଥିଲେ। ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ।

### ବରିଷ୍ଠ ନାଗରିକ ବିକାଶ ପରିଷଦ ବୈଠକ

**ବାଲିଅନ୍ତା,୧୨।୨(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡରେ ବରିଷ୍ଠ ନାଗରିକଙ୍କୁ ନେଇ ଗଠିତ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ପରିଷଦର ବୈଠକ ବୁଧବାର ପାହାଳସ୍ଥିତ ପଲ୍ଲୀ ମଙ୍ଗଳ ଯୁବକ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପଦ୍ମନାଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ ଯୋଗ ଦେଇଥିଲେ। ଥାନା ଅଧିକାରୀ ଏଟିଏମ କାର୍ଡର ବ୍ୟବହାର ସହିତ ବରିଷ୍ଠ ନାଗରିକଙ୍କୁ ସାଇବର ଠକେଇ ଉପରେ ସଚେତନ କରିଥିଲେ। ବରିଷ୍ଠ ନାଗରିକମାନେ ପାହାଲ ଅଞ୍ଚଳର ବିଭିନ୍ନ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ। ଏହା ସହିତ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାବି କରିଥିଲେ। ପରିଷଦ ସମ୍ପାଦକ ବଂଶୀଧର ଭୋଳ ବରିଷ୍ଠ ନାଗରିକ ସୁବିଧାରେ ଯାତାୟାତ ପାଇ ମୋ ବସ ଫ୍ଲାଇଓଭରରେ ଯିବା ପରିବର୍ତ୍ତେ ତଳ ବାଇପାସ ଦେଇ ଯିବା ପାଇଁ ଦାବି କରିଥିଲେ। ଏହି ଅବସରରେ ୨୫ଜଣ ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।

# ଠିକାଦାରଙ୍କୁ ବିଏମ୍‌ସିର ସ୍ୱଚ୍ଛତା, ସମୃଦ୍ଧି ମନ୍ତ୍ର

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**

■ଠିକା କାର୍ଯ୍ୟକୁ ସବ୍‌ଲେଟ୍ ନ କରିବାକୁ ପରାମର୍ଶ

■କାର୍ଯ୍ୟସ୍ଥଳରେ ବଳକା ସାମଗ୍ରୀ ଛାଡ଼ିବା ଅପରାଧ

ବୁଧବାର ଅପରାହ୍ନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସମ୍ପୃକ୍ତ ୫୦ଜଣ ଠିକାଦାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ତଥା ବିଏମ୍‌ସିର ମୁଖ୍ୟ ପ୍ରଶାସକ ସଂଗ୍ରାମ୍‌ଜିତ୍ ନାୟକ ଅଧ୍ୟକ୍ଷତା କରି ଠିକାଦାରମାନଙ୍କୁ କାର୍ଯ୍ୟରେ ସ୍ୱଚ୍ଛତା ସହ ବିକାଶର ମନ୍ତ୍ର ଶୁଣାଇଥିଲେ। ଠିକାଦାର ଓ ପ୍ରଶାସନିକ ଅଧିକାରୀମାନେ କିପରି ସମନ୍ୱୟ ରକ୍ଷା କରି ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବେ ସେସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, କାର୍ଯ୍ୟ କରୁଥିବା ପ୍ରତି ଠିକାଦାର ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ବିକାଶର ମାଇଲ୍ ଖୁଣ୍ଟ। ଉଚିତ ସମୟରେ କାର୍ଯ୍ୟାଦେଶ ପାଇବା, କରୁଥିବା କାର୍ଯ୍ୟର ବିଭିନ୍ନ ସୂଚକକୁ ଜାଣିବା, ସମୟ ଉପଯୋଗୀ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ତଥା ଚୁକ୍ତିନାମା ଅନୁସାରେ ନିଜ କାର୍ଯ୍ୟର ପ୍ରାପ୍ୟ ପାଇବାକୁ ଉଭୟ ପକ୍ଷ ନିଶ୍ଚିତ କରିବା ଦରକାର। ପ୍ରତି କାର୍ଯ୍ୟରେ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା ଗୁରୁତ୍ୱପୂର୍ଣ୍ଣ। କୌଣସି ବି ଠିକାଦାର ପାଇଥିବା କାର୍ଯ୍ୟକୁ ସବ୍‌ଲେଟ୍ ନ କରିବାକୁ ସେ ପରାମର୍ଶ ଦେବା ସହ ସମ୍ପୃକ୍ତ ଇଞ୍ଜିନିୟର ଓ ଅଧିକାରୀମାନେ ଏହା ଉପରେ ସତର୍କ ରହିବାକୁ କହିଥିଲେ। ଏପରିକି କାର୍ଯ୍ୟ ସରିବା ପରେ କାର୍ଯ୍ୟସ୍ଥଳରେ ବଳକା ଗୋଡ଼ି, ବାଲି, ପଥର ଆଦି ନ ଛାଡ଼ିବା ଓ ବିଲ୍ ପାସ୍ ପରେ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନ ନେବାର ଆଚରଣକୁ ନେଇ ପ୍ରଶାସନ ନାୟକ କ୍ଷୋଭ ପ୍ରକାଶ କରିବା ସହ ଏହା ଏକ ଅପରାଧ ବୋଲି କହିଥିଲେ।



ବୈଠକରେ ଉପସ୍ଥିତ ଅତିଥି।

ଅନ୍ୟପକ୍ଷରେ ବିଏମ୍‌ସିର ଇଞ୍ଜିନିୟରିଂ ବିଭାଗ ଡ୍ୟାସ୍ ବୋର୍ଡ ମାଧ୍ୟମରେ ପ୍ରତି କାର୍ଯ୍ୟର ନିୟମିତ ତଥା ତ୍ୱରିତ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶନାମା ଦେବା ଉଚିତ। କୌଣସି କାରଣରୁ କାର୍ଯ୍ୟ ହୋଇପାରୁ ନ ଥିଲେ କିମ୍ବା କାର୍ଯ୍ୟର ମାନଦଣ୍ଡ ପ୍ରକଳ୍ପ ଅନୁଯାୟୀ ହେଉ ନ ଥିଲେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକ ନାୟକ କହିଛନ୍ତି।

ସିଟି ଇଞ୍ଜିନିୟର୍ ଦେବସୁନ୍ଦର ମହାପାତ୍ର କହିଲେ, ୨୦୧୭ ପରଠାରୁ ବିଏମ୍‌ସିରେ ସ୍ୱତନ୍ତ୍ର ୱାର୍ଡ଼ ବଜେଟ୍ ସହ ୱାର୍ଡ଼ୱାରୀ ବିକାଶ କାର୍ଯ୍ୟର ବିଧିବଦ୍ଧ ନଥିକରଣ ହୋଇଆସୁଛି। ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କହିଲେ, ବିଏମ୍‌ସିରେ କାମ କରୁଥିବା ପ୍ରତ୍ୟେକ ଠିକାଦାର ଜଣେ ଜଣେ ପ୍ରଗତିସାଥୀର ଭାବନା ନେଇ ନିଜ କାର୍ଯ୍ୟକୁ ଗୁଣାତ୍ମକ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜନ୍ତୁ। କୌଣସି କାର୍ଯ୍ୟ ବା ଫାଇଲ୍‌ର ପେମେଣ୍ଟଜନିତ ଜଟିଳତା ଦେଖାଦେଲେ ତାହାକୁ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ଶବର କହିଥିଲେ। ବୈଠକରେ ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ, ଡେ଼ପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ, ଡେ଼ପୁଟି କମିଶନର (ୱେଲ୍‌ଫେୟାର) ସଂଘମିତ୍ରା ବେହେରା, ଡେ଼ପୁଟି କମିଶନର (ପ୍ରତିଷ୍ଠାନ ପରିଚାଳନା) ସରିତା ଧନୱାର୍ ପ୍ରମୁଖ ଉପସ୍ଥିତ ଥିଲେ।

# କୋର୍ଟ ଚାଲାଣ ବେଳେ ଖସିଗଲେ ଅଭିଯୁକ୍ତ

**ବଡ଼ମ୍ବା,୧୨।୨(ଡି.ଏନ୍.ଏ)**

■ବିଭାଗୀୟ ଗାଡିରୁ ଡେଇଁ କୁ ମାରିଲେ

■ରାତିରେ ଗାଁ ରାସ୍ତାରୁ ଧରାପଡିଲେ

■ଜେଲ୍‌ଗଲେ ଅନ୍ୟ ୨ ଅଭିଯୁକ୍ତ

ନରସିଂହପୁର ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣେ ଖସି ପଳାଇଯାଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ନରେଶ ବେହେରା(୩୦)। ତାଙ୍କ ଘର ବଡ଼ମ୍ବା ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ବୋଲି ଜଣାପଡିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନରସିଂହପୁର ଅବକାରୀ ବିଭାଗ ଏସ୍‌ଆଇ ଥାପ୍ପା ମାରାଣ୍ଡି କହିଛନ୍ତି। ସୂଚନା ଅନୁଯାୟୀ, ବେଆଇନ ମଦ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ବୁଧବାର ସ୍କ୍ୱାର୍ଡ ପକ୍ଷରୁ ନରେଶ, ବଡ଼ମ୍ବା ଥାନା କଜଳବେଢା ଗ୍ରାମର ସୁର ଶେଣ ଓ ଆସେଲିପୁର ଗ୍ରାମର ଅନ୍ତର୍ଯାମୀ ବେହେରାଙ୍କୁ ଅବକାରୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ବିଭାଗ ଗାଡ଼ିରେ ଅଭିଯୁକ୍ତମାନଙ୍କୁ କୋର୍ଟକୁ ନିଆଯାଇଥିଲା। ମାତ୍ର କୋର୍ଟ ନିକଟରେ ନରେଶ ଗାଡ଼ିରୁ ଡେଇଁ ପଳାଇଯାଇଥିଲେ। ରାତି ପ୍ରାୟ ୮ଟା ବେଳେ ମହୁଲିଆ ଗ୍ରାମ ନିକଟ ଏକ ରାସ୍ତାରୁ ସେ ଧରାପଡ଼ିଥିଲେ। ଅପରପକ୍ଷେ ଅନ୍ୟ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉଭୟଙ୍କୁ ଜାମିନ ନ ମିଳିବାରୁ ବଡ଼ମ୍ବା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି । କୋର୍ଟରେ ଉଭୟଙ୍କ ନାମରେ ପୃଥକ ଭାବେ ମାମଲା ନଂ.୨(ଏ)ସିସି.-୪/୨୦ ଓ ୫/୨୦ ରୁଜୁ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତରୁ ଆସେ,**
**ହାଣ୍ଡିରେ ପଶେ ।**

ଗରିବ ହେଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ଖାଦ୍ୟର ଅଭାବ ଦେଖାଦେବା ତାଙ୍କ ପକ୍ଷେ ନିତିଦିନିଆ ଘଟଣା ବା କଥା ହୋଇଥିବା ବେଳେ ଖଟିଖିଆ ମଜୁରିଆ ବ୍ୟକ୍ତି ଦୈନିକ ମୂଲ ମଜୁରି କରି ନିଜ ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନାରଙ୍କ ସଭାରେ ବସେ,**
**କନାରଙ୍କ ବଣରେ ପଶେ ।**

ଯେଉଁମାନେ ଭଲ କି ଦି'ମୁଠେ ଖାଇବାକୁ ପାଇ ନ ଥାନ୍ତି ସେମାନେ ଖାଇବା ଆଶାରେ ଆଖପାଖରେ ହେଉଥିବା ବିଭିନ୍ନ ସଭା ତଥା ମଉଚ୍ଛବରେ ପହଞ୍ଚି ଯାଇଥାନ୍ତି। ସେହିପରି ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ। ବସ୍ତ୍ର ବିନା ପଦାକୁ ବାହାରିବା ନିଷେଧ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହ୍ୱାଇଟ ଟପିଂ ଟେକ୍ନୋଲୋଜି ବ୍ୟବହାରକୁ ଗୁରୁତ୍ୱ

**ଭୁବନେଶ୍ୱର,୧୨।୨**

ରାସ୍ତାର ରକ୍ଷଣାବେକ୍ଷଣ ଅଭାବ ଏବଂ ଖାଲ ଯୋଗୁ ଲୋକମାନଙ୍କୁ ଅନେକ ଅସୁବିଧା ସାମ୍ନା କରିବାକୁ ପଡୁଛି। ରାସ୍ତା ଭିତ୍ତିଭୂମି ବିଗିଡିବା ଏବଂ ଗାଡି ସଂଖ୍ୟା ବୃଦ୍ଧି ଫଳରେ ଲୋକଙ୍କ ଜୀବନ ଶୈଳୀ ଉପରେ ନକରାତ୍ମକ ପ୍ରଭାବ ଏବଂ ଦୁର୍ଘଟଣାମାନ ଘଟୁଥିବା ଦେଖାଯାଉଛି। କେବଳ ଭୁବନେଶ୍ୱର ନୁହେଁ ଦେଶର ବିଭିନ୍ନ ସହରରେ ଏହି ସମସ୍ୟା ଉପୁଜିଛି। ରାସ୍ତାରେ ଖାଲ ଯୋଗୁ ନିୟମିତ ଦୁର୍ଘଟଣା ଘଟି ଅନେକଙ୍କ ଜୀବନ ସଙ୍କଟାପର୍ଣ୍ଣ ହେଉଛି। ଏହି ସମସ୍ୟାର ସମାଧାନ ନେଇ ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଶେଷଜ୍ଞ ଗୁରୁତ୍ୱାରୋପ କରିଛନ୍ତି। ଏଭଳି ସ୍ଥିତିରେ ହ୍ୱାଇଟ ଟପିଂ ଟେକ୍ନୋଲୋଜିର ଆବଶ୍ୟକତା ରହିଥିବା କୁହାଯାଇଛି। ଏହା ଦୀର୍ଘ ୨୦ ବର୍ଷ ପାଇଁ ଗାତମୁକ୍ତ ରାସ୍ତା ପ୍ରଦାନ କରିବା ଦିଗରେ ସହାୟକ ହେବ। ଏହା ବିଶେଷ ଭାବେ ମରାମତି ଖୋଜେ ନାହିଁ। ଦେଶର ପ୍ରମୁଖ ସହରଗୁଡିକରେ ଏହି ଟେକ୍ନୋଲୋଜି ବ୍ୟବହାର କରାଯାଉଛି। ହ୍ୱାଇଟ ଟପିଂ ସଲ୍ୟୁଶନ ଗାତ ସମସ୍ୟାର ଏକ ସ୍ଥାୟୀ ସମାଧାନ,ଅର୍ଥନୈତିକ ବିକାଶରେ ସହାୟକ ହେବା ସହ ପ୍ରାକୃତିକ ସମ୍ବଳ ଉପରେ କମ୍ ଚାପ ପକାଏ ବୋଲି ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ସ୍କୁଲ ଅଫ ଇନଫ୍ରାଷ୍ଟ୍ରକଚର ଆସୋସିଏଟ ପ୍ରଫେସର ଦିନାକର ପସଲା ଏଥିରେ ମତ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ରାସ୍ତାର ମରାମତିଲାଗି ହ୍ୱାଇଟ ଟପିଂ ସଲ୍ୟୁଶନ ଏକ ସହଜ ଏବଂ ଉପଯୋଗୀ ବୋଲି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ଡେପୁଟି ମ୍ୟାନେଜର କାଳି କଲ୍ୟାଣ ମହାରଣା ସୂଚନା ଦେଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

FINANCE — FINANCE

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଭାରତର ନଂ.1 କମ୍ପାନୀ
1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ASTROLOGY — ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ । (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ଼ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼ ଏମିତି ଏକ ଋଣ ଯାହା ଘରେ ଖୁସି ଭରିଦିଏ
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS — BUSINESS

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ।
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେ ଶକ୍ତିଶାଳୀ ଶାସକ ହୁଅ ପଛେ, ମନେରଖ
ଯେ ସବୁ ଶକ୍ତିର ଉତ୍ସ ହେଉଛି ଜନମତ।
- ଲାମାର୍ଟିନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ହ୍ୟୁମାନ ପୋଟେନସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ରୂପାନ୍ତର କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ ଟା।
- ବିଶ୍ୱ ରେଡିଓ ଦିବସ, ଇମେଜ କନଫରେନ୍ସ ହଲ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ନ୍ୟୁଜ ଚ୍ୟାନେଲ ନନ୍ଦିଘୋଷ ଟିଭିର ଲୋକାର୍ପଣ ଉତ୍ସବ, ମେ' ଫେୟାର କନ୍‌ଭେନ୍‌ସନ ହଲ, ଅପରାହ୍ନ ୧୨ ଟା।
- ଆଉଟରିଚ ପକ୍ଷରୁ ଆନ୍ତର୍ଜାତିକ ରେଡିଓ ମେଳା, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା।
- କୃଷ୍ଣ ପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ 'କୃଷ୍ଣ ପ୍ରସାଦଙ୍କ ଉପନ୍ୟାସ' ଶୀର୍ଷକ ଆଲୋଚନାଚକ୍ର, ସ୍ନାତକୋତ୍ତର ଦର୍ଶନ ବିଭାଗ ପରିସର, ଉତ୍କଳ ବିଶ୍ୱବିଦ୍ୟାଳୟ, ଅପରାହ୍ନ ୪ଟା।
- ମହାମହୋପାଧ୍ୟାୟ ପ୍ରାଧାପକ ପଣ୍ଡିତ ଗଙ୍ଗାଧର ଷଡ଼ଙ୍ଗୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ବିଶ୍ୱନାଥ ସଙ୍ଗୀତଳାୟ ପକ୍ଷରୁ ଲାସ୍ୟ ଲାବନ୍ୟ କ୍ଲାସିକାଲ ନୃତ୍ୟ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ୧୫ରୁ କମଳ ଦେଶର ରାଜକୁମାର

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ୮୧ତମ ଜୟନ୍ତୀ ଉପଲକ୍ଷେ ପ୍ରଫୁଲ୍ଲ କର ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୫ ଓ ୧୬ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ଏକ ସ୍ୱତନ୍ତ୍ର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କମଳ ଦେଶର ରାଜକୁମାର' ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ଉଭୟ ନୂଆ ଓ ପୁରୁଣା ପିଢ଼ିର କଣ୍ଠଶିଳ୍ପୀଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିବ। ୧୫ ତାରିଖରେ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ, ମହାପ୍ରସାଦ କର, ସଞ୍ଜୟ ମିଶ୍ର, ବିରଜା ରଥ, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର, ଈପ୍‌ସିତା ପଣ୍ଡା ଓ ମୁମ୍ବାଇର ସାରିକା ସିଂ ପ୍ରଫୁଲ୍ଲ ସଂଗୀତ ପରିବେଷଣ କରିବେ। ସେହିପରି ୧୬ ତାରିଖରେ ପ୍ରଣବ କିଶୋର ପଟ୍ଟନାୟକ, ସୌରଭ ନାୟକ, ମହାପ୍ରସାଦ କର, ଭଗବାନ ଜେନା, ନାଜିଆ ଆଲାମ, ଅର୍ପିତା ଚୌଧୁରୀ ଓ ଛନ୍ଦା ମିଶ୍ର ସଂଗୀତ ପରିବେଷଣ କରିବେ। ଏନେଇ ଫାଉଣ୍ଡେଶନ ଅଧକ୍ଷ ଦାଶ ବେନହୁର ସୂଚନା ଦେଇଛନ୍ତି।


କଟକ ତାଳଦଣ୍ଡା କେନାଲ ପାର୍ଶ୍ୱରେ ଥିବା ଏକ ମନ୍ଦିରକୁ ଭଙ୍ଗାଯାଉଛି।



ମହିଳାମାନେ କାନ୍ଦିବା ସହ ମନ୍ଦିର ଆଗରେ ବସି ପ୍ରତିବାଦ କରୁଛନ୍ତି।

# ଭଙ୍ଗାହେଲା ୧୦ ମନ୍ଦିର

**ଏସ୍‌ସିବି ସମ୍ପ୍ରସାରଣ ଓ ଉନ୍ନତୀକରଣ ଯୋଜନା**

- ଉଚ୍ଛେଦ ବେଳେ କାନ୍ଦିଲେ ଅଞ୍ଚଳବାସୀ
- ଦର୍‌ଘା ଭଙ୍ଗାଯିବା ପୂର୍ବରୁ ବିରୋଧ, ମିଳିଲା ସମୟ
- ଶୁକ୍ରବାରଠାରୁ ପୁଣି ଉଚ୍ଛେଦ ଅଭିଯାନ

**କଟକ ଅଫିସ,୧୨।୨**

କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ସଂପ୍ରସାରଣ ଓ ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କ୍ରମରେ ଏହାର ଆଖପାଖ ଅଞ୍ଚଳକୁ ଖାଲି କରାଯାଉଛି। ଏ ନେଇ ବୁଧବାରଠାରୁ ତୃତୀୟ ପର୍ଯ୍ୟାୟ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ଯୋବ୍ରା ଓ ରାଣୀହାଟ ନିକଟ ତଥା ଲଞ୍ଚ ଘାଟ ଏବଂ ସ୍ଥାନୀୟ ଅଞ୍ଚଳରୁ ୧୦ଟି ମନ୍ଦିର ଏବଂ ୪ଟି କ୍ଲବଘରକୁ ଭଙ୍ଗାଯାଇଛି। ଏହି ସମୟରେ ପ୍ରଶାସନିକ ଅଧିକାରୀ ଏବଂ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ମେଶିନ୍ ମାଡ଼ରେ ଅଳ୍ପ ସମୟ ମଧ୍ୟରେ ବର୍ଷ ବର୍ଷର ମନ୍ଦିର ଏବଂ କ୍ଲବଘର ମାଟିରେ ମିଶିଯାଇଥିଲା। ସ୍ଥାନୀୟ ଲୋକେ ବିରୋଧ କରି ନ ଥିଲେ ମଧ୍ୟ ମନ୍ଦିର ଭଙ୍ଗା ହେଉଥିବା ଦେଖି ଦୁଃଖରେ କାନ୍ଦି ପକାଇଥିଲେ। ଅନ୍ୟପଟେ ଏହି ଅଞ୍ଚଳରେ ଥିବା ଦର୍‌ଘାକୁ ଭଙ୍ଗାଯାଇ ନାହିଁ।

ସକାଳ ପ୍ରାୟ ୯ଟାରେ ଜେସିବି ମେଶିନ୍ ସହ ପ୍ରଶାସନିକ ଅଧିକାରୀମାନେ ଲଞ୍ଚଘାଟଠାରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଏବଂ ସିଏମ୍‌ସି ଡେପୁଟି କମିଶନର୍ ଅବିନାଶ ରାଉତ ଉଚ୍ଛେଦ ଅଭିଯାନର ନେତୃତ୍ୱ ନେଇଥିଲେ। ଗୋଟିଏ ପରେ ଗୋଟିଏ ମନ୍ଦିର ଉପରେ ଜେସିବି ମେଶିନ୍ ଚାଲିଥିଲା। ଉଚ୍ଛେଦ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଉକ୍ତ ଅଞ୍ଚଳରେ ଥିବା ତାରିଣୀ ଏବଂ ମଙ୍ଗଳା ମନ୍ଦିରକୁ ଅଞ୍ଚଳବାସୀ ଖାଲି କରିଦେଇଥିଲେ। ବୁଧବାର ଏହି ଦୁଇଟି ମନ୍ଦିର ସମେତ ଅନ୍ୟ ୮ଟି ମନ୍ଦିରକୁ ଭଙ୍ଗାଯାଇଥିଲା। ତେବେ ଯୋବ୍ରା କେନାଲ ପାର୍ଶ୍ୱସ୍ଥ ଏକ ମନ୍ଦିର ଭଙ୍ଗାଯିବାକୁ ବିରୋଧ କରି ସେଠାକାର ମହିଳାମାନେ ମନ୍ଦିର ବାରଣ୍ଡାରେ ବସିରହିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ହଟିଯାଇଥିଲେ। ମନ୍ଦିର ଭଙ୍ଗାଯିବାବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ ଅଞ୍ଚଳବାସୀ। ଦୀର୍ଘବର୍ଷ ହେଲା ସେମାନେ ଯେଉଁ ଦେବୀଦେବଙ୍କୁ ପୂଜା କରୁଥିଲେ, ଆଖି ଆଗରେ ବିଗ୍ରହଗୁଡ଼ିକୁ ଭଙ୍ଗାଯିବାର ଦୃଶ୍ୟ ସେମାନଙ୍କୁ ବ୍ୟଥିତ କରିଥିଲା। ସେମାନେ ଧୈର୍ଯ୍ୟ ଧରି ନ ପାରି ଭୋ ଭୋ କାନ୍ଦି ପକାଇଥିଲେ। ଭାବାବେଗ ସହ ଜଡ଼ିତ ମନ୍ଦିରଗୁଡ଼ିକୁ ଭଙ୍ଗାଯିବା ନେଇ ସେମାନଙ୍କ ମନରେ ଦୁଃଖ ଛାଇଯାଇଥିଲା। ସେହିଭଳି କ୍ଲବ ଘରଗୁଡ଼ିକ ଭଙ୍ଗାଯିବାବେଳେ ମଧ୍ୟ ସଦସ୍ୟମାନଙ୍କ ମୁହଁରେ ଦୁଃଖର ଛାପ ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷେ ସେହି ଅଞ୍ଚଳରେ ଥିବା ଦର୍‌ଘାକୁ ଭାଙ୍ଗିବାକୁ ଯିବାବେଳେ ପ୍ରଶାସନକୁ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। କିଛି ଘଣ୍ଟା ଧରି ଆଲୋଚନା ପରେ ପ୍ରଶାସନ ସମୟ ଦେଇ ସେଠାରୁ ଫେରିଥିଲା। ସିଏମ୍‌ସି ଡେପୁଟି କମିଶନର ରାଉତଙ୍କ କହିବାନୁଯାୟୀ, ୩ଦିନ ପୂର୍ବେ ଦର୍‌ଘା କର୍ତ୍ତୃପକ୍ଷ ୭ଦିନ ସମୟ ମାଗିଥିଲେ। ସେମାନଙ୍କୁ ସମୟ ଦିଆଯାଇଥିବାରୁ ବୁଧବାର ଭଙ୍ଗାଯାଇନାହିଁ। କେବେ ଭଙ୍ଗାଯିବ, ସେ ନିଷ୍ପତ୍ତି କେବଳ ଜିଲାପାଳ ହିଁ ନେଇପାରିବେ। ମନ୍ଦିର କିମ୍ବା କ୍ଲବ ଭଙ୍ଗାଯିବାବେଳେ କୌଣସି ପ୍ରକାର ବିରୋଧ ହୋଇନାହିଁ। ଶାନ୍ତିଶୃଙ୍ଖଳାରେ ଉଚ୍ଛେଦ କରାଯାଇଛି। ଶୁକ୍ରବାର ପରବର୍ତ୍ତୀ ପର୍ଯ୍ୟାୟ ଉଚ୍ଛେଦ ହେବ ବୋଲି ସେ କହିଛନ୍ତି।

କେବଳ ଉଚ୍ଛେଦ ନୁହେଁ, ଥଇଥାନ ଏବଂ ପୁନର୍ବାସକୁ ମଧ୍ୟ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ସିଏମ୍‌ସି ଆୟୁକ୍ତ ଅନନ୍ୟା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସମସ୍ତ ଉଚ୍ଛେଦ ସ୍ଥଳ ବୁଲି ଦେଖିଥିଲେ। ନିମପୁରରେ ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ହେଉଥିବା କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହ କାର୍ଯ୍ୟସ୍ଥଳ ବୁଲି ଦେଖିଥିଲେ। ଆଗାମୀ ଏକ ସପ୍ତାହ ପରେ ପ୍ରଥମ ଦଫା ବସ୍ତିବାସିନ୍ଦାଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ନକଲି ଆଇଟିଡିଏ ଅଫିସର ଗିରଫ, ୧.୨ ଲକ୍ଷ ଜବତ

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ନିଜକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ଅଫିସର ପରିଚୟ ଦେଇ ଠକେଇ କରୁଥିବା ଜଣେ ବ୍ୟକ୍ତିଙ୍କୁ କ୍ୟାପିଟାଲ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଗଞ୍ଜାମ ଧରାକୋଟ ଅଞ୍ଚଳର ଲକ୍ଷ୍ମଣ ପଣ୍ଡା। ବୁଧବାର ଅଭିଯୁକ୍ତ ଲକ୍ଷ୍ମଣ ଗଞ୍ଜାମରୁ ଫେରିବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ତାଙ୍କୁ ପୋଲିସ ଧରିଥିଲା। ତାଙ୍କ ନିକଟରୁ ୧ଲକ୍ଷ ୪୦ ହଜାର ଟଙ୍କା ଜବତ କରାଯାଇଛି। ଗଞ୍ଜାମର ବିଭିନ୍ନ ଥାନାରେ ମଧ୍ୟ ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ସୂଚନା ମୁତାବକ, ଅଭିଯୁକ୍ତ ଲକ୍ଷ୍ମଣ ଭୁବନେଶ୍ୱରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରନ୍ତି। ନିକଟରେ ଚାଲିଥିବା ଆଦିବାସୀ ମେଳାରେ କୋରାପୁଟର ଶଶି ପାଲିଗୁଡ଼ିଆ ଓ ଦମେଇ ନାୟକ ଷ୍ଟଲ୍ ଖୋଲି ବିଭିନ୍ନ ବନ୍ୟଜାତ ଦ୍ରବ୍ୟରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରୁଥିଲେ। ଗତ ୨ତାରିଖ ଦିନ ଲକ୍ଷ୍ମଣ ସେଠାରେ ପହଞ୍ଚି ନିଜକୁ ଆଇଟିଡିଏ ଅଫିସର ବୋଲି ପରିଚୟ ଦେବା ସହ ମେଳାରେ ଯାହାର ଉତ୍ପାଦ ଭଲ ସେମାନଙ୍କୁ କୋଟିଏ ଟଙ୍କାର ପୁରସ୍କାର ଦିଆଯିବ ବୋଲି କହିଥିଲେ। ଏହାପରେ ସେ ଶଶି ଓ ଦମେଇଙ୍କ ଷ୍ଟଲରେ ବେପାର ଟଙ୍କା ଗଣିଥିଲେ। ଏହାପରେ ହଠାତ୍ ଶଶିଙ୍କଠାରୁ ମୋବାଇଲ୍ ଫୋନ୍ ମାଗି କଥା ହେବା ବାହାନାରେ ହାତରେ ଧରିଥିବା ୧ଲକ୍ଷ ୪୦ହଜାର ଟଙ୍କା ସହ ଉଭାନ ହୋଇଯାଇଥିଲେ। ଏ ନେଇ ଶଶି ମେଳା ପରିଚାଳନା କରୁଥିବା ସଦସ୍ୟଙ୍କୁ ଅବଗତ କରାଇବା ପରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଠକାମୀର ଶିକାର ହୋଇଥିବା ଜାଣିଥିବା ପରେ ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୫/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଧଉଳି-କଳିଙ୍ଗ ମହୋତ୍ସବର ଅନ୍ତିମ ସନ୍ଧ୍ୟା**

# ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ମୁଖ୍ୟ ଆକର୍ଷଣ

**ପୁରୁଣା ଭୁବନେଶ୍ୱର, ୧୨।୨ (ଡି.ଏନ.ଏ.)**



୧୬ଶ ଧଉଳି କଳିଙ୍ଗ ମହୋତ୍ସବର ବୁଧବାର ଥିଲା ଅନ୍ତିମ ସନ୍ଧ୍ୟା। ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ପରିଚାଳିତ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଓ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ ପାଦଦେଶରେ ଆୟୋଜିତ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ମୁଖ୍ୟ ଆକର୍ଷଣ ସାଜିଥିଲା।

ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ଦ୍ୱାରା ମର୍ଦ୍ଦଳ ବାଦନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅର୍ଦ୍ଧତାଳରେ ଅତି ଚମତ୍କାର ଭାବେ ପରିବେଶିତ ଓଡ଼ିଶୀ ସଙ୍ଗୀତର ମୂର୍ଚ୍ଛନା ଶ୍ରୋତାଙ୍କୁ ବିମୋହିତ କରିଥିଲା। ଦ୍ୱିତୀୟ ପ୍ରସ୍ତୁତିରେ ରମା ବୈଦ୍ୟନାଥ ଓ ସାଥୀ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ। ପରେ ମଞ୍ଚସ୍ଥ ହୋଇଥିଲା ବିନ୍ଦୁ, ଯାହା ଶିବ ଓ ଶକ୍ତିଙ୍କ ମିଳନତ୍ୱକୁ ବୁଝାଇଥାଏ। ଶେଷ ପ୍ରସ୍ତୁତିରେ କୃଷ୍ଣ ଭକ୍ତି ଆଧାରିତ ଶୃଙ୍ଗାର ଓ ଭକ୍ତିକ ଆବେଦନର ମିଶ୍ର ଭାବକୁ ବ୍ୟକ୍ତ କରିଥିଲା ଭୈଲୀ ପ୍ରିୟା।

ବିଭୁଦ ଦାସ ଓ ସାଥୀଙ୍କ ଦ୍ୱାରା ମୟୂରଭଞ୍ଜ ଛଉ ନୃତ୍ୟ ଥିଲା ସାଂସ୍କୃତିକ ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତି। ସେମାନେ ପ୍ରଥମେ ଯୁଦ୍ଧ ନୃତ୍ୟ ପରିବେଷଣ କରିଥିଲେ। ପରେ ପରିବେଷିତ ହୋଇଥିଲା କ୍ଷେତ୍ରୀୟ ବନ୍ଧୁ। ଏଥିରେ କ୍ଷେତ୍ରୀୟ ସମ୍ପ୍ରଦାୟର ଯୁଦ୍ଧ କୌଶଳକୁ ଛଉ ନୃତ୍ୟ ମାଧ୍ୟମରେ କଳାକାରମାନେ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ବିଶିଷ୍ଟ ଓଡ଼ିଶୀ ଗୁରୁ ମାୟାଧର ରାଉତଙ୍କୁ 'ରୁଚି ବୁଦ୍ଧ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଖ୍ୟାତନାମା ଓଡ଼ିଶୀ ସଙ୍ଗୀତ ଗାୟକ ଗୁରୁ ଘନଶ୍ୟାମ ପଣ୍ଡା, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଅଳକା କାନୁନ୍‌ଗୋ, ଆମେରିକାର ଅନ୍ତର୍ଜାତୀୟ ଔଷଧ ଓ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦେବୀ ମିଶ୍ର, ଆମେରିକାରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଥିବା ନିରନ ତ୍ରିପାଠୀ ଓ ସ୍ୱାତୀ ତ୍ରିପାଠୀ ଏବଂ ସ୍ୱନାମଧନ୍ୟ ଲାଇଟ୍ ଡିଜାଇନର ଜୟଦେବ ଦାସଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅତିଥି ଭାବେ ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଆର୍ଟ ଭିଜନ ସଚିବ ଗୁରୁ ଇଲିଆନା ଚିତାରିଷ୍ଟ ଯୋଗ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ଇତିଶ୍ରୀ ଦେବୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତ ହେଲା ବନ୍ୟାପ୍ଲାବିତ କୋଣାର୍କ

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ**

- ରାମଚଣ୍ଡୀ ବେଳାଭୂମିରେ ଉଦ୍ଧାର କୌଶଳ ଶିଖିଲେ ୫ ଦେଶର ଟିମ୍





**କୋଣାର୍କ,୧୨।୨(ଡି.ଏନ୍.ଏ.)**

ବନ୍ୟାବାଢ଼ରୁ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇ ଧନଜୀବନକୁ ସୁରକ୍ଷିତ ରଖାଯାଇପାରିବ ସେନେଇ ପ୍ରଶିକ୍ଷଣ ନେଇଛନ୍ତି ବିମ୍‌ଷ୍ଟେକ(ବେ ଅଫ୍ ବେଙ୍ଗଲ ଇନିସିଏଟିଭ ଫର ମଲ୍‌ଟି ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋପରେଶନ) ସଦସ୍ୟ ଦେଶ ଭାରତ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ମ୍ୟାନ୍‌ମାରର ଉଦ୍ଧାରକାରୀ ଦଳ। ଏଥିପାଇଁ କୋଣାର୍କ ନିକଟ ରାମଚଣ୍ଡି ବେଳାଭୂମିରେ ବୁଧବାର ଅନୁଷ୍ଠିତ ହୋଇଯାଇଛି ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନ୍ତର୍ଗତ କ୍ଷେତ୍ରୀୟ ପ୍ରଶିକ୍ଷଣ ଶିବିର। ଏହାକୁ ଉଦ୍‌ଘାଟନ କରିଥିଲେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ। ବିମ୍‌ଷ୍ଟେକ ଅଞ୍ଚଳ ଅନ୍ତର୍ଗତ ଐତିହ୍ୟସ୍ଥଳଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ସୁରକ୍ଷିତ ରଖାଯାଇପାରିବ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ରାଏ କହିଥିଲେ ଯେ, ସଦସ୍ୟ ଦେଶଗୁଡ଼ିକର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବାରେ ଏହି ଅଭ୍ୟାସ ସହାୟକ ହେବ। ଏହାସହ ବିମ୍‌ଷ୍ଟେକ ଦେଶଗୁଡ଼ିକର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ମୂଲ୍ୟାୟନ କରିବା, ସର୍ବୋତ୍ତମ ଆପଦକାଳୀନ ମୁକାବିଲା ଶୈଳୀ ସମ୍ପର୍କରେ ଜାଣିବା, ଆପଦକାଳୀନ ପ୍ରସ୍ତୁତିରେ ଉନ୍ନତି ଆଣିବା ଏବଂ ଆଞ୍ଚଳିକସ୍ତରରେ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ଅଭ୍ୟାସ କାର୍ଯ୍ୟକ୍ରମ ଏକ ପ୍ରଶସ୍ତ ସୁଯୋଗ ଦେବ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିମ୍‌ଷ୍ଟେକ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ ଏବଂ ସହଯୋଗକୁ ମଜଭୁତ କରିବା ସାଙ୍ଗକୁ ଉତ୍ତମ ମୁକାବିଲା ଶୈଳୀ ଓ ଅଭିଜ୍ଞତା ଆଦାନପ୍ରଦାନରେ ଏହା ବେଶ୍ ଉପଯୋଗୀ ହୋଇପାରିବ ବୋଲି ରାଏ କହିଛନ୍ତି। ଏହି ଅଭ୍ୟାସ ବେଳେ ପ୍ରାକୃତିକ ବିପର୍ଯ୍ୟୟର ବାସ୍ତବ ଅନୁଭୂତି ଆଣିବା ପାଇଁ ଏକ ଦୃଶ୍ୟପଟ ପ୍ରସ୍ତୁତ କରଯାଇଥିଲା, ଯେଉଁଥିରେ ବନ୍ୟାପ୍ଲାବିତ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟମନ୍ଦିର ସାଙ୍ଗକୁ ଜନବସତି, ଦୋକାନ, ବଜାରର ପ୍ରତିକୃତି ରହିଥିଲା। ଲୋକମାନେ କିପରି ପ୍ଲାଷ୍ଟିକ ଡ୍ରମ୍, କଦଳୀ ଭାରା, ଟ୍ୟୁବ୍, ବାଉଁଶ ଭାରାରେ ପହଁରିବା ସମୟରେ ହେଲିକପ୍ଟର ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅଭ୍ୟାସ ପାଇଁ ଏନ୍‌ଡିଆରଏଫ୍ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରର ଯୋଗାଯୋଗ କେନ୍ଦ୍ର, ଏମର୍ଜେନ୍ସି ଅପରେଶନ ସେଣ୍ଟର, ଅପରେଶନ ବେସ୍, ମେଡିକାଲ କ୍ୟାମ୍ପ, ଫେସିଲେଶନ ସେଣ୍ଟର, ମିଡିଆ ଏନ୍‌କ୍ଲେଭ ଆଦି ସ୍ଥାପନ କରାଯାଇଥିଲା। ଏନ୍‌ଡିଆରଏଫ୍‌ର ଡାଇରେକ୍ଟର ଜେନେରାଲ ସତ୍ୟନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ ଆଇସିସିଆରଓଏମ୍, ଆଇଏନ୍‌ଏସ୍‌ଏଆର୍‌ଏଜି, ୟୁଏନ୍‌ଡିପିରୁ ପର୍ଯ୍ୟବେକ୍ଷକମାନେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ବହିର୍ବ୍ୟାପାର ମନ୍ତ୍ରଣାଳୟ, ଏନ୍‌ଡିଏମ୍‌ଏ, ଏନ୍‌ଡିଆରଏଫ୍ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରକୁ ଦେଖିବା ପାଇଁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।











“ଯେଉଁ ଲୋକ ଭୂଇଁ ତାଡ଼ି ଫସଲ କରୁଛି, ସିଏ ହିଁ ହେଉଛି ଭଗବାନଙ୍କର ଅତି ପ୍ରିୟ ସନ୍ତାନ।
- ଥୋମାସ ଜାଫର୍‌ସନ



ଟ୍ରାଫିକ୍ ଜାମ୍‌ରେ ଶିଶୁ ମୃତ୍ୟୁ ଘଟଣାକୁ ନେଇ ତନାଘନା

# ଟ୍ରାଫିକ ଡିସିପିଙ୍କୁ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଟ୍ରାଫିକ ଜାମ୍‌ରେ ଆମ୍ବୁଲାନ୍ସ ଫସିଯିବାରୁ ମେଡିକାଲ ଯାଉଥିବା ଜଣେ ୫ବର୍ଷର ଶିଶୁ ନୀଲ୍ ନୀତୀଶ ନାୟକଙ୍କ ଜୀବନ ଚାଲିଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ରାଜଧାନୀରେ ଘଟିଥିବା ଏହି ହୃଦୟବିଦାରକ ଘଟଣାକୁ ନେଇ ତନାଘନା ଆରମ୍ଭ ହୋଇଛି। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଟ୍ରାଫିକ ଡିସିପି ସାଗରିକା ନାଥଙ୍କୁ ରିପୋର୍ଟ ତଲବ କରିଛନ୍ତି। କେଉଁ ପରିସ୍ଥିତିରେ ଟ୍ରାଫିକ ସମସ୍ୟା ଉପୁଜିଲା, କାହିଁକି ଆମ୍ବୁଲାନ୍ସ ରାସ୍ତାରେ ଫସି ରହିଲା, ଆଗାମୀ ଦିନରେ ଆମ୍ବୁଲାନ୍ସ ଯେପରି ଠିକ୍ ଭାବେ ହସ୍ପିଟାଲରେ ପହଞ୍ଚିପାରିବ ତାହାର କ’ଣ ବ୍ୟବସ୍ଥା ରହିଛି ସେସସମ୍ପର୍କରେ ରିପୋର୍ଟ ମାଗିଛନ୍ତି ଆୟୋଗ।

ଅନ୍ୟପକ୍ଷରେ ଘଟଣାକୁ ନେଇ ମାନବ ଅଧିକାର କର୍ମୀ ପ୍ରଦୀପ ନାୟକ ବୁଧବାର ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ପ୍ରଦୀପ ଏହି ମାମଲାରେ ସ୍ୱାସ୍ଥ୍ୟ ସଚିବ, ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପିଙ୍କୁ ପକ୍ଷଭୁକ୍ତ କରିଥିବାବେଳେ ଶିଶୁର ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ପ୍ରଦୀପ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମୃତ ଶିଶୁ ନୀଲ୍ ନୀତିଶଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଦୋବଣ୍ଡା ଗ୍ରାମରେ ହୋଇଥିବା ବେଳେ ସେ ପରିବାର ସହ ପୁରୁଣା ଭୁବନେଶ୍ୱରରେ ରହୁଥିଲେ। ସାମାନ୍ୟ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇ ଯାଇଥିଲେ। ସେଠାରେ ୨୪ ଘଣ୍ଟା ଶିଶୁଟି ରହିଥିଲେ ମଧ୍ୟ ଚିକିତ୍ସା ଠିକ୍ ଭାବେ କରାଯାଇ ନ ଥିଲା। ଏପରି କି ମେଡିସିନ ପାଇଁ ଶିଶୁର ବାପା ମେଡିକାଲରେ ଅସୁବିଧାରେ ସମ୍ମୁଖୀନ ହୋଇଥିବାବେଳେ ରକ୍ତ ପରୀକ୍ଷା ପାଇଁ ବହୁ ସମୟ ଧରି ଧାଡ଼ିରେ ରହିଥିବା ବାପା ନିରୋଦ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲରୁ ନିକଟ ଘରୋଇ ହସ୍ପିଟାଲ ଯିବାବେଳେ ଟ୍ରାଫିକ ଜାମ୍ ଯୋଗୁ ଦେଢ଼ଘଣ୍ଟା ଲାଗିଥିଲା। ଆମ୍ବୁଲାନ୍ସକୁ ବାଟ କଢେଇ ନେବାରେ ଟ୍ରାଫିକ ପୋଲିସ ସହଯୋଗ ନ କରିବାରୁ ଏତେ ସମୟ ଲାଗିଥିଲା। ନିରୋଦ ମଧ୍ୟ ଚିକିତ୍ସା ଅବହେଳା ଓ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁ ପୁଅର ମୃତ୍ୟୁ ଘଟିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବହୁବାର କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରୁଥିଲେ ମଧ୍ୟ ଭିତ୍ତିଭୂମିରେ କୌଣସି ସୁଧାର ଆସିନାହିଁ। ଗୁରୁତର ରୋଗୀ ପାଇଁ ଆବଶ୍ୟକ ଆଇସିୟୁ ନ ଥିବା ପ୍ରଦୀପ ତାଙ୍କ ପିଟିଶନରେ ଉଲ୍ଲେଖ କରିବା ସହ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।



■ ଚିକିତ୍ସା ଅବହେଳା ନେଇ ଓଏଚ୍‌ଆର୍‌ସିରେ ଅଭିଯୋଗ

■ ମୃତ ଶିଶୁଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି

## ତଦନ୍ତ ରିପୋର୍ଟ ଦେଲେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ

ଶିଶୁମୃତ୍ୟୁ ଘଟଣାରେ ଚିକିତ୍ସା ଅବହେଳା ନେଇ ମଧ୍ୟ ଅଭିଯୋଗ ଉଠୁଛି। ମୃତ ଶିଶୁ ନୀଲ୍ ନୀତୀଶଙ୍କ ବାପା ନିରୋଦ ପୁଅକୁ ଚିକିତ୍ସା କରାଇବାକୁ ଯାଇ କ୍ୟାପିଟାଲ ହସ୍ପିଟାଲରେ କିଭଳି ହଟହଟାର ଶିକାର ହୋଇଥିଲେ ସେନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିଲେ। ଏପରି କି ରାତିରେ ଶିଶୁ ବିଭାଗରେ ଅନଭିଜ୍ଞ ଡାକ୍ତର ରହିବା, ଭୁଲ୍ ଓ ବିଳମ୍ବ ଚିକିତ୍ସାକୁ ନେଇ ସେ ଅଭିଯୋଗ କରିଥିଲେ। ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ସେବାକୁ ନେଇ ପ୍ରଶ୍ନ ଉଠିବା ପରେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି। ଘଟଣାର ପ୍ରାଥମିକ ତଦନ୍ତ କରି ବୁଧବାର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ କୁମାର ପଟ୍ଟନାୟକ କହିଛନ୍ତି।

## ଜୀବନ ଯିବା ପରେ ପୋଲିସର ନିଦ ଭାଙ୍ଗିଲା

### ଆମ୍ବୁଲାନ୍ସକୁ ରାସ୍ତା ନ ଛାଡ଼ିଲେ ୧୦ ହଜାର ଜରିମାନା, ୬ ମାସ ଜେଲ

ଚିକିତ୍ସା ହେଉ କି ଟ୍ରାଫିକ ଜାମ୍ ଯୋଗୁ ବହୁ ବିଳମ୍ବ ହେବାରୁ ନୀଲ୍ ନୀତୀଶ୍‌ଙ୍କ ମୃତ୍ୟୁ ଘଟିଲା। ଶୀଘ୍ର ପହଞ୍ଚିଥିଲେ ହୁଏତ ଶିଶୁଟିକୁ ବଞ୍ଚାଯାଇପାରି ଥାଆନ୍ତା ବୋଲି ମୃତ ଘୋଷଣା କରିଥିବା ଡାକ୍ତର କହିଥିଲେ। ବିଭିନ୍ନ ଆଡୁ ନିନ୍ଦା ପ୍ରକାଶ ପାଇବା ପରେ କମିଶନରେଟ ପୋଲିସର ନିଦ ଭାଙ୍ଗିଛି। ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ଆମକୁ ଜରୁରୀ ସମସ୍ୟା ସମ୍ପର୍କରେ ଅବଗତ କରାଗଲେ ଆମେ ସେବା ଯୋଗାଇବା ପାଇଁ ପ୍ରସ୍ତୁତ। ଏଣିକି ରାଜଧାନୀରେ କାର୍ଯ୍ୟରତ ଆମ୍ବୁଲାନ୍ସଗୁଡ଼ିକରେ ଜିପିଏସ୍ ସିଷ୍ଟମ ଲାଗିବ। ସ୍ମାର୍ଟସିଟି କଣ୍ଟ୍ରୋଲ ରୁମ୍ ସହ ଏହାର ସଂଯୋଗ ରଖାଯିବ।।ଫିକ ପୋଲିସ ସହ ସମ୍ପର୍କ ସ୍ଥାପନ କରି ଆମ୍ବୁଲାନ୍ସର ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦିଆଯିବ। ଆମ୍ବୁଲାନ୍ସ ଆସିବା ଆଗରୁ ଉକ୍ତ ରାସ୍ତାକୁ ପ୍ରସ୍ତୁତ ରଖାଯିବ। ଯେଉଁମାନେ ଆମ୍ବୁଲାନ୍ସକୁ ବାଟ ନ ଛାଡିବେ ସେମାନଙ୍କୁ ୧୦ ହଜାର ଟଙ୍କା ଜରିମାନା ସହ ୬ ମାସ ଜେଲ ଦଣ୍ଡାଦେଶକୁ ଅଧିକ କଡାକଡି ପାଳନ କରାଯିବ। ଏଥିସହ ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାକୁ ୬ ଲେନ୍ କରାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଥିବା ଡିସିପି ନାଥ କହିଛନ୍ତି।

## ‘ଜନସାଧାରଣ ସହଯୋଗ କରନ୍ତୁ’- କମିଶନର

ଆମ୍ବୁଲାନ୍ସ ଟ୍ରାଫିକ ଜାମ୍‌ରେ ଫସି ରହିଥିବାବେଳେ ଶିଶୁଟିର ବାପା ଓ ଦାଦା ରାସ୍ତା ଦେବାକୁ ବାଇକ୍ ଏବଂ କାର୍ ଚାଳକଙ୍କୁ ଗୋଡ଼ହାତ ଧରି ନେହୁରା ହୋଇଥିଲେ। ହେଲେ ଲୋକେ କିଛି ଶୁଣି ନ ଥିଲେ। ଭୁବନେଶ୍ୱରରେ ସବୁଠାରୁ ଅଧିକ ସଚେନତ ନାଗରିକ ରହୁଛନ୍ତି। ତେଣୁ ଆମ୍ବୁଲାନ୍ସ ଯିବାବେଳେ ଜନସାଧାରଣ ମାନବିକତା ଦେଖାଇବା ସହ ସହଯୋଗର ହାତ ବଢାଇବାକୁ କମିଶନର ସୁଧାଂଶୁ ଷଡଙ୍ଗୀ ଟୁଇଟରରେ ନିବେଦନ କରିଛନ୍ତି।



ଚାକିରି ଓ ଅନ୍ୟ କେତେକ ଦାବି ନେଇ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ସିଟି ଓ ବିଏଡ୍ ଡିଗ୍ରୀଧାରୀମାନେ।

# କାନ ଧରି ପ୍ରତିବାଦ କଲେ ସିଟି ଓ ବିଏଡ୍ ଡିଗ୍ରୀଧାରୀ

ଭୁବନେଶ୍ୱର, ୧୨।୨ (ବ୍ୟୁରୋ)

ପାଠ ପଢ଼ି ଭଲ ମାର୍କରେ ପାସ କରିବା ପରେ ବି ମିଳୁନି ଚାକିରି। ଓଡ଼ିଶାରେ ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଉଥିବାବେଳେ ବେକାର ସିଟି ଓ ବିଏଡ୍ ଡିଗ୍ରୀଧାରୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଛି। ବିନା ନିଯୁକ୍ତିରେ ହତାଶ ହୋଇ ଶେଷରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରାଜରାସ୍ତାରେ କାନ ଧରି ସରକାରଙ୍କ ଉଦାସୀନତାର ପ୍ରତିବାଦ କରିଛନ୍ତି ସେମାନେ। ରାଜ୍ୟ ସରକାର ଗତ ୪ ବର୍ଷ ହେଲା ଜଣେ ହେଲେ ବି ଶିକ୍ଷକଙ୍କୁ ନିଯୁକ୍ତି ଦେଇ ନ ଥିବାବେଳେ ଏନେଇ ସରକାରଙ୍କ ନିକଟରେ ୩ ଦଫା ଦାବି ରଖି ଧାରଣା ଦେଇଛି ସିଟି ଓ ବିଏଡ୍ ଡିଗ୍ରୀଧାରୀ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ। ଖୁବଶୀଘ୍ର ନିଯୁକ୍ତି ସହ ସର୍ବାଧିକ ବୟସ ସୀମା ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିବା ଓ ବିନା ଏନ୍‌ଓସିରେ ଚାଲୁଥିବା ଘରୋଇ ସ୍କୁଲଗୁଡ଼ିକୁ ବନ୍ଦ କରିବାକୁ ସଂଘ ଦାବି କରିଛି। ଆସନ୍ତା ବିଧାନସଭା ଅଧିବେଶନରେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ନେଇ ସରକାର ଘୋଷଣା ନ କଲେ ଆଗାମୀ ଦିନରେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ୨୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଜଟଣୀ, ୧୨।୨(ଡି.ଏନ.ଏ.)

ଜଟଣୀ ଥାନା ଅଞ୍ଚଳରୁ ୨୭ ଗ୍ରାମ ବ୍ରାଉନସୁଗାର ଜବତ ହେବା ସହ ଏହାକୁ ବିକ୍ରୟ ପାଇଁ ରଖିଥିବା ୩ଜଣଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ମାନେ ହେଲେ ସ୍ଥାନୀୟ ଖୁଦୁପୁର ଗ୍ରାମର ପ୍ରଦୀପ କୁମାର ପାଟ୍ଟସାହାଣୀ, ଲୋକନାଥ ପ୍ରଧାନ ଓ ଖୋର୍ଦ୍ଧା ଟାଉନ୍ ଥାନା ଗୁରୁଜଙ୍ଗ ଗ୍ରାମର କୃଷ୍ଣଚନ୍ଦ୍ର ସାମନ୍ତରାୟ। ବିଶେଷ ସୂତ୍ରରୁ ଖବର ପାଇ କମିଶନରେଟ୍ ପୋଲିସ୍ ଡ୍ରଗ୍ସ ଟାକ୍ସ ଫୋର୍ସ ପକ୍ଷରୁ ଚଢ଼ାଉ କରାଯାଇ ବ୍ରାଉନସୁଗାର ସହ ୧୩ଶହ ଟଙ୍କା, ଗୋଟିଏ ବାଇକ୍ ଓ ୩ଟି ମୋବାଇଲ୍ ଫୋନ୍ ଜବତ କରିଥିଲେ। ଏ ନେଇ ଜଟଣୀ ଥାନାରେ ନଂ. ୮୧/୨୦ରେ ମାମଲା ରୁଜୁ ହୋଇଛି।

# ଟାଟା ଷ୍ଟ୍ରାଇଡର ସାଇକେଲର ନୂତନ ରେଞ୍ଜ ଉନ୍ମୋଚିତ

ପୁରୀ ଅଫିସ,୧୨।୨





ଟାଟା ଷ୍ଟ୍ରାଇଡର ସାଇକେଲ ପ୍ରାଇଭେଟ ଲିମିଟେଡର ଲାଟେଷ୍ଟ ରେଞ୍ଜର ସାଇକେଲ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଏହାର ଅଥରାଇଜ୍‌ଡ ଡିଷ୍ଟ୍ରିବ୍ୟୁଟର ମେସର୍ସ ସ୍ୱସ୍ତିକ ସାଇକେଲ ଟ୍ରେଡିଂ କୋ ଦ୍ୱାରା ଆୟୋଜିତ ପାର୍ଟନର ମିଟ୍‌ରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଏଥିରେ ପ୍ରାୟ ୧୫୦ ପାର୍ଟନର ଯୋଗଦେଇ ଏହି ନୂତନ ରେଞ୍ଜ ସାଇକେଲ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଟାଟା ଷ୍ଟ୍ରାଇଡର ସାଇକେଲର ବିଜ୍‌ନେସ୍ ହେଡ୍ ରାହୁଲ ଗୁପ୍ତା କହିଥିଲେ, ସାଇକେଲ ଏବେ ଲାଇଫ୍ ଷ୍ଟାଇଲ ବ୍ରାଣ୍ଡ ହୋଇଯାଇଛି। ଲୋକେ ନୂଆ ନୂଆ ସାଇକେଲ ଚାହୁଁଛନ୍ତି। ତେଣୁ ଗ୍ରାହକଙ୍କ ରୁଚିକୁ ଦେଖି ଆମେ ନୂଆ ସାଇକେଲ ଏବେ ବଜାରକୁ ଆଣିଛୁ। ଓଡ଼ିଶାରେ ବିଜ୍‌ନେସ୍‌କୁ ଦୁଇଗୁଣା କରିବା ଆମର ଲକ୍ଷ୍ୟ ରହିଛି ବୋଲି ଗୁପ୍ତା କହିଥିଲେ। ସ୍ୱସ୍ତିକ ସାଇକେଲ ଟ୍ରେଡିଂ କୋ’ର ପରମେଶ୍ୱର କାୱାଟିଆ କ୍ୱାଲିଟି ଦୃଷ୍ଟିରୁ ଟାଟା ଉତ୍ପାଦ ଅନ୍ୟମାନଙ୍କଠାରୁ ନିଶ୍ଚିତ ଭିନ୍ନ। ନୂଆପିଢ଼ିଙ୍କୁ ଦେଖି କମ୍ପାନୀ ବିଭିନ୍ନ ରଙ୍ଗର, ଡିଜାଇନର ସାଇକେଲ ଆଣିଛି। ଲୋକେ ବି ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ ହେଲେଣି। ତେଣୁ ସାଇକେଲର ଚାହିଦା ବି ବଢୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟ୍ରାଇଡର ସାଇକେଲର ମାର୍କେଟିଂ ହେଡ୍ ଅଂଶୁଲ ଗର୍ଗ, କ୍ୱାଲିଟି ହେଡ୍ ରଜନୀଶ୍ କପିଲ, ସୁମନ୍ତ (ସେଲ୍‌ସ ଓଡ଼ିଶା), ସ୍ୱସ୍ତିକ ସାଇକେଲ ଟ୍ରେଡିଂ କୋ’ର ମୁଖ୍ୟ ମଦନଲାଲ କାୱାଟିଆ ଓ ଦିନେଶ କାୱାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ିଲା ବନ୍ଧୁକ ଚିନ୍ତା, ୨ ଦିନିଆ ରିମାଣ୍ଡରେ ଆଶିଷ

ଭୁବନେଶ୍ୱର,୧୨।୨(ବ୍ୟୁରୋ)



ରୋମାନ୍ସବେଳେ ଗୁଳି ଫୁଟିବା ଘଟଣା

■ ଆହତ ଯୁବତୀଙ୍କ ବୟାନ ରେକର୍ଡ ହୋଇପାରିଲାନି

■ ସତ ରହସ୍ୟର ପର୍ଦ୍ଦାଫାଶ କରିବ ପୋଲିସ

ବନ୍ଧୁକରେ ରୋମାନ୍ସବେଳେ ଗୁଳି ଫୁଟି ପ୍ରେମିକା ଆହତ ହେବା ଘଟଣାରେ ଗିରଫ ପ୍ରେମିକ ଆଶିଷ କୁମାର ନାୟକଙ୍କୁ ପୋଲିସ ୨ ଦିନିଆ ରିମାଣ୍ଡରେ ଆଣିଛି। ଏଯାଏ ବନ୍ଧୁକ ଜବତ କରିପାରିନି ପୋଲିସ। ମଙ୍ଗଳବାର ଆଶିଷ ଓ ସହଯୋଗୀ ରାଜେଶ ତରାଇଙ୍କୁ ପଚରାଉଚରାବେଳେ ପୋଲିସକୁ ସେମାନେ ଭୁଆଁ ବୁଲାଇଥିଲେ। ଏଠି ସେଠି ବନ୍ଧୁକ ଖୋଜିଖୋଜି ନୟାନ୍ତ ହୋଇଥିଲେ ମଧ୍ୟ ବନ୍ଧୁକ ମିଳି ନ ଥିଲା। ତେଣୁ ରିମାଣ୍ଡରେ ଆସିଥିବା ଆଶିଷଙ୍କଠାରୁ ବନ୍ଧୁକ ସଂକ୍ରାନ୍ତରେ ତଥ୍ୟ ହାସଲ କରିବା ପୋଲିସ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେବ। ସେହିଭଳି ଗୁଳିକାଣ୍ଡ ନେଇ ମଧ୍ୟ ଆରମ୍ଭରୁ କଥା ବଦଳାଉଥିବା ଆଶିଷଙ୍କଠାରୁ ସତ ଘଟଣା ଓଗାଳିବାକୁ ଚେଷ୍ଟା କରିପାରେ ଇନ୍‌ଫୋସିଟି ଥାନା ପୋଲିସ। ଅନ୍ୟପକ୍ଷରେ ଗୁଳିମାଡ଼ରେ ଆହତ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେପରି ଉନ୍ନତି ଆସି ନ ଥିବାରୁ ବୁଧବାର ତାଙ୍କ ବୟାନ ରେକର୍ଡ କରିବା ସମ୍ଭବ ହୋଇ ନ ଥିବା ଇନଫୋସିଟି ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାନନବିହାର ଅଧୀନ ବଜରଙ୍ଗବିହାରସ୍ଥିତ ଭଡ଼ାଘରେ ରୋମାନ୍ସ କରୁଥିବାବେଳେ ଆଶିଷ ପାଖରେ ରଖିଥିବା ବନ୍ଧୁକରୁ ଗୁଳି ଫୁଟି ପ୍ରେମିକାଙ୍କ ଜଙ୍ଘରେ ପଶିଯାଇଥିଲା। ପୋଲିସ ଏକ ମାମଲା (ନଂ-୨୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଆଶିଷଙ୍କୁ ଗିରଫ କରିଥିଲେ ମଧ୍ୟ ବନ୍ଧୁକ ଜବତ କରିପାରିନି। ବନ୍ଧୁକ ନ ମିଳିଲେ ଅଭିଯୁକ୍ତ ଆଶିଷ ଖସିଯିବାର ସମ୍ଭାବନା ଥିବାରୁ ପୋଲିସର ଚିନ୍ତା ବଢ଼ିଛି। ପୋଲିସ ଆଶିଷଙ୍କୁ ରିମାଣ୍ଡରେ ଆଣିବା ପରେ ବନ୍ଧୁକ ଓ ଘଟଣା ସମ୍ପର୍କରେ ମାରାଥନ ଜେରା ଆରମ୍ଭ କରିଛି। ପୂର୍ବରୁ ଆଶିଷ ପୋଲିସ ଆଗରେ ବୟାନ ଦେଇଥିଲେ ଯେ, ଗୁଳିଟି ଫୁଟିଯିବା ପରେ ସେ କ’ଣ କରିବେ ଜାଣିପାରିଲେନି। ତରବରିଆ ଭାବେ ସାଙ୍ଗ ରାଜେଶଙ୍କୁ ବନ୍ଧୁକ ଦେଇ ଆହତ ପ୍ରେମିକାଙ୍କୁ ହସ୍ପିଟାଲ ନେଇଯାଇଥିଲେ। ତେଣୁ ବନ୍ଧୁକ କ’ଣ ହେଲା ରାଜେଶ ଜାଣିଥିବେ ବୋଲି କହି ସେ ବାରମ୍ବାର କଥା ବଦଳାଇଥିଲେ। ସୋମବାର ରାତିରେ ନନ୍ଦନକାନନ ଥାନା ମାରୁତିଭିଲାରେ ରହୁଥିବା ରାଜେଶଙ୍କୁ କାବୁ କରି ତାଙ୍କ ଘର ଯାଞ୍ଚ କରିବା ପରେ ମଧ୍ୟ ସେଠାରୁ ବନ୍ଧୁକ ମିଳି ନ ଥିଲା। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ବାଇକରେ ମାରୁତିଭିଲା ଯିବାବେଳେ ରଘୁନାଥପୁର ନିକଟ ନାଳରେ ଫିଙ୍ଗି ଦେଇଥିବା କହିଥିଲେ। ପୋଲିସ ମଙ୍ଗଳବାର ସକାଳୁ ଆଶିଷ ଓ ରାଜେଶଙ୍କୁ ସେଠାକୁ ନେଇ ନାଳ ଭିତରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏହାସହ କେଉଁ ପରିସ୍ଥିତିରେ ପ୍ରେମିକାଙ୍କ ଜଙ୍ଘରେ ଗୁଳି ପଶିଲା ଓ କିଭଳି ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ତାହାର ଡେମୋ କରି ଦେଖାଇଥିଲେ ଆଶିଷ। ଏବେ ରିମାଣ୍ଡରେ ଆସିଥିବା ଆଶିଷଙ୍କଠାରୁ ସତ ଉଗାଳିବା ସହ ବନ୍ଧୁକ ମିଳିଗଲେ ପୋଲିସ ଆଶ୍ୱସ୍ତ ହେବ ବୋଲି କୁହାଯାଉଛି।






ବଲିଉଡ୍‌ର ନାଁ କରା ଗାୟକ ସୋନୁ ନିଗମ ନିକଟରେ ଏକ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ସେ ପିଲାମାନଙ୍କୁ ସଫଳତାର ସୂତ୍ର ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୫ଶହ ପିଲା ଯୋଗ ଦେଇଥିଲେ। ସେ କହିଥିଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଯାତ୍ରା ଅଲଗା ଅଲଗା ହୋଇଥାଏ। ହେଲେ ପିଲାମାନେ ସବୁବେଳେ ଶିଖିବାର ମନୋବୃତ୍ତି ରଖନ୍ତୁ। କାରଣ ଏହି ପ୍ରକ୍ରିୟା କେବେ ଶେଷ ହୋଇ ନ ଥାଏ। ଜ୍ଞାନ କେବେ ବେକାର ଯାଇ ନ ଥାଏ। ସବୁବେଳେ ସକାରାତ୍ମକ ଚିନ୍ତାଧାରାର ବ୍ୟକ୍ତିଙ୍କ ଗହଣରେ ରହିବା ଭଲ। କାରଣ ଏହା ସଫଳତା ଦେଇଥାଏ।



# ୩୨ଦିନ ମୃତ୍ୟୁ ସହ ଛକାପଞ୍ଝା

## ପ୍ରଶାନ୍ତ ମହାସାଗରରେ ବାଟ ହୁଡ଼ିଲେ

**ୱେଲିଂଟନ:** ସମୁଦ୍ରର ଅଥଳ ଜଳରାଶି। ଦୀର୍ଘ ୩୨ଦିନ ମୃତ୍ୟୁ ସହ ଛକାପଞ୍ଝା। ଶେଷରେ ବଞ୍ଚିବାର ଇଚ୍ଛା ଆଗରେ ହାରିଯାଇଛି ମୃତ୍ୟୁ। ହଲିଉଡ୍ ଚଳଚ୍ଚିତ୍ରର କାହାଣୀ ପରି ଲାଗୁଥିବା ଏଭଳି ଏକ ଘଟଣା ଘଟିଛି ପ୍ରଶାନ୍ତ ମହାସାଗରରେ। ମୃତ୍ୟୁପଞ୍ଝାରୁ ବଞ୍ଚିଯାଇଥିବା ପାପୁଆ ନ୍ୟୁଗିନିର ସମ୍ପୃକ୍ତ ୪ଜଣ ବ୍ୟକ୍ତି ବଖାଣିଛନ୍ତି ସେମାନଙ୍କ ସହ ଘଟିଥିବା ଅଜଣା କାହାଣୀ। ବର୍ଷା ପାଣି ଏବଂ ନଡ଼ିଆ ସେମାନଙ୍କୁ ଏତେ ଦିନ ଧରି ବଞ୍ଚାଇ ରଖିଥିବା ସେମାନେ କହିଛନ୍ତି।

ପାପୁଆ ନ୍ୟୁଗିନିର ବୋଗେନଭିଲ ପ୍ରାନ୍ତର ଏକ ଦଳ ଗତ ଡିସେମ୍ବର ୨୨ରେ ଖ୍ରୀଷ୍ଟମାସ୍ ପାଳନ କରିବାକୁ କାର୍ଟେଟ୍ ଦ୍ୱୀପ ଅଭିମୁଖେ ବାହାରିଥିଲେ। ଉକ୍ତ ସ୍ଥାନ ବୋଗେନଭିଲଠାରୁ ୧୦୦ କିମି ଦୂରରେ ଅବସ୍ଥିତ। ବଞ୍ଚିଯାଇଥିବା ବ୍ୟକ୍ତି ଡୋମିନିକ୍ ଷ୍ଟେଲି କୁହନ୍ତି, ଦ୍ୱୀପକୁ ଯିବା ସମୟରେ ଛୋଟ ନୌକାଟି ବୁଡ଼ିଯାଇଥିଲା। ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୪ଜଣ ବୁଡ଼ିଗଲେ। ଅନ୍ୟମାନେ ବହୁକଷ୍ଟରେ ନୌକାକୁ ସିଧା କରିବାରେ ସଫଳ ହେଲୁ। ହେଲେ କୂଳକୁ ଆସିବା ବଦଳରେ ଦିଗହରା ହୋଇ ଦୂରକୁ ଚାଲିଗଲୁ। ପରିସ୍ଥିତି ପ୍ରତିକୂଳ ଥିଲା। ଭୋକ, ଶୋଷରେ ଆଉଟୁପାଉଟୁ ହେବା ଛଡ଼ା ଅନ୍ୟ ପନ୍ଥା ନ ଥିଲା। ତା'ସାଙ୍ଗକୁ ଅଶାନ୍ତ ସମୁଦ୍ର ପ୍ରତି ମୁହୂର୍ତ୍ତରେ ପରୀକ୍ଷା ନେଉଥିଲା। ପ୍ରତିକୂଳ ପରିବେଶ ସତ୍ତ୍ୱେ ବହୁକଷ୍ଟରେ ୮ ଜଣ ହିଁ ଜୀବନ ବଞ୍ଚାଇ ପାରିଥିଲୁ। ସେମାନଙ୍କ ମଧ୍ୟରେ ଜଣେ ଦମ୍ପତି ଏବଂ ତାଙ୍କ ଛୁଆ ଥିଲେ। ମାତ୍ର କିଛି ଦିନ ମଧ୍ୟରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଛୁଆକୁ ସମ୍ଭାଳିବା ଦାୟିତ୍ୱ କାନ୍ଧରେ ପଡ଼ିଲା। ସବୁ ଚେଷ୍ଟା ସତ୍ତ୍ୱେ ଛୁଆକୁ ବି ବଞ୍ଚାଇ ହେଲାନି। ଏହିପରି ୮ଜଣଙ୍କ ମଧ୍ୟରୁ ୪ଜଣ ମୃତ୍ୟୁମୁଖରେ ପଡ଼ିଲେ। ମୃତଦେହକୁ ସମୁଦ୍ରରେ ଫିଙ୍ଗି ଦେବାକୁ ବାଧ୍ୟ ହେଲୁ। ସମୁଦ୍ର ମଧ୍ୟରେ ଥିବାବେଳେ ଅନେକ ମାଛମରା ବୋଟ ଡଙ୍ଗା ନିକଟରେ ଯାଇଥିଲା। ହେଲେ କାହାରି ନଜର ଆମ ଉପରେ ପଡ଼ି ନ ଥିଲା। ଶେଷରେ ଈଶ୍ୱର ଆମ ପ୍ରାର୍ଥନା ଶୁଣିଲେ। ଏକ ମାଛଧରା ଡଙ୍ଗା ଆମକୁ ଦେଖିଲା। ନ୍ୟୁ କଲେଡୋନିଆ ତଟରୁ ୨୦୦୦କିମି ଦୂର ସମୁଦ୍ର ଭିତରୁ ୨୩ ଜାନୁୟାରୀରେ ସମସ୍ତଙ୍କୁ ଉଦ୍ଧାର କରାଗଲା। ପାପୁଆ ନ୍ୟୁଗିନିରେ ଚିକିତ୍ସା ପରେ ସମସ୍ତଙ୍କୁ ମୁକ୍ତ କରି ଦିଆଯାଇଥିବା ଡୋମିନିକ୍ କହିଛନ୍ତି।



# ୧୨ କୋଟିର ଲଟେରି ଜିତିଲେ ଦିନ ମଜୁରିଆ

**କନ୍ନୁର:** କେରଳର ଜଣେ ଦିନ ମଜୁରିଆଙ୍କ ଭାଗ୍ୟ ରାତାରାତି ବଦଳିଯାଇଛି। ସେ ୧୨ କୋଟି ଟଙ୍କାର ଲଟେରି ଜିଣିଛନ୍ତି। ସ୍ଥାନୀୟ କନ୍ନୁରର ଥୋଲାମ୍ବ୍ରାସ୍ଥିତ ପୁରାଲିମାଲା କାଥାଚାଲ୍ କୁରିଚୟା କଲୋନୀରେ ବାସକରୁଥିବା ୫୮ ବର୍ଷ ବୟସ୍କ ପେରୁନ୍ନନ୍ ରାଜନ ଏହି ଲଟେରି ଜିଣିଛନ୍ତି। ଫେବୃୟାରୀ ୧୦ରେ ହୋଇଥିବା କେରଳ ନ୍ୟୁ ଇୟର ଖ୍ରୀଷ୍ଟମାସ ବମ୍ପର ଲଟେରି ଟିକଟ କିଣିଥିଲେ। ଏହାର ଫଳାଫଳ ଏବେ ଘୋଷଣା ହୋଇଛି। ଟିକସ କଟିବା ପରେ ତାଙ୍କ ପାଖରେ ପ୍ରାୟ ୭ କୋଟି ୨୦ଲକ୍ଷ ଟଙ୍କା ରହିବ। ଦିନ ମଜୁରିଆ ଭାବେ ଦିନ ବିତାଉଥିବା ପେରୁନ୍ନନ୍ ସବୁବେଳେ ଲଟେରି ଟିକଟ କିଣିଥାନ୍ତି। କାଳେ କେବେ ତାଙ୍କ ଭାଗ୍ୟ ଚମକିବ, ସେହି ଆଶାରେ ସେ ଏଭଳି କରୁଥିବା କହିଛନ୍ତି। ଏନେଇ ସେ କନ୍ନୁର ଜିଲା ବ୍ୟାଙ୍କ ସହିତ ଯୋଗାଯୋଗ କରିଛନ୍ତି। ପେରୁନ୍ନନ୍ ଲଟେରି ଜିଣିଥିବାରୁ ସ୍ତ୍ରୀ ରଜନୀ, ଦୁଇ ଝିଅ ଅକ୍ଷରା ଏବଂ ଆଥିରା ଓ ପୁଅ ରିଗିଲ୍ ବେଶ୍ ଖୁସି ଅଛନ୍ତି। ଏଣିକି ତାଙ୍କର ଖାଇବା ପିଇବାରେ ଆଉ ଅସୁବିଧା ହେବନି ବୋଲି ପେରୁନ୍ନନ୍ କହିଛନ୍ତି।



# ଇନ୍‌ଷ୍ଟାଗ୍ରାମରେ ରତନ ଟାଟାଙ୍କ ୧୦ ଲକ୍ଷ ଫଲୋଅର୍ସ



**ମୁମ୍ବାଇ:** ଟାଟା ଟ୍ରଷ୍ଟର ଚେୟାରମ୍ୟାନ୍ ରତନ ଟାଟାଙ୍କ ଇନ୍‌ଷ୍ଟାଗ୍ରାମରେ ୧୦ ଲକ୍ଷରୁ ଅଧିକ ଫଲୋଅର୍ସ ହେଲେଣି। ଏଥିପାଇଁ ରତନ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହା ଅଦ୍ଭୁତ ଅନ୍‌ଲାଇନ୍ ପରିବାର। ଯାହା ସହିତ ଜଡ଼ିତ ହୋଇ ମୁଁ ବହୁତ ଖୁସି। କେବେ ଭାବି ନ ଥିଲି ମୋତେ ଏତେ ସମ୍ମାନ ଆଉ ଭଲପାଇବା ଅନ୍‌ଲାଇନ୍‌ରୁ ମିଳିବ ବୋଲି। ଏଥିପାଇଁ ଆପଣ ସମସ୍ତଙ୍କୁ ଧନ୍ୟବାଦ। ଏହାପରେ ତାଙ୍କର ଏହି କମେଣ୍ଟକୁ ୪ ଲକ୍ଷରୁ ଅଧିକ ୟୁଜର ଲାଇକ୍ କରିସାରିଲେଣି। କିଛି ୟୁଜର ରୋଚକପୂର୍ଣ୍ଣ କମେଣ୍ଟ ମଧ୍ୟ ଦେଇଛନ୍ତି। ରେହା ଜୈନ ନାମକ ଜଣେ ଯୁବତୀ ରତନଙ୍କୁ ଛୋଟୁ ସମ୍ବୋଧନ କରି ଶୁଭେଚ୍ଛା ଜଣାଇଛନ୍ତି।

୮୨ ବର୍ଷୀୟ ରତନ ଅକ୍ଟୋବର ୨୦୧୯ରେ ଇନ୍‌ଷ୍ଟାଗ୍ରାମ ଖୋଲିଥିଲେ। ୨୦୧୨ ମସିହାରେ ସେ ଟାଟାଗ୍ରୁପ୍‌ରୁ ଅବସର ନେଇଥିଲେ। ରେହା ରତନଙ୍କୁ ଛୋଟୁ କହିଥିବାରୁ ସେ ବହୁତ ଖୁସି ହୋଇଯାଇଛନ୍ତି। ସେ କହିଛନ୍ତି, ମୁଁ ସବୁବେଳେ ଛୋଟ ହୋଇ ରହିବାକୁ ଚାହେଁ। ଆଉ କିଛି ୟୁଜର ରେହାଙ୍କ ଏପରି କମେଣ୍ଟରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଛି ୟୁଜର କହିଛନ୍ତି, ଏହା ଅପମାନଜନକ। ରତନ ଜୀ ଆମର ଆଦର୍ଶ। ତେଣୁ ତାଙ୍କୁ ଏମିତି କହିବା ଉଚିତ୍ ନୁହଁ। ରତନ ନିଜେ ଏହାର ଉତ୍ତର ରଖିଛନ୍ତି, ମୁଁ ସମସ୍ତଙ୍କ ଭିତରେ ଛୋଟ। ତେଣୁ ରେହାଙ୍କୁ ସମ୍ମାନ ଦେଉଛି। ଆପଣମାନେ ମଧ୍ୟ ତାଙ୍କୁ ସମ୍ମାନ ଦିଅନ୍ତୁ।

# ସମ୍ପର୍କକୁ ନିବିଡ଼ କରେ 'କିସ୍ ଡେ'

**ନୂଆଦିଲ୍ଲୀ:** ପ୍ରେମ ପାଇଁ ଯଦିଓ ନିର୍ଦ୍ଦିଷ୍ଟ ଦିନ, ବାର, ତିଥି ନାହିଁ ତଥାପି ପ୍ରେମୀଯୁଗଳଙ୍କ ପାଇଁ ବର୍ତ୍ତମାନ ଚାଲିଛି ପ୍ରେମ ଋତୁ। ଫେବୃୟାରୀ ୭ରୁ ଏହା ଆରମ୍ଭ ହୋଇଥିବା ବେଳେ ଭାଲେଣ୍ଟାଇନ୍ ଡେ' ଅର୍ଥାତ୍ ୧୪ରେ ଏହା ଶେଷ ହେବ। ଏହାର ଗୋଟିଏ ଦିନ ପୂର୍ବରୁ ପ୍ରେମୀଯୁଗଳ କିସ୍ ଡେ' ପାଳନ କରିଥାନ୍ତି। କିସ୍ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥାଏ। ସିମ୍ପଲ କିସ୍ ସାଧାରଣତଃ ହାତ ଏବଂ ଗାଲରେ ଦିଆଯାଇଥାଏ। ଏହି କିସ୍ ଆପଣ ମାଆ, ବାପା, ଭାଇ, ଭଉଣୀ, ସାଙ୍ଗସାଥୀ ଏପରିକି ଛୋଟ ପିଲାଙ୍କୁ ମଧ୍ୟ କରିପାରିବେ। ଫୋର୍‌ହେଡ୍ କିସ୍ ବା ମଥାରେ କିସ୍ କରିବାକୁ ବିଶେଷକରି ମହିଳାମାନେ ପସନ୍ଦ କରିଥାନ୍ତି। ଏହି କିସ୍ ସମ୍ପର୍କକୁ ଆହୁରି ନିବିଡ଼ ତଥା ଗଭୀର କରିଥାଏ। ଫୋର୍‌ହେଡ୍ କିସ୍ କପଲଙ୍କ ବ୍ୟତୀତ ଛୋଟ ପିଲାଙ୍କୁ ମଧ୍ୟ କରାଯାଇଥାଏ। ଲିପ୍ କିସ୍ ପାର୍ଟନରଙ୍କ ମଧ୍ୟରେ କମନ୍ କିସ୍ ହୋଇଥାଏ। ଲିପ୍ କିସ୍‌ରେ ପାର୍ଟନର ଅଧିକ ରୋମାଣ୍ଟିକ୍ ହୋଇଥାନ୍ତି। ପରସ୍ପର ମଧ୍ୟରେ ପ୍ରେମର ରଜ୍ଜୁ ଆହୁରି ମଜଭୁତ ହୋଇଥାଏ।



## ଚାଇନାରେ 'ନୋ କିସିଂ' କଟକଣା



**ବେଜିଂ:** ଭାଲେଣ୍ଟାଇନ୍ ୱିକ୍‌ର ଷଷ୍ଠ ଦିନକୁ କିସ୍ ଡେ' ବା ଚୁମ୍ବନ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରେମୀଯୁଗଳ ପରସ୍ପରକୁ ଚୁମ୍ବନ ଦେବାଦ୍ୱାରା ବହୁ ଶାରୀରିକ ସମସ୍ୟା ଦୂର ହୋଇଥାଏ ବୋଲି ଚିକିତ୍ସା ବୈଜ୍ଞାନୀ ମତ ଦେଇଥାନ୍ତି। ଏହା ଅବସାଦ ଦୂର କରିବା ସହିତ ଫୂର୍ତ୍ତି ଆଣିଥାଏ। ତେବେ ଚଳିତବର୍ଷ କରୋନା ଭୁତାଣୁ ସଂକ୍ରମଣ ଯୋଗୁ ହଜାରେରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଚାଇନା ସରକାର ନୋ କିସିଂ କଟକଣା ଜାରି କରିଛନ୍ତି। ପାଟିର ଲାଳ ଦ୍ୱାରା ଏହି ଭୁତାଣୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ସୁସ୍ଥ ଲୋକଙ୍କୁ ବ୍ୟାପିବାର ଆଶଙ୍କା ଥିବାରୁ ଚାଇନା ସରକାର ଏଭଳି କଟକଣା ଜାରି କରିଛନ୍ତି। ଟେଲିଭିଜନରେ ପ୍ରସାରିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ କିସିଂ ଦୃଶ୍ୟକୁ ହଟାଇବା ଲାଗି ଚାଇନା ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଚାଇନାରେ ଭାଲେଣ୍ଟାଇନ୍ ୱିକ୍‌ର କିସ୍ ଡେ' ପାଳନ କରାଯିବ ନାହିଁ ବୋଲି ଜଣାପଡ଼ିଛି।




# ଇର୍‌ଫାନ୍‌ଙ୍କ ଇମୋଶନାଲ୍ ପୋଷ୍ଟ

**ମୁମ୍ବାଇ:** ଅନେକ ଦିନ ହେଲାଣି ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ଇର୍‌ଫାନ ଖାନ୍‌ଙ୍କ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'କୁ ନେଇ ଚର୍ଚ୍ଚା ଚାଲିଛି। ଫିଲ୍ମର ପ୍ରଥମ ଲୁକ୍ ରିଲିଜ୍ ହୋଇସାରିଥିବା ବେଳେ ଗୁରୁବାର ଟ୍ରେଲର୍ ରିଲିଜ୍ ହେବ। ତେବେ ଏହା ପୂର୍ବରୁ ଇର୍‌ଫାନ୍‌ଙ୍କ ଏକ ଇମୋଶନାଲ ପୋଷ୍ଟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଇର୍‌ଫାନ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଏକ ଇମୋଶନାଲ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ତାଙ୍କ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଫଟୋଗୁଡ଼ିକୁ ଦୃଶ୍ୟଭାବେ ବ୍ୟବହାର କରାଯାଇଥିବା ବେଳେ ଖୋଦ୍ ଇର୍‌ଫାନ୍‌ଙ୍କ ଭଏସ୍‌ଓଭର ଶୁଣିବାକୁ ମିଳିଛି। ଏହି ଭିଡିଓ ମାଧ୍ୟମରେ ସେ ନିଜ ଭାବନାକୁ ପରିପ୍ରକାଶ କରିଛନ୍ତି, ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି। ତେବେ ଏନେଇ ଫ୍ୟାନ୍‌ମାନେ ଇର୍‌ଫାନ୍‌ଙ୍କୁ ନିଜ ଭଲପାଇବା ଜଣାଉଥିବା ବେଳେ ବି-ଟାଉନ୍‌ର ଅନେକ ବଡ଼ ବଡ଼ କଳାକାର ମଧ୍ୟ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଭିଡିଓଟିରେ ଇର୍‌ଫାନ କହିଛନ୍ତି, "ହେଲୋ ଭାଇ ଭଉଣୀମାନେ, ନମସ୍କାର। ଆଜି ମୁଁ ଆପଣଙ୍କ ସହ ଅଛି ଆଉ ନାହିଁ ମଧ୍ୟ। ଏହି ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍' ମୋ ପାଇଁ ବହୁତ ସ୍ୱତନ୍ତ୍ର। ବିଶ୍ୱାସ କରନ୍ତୁ, ମୋର ହୃଦୟରୁ ଇଚ୍ଛା ଥିଲା ଫିଲ୍ମଟିକୁ ଯେତିକି ଶ୍ରଦ୍ଧାରେ ବନେଇଥିଲି, ସେତିକି ହିଁ ଭଲପାଇବା ସହ ଏହାର ପ୍ରମୋଶନ ମଧ୍ୟ କରିଥାନ୍ତି। କିନ୍ତୁ ମୋ ଶରୀର ଭିତରେ କିଛି ଅନାବଶ୍ୟକ ଅତିଥି ବସି ରହିଛନ୍ତି। ସେମାନଙ୍କ ସହ ଆଲୋଚନା ଚାଲିଛି। ଦେଖିବା ଏହି ଆଲୋଚନା କେଉଁ ଦିଗକୁ ଯାଉଛି। ସେ ଯାହା ବି ହେବ, ମୁଁ ଆପଣଙ୍କୁ ଜଣାଇଦେବି।" ଇର୍‌ଫାନ୍ ଏଭଳି ଅନେକ ଇମୋଶନାଲ୍ ଶବ୍ଦ କହି ନିଜ ଭାବନା ବ୍ୟକ୍ତ କରିଛନ୍ତି। ଏହାସହ ଗୁରୁବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହେବ ବୋଲି ଜଣାଇବା ସହ ତାଙ୍କୁ ଅପେକ୍ଷା କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଏନେଇ ଅଭିନେତା ହ୍ରିତିକ୍ ରୋଶନ ଏକ ଟୁଇଟ୍ କରି ଇର୍‌ଫାନଙ୍କ ପ୍ରତି ନିଜ ଭଲପାଇବା ଜଣାଇଛନ୍ତି। ସେ ଲେଖିଛନ୍ତି, "ଇର୍‌ଫାନ, ଆପଣଙ୍କ ପାଇଁ ମୋର ଭଲପାଇବା ଏବଂ ପ୍ରାର୍ଥନା ସବୁବେଳେ ରହିଛି। ଫିଲ୍ମଟି ବହୁତ ଖାସ୍ ଲାଗୁଛି । ମୁଁ ଏହାକୁ ଅପେକ୍ଷା କରିଛି। ଆଉ ଯେପରି ଆପଣ କହିଲେ, ଆପଣଙ୍କୁ ମଧ୍ୟ ଅପେକ୍ଷା କରିଛି।" ସେହିଭଳି ବଲିଉଡ୍ ହିରୋ ବରୁଣ ଧାୱନ ମଧ୍ୟ ଟୁଇଟ୍ କରି ଲେଖିଛନ୍ତି, "ପରିଶ୍ରମ ଓ ସାହସର ସହ ଫିଲ୍ମ ନିର୍ମାଣ କରାଯାଇଛି। ଇର୍‌ଫାନ୍ ସାର୍, ଆପଣଙ୍କୁ ଅପେକ୍ଷା କରିଛୁ।" ଅନ୍ୟପକ୍ଷରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ରେ ଇର୍‌ଫାନଙ୍କ ବ୍ୟତୀତ କରୀନା କପୁର ଖାନ୍ ଓ ରାଧିକା ମଦାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସେହିଭଳି ଡିମ୍ପଲ୍ କପାଡିଆ ଏବଂ ଦୀପକ ଡୋବରିୟାଲ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସୂଚନା ଯେ, ଇର୍‌ଫାନ ଏକ ବିରଳ କ୍ୟାନ୍‌ସରରେ ପୀଡ଼ିତ, ଯାହା ନ୍ୟୁରୋଏଣ୍ଡୋକ୍ରାଇନ୍ ଟ୍ୟୁମର ବୋଲି ଚିହ୍ନଟ ହୋଇଛି। ସେ ଲଣ୍ଡନରେ କ୍ୟାନ୍‌ସର ଚିକିତ୍ସା ସାରି୨୦୧୯ଫେବୃୟାରୀରେଭାରତଫେରିଛନ୍ତି।



❝ ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



# ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**



ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଉଛି।

- ବରମୁଣ୍ଡାରେ ଜବରଦଖଲ ଉଚ୍ଛେଦ
- ପ୍ରବଳ ବିରୋଧ ସତ୍ତ୍ୱେ ହଟିଲା ୫ ଦୋକାନ
- ଜବରଦଖଲକାରୀଙ୍କୁ ୭ ଦିନ ମହଲତ

ଖୁବ୍‌ଶୀଘ୍ର ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନବକଳେବର ହେବ। ବରମୁଣ୍ଡାକୁ ଇଣ୍ଟରଷ୍ଟେଟ୍ ବସ୍ ଟର୍ମିନାଲ କରିବାକୁ ସରକାର ଯେଉଁ ଘୋଷଣା କରିଥିଲେ, ତାକୁ ନେଇ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ବରମୁଣ୍ଡା ବସଷ୍ଟାଣ୍ଡ ପରିସରରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ୫ ଦୋକାନକୁ ଉଚ୍ଛେଦ ଟିମ୍ ଭାଙ୍ଗି ଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସର ମିଳିତ ଟିମ୍ ପକ୍ଷରୁ ଏହି ଉଚ୍ଛେଦ କରାଯାଉଥିବା ବେଳେ ସେମାନଙ୍କୁ ପ୍ରବଳ ବିରୋଧର ସାମ୍ନା କରିବାକୁ ପଡ଼ିଛି।

ଉଚ୍ଛେଦକୁ ନେଇ ବସଷ୍ଟାଣ୍ଡ ପରିସରରେ ବ୍ୟବସାୟୀମାନେ ଉତ୍ତେଜନା ପ୍ରକାଶ କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ପରିସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ୫ ଦୋକାନ ଉଚ୍ଛେଦ ପରେ ଏହି ପ୍ରକ୍ରିୟାକୁ ୭ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବ୍ୟବସାୟୀମାନଙ୍କୁ ସେଠାରୁ ହଟିବାକୁ ୭ ଦିନର ମହଲତ ଦିଆଯାଇଛି ବୋଲି ମିଳିତ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଇଣ୍ଟରଷ୍ଟେଟ୍ ବସ୍ ଟର୍ମିନାଲ୍ କରିବାକୁ ପ୍ରାଥମିକ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ବ୍ୟବସାୟୀମାନେ ଦାବି କରିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖା ଦେଇଥିବାବେଳେ ପରେ ପୋଲିସ ଓ ମିଳିତ ଟିମ୍ ସଦସ୍ୟ ବ୍ୟବସାୟୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା କଡରେ ଥିବା ୫ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ଅନ୍ୟପକ୍ଷରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନବୀକରଣକୁ ଦୃଷ୍ଟିରେ ରଖି ସାମୟିକ ଭାବେ ଖଣ୍ଡଗିରି ପାହାଡ଼ ତଳକୁ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରକାଶ ପାଇଛି। ଖଣ୍ଡଗିରିରେ ବିଡିଏ ଚିହ୍ନଟ କରିଥିବା ଦୁଇ ଏକର ଜାଗାରେ ବସ ପାର୍କିଂ ହେବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି।

ତେବେ ବରମୁଣ୍ଡାକୁ ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ଭାବେ ଗଢ଼ି ତୋଳିବାକୁ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଥିଲେ ତାହା ଅନୁସାରେ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ୧୫ ଏକର ଜମିରେ ପାଖାପାଖି ୧୮୦ କୋଟି ଟଙ୍କା ବ୍ୟୟରେ ଏହି ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ନିର୍ମାଣ ହେବ। ୧୦୦୦ରୁ ଅଧିକ ବସର ରହଣି ପାଇଁ ଏଠାରେ ବ୍ୟବସ୍ଥା କରାଯିବ। ନୂତନ ବସ୍ ଟର୍ମିନାଲରେ ୱାଇଫାଇ ବ୍ୟବସ୍ଥା, ଅଗ୍ନିନିର୍ବାପକ ବ୍ୟବସ୍ଥା, ଅତ୍ୟାଧୁନିକ ପାର୍କିଂ ବ୍ୟବସ୍ଥା, ଯାତ୍ରୀଙ୍କ ଲାଗି ଇନଫରମେଶନ୍ ଡିସପ୍ଲେ ବୋର୍ଡ଼, ସିସିଟିଭି ସର୍ଭେଲାନ୍ସ, ସୋଲାର ଲାଇଟ୍, ଏଲିଭେଟର ଏବଂ ଏସ୍କାଲେଟର ବ୍ୟବସ୍ଥା ଭଳି ଆଧୁନିକୀକରଣ କରାଯିବ। ରାଜଧାନୀର ବରମୁଣ୍ଡାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ ଚଳାଚଳ କରୁଥିବାରୁ ଏହାର ଉନ୍ନତୀକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବାରୁ ରାଜ୍ୟ ସରକାର ବରମୁଣ୍ଡା ବସ୍ ଟର୍ମିନାଲ ପାଇଁ ବଡ ଘୋଷଣା କରିଥିଲେ।

## ସଂକ୍ଷେପରେ

### ୨୦ ଲକ୍ଷର ବକେୟା ହୋଲ୍ଡିଂ ଟିକସ ଆଦାୟ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଚଳିତ ବର୍ଷ ୧୫୦ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିବାବେଳେ ଖିଲାପକାରୀଙ୍କଠାରୁ ହୋଲ୍ଡିଂ ଟିକସ, ଟ୍ରେଡ୍ ଲାଇସେନ୍ସ, ମାର୍କେଟ ରେଣ୍ଟ, ଗ୍ରାଉଣ୍ଡ୍ ରେଣ୍ଟ ଆଦି ବିଭିନ୍ନ ଦେୟ ଆଦାୟ କରିବାରେ କର୍ତ୍ତୃପକ୍ଷ ଲାଗିପଡ଼ିଛନ୍ତି। ବୁଧବାର ୩ ଜୋନ୍‌ର ଜୋନାଲ ସ୍କ୍ୱାଡ୍, ୱାର୍ଡ ଅଫିସର, ସୁପରଭାଇଜର ଓ ଟିଜି ସ୍ୱୀକୃତ ଏସ୍‌ଏଚ୍‌ଜି ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଲ୍ଡିଂ ଟିକସ ଆଦାୟ କରିଛନ୍ତି। ତିନିଟି ଜୋନ୍‌ରୁ ପାଖାପାଖି ୧୪ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ୱାର୍ଡ ଅଫିସର ଓ ସୁପରଭାଇଜର ୨ ଲକ୍ଷ ଏବଂ ଏସ୍‌ଏଚ୍‌ଜି ମହିଳାମାନେ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟିକସ ସଂଗ୍ରହ କରିଛନ୍ତି। ବିଏମ୍‌ସିର ବକେୟା ହୋଲ୍ଡିଂ ଟିକସ ଆଦାୟ ପାଇଁ ନୂଆ ପଦକ୍ଷେପ ସ୍ୱରୂପ ସ୍ୱତନ୍ତ୍ର କିନ୍ନର ଏସ୍‌ଏଚ୍‌ଜି ଟିଜି ସ୍ୱୀକୃତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗତ ୭ ତାରିଖରୁ ସେମାନେ ଖିଲାପକାରୀଙ୍କଠାରୁ ଟିକସ ଆଦାୟ କରୁଛନ୍ତି। ଏହି ଗ୍ରୁପ୍ ବୁଧବାର ବିଏମ୍‌ସିର ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୩୭ ନଂ. ୱାର୍ଡ଼ର ନୟାପଲ୍ଲୀ ଅଞ୍ଚଳକୁ ଯାଇ ବାକି ରଖିଥିବା ୩ ଜଣମାଲିକଙ୍କଠାରୁ ଟିକସ ଆଦାୟ କରିଥିଲେ। ୭୩୦ ନଂ. ପ୍ଲଟ୍ ଘର ମାଲିକଙ୍କ ଉପରେ ୨୦୧୨-୧୩ ଠାରୁ ୨୦୧୮-୧୯ ପର୍ଯ୍ୟନ୍ତ ଟିକସ ବକେୟା ରହିଥିବାବେଳେ ତାଙ୍କ ଅନୁପସ୍ଥିତିରେ ସେଠାରେ ଦୋକାନ କରିଥିବା ବ୍ୟବସାୟୀମାନେ ବକେୟା ଟିକସ ପୈଠ କରିଛନ୍ତି। ବାକି ୩୦ % ଟିକସ ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ପୈଠ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଥିବା ଡେ଼ପୁଟି କମିଶନର ରାଜସ୍ୱ ଶ୍ରୀମନ୍ତ ମିଶ୍ର କହିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ୧୧କେଭି ତାର

**ବାଲିଅନ୍ତା, ୧୨।୨ (ଡି.ଏନ୍.ଏ.):** ହଂସପାଳ-ବନମାଳୀପୁର ରାସ୍ତାର ବାଲିଅନ୍ତା ସାଇଫନ ଛକ ରାସ୍ତା ଉପରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜନଗହଳିପୂର୍ଣ୍ଣ ଏହି ରାସ୍ତାରେ ଦୈନନ୍ଦିନ ଶତାଧିକ ଯାନବାହନ ଓ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ରାସ୍ତା ଉପର ଦେଇ ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟଣାଯାଇଥିବା ଏହି ୧୧କେଭି ତାର କମ୍ ଉଚ୍ଚତାରେ ଝୁଲି ରହିଛି। ସେହିପରି ସାଇଫନ ନଦୀ ବନ୍ଧ ପଟୁ କେନାଲ ବନ୍ଧକୁ ଟଣାଯାଇଥିବା ୧୧କେଭି ତାର ମଧ୍ୟ ଝୁଲି ରହିଛି। ଏହି ତାର କମ୍ ଉଚ୍ଚତା ବିଶିଷ୍ଟ ସିମେଣ୍ଟ ଖୁଣ୍ଟରେ ଟଣା ହୋଇଛି। ତାର ସହିତ ଘରୋଇ କେବୁଲ ମଧ୍ୟ ଖୁଣ୍ଟରେ ଝୁଲିକି ରହିଛି। ଏହି ରାସ୍ତାରେ ଧାନବସ୍ତା ବୋଝେଇ ଟ୍ରକ, ଧାନ ମେଶିନ ଓ କଂକ୍ରିଟ ବୋଝେଇ ଡମ୍ପର ଯାତାୟାତ କରୁଥିବା ବେଳେ ତାର ବାଜିବା ସହ ଲାଗି ରହୁଥିବା ସ୍ଥାନୀୟ ଗ୍ରାମର ସଞ୍ଜୟ ଦାସ କହିଛନ୍ତି। ଫୁଲନଖରା ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ବି.କେ ବେହେରା କୁହନ୍ତି, ଉକ୍ତ ସ୍ଥାନଗୁଡ଼ିକ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ।

## ହାଇଟେକ ପ୍ଲାଜାରୁ ହାଇଟେକ୍ ଚୋର ଗିରଫ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ):** ସୁନ୍ଦରପଦାସ୍ଥିତ ହାଇଟେକ ପ୍ଲାଜା ଆପାର୍ଟମେଣ୍ଟରେ ରହୁଥିବା ଜଣେ ହାଇଟେକ ଚୋରି ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଜଣକ ଚୋରି ଟଙ୍କାରେ ଦାମୀ ଗାଡ଼ି ଚଢ଼ିବା ସହ ଦାମୀ ବ୍ରାଣ୍ଡର ପୋଷାକ ପିନ୍ଧୁଥିଲେ। ଚଳଣି ମଧ୍ୟ ଥିଲା ଆଭିଜାତ୍ୟ ସମ୍ପନ୍ନ। ପ୍ରଥମେ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ତାଙ୍କ ସମ୍ପର୍କରେ କିଛି ଜାଣି ପାରି ନ ଥିଲେ। ଆପାର୍ଟମେଣ୍ଟ ପରିସର ସୁରକ୍ଷିତ ଥିବାରୁ ଚୋରି ବାଇକ ଆଣି ସେଠାରେ ରଖି ବିକ୍ରି କରିଥିଲେ। ସେ ଏକାଧିକ ଗାଡି ବ୍ୟବହାର କରୁଥିବା ଓ ତାହାକୁ ବିକ୍ରି କରୁଥିବା ଦେଖି ଲୋକଙ୍କର ସନ୍ଦେହ ହୋଇଥିଲା। ଆପାର୍ଟମେଣ୍ଟରେ ରହୁଥିବା ଲୋକେ କିଛିଦିନ ପର୍ଯ୍ୟନ୍ତ ତାଙ୍କ ଉପରେ ନଜର ରଖିବା ପରେ ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ତାଙ୍କ ସମ୍ପର୍କରେ ଅଧିକ ସୂଚନା ଦେଉନାହିଁ।

## ପୋଲିସ ବିରୋଧରେ ଅସଦାଚରଣ ଅଭିଯୋଗ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**

ବଡ଼ଗଡ଼ ଥାନାରେ କାର୍ଯ୍ୟରତ ଏସଆଇ ଏବଂ ଅନ୍ୟ କର୍ମଚାରୀଙ୍କ ନାମରେ ଅସଦାଚରଣ ଏବଂ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ସେ ଶହୀଦନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପୋଲିସ ଅଧିକାରୀ ଏବଂ ତାଙ୍କ ଟିମ୍ ସୋମବାର ରାତି ୮ଟାରେ ଜୋତା ପିନ୍ଧି ଜବରଦସ୍ତ ତାଙ୍କ ଘରେ ପଶି ଯାଉଥିଲେ। ମହିଳା ଜଣକ ବାରଣ କରିବାରୁ ଅଧିକାରୀମାନେ ତାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ତାଙ୍କ ସ୍ୱାମୀଙ୍କୁ ଖୋଜି ନ ପାଇବାରୁ ନାବାଳକ ସାନପୁଅକୁ ଥାନାକୁ ଉଠାଇ ନେଇଥିଲେ। ସକାଳେ ଥାନାକୁ ଯିବାରୁ ଦେଖା କରିବାକୁ ଦେଲେ ନାହିଁ। ଏ ନେଇ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଏବଂ ସିଡବ୍ଲ୍ୟୁସି ଚେୟାରମ୍ୟାନଙ୍କୁ ଦେଖା କରିବା ପରେ ମଙ୍ଗଳବାର ରାତି ସାଢେ ୧୧ଟା ବେଳକୁ ପୁଅକୁ ଛାଡ଼ିଥିଲେ। ପୁଅକୁ ଥାନାରେ ଖରାପ ଭାଷାରେ ଗାଳିଗୁଲଜ କରାଯିବା ସହ ପ୍ଲାଷ୍ଟିକ ପାଇପ୍‌ରେ ପିଟାଯାଇଥିଲା। ତେଣୁ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା ଜଣକ ଥାନାରେ ଅଭିଯୋଗ କରିବା ସହ ଗଣମାଧ୍ୟମକୁ ଜଣାଇଛନ୍ତି।

ଏ ନେଇ ଜଣେ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ, ଅଭିଯୋଗକାରିଣୀଙ୍କ ବଡ଼ପୁଅ ଜଣେ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଛନ୍ତି। ଏ ନେଇ ବଡ଼ଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ଏକ ମାସ ହେବ ନାବାଳିକାଙ୍କୁ ଠାବ କରିବା ପାଇଁ ପୋଲିସ ପୁରୀ, କଟକ ଓ ନୟାଗଡର ବିଭିନ୍ନ ଅଞ୍ଚଳରେ ଚଢାଉ କରି ନିରାଶରେ ଫେରିଛି। ମଙ୍ଗଳବାର ରାତିରେ ଅଭିଯୁକ୍ତ ଘରେ ଥିବା ଖବର ପାଇ ବଡ଼ଗଡ଼ ଥାନାର ପୋଲିସ ଅଧିକାରୀମାନେ ସେଠାରେ ପହଞ୍ଚି ପୁଣି ନିରାଶ ହୋଇଥଲେ। ବୁଧବାର ଶହୀଦନଗର ଥାନାରେ ମହିଳା ଜଣକ ଅସଦାଚରଣ ଅଭିଯୋଗ କରିଥିବା ଅଧିକାରୀ ଜଣକ କହିଛନ୍ତି।

## ସହରାଞ୍ଚଳରେ ବଢ଼ିଚାଲିଛି ସ୍ତନକର୍କଟ

**ଭୁବନେଶ୍ୱର, ୧୧।୨ (ବ୍ୟୁରୋ):** ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ପକ୍ଷରୁ ସ୍ତନକର୍କଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସିଆରପି ଛକସ୍ଥିତ ବଣିକ୍ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ କର୍କଟ ରୋଗ ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି। ବିଶେଷକରି ସ୍ତନକର୍କଟ ସହରାଞ୍ଚଳରେ ବଢ଼ିଚାଲିଛି। ତେଣୁ ଏହି ରୋଗକୁ ଆରମ୍ଭରୁ କିପରି ଚିହ୍ନଟ କରାଯାଇ ତା'ର ଚିକିତ୍ସା କରାଯିବ, ସେ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉଚିତ ବୋଲି ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରୋଟାରି କ୍ଲବ୍ ଜିଲା ଗଭର୍ନର ଦେବାଶିଷ, 'ମୋ କଲେଜ୍' ଅଧ୍ୟକ୍ଷ ଆକାଶ ଦାସନାୟକ, ଟିମ୍ ଆଡ୍‌ମାର୍କ ମୁଖ୍ୟ ନିଶିକାନ୍ତ ମିଶ୍ର ଓ ବଣିକ୍ ଇନ୍‌ଷ୍ଟିଚ୍ୟୁଟ ସିଏମ୍‌ଡି ସୁବ୍ରତ କୁମାର ଛାଟୋଇ ଅତିଥିଭାବେ ଯୋଗଦେଇଥିଲେ। କ୍ଲବ୍‌ର ସଭାନେତ୍ରୀ ରେଖା ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ମତ ବିନିମୟ କାର୍ଯ୍ୟକ୍ରମରେ ଏମ୍‌ସର ଡା. ମାଧବାନନ୍ଦ କର, ସୌରଭ ମିଶ୍ର, ସୁନିଲ ଜୟସ୍ୱାଲ, ସ୍ମିତି ଦାସ ଓ ଅଞ୍ଜନ ତ୍ରିପାଠୀ ଭାଗ ନେଇଥିଲେ। କର୍କଟ ରୋଗରୁ ଆରୋଗ୍ୟ ଲାଭ କରିଥିବା ସ୍ୱାଗତିକା ଆଚାର୍ଯ୍ୟ, ନିବେଦିତା ବସୁ ଓ ପ୍ରେମଲତା ସାହୁ ନିଜ ଜୀବନ ସଂଘର୍ଷ କାହାଣୀ ବର୍ଣ୍ଣନା କରିଥିଲେ। ଜେ. ଶାହ ଓ ଇମ୍ରାନ ଅଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଲିଲି ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡଗିରି ମେଳାରେ ଖାଦ୍ୟ ନିରୀକ୍ଷଣ ବିଭାଗର ଚଢ଼ାଉ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**



ଅଧିକାରୀମାନେ ଖାଦ୍ୟ ମାନ ଯାଞ୍ଚ ସହ ବ୍ୟବସାୟୀଙ୍କୁ ତାଗିଦ୍ କରୁଛନ୍ତି।

**ଦୁଇ ବ୍ୟବସାୟୀଙ୍କଠୁ ୨ ହଜାର ଜରିମାନା, ୫୦ କିଗ୍ରା ଖାଦ୍ୟ ନଷ୍ଟ**

ଖଣ୍ଡଗିରି ଐତିହ୍ୟ ମାଘମେଳାରେ ଲୋକଙ୍କ ଉପସ୍ଥିତି ଓ ମେଳା ପ୍ରତି ଲୋକଙ୍କ ମନରେ ଥିବା ଆତ୍ମୀୟତା ସ୍ପଷ୍ଟ ବାରି ହୋଇପଡୁଥିଲା ବେଳେ ମେଳା ପରିସରରେ ଖୋଲିଥିବା ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ ଜମୁଛି। ବିଶେଷକରି ଚାଟ୍, ଗୁପ୍‌ଚୁପ୍ ଓ ଫାଷ୍ଟଫୁଡ ଦୋକାନରେ ଲୋକଙ୍କ ଗହଳି ବାରି ହୋଇପଡୁଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବିଏମ୍‌ସି ଦ୍ୱାରା ପ୍ରତ୍ୟେକ ଦିନ ବିକ୍ରି ହେଉଥିବା ଖାଦ୍ୟର ଯାଞ୍ଚ ହେଉଥିବା ବେଳେ ବୁଧବାର ୫୦ କିଗ୍ରା ବାସିଖାଦ୍ୟକୁ ଫିଙ୍ଗା ଯାଇଛି। ୨ ବ୍ୟବସାୟୀଙ୍କୁ ୨ ହଜାର ଟଙ୍କା ଜରିମାନା ହୋଇଥିବା ନଗର ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର କହିଛନ୍ତି।

ବିଏମ୍‌ସି ଓ ଖାଦ୍ୟ ନିରୀକ୍ଷଣ ବିଭାଗ ଦଳ ଖଣ୍ଡଗିରି ମେଳାର ଖାଦ୍ୟ ଷ୍ଟଲଗୁଡ଼ିକ ଯାଞ୍ଚ କରିଛି। ଷ୍ଟଲରେ ଅପରିଷ୍କାର ପରିବେଶ ସହ ବାସିଖାଦ୍ୟ ବିକ୍ରି ହେଉଥିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରି ବିଭିନ୍ନ ଷ୍ଟଲରୁ ୫୦ କିଗ୍ରା ଖାଦ୍ୟ ନଷ୍ଟ କରିଛନ୍ତି। ଅଧିକାରୀମାନେ ମେଳାର ସମସ୍ତ ଖାଦ୍ୟ ଷ୍ଟଲ ବୁଲି ଖାଦ୍ୟର ପ୍ରସ୍ତୁତି ଏବଂ ଅନ୍ୟ ଦିଗ ଯାଞ୍ଚ କରିବା ପରେ ନଷ୍ଟ କରିଥିବା ସୂଚନା ମିଳିଛି। କେତେକ ଷ୍ଟଲରେ ବାସିଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ପରେ ବୁଧବାର ପୁଣିଥରେ ସ୍କ୍ୱାଡ୍ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଏମ୍‌ସି ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଖାଦ୍ୟକୁ ଆଖିଦୃଶିଆ କରିବା ପାଇଁ ବ୍ୟବସାୟୀମାନେ ସେଥିରେ ରଙ୍ଗ ମିଶାଉଥିବା ଅଭିଯୋଗ ଆସିଥିଲା। ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏଭଳି ତ୍ରୁଟିକୁ ଯାଞ୍ଚ କରାଯାଉଛି। ବୁଧବାର ପ୍ରଥମକରି ହୋଇଥିବା ଚଢାଉରେ ବିଶେଷ କରି ନିମ୍ନମାନର, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଖାଦ୍ୟ ବିକ୍ରି ପାଇଁ ପ୍ରଶାସନର ଅନୁମତି ଦିଗରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ଖାଦ୍ୟ ପ୍ରସ୍ତୁତିରେ ଏତେଟା ତ୍ରୁଟି ପରିଲକ୍ଷିତ ହୋଇ ନ ଥିଲା। ଖାଲି ଖଣ୍ଡଗିରି ମେଳା ନୁହେଁ, ବୁଧବାର ସମ୍ ହସ୍ପିଟାଲ ପାଖରେ ଥିବା ବିଭିନ୍ନ ଫାଷ୍ଟଫୁଡ ଷ୍ଟଲ ଓ ଅନେକ ହୋଟେଲରେ ମଧ୍ୟ ଟିମ୍ ଚଢାଉ କରିଛି। ଖାଦ୍ୟର ମାନ ସହ ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରାଯାଇଥିବା ନଗର ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

## ମହାଶିବରାତ୍ରିରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଦାବି

**ପୁରୁଣା ଭୁବନେଶ୍ୱର, ୧୨।୨ (ଡି.ଏନ.ଏ.):** ମହାଶିବରାତ୍ରି ଆସନ୍ତା ୨୧ ତାରିଖରେ ପଡୁଛି। ଏଥିପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ ଚାଲିଛି। ହେଲେ ନ୍ୟୁ ମାର୍କେଟ କମ୍ପ୍ଲେକ୍ସ ସହ ମନ୍ଦିରର ଅନ୍ୟପାର୍ଶ୍ୱରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି। ନଚେତ ହଜାର ହଜାର ଶ୍ରଦ୍ଧାଳୁ ଏକାମ୍ର କ୍ଷେତ୍ର ପ୍ରତି ନାକ ଟେକିବେ। ଏହିକ୍ରମରେ ମାର୍କେଟ କମ୍ପ୍ଲେକ୍ସରେ ଅଧିକ ଶୌଚାଳୟ ସହ ଶିବରାତ୍ରି ପୂର୍ବରୁ ଅଧିକ ଭ୍ରାମ୍ୟମାଣ ଶୌଚାଳୟ ଅବସ୍ଥାପିତ କରିବାକୁ ନାରୀ ନେତ୍ରୀ ରଶ୍ମି ମହାପାତ୍ର ବୁଧବାର ଅପରାହ୍ନରେ ଏକ ଖବରଦତା ସମ୍ମିଳନୀରେ ଦାବି କରିଛନ୍ତି।



ବୁଧବାର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ 'ଷ୍ଟାର୍ ଫିଲ୍ମ ଆୱାର୍ଡ' କାର୍ଯ୍ୟକ୍ରମରେ ଅତିଥିମାନେ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ 'ଜୀବନବ୍ୟାପୀ ସାଧନା' ସମ୍ମାନ ପ୍ରଦାନ କରୁଛନ୍ତି।

## ଷ୍ଟାର୍ ଫିଲ୍ମ ଆୱାର୍ଡ

- ଅଚ୍ୟୁତ ସାମନ୍ତଙ୍କୁ 'ଷ୍ଟାର୍ ଅଫ୍ ଦି ଇୟର' ସମ୍ମାନ
- ବିଭିନ୍ନ ବିଭାଗରେ ପୁରସ୍କୃତ ହେଲେ ୫୦ ଫିଲ୍ମ କଳାକାର, ଉଦ୍ୟୋଗୀ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ):** ଷ୍ଟାର୍ ପରିବାର ପକ୍ଷରୁ 'ଷ୍ଟାର୍ ଫିଲ୍ମ ଆୱାର୍ଡ' ପ୍ରଦାନ ଉତ୍ସବ ବୁଧବାର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମଥର ପାଇଁ ରାଜ୍ୟର ସଂସ୍କୃତି, ସାହିତ୍ୟ, ଚଳଚ୍ଚିତ୍ର ଓ ସମାଜସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ନିମନ୍ତେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ 'ଷ୍ଟାର୍ ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଥିଲା। ଏହାସହ ଚଳଚ୍ଚିତ୍ରର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ପ୍ରତିଭାଙ୍କୁ 'ଜୀବନବ୍ୟାପୀ ସାଧନା' ସମ୍ମାନ ପ୍ରଦାନ କରାଯାଇଥିଲା। ହାସ୍ୟ ଅଭିନେତା ଜୟୀରାମ ସାମଲ, ନିର୍ଦ୍ଦେଶକ ରମେଶ ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର ଏବଂ ଚଳଚ୍ଚିତ୍ର ସମୀକ୍ଷକ ଦିଲ୍ଲୀପ ହାଲି ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ। ଉତ୍ସବରେ ଅତିଥିଭାବେ 'ମୋ କଲେଜ' ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସ୍ୱସ୍ତି ଗ୍ରୁପ୍ ସିଏମ୍‌ଡି ଜେକେ ମହାନ୍ତି, ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ, ଆଇଏଏସ୍ ପାର୍ଥସାରଥି ମିଶ୍ର, ଗୁପ୍ତା ପାୱାର ଏମ୍‌ଡି ମହେନ୍ଦ୍ର ଗୁପ୍ତା, ଓପିଏସ୍‌ସି ଚେୟାରମ୍ୟାନ୍ ଏଲ୍.ସି. ପଟ୍ଟନାୟକ, ଇଣ୍ଡିଆନ୍ ଅଏଲର ପି.ସି. ଚୌବେ ଏବଂ ମହିଳା ଉଦ୍ୟୋଗୀ ସୁକୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ମାନ ପ୍ରଦାନ କରିଥିଲେ। ୧୮ କଳାକାର ଏବଂ ଟେକ୍ନିସିଆନ୍‌ଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିବା ବେଳେ ଭୋଟିଂ ମାଧ୍ୟମରେ ମନୋନୀତ ହୋଇଥିବା ଅନ୍ୟାନ୍ୟ ୫୦ ବିଭାଗରେ କଳାକାର ଏବଂ ଉଦ୍ୟୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୁରି ମଣ୍ଡଳୀର ସଦସ୍ୟମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଲୁବନ୍ ଟୁବୁନ୍ ଗ୍ରୁପର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଯୋଜକ ରମେଶ ବାରିକ୍, ଲୁଟୁ ମହାନ୍ତି, ଅତୀଶ କୁମାର ରାଉତ, ରବୀନ୍ଦ୍ର ପଣ୍ଡା, ଲୋକନାଥ ଦାଶ, ଶ୍ରୀଧର ମାର୍ଥା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଞ୍ଜିତ୍ ଏବଂ ଶୋଭନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୟାଗଡ଼ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବି

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

**ରାଜ୍ୟପାଳଙ୍କୁ ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟିର ସ୍ମାରକପତ୍ର**

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ନୟାଗଡ଼ ଜିଲାରେ ଥିବା ଏକମାତ୍ର ଶିଳ୍ପ ଚିନିକଳକୁ ବନ୍ଦ କରି ଦିଆଯାଇଛି। ଆଖୁଚାଷ ହିଁ ଜିଲାର ହଜାର ହଜାର ଚାଷୀଙ୍କ ପାଇଁ ଆର୍ଥିକ ମେରୁଦଣ୍ଡ। ଆଖୁଚାଷକୁ ଦୃଷ୍ଟିରେ ରଖି ୧୯୮୮ ରେ ନୟାଗଡ଼ ପାଣିପୋଇଲାଠାରେ ଏକ ଚିନିକଳ ପ୍ରତିଷ୍ଠା ହୋଇଥିଲା। ରାଜ୍ୟର ତୃତୀୟ ଚିନିକଳ ଭାବେ ଏହାକୁ ଆରମ୍ଭ କରାଯାଇଥିବା ବେଳେ ଆଖୁଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଏହା ମୁଖ୍ୟ ମାଧ୍ୟମ ଥିଲା। ମାତ୍ର ସମୟାନୁକ୍ରମେ ସରକାର ନୟାଗଡ଼ ସୁଗାର କମ୍ପ୍ଲେକ୍ସ ହାତରେ ଏହାର ଦାୟିତ୍ୱ ହସ୍ତାନ୍ତର କରି ଦେଲେ। ଏହାର ପରିଚାଳନା କରିବାରେ ସୁଗାର କମ୍ପ୍ଲେକ୍ସ କର୍ତ୍ତୃପକ୍ଷ ବିଫଳ ହେବା ସହ ହଜାର ହଜାର ଆଖୁଚାଷୀଙ୍କ ୭ କୋଟି ଟଙ୍କା ବକେୟା ନ ଦେଇ ପାରି ଚିନିକଳ ବନ୍ଦ କରିଦେଇଛନ୍ତି। ଫଳରେ ନୟାଗଡ଼ ଜିଲାରେ ଏବେ ଆଖୁଚାଷ ଓ ଚାଷୀ ଅଣ୍ଟା ସଳଖି ପାରୁନାହାନ୍ତି। ଏପରିକି ଉକ୍ତ ଚିନିକଳ ଏବେ ବ୍ୟାଙ୍କ ଋଣରେ ଫସି ରହିଛି। ଋଣ ପୈଠ ନ ହେବା କାରଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ କଳକୁ ନିଲାମ କରିବାକୁ ମଧ୍ୟ ପ୍ରୟାସ କଲେଣି। ତେଣୁ ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ବୁଧବାର ସାକ୍ଷାତ କରିବା ସହ ଚିନିକଳ ପୁନଃ ଖୋଲିବା ଏବଂ ଚାଷୀଙ୍କ ବକେୟା ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟିଥିଲେ। ୨୦୧୫ରୁ ତ୍ରୈଲୋକ୍ୟ ମିଶ୍ର ନୟାଗଡ଼ ଚିନିକଳରେ ତାଲା ପକାଇ ଦେଇଥିଲେ। ଏଯାବତ୍ ସମ୍ପୃକ୍ତ କମ୍ପାନୀ ଜିଲାର ଚାଷୀମାନଙ୍କୁ ତାଙ୍କ ବକେୟା ପ୍ରଦାନ କରୁନାହିଁ। ଏ ନେଇ ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ କରାଯିବା ସହ ଗତ ୩ ତାରିଖରେ କମିଟି ସଦସ୍ୟ ୧୦୦ କିମି ପଦଯାତ୍ରା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ଭେଟି ସେମାନଙ୍କ ଦାବି ଜଣାଇବେ ବୋଲି ଆସିଥିଲେ। ହେଲେ ପୋଲିସ ସେମାନଙ୍କୁ ବିଚ୍ ରାସ୍ତାରୁ ଉଠାଇ ନେଇଥିଲା। ତେଣୁ ରାଜ୍ୟପାଳ ଏ ଦିଗରେ ବିଚାର କରିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ, କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ବିଶ୍ୱନାଥ ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ସାହୁ, ଶିବରାମ ମହାପାତ୍ର, ଯୋଗେନ୍ଦ୍ର କୁମାର ଖୁଣ୍ଟିଆ, ସଞ୍ଜୟ ନାୟକ, କାଳୁ ଦଳବେହେରା ପ୍ରମୁଖ ରାଜ୍ୟପାଳ ଲାଲଙ୍କୁ ଭେଟିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାର ଚିନିକଳକ ଶୀଘ୍ର ପୁନଃ କାର୍ଯ୍ୟକ୍ଷମ ନ କଲେ ଆସନ୍ତା ମାର୍ଚ୍ଚ ୬ରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୟାଗଡ଼ ଜିଲା ବନ୍ଦ ଡ଼ାକରା ଦିଆଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ୟୁଟ୍ୟୁବ୍ ମ୍ୟୁଜିକ୍‌କୁ ଖୋଲା କାନ୍‌ଭାସ୍ ଦେଇଛି



ସ୍ମିତା ରାଓ ବେଲୁର। ଜଣେ ହିନ୍ଦୁସ୍ଥାନୀ କ୍ଲାସିକାଲ ତଥା ସୁଫି ଗାୟିକା ଭାବେ ସେ ଦେଶ ବିଦେଶରେ ପରିଚିତା। ତାଙ୍କ ସୁମଧୁର କଣ୍ଠ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଜୟପୁର କିରନ ଘରାନାରୁ ଆସିଥିବା ସ୍ମିତା ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ନିୟମିତ ଗାୟିକା। ଇଞ୍ଜିନିୟର ସ୍ମିତାଙ୍କ ନିଶା ଥିଲା ସଙ୍ଗୀତ। ପରେ ସେ ଚାକିରି ଛାଡ଼ି ନିଶାକୁ ପେସା କରିନେଇଛନ୍ତି। ଭୁବନେଶ୍ୱରକୁ ଏକ କନସର୍ଟରେ ସଙ୍ଗୀତ ପରିବେଷଣ କରିବାକୁ ଆସିଥିବା ବେଳେ ସ୍ମିତାଙ୍କ ସହିତ ଆଳାପର କିୟଦଂଶ।

**ହିନ୍ଦୁସ୍ତାନୀ କ୍ଲାସିକାଲ ମ୍ୟୁଜିକ୍‌କୁ କିପରି ଆସିଥିଲେ?**

● ଛୋଟ ବେଳେ ରେଡିଓ ସଙ୍ଗୀତ ଅନୁକରଣ କରିବାର ଦକ୍ଷତା ମୋ ପାଖରେ ରହିଛି ବୋଲି ବାପା ଜାଣିଯାଇଥିଲେ। ପରେ ସେ ମୋତେ ଗୀତ ଶିଖିବାକୁ ଛାଡ଼ିଥିଲେ। ପ୍ରଥମ ଶ୍ରେଣୀରେ ପଢ଼ିବା ସମୟରେ ମୁଁ ବହୁ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲି। ୯ବର୍ଷ ବୟସରେ ମୁଁ କର୍ନାଟକୀ ମ୍ୟୁଜିକ୍ ଶିଖିଲି। ଏହାପରେ ୧୨ବର୍ଷ ବୟସରେ ଗୁରୁ ସ୍ୱର୍ଗତ ପି. ଆର୍ ଭଗଓ୍ୱତଙ୍କଠାରୁ ହିନ୍ଦୁସ୍ଥାନୀ କ୍ଲାସିକାଲ ଭୋକାଲ ଖୟାଲ ମ୍ୟୁଜିକ୍ ଶିକ୍ଷା ଗ୍ରହଣ କରିଥିଲି।

**'ସୁଫି' କାହିଁକି ବାଛିଲେ?**

● ମୁଁ କ୍ଲାସିକାଲ ମ୍ୟୁଜିକ୍ ଶିଖୁଥିଲି। ଗୀତ ଶୁଣିବା ମୋର ହବି ଥିଲା। ସେହି ସମୟରେ ଅଜିଜ୍ ଅହମ୍ମଦ ଓ୍ୱାର୍ସିଙ୍କ ଏକ ସୁନ୍ଦର କବାଲି ଗୀତ ପ୍ରାୟ ୨୦ମିନିଟ୍ ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ଏହାପରେ 'ସୁଫି' ପ୍ରତି ମୋର ଦୁର୍ବଳତା ବଢ଼ିଗଲା। ଏହାଛଡ଼ା ମୁଁ ଭାବେ 'ସୁଫି'ର ସମାଜରୁ ଧାର୍ମିକ ବିଭାଜନ ଦୂର କରି ଏକତା ଆଣିବା ଓ ଆରୋଗ୍ୟଲାଭ କରିବାର କ୍ଷମତା ରହିଛି।



ସ୍ମିତା ରାଓ ବେଲୁର

**ଆପଣଙ୍କ ରୋଲ୍ ମଡେଲ କିଏ?**

● କିଶୋରୀ ଆମୋନ୍‌କରଙ୍କ ରାଗ ଭୂପାଲି ମୋର ଅତି ପ୍ରିୟ। ଦୀର୍ଘ ବର୍ଷ ଧରି ମୁଁ ମେହଦୀ ହାସନ, ଗୁଲାମ ଅଲ୍ଲୀ, ହରିହରନଙ୍କର କ୍ଲାସିକାଲ ଓ ସେମିକ୍ଲାସିକାଲ ଗଜଲ ଶୁଣିଛି। ବର୍ତ୍ତମାନର ଗୁରୁ ଡ. ଅଲ୍‌କା ଦେଓଙ୍କଠାରୁ ମୁଁ ପ୍ରେରଣା ପାଇଛି। ଏହାବ୍ୟତୀତ ଅଜିଜ୍ ଅହମ୍ମଦ ଓ୍ୱାର୍ସି, ଅବିଦା ପର୍‌ଓ୍ୱିନ, ବେଗମ ଅଖତାର, ନୁସ୍ରତ ଫତେହ ଅଲି, ଭୀମସେନ ଯୋଶୀ, ମଲ୍ଲିକାର୍ଜୁନ୍ ମାନ୍‌ସୁର୍ ମୋର ଅନୁପ୍ରେରକ।

**ଆଇଟି ଜବ୍ ଛାଡ଼ି ସଙ୍ଗୀତକୁ କିପରି ପେସା କରିଥିଲେ?**

● ଯଦିଓ ମୁଁ ମେଡିକାଲ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିଷ୍ଟିଙ୍କଶନ୍ ସହ ଡିଗ୍ରୀ ହାସଲ କରିଥିଲି ଓ ଗୋଟେ ଭଲ ଆଇଟି ସେକ୍ଟରରେ କାମ କରୁଥିଲି। କିନ୍ତୁ ଗୀତ ପ୍ରତି ମୋର ଦୁର୍ବଳତା ଥିଲା। ଚାକିରିକୁ କେବଳ ରୋଜଗାର କରିବାର ଏକ ବାଟ ବୋଲି ଭାବୁଥିଲି। ଏହି ସମୟରେ ମୋର ପ୍ରଥମ ଗୁରୁ ମୋତେ କହିଥିଲେ, 'ପ୍ରତିବର୍ଷ ହଜାର ହଜାର ଇଞ୍ଜିନିୟରିଂ ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ଜଣେ ହେବାକୁ ଚାହୁଁଛ ନା ସଙ୍ଗୀତ କ୍ଷେତ୍ରରେ ଲକ୍ଷାଧିକଙ୍କ ମଧ୍ୟରେ ଜଣେ ହେବାକୁ ଚାହୁଁଛ'। ଗୁରୁଙ୍କ ଏହି ପ୍ରଶ୍ନ ମୋ ମାନସିକତାରେ ଗଭୀର ପ୍ରଭାବ ପକାଇଥିଲା। ପରେ ଆଇଟି ଜବ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲି। ଯେହେତୁ ମୋ ପରିବାରରେ ଆଗରୁ କେହି ମ୍ୟୁଜିକ୍ ଲାଇନ୍‌ରେ ନ ଥିଲେ, ତେଣୁ ଫୁଲ୍ ଟାଇମ୍ ମ୍ୟୁଜିସିଆନ୍ ହୋଇ କିପରି ରୋଜଗାରକ୍ଷମ ହୋଇପାରିବି ତାହାକୁ ନେଇ ଚିନ୍ତାରେ ପଡିଗଲି। ତେବେ କର୍ପୋରେଟ ହାଉସ୍‌ରୁ ମୋତେ ଅନେକ ଶିକ୍ଷା ମିଳିଥିଲା। ଯାହା ପରବର୍ତ୍ତୀ ସମୟରେ ମୋର ମ୍ୟୁଜିକ୍ କ୍ଷେତ୍ରରେ ସହଯୋଗ କରିଥିଲା।

**ବର୍ତ୍ତମାନର ଯୁବପିଢ଼ି କ୍ଲାସିକାଲ ମ୍ୟୁଜିକ୍ ପ୍ରତି ଆକୃଷ୍ଟ ନ ହେବାର କାରଣ କ'ଣ ?**

● କ୍ଲାସିକାଲ ମ୍ୟୁଜିକ୍ ହେଉଛି ହେଭି ଡୋଜ୍। ଯଦି ଓଡ଼ିଆ ଲୋକକୁ ଦକ୍ଷିଣ ଓଡ଼ିଶାର ଖାଦ୍ୟ ଏକା ସାଥିରେ ଦିଆଯିବ ତେବେ ତାଙ୍କର ବଦହଜମୀ ହୋଇଯିବ। ତେଣୁ ପ୍ରଥମ ଦିନରେ ମସଲା ଦୋସା, ଦ୍ୱିତୀୟ ଦିନରେ ସମ୍ବର ଓ ତୃତୀୟ ଦିନରେ ତାକୁ ପୂରା ମିଲ୍ ଦେଲେ ସେ ଖାଇବାକୁ ପସନ୍ଦ କରିବ। କାରଣ ସେ ଦକ୍ଷିଣ ଭାରତର ଖାଦ୍ୟର ସ୍ୱାଦକୁ ଜାଣିସାରିଥିବେ। ଠିକ୍ ସେମିତିକା ସ୍ୱାଦ ହେଉଛି କ୍ଲାସିକାଲ ମ୍ୟୁଜିକ୍‌ର। ଯଦି ପ୍ରଥମେ ଜଣଙ୍କୁ ସୁଫି ଗୀତ, ଦ୍ୱିତୀୟ ଦିନରେ ଗଜଲ ଓ ତୃତୀୟ ଦିନରେ ଛୋଟା ଖୟାଲ ଶୁଣାଯାଏ, ତେବେ ଗୋଟେ ମାସ ଭିତରେ ସେ ଏକ କ୍ଲାସିକାଲ କନସର୍ଟ ଶୁଣିବାକୁ ପ୍ରସ୍ତୁତ ହୋଇଯିବେ। କ୍ଲାସିକାଲ ମ୍ୟୁଜିକ୍ ଅଳ୍ପ ଅଳ୍ପ (ସ୍ମଲ ଡୋଜ୍)ରେ ଦେଲେ ପସନ୍ଦ ଆସିବ ଏବଂ ଜଣେ ଶିଖିବାକୁ ଆଗ୍ରହ ପ୍ରକାଶ କରିବ।

**ଆମ ଟ୍ରାଡିଶନାଲ ଆର୍ଟ ଫର୍ମକୁ ପୁନର୍ଜୀବିତ କରିବା ପାଇଁ କ'ଣ କରାଯାଇପାରିବ?**

● ଏବେ ଆମେ ୟୁଟ୍ୟୁବ୍ ଜରିଆରେ ଗୋଟେ ଦେଶରୁ ଅନ୍ୟ ଦେଶର ଲୋକଙ୍କୁ ଗୀତ ଶୁଣାଇପାରୁଛେ। ଇଣ୍ଟରନେଟ୍ ଓ ୟୁଟ୍ୟୁବ୍ ଆମ ମ୍ୟୁଜିକ୍‌କୁ ଏକ ଖୋଲା କାନ୍‌ଭାସ୍ ଦେଇଛି। ଯାହା ଦ୍ୱାରା ସାରା ଦୁନିଆ ଆମ ଗୀତ ଶୁଣିପାରୁଛି। ସେଥିପାଇଁ ମୁଁ ଭାବୁଛି ଏହା ଆମର ଗୋଲ୍‌ଡେନ୍ ଏଜ୍।

**ଓଡ଼ିଶା ସମ୍ପର୍କରେ କ'ଣ କହିବେ?**

● ଓଡ଼ିଶା ପ୍ରଥମ ଥର ପାଇଁ ଆସିଛି। ଓଡ଼ିଶାର ଇକ୍କତ ଶାଢ଼ି ମୋର ବହୁତ ପସନ୍ଦ। ମୋତେ ଓଡ଼ିଶୀ ଡ୍ୟାନ୍ସ ମଧ୍ୟ ଭଲ ଲାଗେ।

**ଓଡ଼ିଶୀ ମ୍ୟୁଜିକ୍ ବିଷୟରେ କିଛି ଧାରଣା ଅଛି କି?**

● ନାଁ। ଓଡ଼ିଶୀ ମ୍ୟୁଜିକ୍ ବିଷୟରେ ମୋର ବେଶି ଧାରଣା ନାହିଁ। ଯେତିକି ଯାହା ବି ଜାଣିଛି ତାହା ଓଡ଼ିଶୀ ଡ୍ୟାନ୍ସ ଜରିଆରେ।

**ଓଡ଼ିଶୀ ମ୍ୟୁଜିକ୍ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇବା ପାଇଁ ଯୋଗ୍ୟ ବୋଲି ଭାବୁଛନ୍ତି କି?**

● ମୁଁ ଶୁଣିବାକୁ ପାଇଛି ଯେ, ଓଡ଼ିଶୀ ମ୍ୟୁଜିକ୍ ହେଉଛି ହିନ୍ଦୁସ୍ଥାନୀ ଓ କର୍ନାଟକୀର ମିଶ୍ରଣ। ନୂଆ ନୂଆ ମ୍ୟୁଜିକ୍ ଆସୁଛି ତାକୁ ଯଦି ଶାସ୍ତ୍ରୀୟ ମାନ୍ୟତା ମିଳିପାରୁଛି ତେବେ ଓଡ଼ିଶୀ ମ୍ୟୁଜିକ୍‌କୁ କାହିଁକି ନୁହେଁ। ଓଡ଼ିଶୀ ମ୍ୟୁଜିକ୍ କୌଣସି ବାହାର ଦେଶରୁ ଆସିନାହିଁ। ଏହା ଆମ ଦେଶର ସଙ୍ଗୀତ। ବେଦବେଦାନ୍ତ କାଳରୁ ଏହା ଚାଲିଆସିଛି। ଏହାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ମିଳିବା ଆବଶ୍ୟକ।

**ବହୁ କନସର୍ଟରେ ପର୍‌ଫର୍ମ କରିଛନ୍ତି। ସେଥିରୁ କେଉଁଟି ସ୍ମରଣୀୟ?**

● ଯେଉଁଠି ଶ୍ରୋତା ମୋ ସଙ୍ଗୀତକୁ ହୃଦୟରୁ ଅନୁଭବ କରିପାରୁଥିବେ, ସେହି ସମୟ ମୋ ପାଇଁ ସ୍ମରଣୀୟ। ଏହିଭଳି ଅନେକ କନସର୍ଟରେ ହୋଇଛି। ତେଣୁ ଏମିତି କୌଣସି ନିର୍ଦ୍ଦିଷ୍ଟ କନସର୍ଟକୁ ମୋର ସ୍ମରଣୀୟ ବୋଲି କହିପାରିବିନି। ତେବେ ସବୁ କନସର୍ଟରେ ନୂଆ ଅଭିଜ୍ଞତା ମିଳେ।

**କ୍ଲାସିକାଲ ମ୍ୟୁଜିକ୍‌କୁ ନେଇ ଭବିଷ୍ୟତର ଯୋଜନା କ'ଣ?**

● କ୍ଲାସିକାଲ ମ୍ୟୁଜିକ୍ ଲୋକେ ଶୁଣିବା ଦରକାର। ମୁଁ ଚାହିଁବି କି ମୋର କନସର୍ଟରେ ନୂଆ ଶ୍ରୋତା କ୍ଲାସିକାଲ ମ୍ୟୁଜିକ୍ ଶୁଣନ୍ତୁ। ମୁଁ ତାଙ୍କୁ ସ୍ମଲ ଡୋଜ୍‌ରେ ଶୁଣାଇବାକୁ ଚେଷ୍ଟା କରିବି। ଯାହା ଫଳରେ ଲୋକଙ୍କର କ୍ଲାସିକାଲ ମ୍ୟୁଜିକ୍ ପ୍ରତି ରୁଚି ରହିପାରିବ।

ଆଳାପ–ଅସମାପିକା ସାହୁ

---

## ଇଣ୍ଡିଆନ ଡିଶ୍

# ବୁନା ପନିର୍

ଖାଦ୍ୟ ରୁଚି



ହୋଟେଲ ହେଉ ଅବା ରେସ୍ତୋରାଁ ଯେଉଁଠି ସୁସ୍ୱାଦୁ ଖାଦ୍ୟ ମିଳେ ସେଇଠି ପର୍ଯ୍ୟଟକଙ୍କ ଗହଳି ଲାଗେ। ତେଣୁ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ପୁରୀର ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ପୁରୀ ସିଟିରୋଡ ବାଙ୍କୀ ମୁହାଣ ନିକଟ ଦି କିଚେନ ରେସ୍ତୋରାଁରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷି ଦିଆଯାଏ। ଏଠାରେ ପ୍ରସ୍ତୁତ ନିରାମିଷ ଖାଦ୍ୟ ମଧ୍ୟରେ ବୁନା ପନିର୍ ଡିଶ୍‌ର ଚାହିଦା କାହିଁରେ କ'ଣ। ଏହି ଇଣ୍ଡିଆନ ଡିଶ୍‌ର ପ୍ଲେଟ୍ ଦାମ୍ ୨୨୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ରେସ୍ତୋରାଁର ଶେଫ୍ ରତିକାନ୍ତ ବେହେରା ଯାହା କୁହନ୍ତି...

### ଆବଶ୍ୟକ ସାମଗ୍ରୀ

- ପନିର୍: ୨୦୦ଗ୍ରାମ୍
- ରିଫାଇନ୍ ତେଲ: ୧୦୦ ଗ୍ରାମ୍
- ଭଲ ଘିଅ: ୧୦ ଗ୍ରାମ୍
- କଟା ପିଆଜ: ୫୦ ଗ୍ରାମ୍
- ଅଦା/ରସୁଣ ପେଷ୍ଟ: ୫୦ ଗ୍ରାମ୍
- ଦହି: ୧୦ ଗ୍ରାମ୍
- ଲଙ୍କାଗୁଣ୍ଡ: ୫ ଗ୍ରାମ୍
- ହଳଦୀଗୁଣ୍ଡ: ୫ ଗ୍ରାମ୍
- ଜିରାଗୁଣ୍ଡ: ୫ ଗ୍ରାମ୍
- ଧନିଆଗୁଣ୍ଡ: ୫ ଗ୍ରାମ୍
- ଟମାଟୋ ସସ୍: ୧୦ ଗ୍ରାମ୍
- ଚିନି: ୧୦ ଗ୍ରାମ୍
- ଧନିଆପତ୍ର: ୫ ଗ୍ରାମ୍
- ପୋଦିନାପତ୍ର: ୫ ଗ୍ରାମ୍
- କ୍ୟାପ୍‌ସିକମ: ୫୦ ଗ୍ରାମ୍
- ଟମାଟୋ: ୫୦ ଗ୍ରାମ୍
- ଗୁଜୁରାତି: ୨ଟି
- ତେଜପତ୍ର: ୨ଟି
- ଡାଲଚିନି: ୨ ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପନିର୍‌କୁ କିମା କରି ସେଥିରେ ଲୁଣ ଏବଂ କର୍ନ୍‌ଫ୍ଲୋର ପକାଇ ଭଲ ଭାବେ ଗୋଳାନ୍ତୁ। ଚୁଲାରେ ଫ୍ରାଏପେନ୍ ବସାଇ ରିଫାଇନ ତେଲ ପକାଇବେ ଓ ତେଲ ଗରମ ହେଲା ପରେ ପନିର୍‌କୁ ଛାଣନ୍ତୁ। ବ୍ରାଉନ୍ କଲର୍ ହୋଇଗଲା ପରେ ଏହାକୁ ଏକ ପାତ୍ରକୁ କାଢିଦେବେ। ଅନ୍ୟ ଏକ ଫ୍ରାଏପେନକୁ ଚୁଲାରେ ବସାଇ ଦୁଇ ଚାମଚ ରିଫାଇନ ତେଲ ପକାଇବେ। ତେଲ ଗରମ ହେବା ପରେ ଗୁଜୁରାତି, ତେଜପତ୍ର, ଡାଲଚିନି ପକାଇ ୨ ମିନିଟ୍ ଭାଜିବେ। ପରେ କଟା ପିଆଜ ପକାଇ ଭାଜନ୍ତୁ। ବ୍ରାଉନ କଲର୍ ହେବା ପରେ ଅଦା ରସୁଣ ପେଷ୍ଟ ପକାଇ ଦେବେ। ମସଲା ହୋଇଗଲା ପରେ ସେଥିରେ ଛୋଟ ଛୋଟ କଟାଯାଇଥିବା କ୍ୟାପ୍‌ସିକମ, ଟମାଟୋ, ଧନିଆପତ୍ର, ପୋଦିନାପତ୍ର ପକାଇ ଭଲ ଭାବେ କଷନ୍ତୁ। ପ୍ରାୟ ୨ ମିନିଟ୍ କଷିବା ପରେ ସେଥିରେ ଦହି, ଜିରାଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ଓ ଚିନି ପକାନ୍ତୁ। ୩/୪ ମିନିଟ୍ କଷିବା ପରେ ପୂର୍ବରୁ ଛଣାଯାଇଥିବା ପନିର୍‌କୁ ପକାନ୍ତୁ। ୨ କପ୍ ପାଣି ଦେଇ ଏହାକୁ ଭଲ ଭାବେ ଗୋଳାଇ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବୁନା ପନିର୍। ଏହାକୁ ଏକ ପାତ୍ରରେ କାଢ଼ି ତା' ଉପରେ ଘିଅ ପକାଇ ରୁଟି କିମ୍ବା ନାନ୍ ସହିତ ପରଷି ଦିଅନ୍ତୁ।

ରିପୋର୍ଟ: ହେମନ୍ତ ନାୟକ
ଫଟୋ: ଯଜ୍ଞେଶ୍ୱର ମହାନ୍ତି



ଶେଫ୍ ରତିକାନ୍ତ ବେହେରା

---

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



କ୍ଷୀରୋଦ



ସୁଶୀଲ



ଶିବ



ବିଶ୍ୱକଲ୍ୟାଣ



ଗୋପାଳ



ବିଜୟ



ଅମିତ



ସୁକାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

---

## ମୋ ଅନୁଭୂତି

# ଶବ୍ଦରେ ଛନ୍ଦି ହେବାକୁ ଦିଅନ୍ତିନି ଖୋକାଭାଇ

ଓଡ଼ିଆ ଭଜନ ହେଉ କି ଆଧୁନିକ ସଙ୍ଗୀତ, ନିଜର ଯାଦୁକରି କଣ୍ଠ ସାହାଯ୍ୟରେ ଯିଏ ଅଗଣିତ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନରେ ଜାଗା ସୃଷ୍ଟି କରି ପାରିଛନ୍ତି ସିଏ ହେଲେ ଖ୍ୟାତନାମା କଣ୍ଠଶିଳ୍ପୀ ତୃପ୍ତି ଦାସ। ତୃପ୍ତିଙ୍କ ଅନୁଭୂତିରୁ କିଛି..

ପ୍ରତ୍ୟେକ କଳାକାର ଜୀବନରେ ଅନେକ ସ୍ମୃତି ସାଉଁଟିଥାଆନ୍ତି। ଭଲ ହେଉ କି ମନ୍ଦ, କଳାକାର ସ୍ମୃତିକୁ ସଜେଇ ରଖିବା କିଛି ବଡ଼କଥା ନୁହେଁ। ସଙ୍ଗୀତ କ୍ଷେତ୍ରରେ ମୁଁ ବହୁ ବଡବଡ ସଙ୍ଗୀତ ସାଧକଙ୍କ ସହିତ କାମ କରିଛି। ଅକ୍ଷୟ ମହାନ୍ତି ତଥା ଖୋକାଭାଇଙ୍କ ସହ କାମ କରିବା ସମୟରେ ଅନେକ କଥା ଶିଖିବାକୁ ମିଳିଛି। ଖୋକାଭାଇ ସ୍ୱତନ୍ତ୍ର। ଗୀତ କିପରି ଶ୍ରୋତାଙ୍କୁ ଭଲ ଲାଗିବ ସେ ପ୍ରଥମେ ଜାଣିପାରନ୍ତି। ଥରେ ଏକ ଷ୍ଟୁଡିଓରେ ଗୀତ ରେକର୍ଡିଂ ପାଇଁ ଯାଇଥାଏ। ଗୀତଟିର ଶୀର୍ଷକ କ'ଣ ଥିଲା ମନେପଡୁନି। ସେହି ଗୀତ ରେକର୍ଡିଂ ସମୟର ଅନୁଭୂତି। ଗୀତ ଗାଇବା ବେଳେ ଏହାର ଗୋଟିଏ ଶବ୍ଦ ମୁଁ ଆଦୌ ଭଲଭାବେ ଉଚ୍ଚାରଣ କରି ପାରୁ ନ ଥିଲି। ବାରମ୍ବାର ଭୁଲ ହେଲା। ଗୀତ ଭଲରେ ଗାଇଲେ ମଧ୍ୟ ସେହି ଶବ୍ଦ ପାଖରେ ମୁଁ ଅଟକି ଯାଉଥାଏ। ହଠାତ୍ ଖୋକାଭାଇ ମୋ ଉପରେ ରାଗିଗଲେ। କିଛି ସମୟ ପାଇଁ ମୋତେ ଗାଳି ଦେଇଥିଲେ। ଡରରେ ତାଙ୍କୁ ଚାହିଁବାକୁ ମୋର ସାହସ ହେଉ ନ ଥାଏ। ମୁଁ ସେହି ଶବ୍ଦଟିକୁ ସହଜରେ ଉଚ୍ଚାରଣ କରିପାରିବି ନାହିଁ ବୋଲି ସେ ଜାଣି ସାରିଥିଲେ। ଏଣୁ ଖୋକାଭାଇ ଶବ୍ଦକୁ ବଦଳାଇ ଦେଇଥିଲେ। ସେ ଏମିତି ଏକ ଶବ୍ଦ ଲେଖିଥିଲେ ଯାହା ମୁଁ ସହଜରେ ଗାଇ ପାରିଥିଲି। ଥରେ ନୁହେଁ, ବହୁବାର ଏମିତି ହୋଇଛି। ମୁଁ ଅନେକ ଶବ୍ଦରେ ଛନ୍ଦି ହୋଇଛି ଆଉ ସେ ମୋ ସୁବିଧା ପାଇଁ ଗୀତରେ ଶବ୍ଦ ବଦଳାଇ ଦେଇଛନ୍ତି। ଖୋକାଭାଇଙ୍କ ସହ କାମ କରିବାର ଅନୁଭୂତି ସତରେ ଅଭୁଲା।

–କୁମାରଶ୍ରୀ ସାହୁ



ତୃପ୍ତି ଦାସ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଫେବୃୟାରୀ, ୨୦୨୦

## ବାଦାମରୁ ବାହାରିଲା ୪୫ ଲକ୍ଷର ବିଦେଶୀ ମୁଦ୍ରା

ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁରାଦ୍ ଆଲମ୍ ନାମକ ଜଣେ ଯାତ୍ରୀଙ୍କ ପାଖରେ ଥିବା ବ୍ୟାଗରୁ ୪୫ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା ଜବତ କରାଯାଇଛି। ତାଙ୍କ ବ୍ୟାଗ୍‌ରେ ଥିବା ବିସ୍କୁଟ ପ୍ୟାକେଟ୍ ଓ ଚିନାବାଦାମରୁ ବିଦେଶୀ ମୁଦ୍ରା ଜବତ କରାଯାଇଛି। ଟଙ୍କା ଚୋରିକରି ନେବାର ଏହି ଅଭିନବ ପ୍ରୟାସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏୟାର ଇଣ୍ଡିଆ ବିମାନରେ ମୁରାଦ୍ ଦୁବାଇ ଯିବାର ଥିଲା ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ଆଜି ଗୋଳନ୍ଥରା ଯିବ କଂଗ୍ରେସ ଟିମ୍

ଭୁବନେଶ୍ୱର,୧୨ା୨(ବ୍ୟୁରୋ): ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ଡଙ୍କଲପାଡୁ ଗାଁ ଦେଇ ଯାଉଥିବା ଏକ ବସ୍‌ରେ ଗତ ୯ ତାରିଖରେ ୧୧କେଭି ବିଦ୍ୟୁତ୍ ତାର ଲାଗି ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିଲେ। ଏହି ଦୁର୍ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ, ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ ଓ ଏହାର ସବିଶେଷ ବିବରଣୀ ପ୍ରଦାନ ନିମନ୍ତେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ୬ଜଣିଆ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି। କମିଟିରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଅଧକ୍ଷ ଥିବା ବେଳେ ଡ. ତ୍ରିନାଥ ବେହେରା, ଶମ୍ଭୁନାଥ ପାଣିଗ୍ରାହୀ, ପୀତବାସ ପଣ୍ଡା, ସ୍ୱରୂପା ତ୍ରିପାଠୀ ସଦସ୍ୟ ଅଛନ୍ତି। ବିସ୍ମୟ ମହାପାତ୍ର ଏହି କମିଟିର ଆବାହକ ରହିଛନ୍ତି।

### ସିଏଚ୍ଏସ୍ଇକୁ ରିପୋର୍ଟ ତଲବ

ଭୁବନେଶ୍ୱର, ୧୨ା୨(ବ୍ୟୁରୋ): ଯୁକ୍ତ୨ ପରୀକ୍ଷାକେନ୍ଦ୍ର ଫିକ୍ସିଂକୁ ନେଇ ଅଭିଭାବକ ମହାସଂଘର ପିଟିଶନ ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ)କୁ ରିପୋର୍ଟ ତଲବ ହୋଇଛି। ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି) ଆସନ୍ତା ୧୮ତାରିଖ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ସିଏଚ୍ଏସ୍ଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଭାବକଙ୍କ ସଂଶୟ ଦୂର କରିବା ଲାଗି ପ୍ରେସ୍‌ନୋଟ୍ ଜାରି କରିବାକୁ ମଧ କୁହାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ଶାସନ ସଚିବ ଏବଂ ସିଏଚ୍ଏସ୍ଇ ଅଧ୍ୟକ୍ଷଙ୍କୁ ଓଏଚ୍ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷାକେନ୍ଦ୍ର ଚୟନରେ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଥିଲା। ଯୁକ୍ତ୨ ପରୀକ୍ଷା କମିଟି ସଭ୍ୟ ଉଠାଇଥିବା ଅଭିଯୋଗ ଅନୁଯାୟୀ, ସିଏଚ୍ଏସ୍ଇର କେତେଜଣ ଅସାଧୁ କର୍ମଚାରୀ ଟଙ୍କା ନେଇ ପରୀକ୍ଷାକେନ୍ଦ୍ର ଚୟନରେ ଦୁର୍ନୀତି କରିଛନ୍ତି। କମିଟି ପକ୍ଷରୁ ପୂର୍ବରୁ କରାଯାଇଥିବା ପରୀକ୍ଷାକେନ୍ଦ୍ର ତାଲିକା ପରିବର୍ତ୍ତେ ଆଉ ଏକ ନୂଆ ତାଲିକା ପ୍ରକାଶ କରାଯାଇଛି। ଯେଉଁ କଲେଜଗୁଡ଼ିକରେ ପୂର୍ବବର୍ଷ କପି ହୋଇନାହିଁ କିମ୍ବା ପରୀକ୍ଷାକେନ୍ଦ୍ରକୁ ବାତିଲ କରାଯାଇ ନାହିଁ ସେଠାରେ ଏଥର ପରୀକ୍ଷାକେନ୍ଦ୍ର କରିବା ଲାଗି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହାକୁ ବେଖାତିର କରି ମନଇଚ୍ଛା ପୁରୁଣା ତାଲିକାକୁ ବଦଳାଇ ଦିଆଯାଇଛି ବୋଲି କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଓଏଚ୍ଆର୍‌ସିରେ ଏକ ପିଟିଶନ୍ ଦାଏର ହୋଇଥିଲା।

### ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର

ଭୁବନେଶ୍ୱର, ୧୨ା୨(ବ୍ୟୁରୋ): ସରକାରଙ୍କ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି କଲେଜ କର୍ତ୍ତୃପକ୍ଷ। ୨୫%ରୁ କମ୍ ନାମଲେଖା ହୋଇଥିବା ୧୩ କଲେଜକୁ ଉଚ୍ଚଶିକ୍ଷା ବିଭାଗ ଗତମାସ ୭ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଗତ ୩ବର୍ଷ ହେବ ଏହିସବୁ କଲେଜରେ ୨୫%ରୁ କମ୍ ନାମଲେଖା ହେଉଛି। ଏଥିପାଇଁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇ ଫେବୃୟାରୀ ୧୦ ସୁଦ୍ଧା ଜବାବ ଦେବାକୁ କୁହାଯାଇଥିଲା। ହେଲେ କେବଳ ୩ କଲେଜକୁ ଛାଡ଼ି ବାକି ୧୦ କଲେଜ କର୍ତ୍ତୃପକ୍ଷ ଏଯାବତ ଜବାବ ଦେଇନାହାନ୍ତି। ଏନେଇ ବିଭାଗ ପକ୍ଷରୁ ବୁଧବାର ପୁଣିଥରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉକ୍ତ କଲେଜଗୁଡ଼ିକ ହେଲା ଯାଜପୁରର ଆପେକ୍ସ ରେସିଡେନ୍ସିଆଲ ଡିଗ୍ରୀ କଲେଜ ଅଫ୍ ସାଇନ୍ସ ଆଣ୍ଡ କମର୍ସ, କେନ୍ଦ୍ରାପଡ଼ାର କ୍ଷେତ୍ରପାଳ ସଂସ୍କୃତ ଡିଗ୍ରୀ କଲେଜ ଓ ଶ୍ରୀରାମ ସଂସ୍କୃତ ଡିଗ୍ରୀ କଲେଜ, କେନ୍ଦୁଝରର ବୃହସ୍ପତି ଡିଗ୍ରୀ କଲେଜ, ଖୋର୍ଦ୍ଧାର ଜ୍ଞାନ ଭାରତୀ ଡିଗ୍ରୀ କଲେଜ ଓ ଗୌରଭ କଲେଜ ଅଫ୍ କମର୍ସ, ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ, ମୟୂରଭଞ୍ଜର ବ୍ରିଲିଆନ୍ସ ଯୁକ୍ତ ୩ ସାଇନ୍ସ କଲେଜ, ସମ୍ବଲପୁରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜ୍ ଇନ୍ କମର୍ସ, ସୋନପୁର ସୁକାନ୍ତି ଡିଗ୍ରୀ କଲେଜ ଓ ସୁନ୍ଦରଗଡ଼ର ଭେନସ୍ ଡିଗ୍ରୀ କଲେଜ। ଏହିସବୁ କଲେଜ କର୍ତ୍ତୃପକ୍ଷଙ୍କୁ ଆସନ୍ତା ୨୦ତାରିଖ ସୁଦ୍ଧା ଜବାବ ଦେବାକୁ ନିର୍ଦ୍ଦେଶ ରହିଛି।

# ରାଜ୍ୟ ସରକାରଙ୍କ ଫୋକସ୍‌ରେ ଷ୍ଟାର୍ଟଅପ ବିକାଶ

## ଏମ୍ଏସ୍ଏମ୍ଇ ବିଭାଗ-ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟରେ ରାଜିନାମା

ଭୁବନେଶ୍ୱର,୧୨ା୨(ବ୍ୟୁରୋ)

ରାଜ୍ୟ ସରକାର ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ସାରା ଦେଶରେ ଷ୍ଟାଟ ଅପ୍ କ୍ଷେତ୍ରରେ ଓଡ଼ିଶା ଯେପରି ପ୍ରମୁଖ ୩ ସ୍ଥାନରେ ରହିବ, ସେ ନେଇ ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ପ୍ରାୟ ୧୦୦୦ ଷ୍ଟାର୍ଟଅପ୍‌କୁ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି। ଏଯାବତ୍ ୫୭୦ଟି ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇସାରିଛି। ତନ୍ମଧ୍ୟରୁ ଏକ-ତୃତୀୟାଂଶ କେବଳ ମହିଳାଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଅଣୁ,କ୍ଷୁଦ୍ର,ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ମଧ୍ୟରେ ବୁଧବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ



ଖାରବେଳ ଭବନରେ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଏହି କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ଏହି ରାଜିନାମା ଦ୍ୱାରା ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଷ୍ଟାର୍ଟଅପ୍‌ଗୁଡିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ। କୌଣସି ପ୍ରକଳ୍ପ ବିକାଶ, ଆର୍ଥିକ ଦିଗ ଏବଂ ପ୍ରଚାରପ୍ରସାର ଦିଗରେ ମଧ କାର୍ଯ୍ୟ କରିବ। ଏହି ବ୍ୟାଙ୍କ ସରକାର ଏବଂ ଉଦ୍ୟୋଗୀଙ୍କ ନିକଟରେ ତୃତୀୟ ପକ୍ଷ ହୋଇ କାର୍ଯ୍ୟ କରିବ। ଶିଳ୍ପ ନିର୍ଦ୍ଦେଶକ ରଘୁ. ଜି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଗ୍ରୁପ୍ ହେଡ୍ ମିସ୍ ସ୍ମିତା ଭଗତ ଏହି ବୁଝାମଣାପତ୍ର(ଏମ୍ଓୟୁ)ରେ ସ୍ୱାକ୍ଷର କରିଥିଲେ। ଦେଶର ଏକ ଅଗ୍ରଣୀ ବ୍ୟାଙ୍କ୍ ସହ ରାଜ୍ୟ ସରକାରଙ୍କ ରାଜିନାମା ହୋଇଥିବାରୁ ଏହା ଉଦ୍ୟୋଗିକ ସଫଳତା ପାଇବ ବୋଲି ଓଡ଼ିଶା ଦକ୍ଷତା ବିକାଶ ସଂସ୍ଥାର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଥିଲେ। ସେହିପରି ଏଭଳି ପଦକ୍ଷେପ ଆଗକୁ ଅଧିକ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଥିଲେ। ସେହିଭଳି ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଥିଲେ ଯେ, ଏହା ଏକ ବହୁତ ବଡ଼ ପଦକ୍ଷେପ। ଏହି ରାଜିନାମା ରାଜ୍ୟରେ ଷ୍ଟାର୍ଟଅପ୍ କ୍ଷେତ୍ରକୁ ସହଯୋଗ କରିବ ବୋଲି ଶର୍ମା କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକ କୋଟି ଟଙ୍କାର ଚେକ୍ କିଟ୍ ଟିବିଆଇକୁ ପ୍ରଦାନ କରିଥିଲେ। ଏହି ଟଙ୍କା ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ସିଏମ୍ଓର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୩ୟ ସ୍ତ୍ରୀଙ୍କୁ ମାରି ଥାନାରେ ଅଭିଯୁକ୍ତ

ବିଶୋଇ,୧୨ା୨(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖଡ଼ମବେଡା ପଞ୍ଚାୟତର ବାଡୁଣିଆ ଗ୍ରାମ କଲୋନୀ ସାହିରେ ତୃତୀୟ ସ୍ତ୍ରୀଙ୍କୁ ହତ୍ୟା କରି ଜଣେ ବ୍ୟକ୍ତି ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଅଭିଯୁକ୍ତ ଗୋରା ମାହାଲି(୫୫)ଙ୍କୁ ଗିରଫ କରିବା ସହ ଏକ ମାମଲା (ନଂ.୧୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ବାଡୁଣିଆ ସ୍ଥିତ କଲୋନୀ ସାହିରେ ରହୁଥିବା ଗୋରା ଓ ତାଙ୍କ ତୃତୀୟ ସ୍ତ୍ରୀ ମାଇନ ମାହାଲି (୪୫)ଙ୍କ ମଧ୍ୟରେ ମଙ୍ଗଳବାର ରାତିରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ସାହାଯ୍ୟରେ ଗୋରା ଆକ୍ରମଣ କରିବାରୁ ଘଟଣାସ୍ଥଳରେ ମାଇନଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ଅଭିଯୁକ୍ତ ଗୋରା ବିଶୋଇ ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣା ପଦାକୁ ଆସିଥିଲା। ରାଇରଙ୍ଗପୁର ଏସଡିପିଓ ସ୍ନେହାଶିଷ ସାହୁଙ୍କ ସମେତ ଥାନା ଅଧିକାରିଣୀ କୁନି ବେଶ୍ରା, ଏସଆଇ ଶୁଭେନ୍ଦୁ ଭୂଷଣ ମହାନ୍ତି ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ମେଡିକାଲ ପଠାଯାଇଥିବା ବେଳେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଗୋରାଙ୍କ ପ୍ରଥମ ସ୍ତ୍ରୀ ସେହି ଗାଁରେ ରହୁଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ଘର ଛାଡି କେଉଁଆଡ଼େ ପଳାଇ ଯାଇଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟାକରି ଆତ୍ମସମର୍ପଣ

ରାୟଗଡ଼ା ଅଫିସ,୧୨ା୨

- ଅଭିଯୁକ୍ତ ସ୍ୱାମୀ ଗିରଫ
- ପାରିବାରିକ କଳହରୁ ଅଭାବନୀୟ କାଣ୍ଡ

କ୍ରୋଧ ବ୍ରହ୍ମଚଣ୍ଡାଳ। ମଣିଷ କ୍ରୋଧର ବଶବର୍ତ୍ତୀ ହୋଇ ନିଜର ହିତାହିତ ଜ୍ଞାନ ହରେଇ ବସେ। ବିବାହ ବେଳେ ସ୍ତ୍ରୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥିବା ଲୋକଟି ମଧ ସଇତାନ ପାଲଟିଯାଏ। ରାୟଗଡ଼ା ଥାନା କଟିଙ୍ଗଗୁଡ଼ା ଗାଁରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। କ୍ରୋଧରେ ଅନ୍ଧ ସ୍ୱାମୀ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସତାନା ଜାକକା (୬୨)ଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସତାନା ଓ ତାଙ୍କ ସ୍ତ୍ରୀ ବନାଇ (୫୮)ଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ଲାଗିଥାଏ। ମଙ୍ଗଳବାର ମଧ ଉଭୟଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ରାତ୍ରିଭୋଜନ ପରେ ଉଭୟ ଘରେ ଶୋଇଥିଲେ। ହେଲେ ସତାନାଙ୍କ ମନରେ କ୍ରୋଧାଗ୍ନି ସେମିତି ଜଳୁଥିଲା। ସେ ରାତିରେ ଉଠି ଘରେ ଥିବା ଏକ ଟାଙ୍ଗିଆରେ ବନାଇଙ୍କ ବେକ ଓ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ରାଗ ଶାନ୍ତ ହେବା ପରେ ସତାନା ଗାଁରୁ ୭ କିଲୋମିଟର ଦୂର ଟାଉନ ଥାନାକୁ ଆସି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇବା ସହ ଆତ୍ମସମର୍ପଣ କରିଥିଲେ। ପୋଲିସ ଗାଁରେ ପହଞ୍ଚି ଗୁରୁତର ଥିବା ବନାଇଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗଭୀର କ୍ଷତ ଓ ଅତ୍ୟଧିକ ରକ୍ତସ୍ରାବ ହେତୁ ବନାଇଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ବନାଇଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ରାୟଗଡ଼ା ଥାନା ଏସ୍ଆଇ ମାନସ ସାହୁ କହିଛନ୍ତି।

# ଘର ସହ ଜଳିଗଲେ ନବବଧୂ

ଭଦ୍ରକ ଅଫିସ, ୧୨ା୨

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସେରପୁର ଗାଁରେ ବୁଧବାର ସକାଳେ ଶର୍ଟସର୍କିଟ୍‌ରୁ ୩ ବଖରା ଘର ସହ ଜଣେ ନବବଧୂ ଜଳି ଯାଇଛନ୍ତି। ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ବିବାହର ୭ ମାସ ପରେ ଜଣେ ନବବଧୂ ଜୀବନ୍ତ ଦଗ୍ଧ ହେବା ଘଟଣା ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତା ନବବଧୂ ହେଲେ ସେରପୁର ଗାଁର ଅନ୍ତର୍ଯ୍ୟାମୀ ପରିଡ଼ାଙ୍କ ସ୍ତ୍ରୀ ସରୋଜିନୀ (୨୬)। ସକାଳେ ଘରେ କେହି ନ



ମୃତ ନବବଧୂ ସରୋଜିନୀ। ପୋଡ଼ିଯାଇଥିବା ଘର।

### ସ୍ୱାମୀ ଗୁରୁତର

ଥିବାବେଳେ ହଠାତ୍ ଶର୍ଟସର୍କିଟ୍ ହୋଇ ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଅନ୍ତର୍ଯ୍ୟାମୀ ଦୋକାନରୁ ଆସି ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଘରର ଏକ କବାଟ ସରୋଜିନୀଙ୍କ ଉପରେ ପଡ଼ିଯିବାରୁ ତାଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପୋଡ଼ିହୋଇ ସରୋଜିନୀଙ୍କ ମୃତ୍ୟୁ ହୋଇସାରିଥିବାବେଳେ ଅନ୍ତର୍ଯ୍ୟାମୀ ଗୁରୁତର ହୋଇଥିଲେ। ଦମକଳ କର୍ମଚାରୀ ଅନ୍ତର୍ଯ୍ୟାମୀଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

କାଲିମେଲା,୧୨ା୨(ଡି.ଏନ୍.ଏ.)

ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଟ୍ୟୁଶନ ବନ୍ଦ କରିଥିଲେ ଛାତ୍ରୀ। ଏତିକି ମାତ୍ର ଭୁଲ୍ ପାଇଁ ଟ୍ୟୁଶନ ସାର୍ ଯେଉଁ ମାଡ଼ ଓ ଗାଳି ଦେଲେ, ସେଥିରେ ମର୍ମାହତ ଛାତ୍ରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଅଧୀନ ଏମ୍‌ପିଭି-୮୧ ଗ୍ରାମରୁ ଏପରି ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସ୍ଥାନୀୟ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ସେହି ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟରେ ସେ ଟ୍ୟୁଶନ ହେଉଥିଲେ। ସୋମବାର ବିବାହ ଭୋଜି ପାଇଁ ଚାଲିଯିବାରୁ ସେ ଟ୍ୟୁଶନରେ ଅନୁପସ୍ଥିତ ରହିବା ଯୋଗୁ ମଙ୍ଗଳବାର ଶିକ୍ଷକ ତାଙ୍କୁ ମାଡ଼ ମାରିବା ସହ ଅପମାନ କରିଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷକ ତାଙ୍କୁ ଟ୍ୟୁଶନରୁ ତଡ଼ିଦେବାରୁ ଆଗକୁ ଥିବା ବୋର୍ଡ ପରୀକ୍ଷା ପାଇଁ କିପରି ପାଠ ପଢ଼ି ପାସ୍ କରିବେ, ସେହି କଥା ଭାବି ମାନସିକ ଚାପରେ ଥିଲେ ଛାତ୍ରୀ। ଶେଷରେ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ଘରେ ଥିବା କିଛି ଔଷଧ ଖାଇଦେଇଥିଲେ। ଏହାର ପ୍ରଭାବରେ ବାନ୍ତି ହେବାରୁ ଘରଲୋକେ ଜାଣିପାରି ତୁରନ୍ତ ତାଙ୍କୁ ଏମ୍‌ପିଭି-୮୩ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ପୁରୀ ଅଫିସ,୧୨ା୨

ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୫ଟା ୧୫ରୁ ରାତି ୮ଟା ୩୫ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ୩ ଘଣ୍ଟା ୨୦ମିନିଟ୍ ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

# ମହିଳା ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୨ା୨(ବ୍ୟୁରୋ)

ମାର୍ଚ୍ଚ ୫ରେ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ। ସପ୍ତାହେ ବ୍ୟାପୀ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ନିଆଯିବ। ସେହିକ୍ରମରେ ବୁଧବାର ମହିଳା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା(ମୁଖ୍ୟାଳୟ) ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ ମହିଳା ସଙ୍ଗଠନର ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲା ସଭାପତି ଏବଂ ବ୍ଲକ ସଭାପତିମାନେ ଉପସ୍ଥିତ ରହିଥିଲେ। ବୈଠକରେ ୬ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ ବିଚାର କରି କାର୍ଯ୍ୟକ୍ରମ ନେବା ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯିବ। ଚଳିତ ମାସ ୨୦ରୁ ୨୫ ତାରିଖ ମଧ୍ୟରେ ଜିଲାସ୍ତରରେ ମହିଳା ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ମହିଳା ସଶକ୍ତୀକରଣକୁ ତ୍ୱରାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ତୃତୀୟରେ ବ୍ଲକସ୍ତରରେ ସ୍ଥାପନ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସେମାନଙ୍କ ଜୀବନୀ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଦ୍ୱାରା କରାଯାଉଥିବା ସମସ୍ତ ସରକାରୀ କାର୍ଯ୍ୟକ୍ରମ ପ୍ରଚାର ଏବଂ ପ୍ରତିବ୍ଲକରେ ମହିଳା ସମାବେଶ କରିବାକୁ ପ୍ରସ୍ତାବ ଦିଆଯାଇଛି।


**Shree Jagannath Temple Office, Puri**

**Quotation Call Notice No.1051, Dt.03.02.2020**

Supply of ID Cards with RFI chip and QR-code Visit Website - www.jagannath.nic.in.

**Last Date- 17.02.2020**

Sd./- Administrator
Shree Jagannath Temple, Puri

**INTEGRATED TRIBAL DEVELOPMENT AGENCY: KARANJIA**

e-mail: itdakja@nic.in
No. 151 /ITDA(KJA), Dated 11.02.20

**Tender Call Notice**

**No. CAD-951:-** Sealed Tenders in plain paper are invited from the intending reputed registered Firms/ Suppliers having branded company authorization for supply of (i) Water Purifier with R.O. System, (ii) Inverter with Battery, (iii) Sanitary Incinerator, (iv) Mattress, (v) Washing Machine for the boarders & students staying in the Hostels and Schools running under ST & SC Development Department in Panchpir Sub-Division for the year 2019-20. The interested bidders may submit the tender documents complete in all respect alongwith EMD, non-refundable paper cost and other requisite documents on or before 26.02.2020 upto 2.00 PM addressed to the Project Administrator, ITDA, Karanjia, At/Po-Karanjia, Dist.- Mayurbhanj, Odisha, PIN-757037 by Registered Post/ Speed Post. The tender paper shall be opened at the same day i.e. on 26.02.2020 at 3.30 PM. The details like term and conditions, general instructions for bidder etc. are available in the website **www.mayurbhanj.nic.in**.

*Sd./- Project Administrator, ITDA, Karanjia*
OIPR-26010/11/0006/1920

**e-Procurement Notice**

**OFFICE OF THE NOTIFIED AREA COUNCIL, GOPALPUR**

**Tender Call Notice No. 236, Dt. 11.02.2020**
**Bid Identification No. 02/2019-20**

Bid documents consisting of work, estimated cost, cost of Tender paper, E.M.D., Time of completion, Class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Total Number of Civil works | 1 No. |
| Estimated Cost | Rs. 87.27 Lakhs |
| Date & time of availability of Bid documents in the portal | 6.00 PM of dt.12.02.2020 to 6.00 PM of dt.02.03.2020 for online bidding |
| Last date of receive of Bid through Online | 6.00 PM of dt.02.03.2020 |
| Date of opening of Bid | 11.00 AM on Dt.03.03.2020 |

*Sd./- Executive Officer, N.A.C., Gopalpur*

**ODISHA STATE BEVERAGES CORPORATION LIMITED**

(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN: U51228OR2000SGC006372
Tel: 0674-2303972(O), Email:- osbcltd@gmail.com

Ref. 2854/OSBC/484 Date: 12.02.2020

**NOTICE INVITING TENDER**

**No. CAD-955:-** Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from the intending registered Manpower Service Providers for providing manpower for Security related works for deployment in Head Office and different depots of OSBC located in various places throughout the State.

Tender documents can be downloaded from the website of OSBC Ltd. w.e.f. 13.02.2020 and the same may be submitted by 1.00 PM of dt.03.03.2020 along with the cost of tender paper i.e. Rs. 5,000 + GST @18% (CGST 9% + SGST 9%) and EMD amounting to Rs.2.00 lakhs (Rupees Two lakhs only) in shape of Demand Draft drawn in favour of Odisha State Beverages Corporation Ltd. payable at Bhubaneswar.

Details of tender may please be seen in the Official Website of the Corporation i.e **http://osbc.co.in**

*Sd./- General Manager (Admn.)*
OIPR-36003/11/0005/1920

No. CAD-958:-

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. BBSR/Elect/E-3577/14-15/541, Dt.07.02.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Supply, delivery and commissioning of 125 KVA/100 KW, 415V 50Hz Radiator Cooled silent DG Sets with foundation at 300 Seated Girls hostel of VSSUT, Burla.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect) IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/e-31/19-20 | 17.02.2020 at 12.00 Hrs | 27.02.2020 at 17.00 Hrs. |

Further details can be seen from the e-Procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in the e-Procurement portal as well as in IDCO website.

*Sd./- Divisional Head (Elect.)*
*IDCO, Bhubaneswar*
OIPR-14003/11/0065/1920

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking) CAD-956

No.106 Date:11.02.2020
File Estt-....................

**APPLICATIONS FOR CONTRACTUAL ENGAGEMENT THROUGH WALK-IN INTERVIEW**

1. Applications are invited from the eligible candidates for engagement of **one Amin** in **Odisha Bridge &Construction Corporation Limited** on contractual basis for a period of 02 years through walk-in interview scheduled to be held on 25.02.2020.

| Sl. No. | Designation | Basic Requirements | No. of Post |
|---|---|---|---|
| 1 | Amin | Minimum 05 years of experience in the required field | 1 |

2. The eligible candidates may attend the walk-in interview to be held in the office of the undersigned on 25.02.2020 at 11.00 am along with the copies of their qualification and experience.
3. The selected personnel shall be given consolidated remuneration on negotiation basis.

Sd/-
Sr. Project Manager
Puri Project Division-I

OIPR- 34106/11/0041/1920

**BRAHMAPUR DEVELOPMENT AUTHORITY**

BeDA

**COURTPETA: BRAHMAPUR-760004**

No. 346/BDA., Brahmapur, dt.11.02.2020

**ADVERTISEMENT**

**ALLOTMENT OF SHOP ROOMS ON LONG TERM LEASE-CUM-SALE AT GANJAM HAAT, COMMERCIAL CENTER, CORPORATION ROAD, BRAHMAPUR**

**No. CAD-954:-** The Brahmapur Development Authority proposes to construct three storied commercial complex over an area of Ac. 1.500 and consisting of 117 shop rooms. The Authority intends to sell shop rooms of the above floors (on long term lease-cum-sale basis) through auction. Shop rooms from 01 to 39 are on ground floor and shop room no. 40 to 78 are of 1st floor and shop room no. 79 to 117 at 2nd floor of three storied Commercial Complex at Ganjam Haat, Corporation Road, Brahmapur.

The upset price of each shop room can be downloaded from BeDA website i.e **www.bdabrahmapur.in**.

Sealed offers are therefore invited from the interested persons who are required to apply by quoting their bid price in the prescribed application form clearly mentioning bid for shop no.................. of (Ganjam Haat, Commercial Center). EMD of Rs. @10% of the quoted amount / bidding price per shop room in shape of Bank Draft drawn in favour of Secretary, Be.D.A., Brahmapur to be submitted along with application form. Applications should reach to the Secretary, Be.D.A., Brahmapur by 17th March, 2020 at 4.00 PM and shall be opened on 18th March, 2020 at 11.00 AM (through registered post). The allotment of shop room shall be made in favour of the highest bidder among the participants in room wise. The details of the application etc. can be obtained from BeDA office from 18.02.2020 (Tuesday) on payment of Rs.1000/- only at Bank or it can be downloaded from the BeDA website i.e www.bdabrahmapur.in. The Authority reserves the right to accept/reject the offers without assigning any reason thereof. Application downloaded from BeDA Website should give additional D.D of Rs.1000/- as application fee. Those taking application from BeDA office or Bank will need to attach copy of the money receipt.

**Note:** 1) The application form (Annexure-I) is available in Brochure.
2) If 10% of bid cost is not given along with the application, the same will not be considered and rejected summarily.
3) The details of terms and conditions (Annexure-II) floor plan, shop room (numbered) layout with dimensions and city location map is available in Brochure.
4) Quotes below upset price given in Annexure-III (in Brochure) will be rejected.
5) On the seal cover floor no. and the shop room no. should be clearly mentioned, otherwise the bid will not be opened.

*Sd./- Secretary, Be.D.A., Brahmapur*
OIPR-13086/11/0015/1920

ଅପେରା ହାଲଚାଲ



## ମଣ୍ଟୁ ଯାହା ଚାହୁଁଥିଲେ...

ନାୟକ ମଣ୍ଟୁ ଓରଫ ମଣ୍ଟୁ ଦାସ। ପାଠ ପଢ଼ିବା ବେଳେ ଘାରିଲା ଅଭିନୟ ନିଶା। ଏହା ତାଙ୍କୁ ଏମିତି ଘାଇଲା କଲା ଯେ, ପାଠପଢ଼ାରେ ଅଧାରୁ ଡୋରି ବାନ୍ଧି ହୋଇଗଲା। ଏପରିକି ଚାକିରିଟିଏ ମିଳିଗଲା। ହେଲେ ତାହା ମଧ୍ୟ ତାଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ। ମୁହଁରେ ପାଉଡର ଲଗାଇ ମଞ୍ଚ ଉପରେ ଦର୍ଶକଙ୍କୁ ଅଭିନୟ ମାୟାରେ ବାନ୍ଧି ରଖିବା ପାଇଁ ମାଇଣ୍ଡ ମେକ୍‌ଅପ୍ କରିନେଲେ। ଗଙ୍ଗୋତ୍ରୀ ଗଣନାଟ୍ୟରୁ ଆରମ୍ଭ ହେଲା ତାଙ୍କର ଅଭିନୟ ଜୀବନ। ତା' ସହ ଆଙ୍କରିଂରେ ଦର୍ଶକଙ୍କ ମନ ଜିଣିଥିଲେ ମଣ୍ଟୁ। ଛୋଟ ଭୂମିକାରୁ ନାୟକ ହେବାର ଗୁରୁଦାୟିତ୍ୱ ତୁଲାଇବା ପରେ ସତେଯେମିତି ଅଭିନୟ ପ୍ରତି ନିଜକୁ ସମର୍ପିତ କରିଦେଲେ ଏହି ନାୟକ। ୨୦୦୨ରୁ ତାଙ୍କର ଆରମ୍ଭ ହୋଇଥିଲା ଅଭିନୟ ଜୀବନ। ଏହି ୧୬ ବର୍ଷ ଭିତରେ ସେ ନିଜର ଦକ୍ଷତା ବଳରେ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛନ୍ତି। ଏବେ ସେ ନୂଆ ଅପେରା ପାର୍ଟି 'ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦ'ରେ ଅଭିନୟ ଜାରି ରଖିଛନ୍ତି।

## ଶ୍ରୀଧରଙ୍କ ନୀରବତା

ପ୍ରଯୋଜକ ଶ୍ରୀଧର ମାର୍ଥା। ଏବେ ସେ ବେଶ୍ ମାପିଚୁପି କଥାବାର୍ତ୍ତା କରୁଛନ୍ତି। ଦେଖୁନାହାନ୍ତି, ହୋମ୍ ବ୍ୟାନର ରେଞ୍ଜ ରୟାଲ ସିନେ ଲ୍ୟାବ୍‌ରେ ପ୍ରସ୍ତୁତ ହୋଇଛି ସତ୍ୟ ଘଟଣା ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ପାଟଣାଗଡ଼'। ହେଲେ ଫିଲ୍ମଟି କେବେ ପରଦା ଉପରକୁ ଆସିବ ସେନେଇ ଏ ପର୍ଯ୍ୟନ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ଏପରି ପ୍ରଶ୍ନର ଉତ୍ତରରେ ଶ୍ରୀଧର ମଧ୍ୟ ନୀରବ। ହେଲେ ଏହି ନୀରବତା ପଛରେ କ'ଣ କାରଣ ରହିଛି? ଏ ସମ୍ପର୍କରେ ସେ କହନ୍ତି, 'ଏବେ 'ପାଟଣାଗଡ଼' ରିଲିଜ୍‌କୁ ନେଇ ଆଲୋଚନା ହେଉଛି। କିନ୍ତୁ ବର୍ତ୍ତମାନ ମୁଁ ଏ ନେଇ କିଛି କହିବି ନାହିଁ। ଅର୍ଥାତ୍, ନୋ କମେଣ୍ଟ୍ ପ୍ଲିଜ୍। ସମୟ ଆସିଲେ ମୁଁ ଏ ନେଇ ନିଶ୍ଚୟ ସୂଚନା ଦେବି।' ତେବେ 'ପାଟଣାଗଡ଼'କୁ ନେଇ ଶ୍ରୀଧରଙ୍କ ନୀରବତା କେବେ ଭାଙ୍ଗୁଛି ତାହା ଦେଖିବାକୁ ବାକି ରହିଲା।



## ଦୋଛକିରେ କ୍ରିତି

କ୍ରିତି ସାନନ ଏବେ ଦୋଛକିରେ ପଡିଯାଇଛନ୍ତି। କଥାଟି ଏମିତି ଯେ ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଅର୍ଥାତ୍, ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ଏହାର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ସେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ। ହେଲେ ଏଥିରେ ଗୋଟିଏ କେଁ ରହିଯାଇଛି। ଏହି ଫିଲ୍ମରୁ ନିଜ ପାରିଶ୍ରମିକ ବଢ଼ାଇବାକୁ ମନସ୍ଥ କରିଛନ୍ତି କ୍ରିତି। ଏକଥା ଜାଣିବା ପରେ ପ୍ରଯୋଜକ ମଧ୍ୟ ନିଜ ପଟରୁ କିଛି ସୂଚନା ଦେଇ ନାହାନ୍ତି। ସେପଟେ ନିଜ କଥାରେ ଦୃଢ଼ ଥିବା ଏହି ଅଭିନେତ୍ରୀ ଦରକାର ପଡିଲେ ଅଫରଟିକୁ ହାତଛଡା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। କିନ୍ତୁ ଏ ନେଇ କିଛି ଦିନ ନୀରବ ରହିବା ପରେ ନିକଟରେ ସେ ସଫେଇ ଦେଇ କହିଛନ୍ତି ଯେ, ଏହି ଫିଲ୍ମରେ ମୁଁ ଅଭିନୟ କରିବି କି ନାହିଁ ତାହା ଫାଇନାଲ ହୋଇନାହିଁ। ଏଥିପାଇଁ ମୁଁ ଦୁଇ ସପ୍ତାହ ସମୟ ନେଇଛି। ବାକି ରହିଲା, ପାରିଶ୍ରମିକ କଥା। କିଛି ସିନେମାରେ ଅଭିନୟ କରିବା ପରେ ପାରିଶ୍ରମିକ ଅଧିକ ମିଳୁ ବୋଲି କିଏ ବା ନ ଚାହେଁ। ହେଲେ ଏବେ ଏ ନେଇ ମୁଁ କିଛି କହିପାରିବି ନାହିଁ।'

## ବଲିଉଡ୍ ହାଲଚାଲ

■ ଅନନ୍ୟା ପାଣ୍ଡେଙ୍କ ହାତରେ ଆଉ ଏକ ସିନେମା। ଦକ୍ଷିଣ ଭାରତୀୟ ସିନେମାର ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ଫିଲ୍ମ 'ଫାଇଟର୍'ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ତାଙ୍କ ନାୟକ ସାଜିଛନ୍ତି ବିଜୟ ଦେଭରକୋଣ୍ଡା। ହେଲେ ଅନନ୍ୟାଙ୍କ ପୂର୍ବରୁ ଏହି ରୋଲ୍ ପାଇଁ ଆଲିୟା ଭଟ୍ଟ ଏବଂ ଜାହ୍ନବୀ କପୁରଙ୍କ ନାମ ବିଚାରକୁ ନିଆଯାଇଥିଲା।

■ ରଣବୀର କପୁର-ଆଲିୟା ଭଟ୍ଟ ଅଭିନୀତ 'ବ୍ରହ୍ମାସ୍ତ୍ର' ଚଳିତବର୍ଷ ଡିସେମ୍ବର ୪ରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି।

■ ବରୁଣ ଧାୱନ ଏବେ 'ଷ୍ଟ୍ରିଟ୍ ଡ୍ୟାନ୍ସର-ଥ୍ରୀଡି'ରେ ଅଭିନୟ କରୁଛନ୍ତି, ଯାହାର ନିର୍ଦ୍ଦେଶନା ଦେଉଛନ୍ତି ରେମୋ ଡି'ସୌଜା। ହେଲେ ଦୁହିଙ୍କ ଭିତରେ ଶୀତଳ ଯୁଦ୍ଧ ଚାଲିଛି ବୋଲି ଆଲୋଚନା ହେଉଛି। ରେମୋଙ୍କ ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ବରୁଣ କୁଆଡ଼େ ମନା କରିଦେଇଛନ୍ତି।

■ ନିର୍ମିତ ହେବାକୁ ଯାଉଥିବା 'କମିନେ-୨'ର ମେଲ୍ ଲିଡ୍‌ରେ ଦେଖାଦେବେ ଶାହୀଦ କପୁର। ତାଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ତାହା ଫାଇନାଲ ହୋଇଛି। ଏଥିପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଛି।

■ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ପ୍ରେମ ସମ୍ପର୍କକୁ ଖଣ୍ଡନ କରିଛନ୍ତି କିୟାରା ଆଡ୍‌ୱାନୀ।



ବରୁଣ



ପୂଜା

## ପୂରଣ ହେଲା ଆଶା

ପୂଜା ହେଗେଡ୍ ଯାହା ଚାହୁଁଥିଲେ ତାହା ପୂରଣ ହୋଇଛି। 'ହାଉସ୍‌ଫୁଲ-୪' ପରେ ସାଦିଦ୍ ନାଦିୱାଦୱାଲାଙ୍କ ପରବର୍ତ୍ତୀ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। କଥା କ'ଣ କି, ସାଦିଦ୍‌ଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି' ପାଇଁ ତାଙ୍କୁ ସାଇନ୍ କରାଯାଇଛି। ସୂଚନାଯୋଗ୍ୟ, ୨୦୧୬ରେ ରିଲିଜ୍ ହୋଇଥିବା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋ'ରେ ହ୍ରିତିକ ରୋଶନଙ୍କ ଅପୋଜିଟ୍‌ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଦୀର୍ଘ ୪ ବର୍ଷ ଗ୍ୟାପ୍ ପରେ ସେ ଆଉ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅସଲ କଥା ହେଲା, ସଲମାନଙ୍କ ସହ ସ୍କ୍ରିନ୍ ଶେୟାର କରିବା ତାଙ୍କର ଆଉ ଏକ ଆଶା ଥିଲା ବୋଲି ସେ କହିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଫରହଦ ସାମ୍‌ଜି। 'କଭି ଇଦ୍ କଭି ଦିୱାଲି'ରେ ପୂଜା ଏକ ଛୋଟ ସହରରେ ରହୁଥିବା ଯୁବତୀ ଭୂମିକାରେ ଅଭିନୟ କରିବେ। ଖାସ୍ କଥା ହେଲା, ସଲମାନଙ୍କୁ ଏଥିରେ ନୂଆ ଅବତାରରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ।



ବିଶ୍ୱରୂପ

ନୂଆ ସିନେମା

## ଧର୍ମାସୁର

ଏକ ଭିନ୍ନଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଧର୍ମାସୁର'। ୧୯୬୦ର ଏକ ଜାତିଭିତ୍ତିକ ଘଟଣାକୁ ନେଇ ଏହି ଫିଲ୍ମର କାହାଣୀ ପରିକଳ୍ପନା କରାଯାଇଛି। ଖାସ୍ କଥା ହେଲା, ନିକଟରେ ଓଲିଉଡ୍‌ରେ ପାଦ ଦେଇଥିବା ବିଶ୍ୱରୂପ ମିଶ୍ର ଏହାର ମେଲ୍ ଲିଡ୍‌ରେ ଅଭିନୟ କରିବେ। ସେ ଆକ୍ସନ ଉପରେ ଆଧାରିତ ଓଡ଼ିଆ ସିନେମା 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'ରୁ ନିଜ ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବେ, ସେନେଇ ଚୟନ ପ୍ରକ୍ରିୟା ଜାରି ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ନବାଗତ ରାଜ ପ୍ରଦୀପ। ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଏହାର ଶୁଟିଂ ଆରମ୍ଭ ହେବ ଏବଂ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ନାୟିକା ହେବ ଏମିତି

ସତରେ ନାୟିକା ହେବ ଏମିତି। ନିର୍ମାଣାଧୀନ ସିନେମା 'ଲାଲ୍ ସିଂ ଚଢ଼ା'ର ଶୁଟିଂ ସେଟ୍‌ରେ ଏପରି ଏକ ଘଟଣା ଘଟିଥିଲା, ଯେଉଁଥିପାଇଁ କରୀନା ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଘଟଣାଟି ଏପରି- ସେଦିନ ଏହି ଫିଲ୍ମର ଶୁଟିଂ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଚାଲିଥିଲା। ଯେହେତୁ ପ୍ରବଳ ଶୀତ ପଡୁଛି, ତେଣୁ ୟୁନିଟ୍ ସଦସ୍ୟମାନେ ଶୀତରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥିଲେ। ହେଲେ ଶୀତରୁ ରକ୍ଷା ପାଇବା ପାଇଁ କରୀନା ସାଙ୍ଗେ ସାଙ୍ଗେ ୪-୫ଟି ରୁମ୍ ହିଟର ମଗାଇଥିଲେ। ଆଉ ଶୁଟିଂ ବ୍ରେକ୍ ସମୟରେ ୟୁନିଟ୍‌ର ସଦସ୍ୟମାନେ ତାହାର ମଜା ନେଇଥିଲେ। କେବଳ ସେତିକି ନୁହେଁ, ନିଜ ପଟରୁ ସମସ୍ତଙ୍କ ପାଇଁ ସେ ଦିନର ଡିନରର ମଧ୍ୟ ଆୟୋଜନ କରିଥିଲେ। ଆଉ ତା'ପରେ ୟୁନିଟ୍‌ର ସବୁ ସଦସ୍ୟ ତାଙ୍କୁ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା।



କରୀନା



"ସାଧାରଣ ଫାଇନାନ୍ସିଆଲ ସିଷ୍ଟମକୁ ଆସି ନ ଥିବା ଲୋକମାନଙ୍କୁ ବ୍ୟାଙ୍କଗୁଡିକ ନିଜ ସହ ସାମିଲ କରିବାର ଆବଶ୍ୟକତା ରହିଛି।"
– ରାମନାଥ କୋବିନ୍ଦ, ରାଷ୍ଟ୍ରପତି



"ଖଦି ଏବଂ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି।"
– ନୀତିନ ଗଡକରି, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ

# ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଶୋ'ରୁମ୍



ଭୁବନେଶ୍ୱର,୧୨-୨

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ତେଲେଙ୍ଗାପେଣ୍ଠଠାରେ ନୂଆ କ୍ଷୁଦ୍ର ବାଣିଜ୍ୟିକ ଯାନ ଶୋ'ରୁମ ଶୁଭାରମ୍ଭ ହୋଇଛି। ଓରିକନ ଡିଲରଶିପ ଆନୁକୂଲ୍ୟରେ ନୂଆ ଆଉଟଲେଟକୁ କମ୍ପାନୀର ଜାତୀୟ ମୁଖ୍ୟ ହିମାଂଶୁ ଅଗ୍ରୱାଲ, ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ସିବିଏମ୍ ଦୀପକ ଓକତେ, ଏରିଆ ମ୍ୟାନେଜର ବିଶ୍ୱଜିତ ସିଂ, ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ। ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଥିବା ଏହି ଶୋ'ରୁମ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ। ଓଡିଶା କମ୍ପାନୀ ଲାଗି ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବାରୁ ଏଠାରେ ଦ୍ୱିତୀୟ ଶୋ'ରୁମ ଖୋଲାଯାଇଥିବା ଅଗ୍ରୱାଲ କହିଛନ୍ତି। ନୂଆ ପଦକ୍ଷେପ ଦ୍ୱାରା ଓଡିଶାରେ ଉନ୍ନତ ବ୍ୟବସାୟ କରିବା ନେଇ ଯୋଜନା ରଖାଯାଇଛି। ଏହି ଶୋ'ରୁମରେ ୩ ଚକିଆ ଆଲ୍‌ଫା ମଡେଲ, ୪ ଚକିଆ ସୁପ୍ରୋ ଏବଂ ଜେଟୋ ଉପଲବ୍ଧ ହେବ। ସୁପ୍ରୋ ମିନିଟ୍ରକ ଏବଂ ମାକ୍ସି ଟ୍ରକ ଭାରିଆଣ୍ଟରେ ଆସୁଛି। ଏହା ବାଦ ଆଲ୍‌ଫା , ଆଲ୍‌ଫା ଡିଏକ୍ସ, ଆଲ୍‌ଫା ମିନି ଭଳି ଭାରିଆଣ୍ଟରେ ଆସିଛି। ଯାନଗୁଡିକର ପରିବହନ କ୍ଷମତା ୧୦୦୦ କିଲୋ ପର୍ଯ୍ୟନ୍ତ ରହିଛି। ଏଗୁଡିକର ମୂଲ୍ୟ ୨.୪୬ ଲକ୍ଷ ଟଙ୍କାରୁ ୫.୫୬ ଲକ୍ଷ ଟଙ୍କା ରହିଛି।

# ଖୁଚୁରା ମୁଦ୍ରାସ୍ଫୀତି ୭.୫୯% ସ୍ତରକୁ ବୃଦ୍ଧି

ନୂଆଦିଲ୍ଲୀ,୧୨-୨

ଜାନୁୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୭.୫୯% ସ୍ତରକୁ ବୃଦ୍ଧି ଘଟିଛି। ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବୁଧବାର ସରକାର ଜାରି କରିଥିବା ଡାଟାରୁ ଜଣାପଡିଛି। ଖାଉଟି ମୂଲ୍ୟ ସୂଚୀ( ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨୦୧୯ ଡିସେମ୍ବରରେ ୭.୩୫% ସ୍ତରରେ ରହିଥିଲା। ଗତ ବର୍ଷ ଜାନୁୟାରୀରେ ଏହା ୧.୯୭% ଥିଲା। ମୁଦ୍ରାସ୍ଫୀତିକୁ ମଧ୍ୟମ ମିଆଦି ଭିତ୍ତିରେ ୪% ସ୍ତରରେ ରଖିବା ନେଇ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ହେଲେ ଲଗାତର ଲାଗି ୪ ମାସ ହେବ କେନ୍ଦ୍ରୀୟ ବ୍ୟାଙ୍କ ଆକଳନକୁ ଏହା ଟପିଥିବା ଜଣାପଡିଛି। ଚଳିତ ବର୍ଷ ଜାନୁୟାରୀର ଏହି ମୁଦ୍ରାସ୍ଫୀତି ୬ ବର୍ଷର ସର୍ବୋଚ୍ଚ ସ୍ତର। ଏହା ପୂର୍ବରୁ ୨୦୧୪ ଜୁଲାଇରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତର ୭.୩୯% ସ୍ତରରେ ରହିଥିଲା।

ଗତ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୧୩.୬୩% ସ୍ତର ଛୁଇଁଛି। ଗତ ବର୍ଷ ଜାନୁୟାରୀରେ (-) ୨.୨୪% ସ୍ତରରେ ଥିଲା। ମାତ୍ର ଡିସେମ୍ବରର ୧୪.୧୯% ସ୍ତରଠାରୁ ଏହା ନିମ୍ନରେ ରହିଛି। ଦରଦାମକୁ ନଜରରେ ରଖି ରିଜର୍ଭ ବ୍ୟାଙ୍କ ରେପୋ ରେଟକୁ ଅପରିବର୍ତ୍ତିତ ରଖିଛି। ଏହି ସମୟରେ ରେପୋ ରେଟ୍ ୫.୧୫ ସ୍ତରରେ ରହିଛି। ଏହା ବାଦ ଦେଶର ଅଭିବୃଦ୍ଧି ମନ୍ଥର ସ୍ଥିତିରେ ମଧ୍ୟ ରହିଛି। ଆସନ୍ତା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମୁଦ୍ରାସ୍ଫୀତି ଆକଳନକୁ ରିଜର୍ଭ ବ୍ୟାଙ୍କ ପରିବର୍ତ୍ତନ କରି ୫ ଏବଂ ୫.୪% ସ୍ତରରେ ରଖିଛି। ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ରିଜର୍ଭ ବ୍ୟାଙ୍କ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରିଥାଏ।



## ଔଦ୍ୟୋଗିକ ଉତ୍ପାଦନ ୦.୩% ହ୍ରାସ

ନୂଆଦିଲ୍ଲୀ,୧୨-୨

ଗତ ଡିସେମ୍ବର ମାସରେ ଦେଶର ଔଦ୍ୟୋଗିକ ଉତ୍ପାଦନ ୦.୩% ହ୍ରାସ ଘଟିଛି। ମାନୁଫାକଚରିଂ କ୍ଷେତ୍ରରେ ହ୍ରାସ ଯୋଗୁ ଏହା ହୋଇଥିବା ସରକାରୀ ଡାଟାରୁ ଜଣାପଡିଛି। ୨୦୧୮ ଡିସେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ (ଆଇଆଇପି) ୨.୫% ଅଭିବୃଦ୍ଧି ହୋଇଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଡାଟା ମୁତାବକ ମାନୁଫାକଚରିଂ କ୍ଷେତ୍ର ଅଭିବୃଦ୍ଧି ୧.୨% ରହିଛି। ୨୦୧୮ ଡିସେମ୍ବରରେ ଏହା ୨.୯% ବୃଦ୍ଧି ଘଟିଥିଲା। ଏହି ସମୟରେ ବିଦ୍ୟୁତ ଉତ୍ପାଦନ ୦.୧% ହ୍ରାସ ଘଟିଥିବା ଦେଖାଯାଇଛି। ୨୦୧୮ ଡିସେମ୍ବରରେ ଏଥିରେ ୪.୫% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାବାଦ ଖଣି କ୍ଷେତ୍ର କାର୍ଯ୍ୟକଳାପ ୫.୪% ବଢିଛି। ଏହା ପୂର୍ବରୁ ୧% ହ୍ରାସ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଆଇଆଇପି ଅଭିବୃଦ୍ଧି ୦.୫% ଖସିଛି। ଏହା ୨୦୧୮-୧୯ରେ ୪.୭% ବୃଦ୍ଧି ଘଟିଥିଲା।

# ଅଟଳ ପେନସନ ଯୋଜନା ଦ୍ୱାରା ସର୍ବନିମ୍ନ ଗ୍ୟାରେଣ୍ଟି

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ବୟସ ୩୭ ବର୍ଷ। ପିଲାମାନଙ୍କ ପାଇଁ ମାସିକ ସଞ୍ଚୟ କରୁଛି। ମୋର ପେନସନ୍ ପାଇଁ ଅଟଳ ପେନ୍‌ସନ୍ ସଞ୍ଚୟ କରିବା ପାଇଁ ଭାବୁଛି। ଏହି ସ୍କିମରେ ସଞ୍ଚୟ କରିବା ଠିକ୍ ହେବ କି?**
**-ବିକ୍ରମ ସାହୁ, ବାଲେଶ୍ୱର**

▶ ଅଟଳ ପେନସନ୍ ଯୋଜନା ହେଉଛି ଏକ ପେନସନ୍ ସ୍କିମ୍। ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏହି ସ୍କିମ୍ ଉପଲବ୍ଧ। ଅସଂଗଠିତ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ମାନଙ୍କ ପେନସନ୍‌କୁ ଦୃଷ୍ଟିରେ ରଖାଯାଇ ସ୍କିମ୍ ଆରମ୍ଭ କରାଯାଇଛି। ଏହି ସ୍କିମ୍‌ରେ ସଞ୍ଚୟ କରି ସର୍ବନିମ୍ନ ଗ୍ୟାରେଣ୍ଟି ପେନସନ୍ ପାଇ ପାରିବେ। ଯାହାକି ମାସିକ ୧୦୦୦, କିମ୍ବା ୨୦୦୦ ଟଙ୍କା, ୩୦୦୦ ଟଙ୍କା କିମ୍ବା ୪୦୦୦ ଟଙ୍କା କିମ୍ବା ୫୦୦୦ ଟଙ୍କା ପ୍ରତ୍ୟେକ ମାସରେ ପାଇ ପାରିବେ । ଯାହାକି ୬୦ ବର୍ଷ ପରେ ପାଇବେ। ମାସିକ ପେନସନ୍ କେତେ ଟଙ୍କା ପାଇବେ ଏହା ଆପଣଙ୍କ ମାସିକ ସଞ୍ଚୟ ଉପରେ ନିର୍ଭର କରିଥାଏ।

ଯେକୌଣସି ଭାରତୀୟ ନାଗରିକ ଯାହାଙ୍କ ସଞ୍ଚୟ ୧୮-୪୦ ବର୍ଷ ସେମାନେ ଏହି ସ୍କିମ୍‌ରେ ନିବେଶ ପାଇଁ ଯୋଗ୍ୟ। ଆପଣଙ୍କ ଯେଉଁ ବ୍ୟାଙ୍କରେ ସଞ୍ଚୟ ଜମାଖାତା ଅଛି ସେହି ବ୍ୟାଙ୍କ ଶାଖାରେ ସେହି ସ୍କିମରେ ନିବେଶ ପାଇଁ ଯୋଗ୍ୟ। ଆପଣଙ୍କ ଯେଉଁ ବ୍ୟାଙ୍କରେ ସଞ୍ଚୟ ଜମାଖାତା ଅଛି ସେହି ବ୍ୟାଙ୍କ ଶାଖାରେ ଅଟଳ ପେନସନ୍ ଯୋଜନା ସ୍କିମରେ ଆକାଉଣ୍ଟ ଖୋଲି ମାସିକ ସଞ୍ଚୟ କରିପାରିବେ।

ଆପଣଙ୍କ ବୟସ ୩୭ ବର୍ଷ ଅନୁଯାୟୀ ଆପଣଙ୍କୁ ୨୩ ବର୍ଷ ସଞ୍ଚୟ କରିବାକୁ ପଡ଼ିବ। ଯଦି ୧୦୦୦ ମାସିକ ପେନସନ୍ ପାଇବା ପାଇଁ ଚାହୁଁଛନ୍ତି ମାସିକ ୨୧୮ଟଙ୍କା ସଞ୍ଚୟ କରିବାକୁ ପଡିବ । ଯଦି ୫୦୦୦ ଟଙ୍କା ପାଇବାକୁ ଚାହୁଁଛନ୍ତି, ତେବେ ମାସିକ ୧୦୮୭ ଟଙ୍କା ୨୩ ବର୍ଷ ସଞ୍ଚୟ କରିପାରିବେ ଓ ୬୦ ବର୍ଷ ବୟସରୁ ପେନସନ ପାଇବେ। ଏହା ଏକ ଭଲ ସ୍କିମ। ଆପଣ ଏଥିରେ ନିବେଶ କରି ନିଜର ଆବସରକାଳୀନ ସଞ୍ଚ ଖର୍ଚ୍ଚ ପାଇଁ ପେନସନ୍ ପାଇ ପାରିବେ।

**ଆମର ଅବସରକାଳୀନ ପାଣ୍ଠି ଗଠନ ପାଇଁ ଏକ ପ୍ଲଟ କିମ୍ବା ଫ୍ଲାଟ କିଣି ପରବର୍ତ୍ତି ସମୟରେ ବିକ୍ରି କରି ମୋର ଅବସରକାଳୀନ ଖର୍ଚ୍ଚ ପାଇଁ ବ୍ୟବହାର କରିବା ଲାଗି ଚିନ୍ତା କରିଛି । ଏପରି କରିବା ଜାଣି ଠିକ୍ ହେବ ?**
**-ପୁଷ୍ପଲତା ସ୍ୱାଇଁ, ପାରାଦୀପ**

▶ ଆପଣ ବର୍ତ୍ତମାନ ଏକ ପ୍ଲଟ କିମ୍ବା ଫ୍ଲାଟ୍ କିଣି ପାରନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଯଦି ପ୍ଲଟ କିମ୍ବା ଫ୍ଲାଟ୍ ବିକ୍ରି କରନ୍ତି ତେବେ ଏହା ଉପରେ କ୍ୟାପିଟାଲ ଗେନ ଟ୍ୟାକ୍ସ ଦେବାକୁ ପଡିବ। ଏହା ଆପଣଙ୍କ ପାଣ୍ଠି ଉପରେ ପ୍ରଭାବ ପକାଇବ। ଅବସରକାଳୀନ ପାଣ୍ଠି ଗଠନ ସଞ୍ଚୟ ଆୟକର ପ୍ରଭାବକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ।

**ମୋ ପୁଅର ପାଠପଢା ଖର୍ଚ୍ଚ ପାଇଁ ୧୮ ବର୍ଷ ପାଇଁ ମାସିକ ୧୨୦୦ ଟଙ୍କା ଫଣ୍ଡରେ ନିବେଶ କରିବି ୧୮ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ତିଆରି କରିପାରିବି ?**
**-ଆରତୀ ସାହୁ, କୋରାପୁଟ**

▶ ଆସନ୍ତା ୧୮ବର୍ଷ ପର୍ଯ୍ୟନ୍ତ ମାସିକ ୧୨୦୦/- ଟଙ୍କା ସଞ୍ଚୟ କରନ୍ତି ଯଦି ୧୨% ବାର୍ଷିକ ସୁଧହାର ବା ଲାଭ ଇକ୍ୟୁଟି ଡାଇଭର୍ସିଫାଏଡ଼ ମ୍ୟୁଚୁଆଲ ଫଣ୍ଡରେ ଧରିନେବା ତେବେ ୯.୧୮ ଲକ୍ଷ ଟଙ୍କା ଏକ ପାଣ୍ଠି ଗଠନ କରିପାରିବେ। ମ୍ୟୁଚୁଆଲ ଫଣ୍ଡ ନିବେଶ ପୂର୍ବରୁ ଦୟାକରି ସମସ୍ତ କ୍ଷତି ଓ ଲାଭ ସହିତ ସମସ୍ତ ରିସ୍କ୍ ବିଷୟରେ ବୁଝି ନିବେଶ ଆରମ୍ଭ କରିବା ଉଚିତ୍।

**ଆମ ଠିକଣା**
**ବିଜନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

### ଅଟଳ ପେନସନ ଯୋଜନାରେ ମାସିକ ପେନସନ ପାଇବା ପାଇଁ ମାସିକ ସଞ୍ଚୟ

| ସ୍କିମରେ ଯୋଗଦେବା ସମୟର ବୟସ | ସମୁଦାୟ ସଞ୍ଚୟ ବର୍ଷ | ମାସିକ ପେନସନ ପାଇବେ | | | | |
|---|---|---|---|---|---|---|
| | | ୧୦୦୦ | ୨୦୦୦ | ୩୦୦୦ | ୪୦୦୦ | ୫୦୦୦ |
| ୧୮ | ୪୨ | ୪୨ | ୮୪ | ୧୨୬ | ୧୬୮ | ୨୧୦ |
| ୩୦ | ୩୦ | ୧୧୬ | ୨୩୧ | ୩୪୭ | ୪୬୨ | ୫୭୭ |
| ୩୭ | ୨୩ | ୨୧୮ | ୪୩୬ | ୬୫୪ | ୮୭୦ | ୧୦୮୭ |
| ୪୦ | ୨୦ | ୨୯୧ | ୫୮୨ | ୮୩୭ | ୧୧୬୪ | ୧୪୫୪ |

# ୩ ରାଷ୍ଟ୍ରାୟତ୍ତ କମ୍ପାନୀରେ ପୁଞ୍ଜି ଉପଲବ୍ଧ କରାଇବାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୨-୨:** ରାଷ୍ଟ୍ରାୟତ୍ତ କ୍ଷେତ୍ରର ୩ ସାଧାରଣ ବୀମା କମ୍ପାନୀରେ ପୁଞ୍ଜି ଉପଲବ୍ଧ କରାଇବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବୁଧବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ କମିଟି ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ଏହି କମ୍ପାନୀଗୁଡିକ ମଧ୍ୟରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ଏହା ମଧ୍ୟରେ ସାମିଲ ରହିଛି। ଏହା ବ୍ୟତୀତ ଏହି କମ୍ପାନୀଗୁଡିକର ଜଟିଳ ଆର୍ଥିକ ସ୍ଥିତି ଏବଂ ନିୟାମକ ଋଣ ପରିଶୋଧ କ୍ଷମତା ଆବଶ୍ୟକତାର ଉଲ୍ଲଙ୍ଘନକୁ ଦୃଷ୍ଟି ଦେଇ ତୁରନ୍ତ ୨୫୦୦ କୋଟି ଟଙ୍କାର ଅର୍ଥରାଶି ଜାରି କରିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

# ୨୯ ଯାଏ ମାଗଣାରେ ମିଳିବ ଫାଷ୍ଟାଗ୍

ନୂଆଦିଲ୍ଲୀ,୧୨-୨

ଇଲେକ୍‌ଟ୍ରୋନିକ ଟୋଲ୍ ସଂଗ୍ରହକୁ ପୁନଶ୍ଚ ତ୍ୱରାନ୍ୱିତ କରିବା ଲାଗି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଚଳିତ ମାସ ୨୯ ଯାଏ ମାଗଣାରେ ଫାଷ୍ଟାଗ୍ ଉପଲବ୍ଧ କରାଇବ। ସରକାରଙ୍କ ପକ୍ଷରୁ ବୁଧବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ବର୍ତ୍ତମାନ ଦେଶର ୫୨୭ରୁ ଊର୍ଦ୍ଧ୍ୱ ଜାତୀୟ ରାଜପଥରେ ଫାଷ୍ଟାଗ୍ ଭିତ୍ତିକ ଟୋଲ ସଂଗ୍ରହ ବ୍ୟବସ୍ଥା ସରକାର ଆରମ୍ଭ କରିଛନ୍ତି। ଫାଷ୍ଟାଗ୍ ଲାଗି ସାଧାରଣତଃ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦେବାକୁ ପଡିଥାଏ। ହେଲେ ଧାର୍ଯ୍ୟ ସମୟ ମଧ୍ୟରେ ଏଥି ଲାଗି କୌଣସି ଦେୟ ଦେବାକୁ ପଡିବ ନାହିଁ। ଯାନର ବୈଧ ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ସହ ଲୋକମାନେ ପଏଣ୍ଟ ଅଫ୍ ସେଲ୍‌ଠାରୁ ଫାଷ୍ଟାଗ ମାଗଣା ଲାଭ କରିପାରିବେ। ଜାତୀୟ ରାଜପଥର ଫି ପ୍ଲାଜା, ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ, କମନ ସର୍ଭିସ ସେଣ୍ଟର, ଟ୍ରାନ୍ସପୋର୍ଟ ହବ, ପେଟ୍ରୋଲ ପମ୍ପ ସହ ଅନ୍ୟ ନିର୍ଦ୍ଧାରିତ ସ୍ଥାନଗୁଡିକରେ ଏହା ଉପଲବ୍ଧ ହେବ ବୋଲି କୁହାଯାଇଛି। ଫାଷ୍ଟାଗ ୱାଲେଟର ମିନିମମ ବାଲାନ୍ସ ଏବଂ ସିକ୍ୟୁରିଟି ଜମା ସଂକ୍ରାନ୍ତ ନିୟମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ଲାଗୁ ହେଲେ ଦୈନିକ ଟୁଲ୍ ଆଦାୟ ୧୦୦ କୋଟି ଟଙ୍କା ରହିବ ବୋଲି ଏନ୍ଏଚ୍ଏଆଇ ପକ୍ଷରୁ ସୂଚନା ରହିଛି।

# ୨୦୨୦ରେ ସବୁ ସମସ୍ୟାର ସମାଧାନ: ସାହାରା ମୁଖ୍ୟ

ନୂଆଦିଲ୍ଲୀ,୧୨-୨



## ନିବେଶକଙ୍କୁ ଚିଠି ଲେଖିଲେ

୨୦୨୦ରେ ସବୁ ସମସ୍ୟାର ସମାଧାନ ହୋଇଯିବା ନେଇ ଆଶାବାଦୀ ରହିଥିବା ସାହାରା ମୁଖ୍ୟ ସୁବ୍ରତ ରୟ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨ ବୃହତ୍ ବିଦେଶୀ ନିବେଶକ ସାହାରାର ରିୟଲ ଇଷ୍ଟେଟ ଏବଂ ସହର ବିକାଶ ପ୍ରକଳ୍ପରେ ନିବେଶ ନେଇ ଇଚ୍ଛୁକ ଅଛନ୍ତି। ଏହାବାଦ ନିୟାମକ ସେବି ଆକାଉଣ୍ଟରେ ଜମା କରାଯାଇଥିବା ପ୍ରାୟ ୨୨ ହଜାର କୋଟି ଧୀରେ ଧୀରେ ମଧ୍ୟ ଫେରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାହାରା ଗ୍ରୁପର ୪୨ତମ ପ୍ରତିଷ୍ଠା ଦିବସରେ ନିବେଶକଙ୍କୁ ଏକ ପତ୍ର ଲେଖି ସେ କହିଛନ୍ତି ଯେ, ଗ୍ରୁପ ଲୋକଙ୍କ ଅର୍ଥକୁ ଠିକ୍ ସମୟରେ ଫେରାଇବା ନେଇ କାର୍ଯ୍ୟ କରି ଆସିଛି। ମାତ୍ର କେତେକ ଅନାଗ୍ରହ ଅସୁବିଧା ସ୍ଥିତି ଯୋଗୁ ଗତ ୭ ବର୍ଷ ହେବ ଲୋକଙ୍କୁ ପେମେଣ୍ଟ ଦେବାରେ ସମସ୍ୟା ଉପୁଜୁଛି। ସେବି-ସାହାରା ବିବାଦକୁ ନେଇ ସେ କହିଛନ୍ତି, ୨ ସହଯୋଗୀ କମ୍ପାନୀର ସମ୍ପତ୍ତି ବନ୍ଧକ ରଖି ଅର୍ଥ ସେବି-ସାହାରା ଆକାଉଣ୍ଟରେ ଜମା କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହା ହୋଇଥିଲା। ମାତ୍ର ୨ ବୃହତ୍ ବିଦେଶୀ ନିବେଶକ ସାହାରା ପ୍ରକଳ୍ପରେ ନିବେଶ କରିବାକୁ ଆଗଭର ହୋଇଥିବାରୁ ସମସ୍ୟା ସମାଧାନ ହୋଇଯିବା ନେଇ ଆଶା ରହିଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଧ୍ୟାନରେ ରଖି କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ସାହାରାର ସମସ୍ୟା ସମାଧାନ ହୋଇଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାହାରା ସେବି ଘଟଣା ଉପରେ ସୂଚନା ଦେଇ ସେ କହିଛନ୍ତି, ସାହାରା ଗ୍ରୁପ ୧୫,୪୪୮.୬୭ କୋଟି ଜମା କରିଥିବା ପାର୍ଲାମେଣ୍ଟରେ ସରକାର ସୂଚନା ଦେଇଛନ୍ତି। ଗ୍ରୁପ ପକ୍ଷରୁ ଚେକ୍‌ରେ ୪୧.୫୯ କୋଟି ଟଙ୍କା ମଧ୍ୟ ଦିଆଯାଇଛି। ସେବି ଏହି ମାମଲାରେ ୧୯,୫୬୦ ଆବେଦନ ଲାଭ କରିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହାବାଦ ୮୧.୩ କୋଟିର ବଣ୍ଡ ସାର୍ଟିଫିକେଟ ଅର୍ଥ ମଧ୍ୟ ଏଥିରେ ରହିଛି। ୧୪,୧୪୬ ଆପ୍ଲିକେଶନର ରିଫଣ୍ଡ ସେବି କରିଛି। ଲୋକମାନେ ସେମାନଙ୍କ ଅର୍ଥ କ୍ଲେମ କରିବା ଲାଗି ସେମାନଙ୍କୁ ବିଜ୍ଞାପନ ଯୋଗେ କୁହାଯାଇଛି। ରିଫଣ୍ଡ ଜାରି କରିବା ଲାଗି ଶେଷ ସୀମା ମଧ୍ୟ ଜାରି କରାଯାଇଛି। ରିଫଣ୍ଡ ଦାବି କରିବା ଲାଗି ଶେଷ ସୁଯୋଗ ବୋଲି ନିବେଶକଙ୍କୁ ସୂଚନା ମଧ୍ୟ ଦିଆଯାଇଛି। ସେବି ସାହାରା ଆକାଉଣ୍ଟରେ ଗ୍ରୁପ ପକ୍ଷରୁ ମୂଳ ଏବଂ ସୁଧ ବାବଦ ୨୨ ହଜାର କୋଟି ଟଙ୍କାର ଅର୍ଥ ଜମା କରାଯାଇଥିବା ବେଳେ ମାତ୍ର ୧୦୦ କୋଟି ଟଙ୍କାର ଅର୍ଥ ସେବି ଲୋକଙ୍କୁ ଫେରାଇଛି। ସେବି ନିକଟରେ ପଡି ରହିଥିବା ଆବେଦନର ରିଫଣ୍ଡ ମୂଲ୍ୟ ଆଉ ୨୦-୨୫ କୋଟି ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered contractors having valid License, I.T PAN No & GST Registration Certificate for **Tender Call No : 17** Construction of revetment work of location no.60 of 132kv Dabugaon-Umerkote line, Different R/M Works of Grid S/S, Umerkote, Sunabeda, Tentulikhunti and Jayanagar colony and Different line materials for 132KV TL S/D, Jayanagar **Tender Call No : 18**, Different R/M Works of Grid S/S, Jayanagar under EHT(O&M) Division, Jayanagar. **Cost of Tender Papers** are of Rs.672.00 and Rs.2240.00 (non-refundable) in shape of **Cash & EMD** @1% of quoted amount in the shape of DD/Cash. **Sale of Tender Documents** from Dt.11.02.2020 to upto 12:00 Noon of Dt.20.02.2020. **Last Date of Submission of Tender** on or before Dt.20.02.2020 upto 04:00PM. **Tenders Will be Opened** on Dt.20.02.2020 at 04:30 PM.
**Corrigendum if any will be published in the website only.**
Sd/-
**DGM (Ele.)**
Please connect us: optcl.odisha optcl_odisha energyodisha

**OFFICE OF THE COLLECTOR & DISTRICT MAGISTRATE, KEONJHAR**
**(ST & SC DEV. SECTION)**
*** OFFICE ORDER ***
**No. 505 / Welfare / Dated the 11th February, 2020**
**(Estt-XII-03/2020)**

The Draft Merit List (School wise) and Draft Reject List of candidates, pursuant to Advertisement No. 96/, Welfare/Dated 07.01.2020 for engagement of Lady Matrons/Junior Matrons in ST & SC Development Deptt. Schools/Hostels of Keonjhar District are hereby published in the Notice Board of the DWO/ All BDOs of Keonjhar District and in the District Website **www.kendujhar.nic.in** inviting objections by **19.02.2020**. The objections, if any be submitted to the DWO, Keonjhar in the prescribed format on the working days during office hours. Objections received after **19.02.2020** will not be entertained.

By order of the Collector, Keonjhar
**Sd./- District Welfare Officer, Keonjhar**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
OFFICE OF THE DEPUTY GENERAL MANAGER (ELECTRICAL)
E.H.T. (O&M) DIVISION, JAJPUR ROAD.
Telephone / Fax No.: (06726) 220218, Mob.- 9438907590
E-mail:- ehtm.div.jjp@optcl.co.in / ehtm.ddo.div.jjp@optcl.co.in
No.134 **TENDER CALL NOTICE NO. 02/2019-20** Date:12.02.2020

Sealed tenders are invited from registered manufacturers/authorized dealers/ suppliers having valid GST Registration certificate, PAN Card and Authorized Dealership Certificates (if applicable) for Supply of 78 Nos of 150 Watt LED based Flood light in complete fitting for 132/33 KV Grid S/S, Jajpur Road/Jajpur Town/Anandapur and Switching station B.C Mohanty. Cost of tender paper Rs. 2,240/- (Including GST @ 12%), EMD of 1% of quoted price. Sale of tender documents from dated.15.02.20 to dated. 29.02.20 (up to 17:30 hrs). Last date of submission of tender dated.03.03.20 up to 13:00hrs. Due date of opening of tender dated.03.03.20 at 15:00Hrs.For details visit our website www.optcl.co.in. Corrigendum if any will be published in the OPTCL website only.
**Sd./- Dy.General Manager (Elect.), EHT (O&M) Division, Jajpur road**

**PARADIP PORT TRUST**
**e-TENDER CALL NOTICE**
E-Tenders are invited on behalf of Paradip Port Trust for the work **"Establishment of 400 Bedded Super Specialty Hospital at Paradip Port with an option to develop medical College and further expansion of hospital on PPP basis"**. The last date & time of submission of tender **14.04.2020 on 14.00 Hrs.** For details, please refer website **http://eprocure.gov.in/eprocure/app.**
**Chief Medical Officer**
**PPT/PR/666/2019-20, Dt.12.02.2020**

**CONTRACTUAL APPOINTMENT**
**ZILLA SWASTHYA SAMITI, CUTTACK**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**

**No: 2190 / DPMU/NHM/2020** **Date: 12.02.2020**

Applications are invited from eligible candidates for following posts under National Health Mission, Cuttack on contractual basis for a term of 11 months. The above mentioned positions are purely temporary. Canvassing in any form will render the candidate disqualified for the position.

a. WIC Operator for Regional Vaccine Store (04)
b. STS under RNTCP (01)
c. Pharmacist cum Logistic Assistant (01)
d. SSMTC under NVBDCP (01)
e. Laboratory Technician (01) for Mobile Blood Service
f. Counselor cum Public Relation Officer (01) for Mobile Blood Service
g. Psychiatric Nurse (01) under Mental Health Programme
h. Pharmacist (02) under NUHM
i. Pharmacist (13) & ANM (01) for MHT under RBSK

Details on Qualification, eligibility criteria & upper age limit, experience, selection modalities and application form can be downloaded from the district website **www.cuttack.nic.in**. The completely filled in application forms along with other document should reach the office of the **Chief District Medical Officer, Cuttack (At- Old Secretariat Campus, Cantonment Road, Po- Buxi Bazar, Dist- Cuttack-753001)** on or before 24.02.2020 till 5 PM through Speed Post/ Regd. Post only and the application should be Superscribed with the name of the Post applied for otherwise it will be rejected. The undersigned reserves the right to cancel any or all of the proposals without assigning any reason thereof. The applications received vide advertisement no.-560 dated- 15.01.2019 for the post of Pharmacist under NUHM, RBSK and Pharmacist cum Logistic Assistant are hereby cancelled.

**Sd./-**
**Chief District Medical & Public Health Officer, Cuttack**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୩, ୨୦୨୦





❝ ମ୍ୟାଚ୍‌ର ଶେଷ ୩ ଓଭରରେ ଆମେ ଚାପର ସମ୍ମୁଖୀନ ହୋଇପାରିଲୁ ନାହିଁ ଯାହା ଫଳରେ ଉଇକେଟ୍ ହରାଇ ପରାଜୟବରଣ କଲୁ ।
–ହରମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା

❝ ଆଗାମୀ ଆଇସିସି ଟି୨୦ ବିଶ୍ୱକପ୍ ଟ୍ରଫି ଜିତିବାକୁ ହେଲେ ଭାରତୀୟ ମହିଳା କ୍ରିକେଟ୍ ଦଳ ବାରମ୍ବାର କରୁଥିବା ତ୍ରୁଟିକୁ ସୁଧାରିବାକୁ ପଡ଼ିବ ।
–ଡାଏନା ଏଡୁଲଜୀ, ପୂର୍ବତନ ଭାରତୀୟ ମହିଳା କ୍ରିକେଟ ଅଧିନାୟିକା



## ସଂକ୍ଷେପରେ

### ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ପ୍ରମୋଦ

ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି): ବ୍ରାଜିଲର ସାଓ ପାଓଲୋଠାରେ ଆରମ୍ଭ ହୋଇଛି ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍। ଏହାର ପ୍ରଥମ ୨ଟି ସିଙ୍ଗଲ୍ସ ମ୍ୟାଚ ଜିତି ଓଡ଼ିଶାର ପ୍ରମୋଦ ଭଗତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ପ୍ରମୋଦ ବ୍ରାଜିଲର ମାରିଓ ରିବେଇରୋଙ୍କୁ ୨୧-୧୧, ୨୧-୧୬ ଓ ଦ୍ୱିତୀୟ ରାଉଣ୍ଡରେ ଚାଇନାର ଉ ଫାଙ୍ଗିନଙ୍କୁ ୨୧-୧୪, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ଗୁରୁବାରଠାରୁ ସେ ଡବଲ୍ସ ମ୍ୟାଚରେ ଭାଗନେବେ। ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନରେ ମୋଟ ୨୩୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଭାରତର ୧୭ ପ୍ରତିଯୋଗୀ ସାମିଲ।

### ଜାତୀୟ ଜୁନିୟର କବାଡ଼ି ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୨।୨: ହରିୟାଣାର ରୋହତକ୍‌ଠାରେ ଚଳିତମାସ ୧୩ରୁ ୧୬ ପର୍ଯ୍ୟନ୍ତ ୪୬ତମ ଜାତୀୟ ଜୁନିୟର କବାଡି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ବୁଧବାର ଉଭୟ ବାଳିକା ଓ ବାଳକ ଦଳ ଘୋଷଣା ହୋଇଛି। ସରସ୍ୱତୀ ବେହେରାଙ୍କ ନେତୃତ୍ୱାଧୀନ ରାଜ୍ୟ ଜୁନିୟର ବାଳିକା ଦଳରେ ଅର୍ପିତା ଖୁଣ୍ଟିଆ, ବିଜୟଲକ୍ଷ୍ମୀ ସାହୁ, ଏଲିସା ପାତ୍ର, ଝୁନି ଦଲେଇ, ସରସ୍ୱତୀ ବେଉରା, ଶୁଭଲକ୍ଷ୍ମୀ ବଳ, ମୋନାଲିସା ପୃଷ୍ଟି, ମଧୁସ୍ମିତା ପ୍ରଧାନ, ସୁନନ୍ଦା ଦାସ, ଜ୍ୟୋତି ଦଲେଇ, ପୁଷ୍ପାଞ୍ଜଳି ହେମ୍ବ୍ରମ୍ ରହିଛନ୍ତି। ମନସ୍ୱିନୀ ସାହୁ ଏହି ଦଳର କୋଚ୍ ରହିଥିବା ବେଳେ ଗାୟତ୍ରୀ ସେଠୀ ମ୍ୟାନେଜର ଭାବେ ଓ ଯଶୋବନ୍ତି ବେହେରା ଟିମ୍ ଅଫିସିଆଲ ଭାବେ ରୋହତକ ଯାତ୍ରା କରିଛନ୍ତି। ସେହିପରି ଘୋଷିତ ୧୨ ଜଣିଆ ବାଳକ ଦଳର ଅଧିନାୟକ ରହିଛନ୍ତି ଦେବାଶିଷ ପରିଡ଼ା। ଏହି ଦଳରେ ସୁଜିତ ସଏ, ସନ୍ତୋଷ କୁମାର ବାରିକ, କରୁଣାକର ବେହେରା, ରୋମିଓ ରଞ୍ଜନ ମାଝି, ଶୁଭ୍ରଜିତ ମହାନ୍ତି, ସୁରେଶ ପ୍ରଧାନ, କାମରାଜୁ କାଦ୍ରାକା, ପ୍ରତୀକ ନାୟକ, ସମ୍ବିତ ଷଡଙ୍ଗୀ, ପ୍ରତ୍ୟୁଷ ଦାସ, ନିରଞ୍ଜନ ବଚ୍ଛା ରହିଛନ୍ତି। ଏହି ଦଳର କୋଚ ହେଉଛନ୍ତି ପୁପୁନ ମଲିକ। ମ୍ୟାନେଜର ଭାବେ କେ. ମାଧବ ରାଓ ଓ ମ୍ୟାଚ ଅଫିସିଆଲ ଭାବେ ପ୍ରକାଶ ନାୟକ ଦଳରେ ରହିଛନ୍ତି। ଉଭୟ ବାଳିକା ବାଳକ ଦଳକୁ ଶୁଭେଚ୍ଛା ଜଣାଇବା ସହ ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା ଆଶା ପ୍ରକାଶ କରିଛନ୍ତି।

### ଆଇସିସି ଟି୨୦ ମହିଳା ବିଶ୍ୱକପ୍
### ନୀତୀନ ଏକମାତ୍ର ଭାରତୀୟ ଅମ୍ପାୟର

ଦୁବାଇ, ୧୨।୨ (ପି.ଟି.)- ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ର ଆଗାମୀ ୭ମ ସଂସ୍କରଣ ଚଳିତ ମାସ ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ତାଲିକା ପ୍ରକାଶ ପାଇଛି। ଏକମାତ୍ର ଭାରତୀୟ ଭାବେ ନୀତୀନ ମେନନ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ଆଶ୍ଚର୍ଯ୍ୟଜନକ ଭାବେ ୬ ଜଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନେ ହେଲେ ଲୌରେନ ଆଗେନବାଗ୍, କିମ୍ କଟ୍ଟନ, କ୍ଲେୟାର ପୋଲୋସାକ, ସୁଏ ରେଡ୍‌ଫେର୍ନ ଓ ଜ୍ୟାକ୍‌ଲିନ ୱିଲିୟମ୍ସ।

### କ୍ରୀଡ଼ା ସଙ୍ଗଠକଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର, ୧୨।୨ (ଡି.ଏନ.ଏ.): ପୁରୁଣା ଭୁବନେଶ୍ୱରର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ତଥା ଟାଉନ୍‌କ୍ଲବର ପ୍ରତିଷ୍ଠାତା ଶ୍ୟାମସୁନ୍ଦର ସାହୁଙ୍କର ବୁଧବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ଶ୍ୟାମସୁନ୍ଦର ଦୀର୍ଘ ୫୦ ବର୍ଷ ଧରି କ୍ଲବରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରିବା ସହ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି ପାଇଁ ଉଦ୍ୟମ କରି ଆସୁଥିଲେ। ଫୁଟବଲ ଖେଳରେ ରୁଚି ଯୋଗୁ ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁଖବର ପାଇ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଏବଂ ବହୁ କ୍ରୀଡ଼ାପ୍ରେମୀ, କ୍ଲବ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅନୁରାଗ, ଦେବାଶିଷଙ୍କ ଅର୍ଦ୍ଧଶତକ

**ରଣଜୀ ଟ୍ରଫି**
**ଓଡ଼ିଶା-୨୦୫/୪**

କଟକ ଅଫିସ,୧୨।୨

ଚଳିତ ସିଜନର ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଦଳ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ଭେଟିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ଉଇକେଟ ହରାଇ ଓଡ଼ିଶା ୨୦୫ରନ କରିଥିବା ବେଳେ ଯୁବ ପ୍ରତିଭା ଦେବାଶିଷ ସାମନ୍ତରାୟ ୬୭ରନରେ ଅପରାଜିତ ଅଛନ୍ତି। ୨୨୮ବଲରୁ କ୍ୟାରିୟରର ୩ୟ ଅର୍ଦ୍ଧଶତକ ହାସଲ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ୩ୟ ଶତକ ସଂଗ୍ରହ କରିବା ଲକ୍ଷ୍ୟରେ ଅଛନ୍ତି। ଅନ୍ୟତମ ଓଡ଼ିଶା ବ୍ୟାଟ୍ସମ୍ୟାନ ଅନୁରାଗ ଷଡ଼ଙ୍ଗୀ ମଧ୍ୟ ଅର୍ଦ୍ଧଶତକ ହାସଲ କରିଛନ୍ତି।

### ଅଙ୍କିତଙ୍କ ପ୍ରଥମ ପଦାର୍ପଣ

ଏହି ସିଜନରେ ଓଡ଼ିଶା ପକ୍ଷରୁ ସର୍ବାଧିକ ଉଇକେଟ ହାସଲ କରିଥିବା ରାଜେଶ ମହାନ୍ତି ଆଘାତ ଜନିତ ସମସ୍ୟା ଯୋଗୁ ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଥିଲେ। ତାଙ୍କ ସ୍ଥାନରେ ଡାହାଣହାତୀ ମିଡ଼ିୟମ ପେସ୍ ବୋଲର ତଥା ଅଲରାଉଣ୍ଡର ଅଙ୍କିତ ଯାଦବଙ୍କୁ ଦଳରେ ନିଆଯାଇଥିଲା। ୧୯୯୩ ନଭେମ୍ବର ୧୯ରେ ଜନ୍ମଗ୍ରହଣ କରିଥିବା ଝାରସୁଗୁଡ଼ାର ଅଙ୍କିତ୍ ପୂର୍ବରୁ ୧୪ ଟି ଲିଷ୍ଟ-ଏ ଓ ୧୦ଟି ଘରୋଇ ଟି୨୦ ମ୍ୟାଚ ଖେଳିଛନ୍ତି। ଦଳରେ ଅନ୍ୟ ୨ଟି ପରିବର୍ତ୍ତନ ମଧ୍ୟ କରାଯାଇଛି। ସ୍ପିନର ପପୁ ରାୟ ଓ ଅଲରାଉଣ୍ଡର ଅଭିଷେକ ରାଉତଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅଭିଜ୍ଞ ବସନ୍ତ ମହାନ୍ତି ଓ ଦେବାଶିଷ ସାମନ୍ତରାୟ ଚୂଡ଼ାନ୍ତ ଏକାଦଶକୁ ଫେରିଛନ୍ତି। ଝାଡ଼ଖଣ୍ଡ ଅଧିନାୟକ ସୌରଭ ତିୱାରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଓପନର ଶାନ୍ତନୁ ମିଶ୍ର ୩୨ବଲରୁ ମାତ୍ର ୪ରନ କରି ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୯ ହୋଇଥିବା ବେଳେ ପେସ୍ ବୋଲର ଆଶିଷ କୁମାରଙ୍କ ବଲରେ ଶାନ୍ତନୁ ଏଲବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ଓ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ୬୭ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଏହି ଦୁଇ ଖେଳାଳି ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ। ୨୪ତମ ଓଭରରେ ଦଳୀୟ ସ୍କୋର ୫୦ ଟପିଥିଲା। ୮୬ବଲରୁ ଅନୁରାଗ ବ୍ୟକ୍ତିଗତ ୫୦ରନ ପୂରଣ କରିବା ସହ ୬୫ରନ କରି ଆଶିଷଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଅନୁରାଗଙ୍କର ଏହା ୧୦ତମ ଅର୍ଦ୍ଧଶତକ। ମଧ୍ୟକ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ଓ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଧୀମା ଗତିରେ ବ୍ୟାଟିଂ କରିଥିଲେ ମଧ୍ୟ ଅଧିକ ସମୟ ତିଷ୍ଠି ପାରି ନଥିଲେ। ଗୋବିନ୍ଦ ୩୧ରନରେ ଓ ଶୁଭ୍ରାଂଶୁ ୧୯ରନରେ ଆଉଟ ହୋଇଥିଲେ। ଦେବାଶିଷ ଅତ୍ୟନ୍ତ ସତର୍କତାର ସହ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ୧୭୬ବଲ ଖେଳି ସେ କ୍ୟାରିୟରର ୩ୟ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ୧୬ରନରେ ଅପରାଜିତ ଅଛନ୍ତି। ହାତରେ ୬ ଉଇକେଟ ବାକି ଥିବା ଓଡ଼ିଶା ପ୍ରଥମ ଇନିଂସରେ ବଡ଼ସ୍କୋର ସଂଗ୍ରହ କରିବ ବୋଲି ଆଶା କରାଯାଉଛି। ଝାଡ଼ଖଣ୍ଡ ପକ୍ଷରୁ ଆଶିଷ କୁମାର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଉତ୍କର୍ଷ ସିଂ ଗୋଟିଏ ଉଇକେଟ ପାଇଛନ୍ତି।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଦେବାଶିଷ ସାମନ୍ତରାୟ ଓ ଅନୁରାଗ ଷଡ଼ଙ୍ଗୀ।

## ଆମେରିକାର ଅଲୋଡ଼ା ରେକର୍ଡ



କିର୍ତ୍ତିପୁର(ନେପାଳ),୧୨।୨

ଆମେରିକା କ୍ରିକେଟ ଦଳ ବୁଧବାର ଏକ ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି। ଦଳ ଦିନିକିଆ ଇତିହାସର ଯୁଗ୍ମ ସର୍ବନିମ୍ନ ସ୍କୋରରେ ଅଲଆଉଟ୍ ହୋଇଯାଇଛି। ଏଠାରେ ଚାଲିଥିବା ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଲିଗ୍ ଦ୍ୱିତୀୟ ପର୍ଯ୍ୟାୟରେ ନେପାଳ ବିପକ୍ଷ ମ୍ୟାଚ୍‌ରେ ଆମେରିକା ୩୫ ରନ୍‌ରେ ସୀମିତ ରହିଛି। ପୂରା ଦଳ ମାତ୍ର ୧୨ ଓଭର ଖେଳିବାକୁ ସକ୍ଷମ ହୋଇଥିଲା। ଓପ୍‌ନର ଜାଭିୟର ମାର୍ଶଲ ୧୬ ରନ୍ ସହ ସର୍ବାଧିକ ସ୍କୋରର ଥିଲେ। ଅନ୍ୟ ୯ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଏଥିରେ ୪ ବ୍ୟାଟ୍ସମ୍ୟାନ ଅଛନ୍ତି, ଯେଉଁମାନେ ଖାତା ଖୋଲିପାରି ନ ଥିଲେ। ଆଇପିଏଲରେ ଖେଳିସାରିଥିବା ନେପାଳ ସ୍ପିନର ସନ୍ଦୀପ ଲାମିଚାନେ ୬ ଓଭରରେ ୧୬ ରନ୍ ବ୍ୟୟରେ ୬ ଉଇକେଟ ନେଇଥିଲେ। ବଳକା ୪ ଉଇକେଟ ହାତେଇଥିଲେ ସୁଶାନ ଭରି। ଜବାବରେ ନେପାଳ ୫.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ଜିମ୍ବାୱେ ଦଳ ୨୦୦୪ରେ ଶ୍ରୀଲଙ୍କା ବିପକ୍ଷରେ ୩୫ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା।

# ଓପିଟିସିଏଲ୍ ଜିତିଲା ପାୱାର କପ୍

ଭୁବନେଶ୍ୱର, ୧୨।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ରେଲୱେ କ୍ରିକେଟ ଷ୍ଟାଡ଼ିୟମରେ ୧୫ତମ ପାୱାର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଫାଇନାଲରେ ସାଉଥ୍‌କୋକୁ ୨୫ ରନରେ ହରାଇ ଓପଟିସିଏଲ୍ ୧୫ତମ ପାୱାର କପ୍ ଟାଇଟଲ ଜିତିଛି। ଓପିଟିସିଏଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ବିନିମୟରେ ୧୩୨ ରନ୍ କରିଥିଲା । ଜବାବରେ ସାଉଥକୋ ୨୦ ଓଭରରେ ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଓପିଟିସିଏଲ୍ ର ଅଭୟ ମଲ୍ଲିକ ୪୫ ବଲରେ ୬୩ ରନ କରି ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଥିଲେ। ତାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଶକ୍ତି ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଓଏଚପିସି ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ଓପିଟିସିଏଲ ଅର୍ଥ ମୁଖ୍ୟ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ମିଶ୍ର, ପ୍ରକଳ୍ପ ମୁଖ୍ୟ ମହାପ୍ରବନ୍ଧକ ଗୋପାଳ ଚନ୍ଦ୍ର ପତି, ସୁରକ୍ଷା ମୁଖ୍ୟ ମହାପ୍ରବନ୍ଧକ ଶଙ୍କର କ୍ରିଷ୍ଣନ, ଅପରେଶନ ମୁଖ୍ୟ ମହାପ୍ରବନ୍ଧକ ସ୍ୱରୂପ ହରିଚନ୍ଦନ, ଗ୍ରୀଡ୍‌କୋ ଅର୍ଥ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀନିବାସ ମହାପାତ୍ର ଏବଂ ଲୋଡ୍ ଡେସପାଚ୍ ମୁଖ୍ୟ ମହାପ୍ରବନ୍ଧକ ପ୍ରବୋଧ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ପାୱାର କପ୍ ବିଜୟୀ ଓପିଟିସିଏଲ୍ ଦଳର ଖେଳାଳିମାନେ।

# ଯୁବ ଭାରୋତ୍ତୋଳକଙ୍କ ପାଇଁ ଉତ୍ତମ ପ୍ଲାଟଫର୍ମ

ନୂଆଦିଲ୍ଲୀ, ୧୨।୨

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସର୍ବପ୍ରଥମ ସଂସ୍କରଣ ଭୁବନେଶ୍ୱର ଓ କଟକରେ ଚଳିତ ମାସ ୨୨ରୁ ଆରମ୍ଭ ହେବ। ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ଯୁବ ଭାରୋତ୍ତୋଳକଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଉତ୍ତମ ପ୍ଲାଟଫର୍ମ ହେବ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସଫଳତାର ସହ ୩ ସଂସ୍କରଣ ଆୟୋଜନ ପରେ ଭାରତ ସରକାର ବିଶ୍ୱବିଦ୍ୟାଳୟ କ୍ରୀଡ଼ା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟ ସ୍ତରର ପ୍ରତିଭା ସମ୍ପନ୍ନ ଆଥଲେଟ୍‌ମାନେ ସେମାନଙ୍କ ଦକ୍ଷତା ଦେଖାଇବେ। ୨୦୧୭ରେ ମୀରାବାଈ ଚାନୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ଆଗାମୀ ଅଲିମ୍ପିକ୍ସରେ ମଧ୍ୟ ଭାରତ ଏହି ଇଭେଣ୍ଟରୁ ପଦକ ଜିତିବାର ଅନେକ ସମ୍ଭାବନା ରହିଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭାରତୀୟ ଯୁବ ଭାରୋତ୍ତୋଳକଙ୍କ ପାଇଁ ଆଗକୁ ବଢ଼ିବାରେ ଶିଡ଼ି ସଦୃଶ କାର୍ଯ୍ୟ କରିବ। ଯାହାଫଳରେ ଦେଶରେ ଅନେକ ମୀରାବାଈ ଚାନୁ ସୃଷ୍ଟି ହୋଇ ପାରିବେ।

‘‘ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଏକ ଜାତୀୟ ପ୍ରତିଯୋଗିତା ହୋଇଥିବାରୁ ଆମ ପାଇଁ ଅନେକ ମହତ୍ତ୍ୱ ରଖୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆମର ସମସ୍ତ ଦାୟିତ୍ୱ ବହନ କରାଯାଉଥିବାରୁ ମୁଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଉପରେ ଏକାଗ୍ର ରହିଛି। ଏହା ଆମ ପାଇଁ ନିଶ୍ଚିତ ଭଲ ଅଭିଜ୍ଞତା ଆଣିବ’’ ବୋଲି ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ବୀରଜିତ କୌର ପ୍ରକାଶ କରିଛନ୍ତି। ଚଳିତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪୯ କେଜି କାଟେଗୋରିରେ ବୀରଜିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଗୁଆହାଟୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୋମଲ କୋହର ମଧ୍ୟ ସମାନ ମତବ୍ୟକ୍ତ କରିଛନ୍ତି। ‘‘ଭାରତର ଉଦୀୟମାନ ଆଥଲେଟଙ୍କ ପାଇଁ ଏହି ପ୍ରତିଯୋଗିତା ବଡ଼ ପ୍ଲାଟଫର୍ମ। ସେମାନେ ଏଥିରେ ନିଜ ପ୍ରତିଭା ଦେଖାଇ ପାରିବେ। ଦେଶରେ କ୍ରୀଡ଼ା ସଂସ୍କୃତିର ଉନ୍ନତି ପାଇଁ ସରକାର ନେଇଥିବା ପଦକ୍ଷେପ ବହୁତ ବଢ଼ିଆ। ଓଡ଼ିଶାରେ ହେବାକୁ ଯାଉଥିବା ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ସୁଯୋଗ ଆଣିବ’’ ବୋଲି ୧୭ ବର୍ଷୀୟା କୋମଲ ପ୍ରକାଶ କରିଛନ୍ତି। ଗତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ମୟୂରୀ ଦେଭାରେ ମଧ୍ୟ ଆଗାମୀ ପ୍ରତିଯୋଗିତାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି। ‘‘ସ୍କୁଲରେ ମୁଁ କୋଚ୍‌ଙ୍କ ତତ୍ତ୍ୱାବଧାନରେ ଭାରୋତ୍ତୋଳନ ଆରମ୍ଭ କରିଥିଲି। ଚଳିତ ବର୍ଷ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୮୧ କେଜି ବର୍ଗରେ ମୁଁ ରୌପ୍ୟ ପଦକ ହାସଲ କରିଛି। ଆଗାମୀ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ମଧ୍ୟ ମୁଁ ସମାନ କାଟେଗୋରିରେ ଭାଗନେବି। ଏଥିପାଇଁ ମୁଁ ପ୍ରସ୍ତୁତି ଚଳାଇଛି। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ’’ ବୋଲି କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ମୟୂରୀ ପ୍ରକାଶ କରିଛନ୍ତି।

# ଚର୍ଚ୍ଚାରେ ରାହୁଲ-ପାଣ୍ଡେଙ୍କ କନ୍ନଡ ବାର୍ତ୍ତାଳାପ

ବେଙ୍ଗାଲୁରୁ,୧୨।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଗତ ତୃତୀୟ ଦିନିକିଆ ମ୍ୟାଚ୍ ଅବସରରେ କର୍ଣ୍ଣାଟକର ଦୁଇ କ୍ରିକେଟର ଲୋକେଶ ରାହୁଲ ଓ ମନୀଷ ପାଣ୍ଡେ ହିନ୍ଦୀ କିମ୍ବା ଇଂରାଜୀରେ କଥା ନ ହୋଇ ନିଜ ମାତୃ ଭାଷା କନ୍ନଡରେ ବାର୍ତ୍ତାଳପ କରିଥିଲେ। ମ୍ୟାଚ୍ ପ୍ରସାରଣ ବେଳେ ଏହା ଶୁଣିବାକୁ ମିଳିଥିଲା। ଏହା କର୍ଣ୍ଣାଟକର କ୍ରିକେଟ ପ୍ରେମୀଙ୍କୁ ଅବଶ୍ୟ ଖୁସି କରିଥିବ। ପଡିଆରେ ଲଗାଯାଇଥିବା ମାଇକ୍ରୋଫୋନରେ ଏହି ଦୁଇ କ୍ରିକେଟରଙ୍କ ବାର୍ତ୍ତାଳାପ ରେକର୍ଡ ହୋଇଥିଲା ଓ ପରେ ଏହାର ପ୍ରସାରଣ କରାଯାଇଥିଲା। ଅନ୍ତିମ ଦିନିକିଆରେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦୁହେଁ ନିଜ ଭାଷାରେ କଥା ହୋଇଥିଲେ। ଏହା ଏବେ ଚର୍ଚ୍ଚା ସୃଷ୍ଟି କରିଛି। ଏହି ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଥିଲା।

‘ଓଡି ଓଡି ବା’ ଅର୍ଥାତ ଆସ ଦୌଡ଼ ବୋଲି ଉଭୟ ପରସ୍ପରକୁ କହିଥିଲେ। ‘ବାରଥିରା’(ତୁମେ ଆସିବ କି), ବେଡ଼ା ବେଡ଼ା (ନା ନା) ଓ ‘ବା ବା’ (ଆସ) ଭଳି ଉଭୟ ବ୍ୟାଟ୍ସମ୍ୟାନ ବ୍ୟବହାର କରିଥିଲେ। ବଡ଼ ପାଟିରେ ଏହି ଶବ୍ଦ ବ୍ୟବହାର କରିଥିଲେ ରାହୁଲ ଓ ପାଣ୍ଡେ, ଯାହାକୁ ଅଣଦେଖା କରିହେବ ନାହିଁ। ବିଶ୍ୱରେ ଥିବା କନ୍ନଡ ଭାଷାଭାଷୀ ଲୋକ ଏହା ଶୁଣି ଅବଶ୍ୟ ଖୁସି ହୋଇଥିବେ। ମ୍ୟାଚ୍‌ରେ ରାହୁଲ ୧୦୭ ଓ ପାଣ୍ଡେ ୪୨ ରନର ପାଳି ଖେଳିଥିଲେ ଓ ଉଭୟ ପଞ୍ଚମ ଉଇକେଟରେ ୧୦୭ ରନ ସଂଗ୍ରହ କରି ଭାରତର ସ୍କୋରକୁ ୨୯୬ରେ ପହଞ୍ଚାଇଥିଲେ।

ଉଲ୍ଲେଖଥାଉ କି, ପାଣ୍ଡେ ବେଙ୍ଗାଲୁରୁରେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ ଓ ରାହୁଲ କର୍ଣ୍ଣାଟକର ତୁମାକୁରୁରେ ଜନ୍ମ ଗ୍ରହଣ କରିଥିଲେ। ରାହୁଲ ଅବଶ୍ୟ ପରେ ଜୈନ ଜାଭିୟର ବିଶ୍ୱ ବିଦ୍ୟାଳୟରେ ପାଠ ପଢିଥିଲେ। ଅନ୍ତିମ ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩-୦ରେ ଦିନିକିଆ ସିରିଜ କ୍ଲିନ୍ ସୁଇପ୍ କରିଥିଲା।

# ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଚାମ୍ପିୟନ

**ରାଜ୍ୟସ୍ତରୀୟ ଫୁଟବଲ**

ବାଙ୍କୀ, ୧୨।୨ (ସ୍ୱ.ପ୍ର)

ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରି ପଡିଆରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷୀକେଶ ସାହୁ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ବୁଧବାର ଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲକୁ ୧-୦ ଗୋଲରେ ହରାଇ ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଚାମ୍ପିୟନ ହୋଇଛି। ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଥୁରୀପଡା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ସଦାନନ୍ଦ ଦାସ, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବିଭୂତି ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍‌ର ସଭାପତି ତଥା ଉପଜିଲାପାଳ ରଞ୍ଜନ କୁମାର ଜେନା ଉତ୍ସବରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ପ୍ରାଣକୃଷ୍ଣ ମେମୋରିଆଲ କପ୍ ସହିତ ୧୦ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ହୃଷୀକେଶ ମେମୋରିଆଲ୍ କପ୍ ସହିତ ୬ହଜାର ଟଙ୍କା ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଅବିନାଶ ପଟ୍ଟନାୟକ ରେଫରି ଏବଂ ମନୋରଞ୍ଜନ ଖୁଣ୍ଟିଆ, ଆଦର୍ଶ ମହାପାତ୍ର, ବିନୟ ପ୍ରଧାନ ସହକାରୀ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଉପସଭାପତି ଜିତେନ୍ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଆଡ୍‌ଭୋକେଟ୍ ଧର୍ମପ୍ରସାଦ ମଙ୍ଗରାଜ, ବୃନ୍ଦାବନ ପ୍ରଧାନ, ପରିକ୍ଷିତ ବେହେରା, ଗୋକୁଳାନନ୍ଦ ବେହେରା, ପ୍ରସନ୍ନ ଜିତ୍ ତ୍ରିପାଠୀ, ସହ ସମ୍ପାଦକ ପ୍ରଶାନ୍ତ ଦାଶ, ଫୁଟବଲ୍ ସେକ୍ରେଟାରି କୃପାସିନ୍ଧୁ ପ୍ରଧାନ, ପ୍ରସନ୍ନ କୁମାର ବେହେରା, ସୁଶାନ୍ତ ପ୍ରଧାନ, ପ୍ରଦୀପ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାଙ୍କୀ ଆଥଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।





ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ବାଙ୍କୀ ଦଳ।

## ସଂକ୍ଷେପରେ

### କରୋନା ଭାଇରସ୍ ଆତଙ୍କ ଚାଇନିଜ୍ ଗ୍ରାଁ ପ୍ରି ଘୁଞ୍ଚିଲା

ପ୍ୟାରିସ୍,୧୨।୨(ଏଏଫ୍‌ପି)- କରୋନାଭାଇରସ୍‌ର ଆତଙ୍କ ଏବେ କ୍ରୀଡ଼ାକୁ ମଧ୍ୟ ପ୍ରଭାବିତ କରିଛି। ଏପ୍ରିଲ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଚାଇନିଜ ଗ୍ରାଁ ପ୍ରିକୁ ଏଥିପାଇଁ ଘୁଞ୍ଚାଇ ଦିଆଯାଇଛି। କରୋନାଭାଇରସ କ୍ରମାଗତ ଭାବେ ବ୍ୟାପିବାରେ ଲାଗିଥିବାରୁ ଏହି ଫର୍ମୁଲା-୧ ରେସକୁ ଘୁଞ୍ଚାଇ ଦିଆଯାଇଛି ବୋଲି ମୋଟୋସ୍ପୋର୍ଟ୍ସର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଏଫ୍‌ଆଇଏ ଘୋଷଣା କରିଛି। ଏହି ରେସ୍‌କୁ ଘୁଞ୍ଚାଇବା ପାଇଁ ସାଙ୍ଘାଇ ରେସ୍‌ର ପ୍ରମୋଟରମାନେ ଅନୁରୋଧ କରିଥବା ଏଫ୍‌ଆଇଏ କହିଛି। ନୂଆ ସେସନରେ ସାଙ୍ଘାଇ ରେସ୍ ଚତୁର୍ଥ ଇଭେଣ୍ଟର ମାନ୍ୟତା ପାଇଛି। ଏହା ବିଶ୍ୱର ଅନ୍ୟତମ ହାଇପ୍ରୋଫାଇଲ ସ୍ପୋର୍ଟ୍ସ ଇଭେଣ୍ଟ ବିବେଚିତ ହେଉଛି। ଏହି ଭାଇରସ୍ କାରଣରୁ ଚାଇନାରେ ୧,୧୦୦ ଲୋକ ପ୍ରାଣ ହରାଇଲେଣି। ଉଲ୍ଲେଖଥାଉ କି, ସାଙ୍ଘାଇ ରେସ୍ ସହିତ ଏଫ୍‌ଆଇଏ ଚଳିତ ସେସନରେ ୨୨ଟି ଗ୍ରାଁ ପ୍ରି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

### ଅଜୟ୍ ସଭାପତି, ଭରତ ସମ୍ପାଦକ

ଚେନ୍ନାଇ, ୧୨।୨ (ପି.ଟି.)- ସର୍ବଭାରତୀୟ ଚେସ୍ ମହାସଂଘର (ଏଆଇସିଏଫ୍) ନୂତନ ସଭାପତି ଭାବେ ଅଜୟ୍ ପଟେଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଭରତ ସିଂ ଚୌହାନ ମଧ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ ହୋଇଛନ୍ତି। ଏହି ନିର୍ବାଚନରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱ ତୁଲାଇଥିବା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଫକୀର ମହମ୍ମଦ ଇବ୍ରାହିମ କାଲିଫୁଲ୍ଲା ସମସ୍ତ ୫ଜଣ ଅଫିସ କର୍ମକର୍ତ୍ତାଙ୍କୁ ବିଜୟୀ ଘୋଷିତ କରିଛନ୍ତି। ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଅବଧି ୨୦୨୩ ପର୍ଯ୍ୟନ୍ତ ରହିବ। ଅନ୍ୟ ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ନରେଶ ଶର୍ମା (କୋଷାଧକ୍ଷ), ଏମ୍. ଅରୁନ ସିଂହ (ଯୁଗ୍ମ ସମ୍ପାଦକ) ଓ ବିପନେଶ ଭରଦ୍ୱାଜ (ଉପ-ସଭାପତି)। ପ୍ରକାଶଯୋଗ୍ୟ, ଏଆଇସିଏଫ୍ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ପୂର୍ବତନ ସଭାପତି ଭେଙ୍କଟରମନ ରାଜା ଗୋଟିଏ ଗୋଷ୍ଠୀର ଏବଂ ଚୌହାନ ଅନ୍ୟ ଗୋଷ୍ଠୀର ମୁଖ୍ୟ ଥିଲେ। ବର୍ତ୍ତମାନ ନିର୍ବାଚିତ ହୋଇଥିବା ସମସ୍ତ କର୍ମକର୍ତ୍ତା ଚୌହାନ ଗୋଷ୍ଠୀର ବୋଲି ଜଣାପଡ଼ିଛି। ୩ ପୃଷ୍ଠା ସମ୍ବଳିତ ନିର୍ବାଚନୀ ରିପୋର୍ଟକୁ ଖଲିଫୁଲ୍ଲା ମାଡ୍ରାସ ହାଇକୋର୍ଟ ରେଜିଷ୍ଟ୍ରରକୁ ଫରୱାର୍ଡ କରିବେ। ମାନ୍ୟବର ହାଇକୋର୍ଟ ଫାଇନାଲ ଶୁଣାଣି ଶୁଣାଇବେ ବୋଲି ରାଜାଙ୍କ ଗୋଷ୍ଠୀ ଆଶା ରଖିଛି।

### ୧୫ରେ ଫିଟ୍‌ନେସ ଟେଷ୍ଟ ଦେବେ ଈଶାନ୍ତ



ନୂଆଦିଲ୍ଲୀ,୧୨।୨- ଭାରତୀୟ ଦଳର ଆସନ୍ତା ୧୪ ତାରିଖରୁ ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷରେ ଅଭ୍ୟାସ ଟେଷ୍ଟ ମ୍ୟାଚ୍ ଖେଳିବ। ଏହାର ଗୋଟିଏ ଦିନ ପରେ ଟିମ୍ ଇଣ୍ଡିଆର ସିନିୟର ପେସର ଈଶାନ୍ତ ଶର୍ମା ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ। ଏଥିରେ ସଫଳ ହେଲେ ହିଁ ସେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ୩୧ ବର୍ଷୀୟ ପେସର ଗତ ୨୧ ତାରିଖରେ ବିଦର୍ଭ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିଲା। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ତାଙ୍କୁ ୬ ସପ୍ତାହ ବିଶ୍ରାମ ଦରକାର। ଏବେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଏହି ପେସରଙ୍କ ଚିକିତ୍ସା କରାଯାଉଛି। ଚୟନ କମିଟି ଈଶାନ୍ତଙ୍କ ନାମ ଟେଷ୍ଟ ଦଳରେ ସାମିଲ କରିଛି। ପୂର୍ବରୁ ସେ ଉମେଶ ଯାଦବଙ୍କ ସହ ଗତ ୬ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତ କରିବାର ଥିଲା। କିନ୍ତୁ ଆହତ ସମସ୍ୟା ଯୋଗୁ ବିଳମ୍ବ ହୋଇଛି। ଉଲ୍ଲେଖଯୋଗ୍ୟ, ୯୬ ଟେଷ୍ଟ ଖେଳିଥିବା ଡାହାଣହାତୀ ପେସରଙ୍କ ନାମରେ ୨୯୨ ଉଇକେଟ ରହିଛି। ଏହାବାଦ୍ ୮୦ ଦିନିକିଆରେ ୧୧୫ ଉଇକେଟ ଓ ୧୪ ଟି୨୦ରୁ ୮ ଉଇକେଟ ନେଇଛନ୍ତି।

# ବିବେକଙ୍କ ପାଇଁ ବୈଠକ ଡାକିଥିଲେ କୋଚ୍ ରିଡ୍



ପୁରସ୍କାର ଦୌଡ଼ରେ ବିବେକ ଆର୍ଜେଣ୍ଟିନାର ମାଇକୋ କାସେଲା, ଅଷ୍ଟ୍ରେଲିଆର ବ୍ଲାକ୍ ଗୋଭର୍ସ, ଗ୍ରେଟ ବ୍ରିଟେନର ଜାଚାରୀ ୱାଲାସ ଓ ନେଦରଲାଣ୍ଡ୍ସର ଜୋନାସ ଡି ଜିଉସଙ୍କୁ ପଛରେ ପକାଇ ଦେଇଥିଲେ। ବିବେକଙ୍କର ମୋଟ ଉପରେ ଭୋଟ ହାର ୩୪.୫ ପ୍ରତିଶତ ଥିଲା।

ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)

୨୦୧୭ରେ ୧୭ ବର୍ଷର ହୋଇଥିବାବେଳେ ବିବେକ ସାଗର ପ୍ରସାଦ ଭାରତୀୟ ସିନିୟର ହକି ଦଳରୁ ଖେଳିବା ସୁଯୋଗ ପାଇଥିଲେ। ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ତାଙ୍କୁ ଏହି ସୁଯୋଗ ମିଳିଥିଲା। ପୂର୍ବତନ ଡ୍ରାଗ୍ ଫ୍ଲିକର ସନ୍ଦୀପ ସିଂଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ସେ ଭାରତୀୟ ସିନିୟର କ୍ୟାପ୍ ପାଇଥିଲେ। ଦୁଇବର୍ଷ ସେ ଜାତୀୟ ଦଳରୁ ଖେଳିବା ଭିତରେ ୨୦୧୯ ବର୍ଷ ପାଇଁ ଏଫଆଇଏଚ୍ 'ରାଇଜିଂ ଷ୍ଟାର ଅଫ ଦି ଇୟର' ପୁରସ୍କାର ପାଇ ନିଜ ଦକ୍ଷତା ପ୍ରମାଣିତ କରିଛନ୍ତି। ଏ କ୍ଷେତ୍ରରେ ସେ ବିଶ୍ୱର ଅନ୍ୟ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। ଶ୍ରେଷ୍ଠ ଜୁନିୟର ଖେଳାଳି ପୁରସ୍କାର ପାଇବାର ଘଟଣାବଳି, ଅତୀତର ସ୍ମୃତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଭାରତୀୟ ଦଳର ଏହି ଉଦୀୟମାନ ମିଡ୍‌ଫିଲ୍ଡର।

**ବ୍ୟାଡ୍‌ମିଣ୍ଟନ, ଚେସ୍‌ରୁ ହକି**

''ନିଜ ଦେଶ ପକ୍ଷରୁ ଉଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରିବାଠାରୁ ଆଉ ଭଲ ଅନୁଭବ କିଛି ନାହିଁ। ଛୋଟବେଳେ ମୁଁ ବ୍ୟାଡ୍‌ମିଣ୍ଟନ ଓ ଚେସ୍ ଖେଳିବାକୁ ଭଲ ପାଉଥିଲି। ମାତ୍ର ସମୟକ୍ରମେ ମୁଁ ହକି ଖେଳିବା ଆରମ୍ଭ କରିଥିଲି। ମୁଁ ଆଜି ଏଠାରେ ପହଞ୍ଚିବା ପଛରେ ପରିବାର, କୋଚ୍ ଓ ବନ୍ଧୁମାନଙ୍କର ଯଥେଷ୍ଟ ଅବଦାନ ଅଛି। ପ୍ରକୃତରେ ଏହା ଏକ ଭିନ୍ନ ଅନୁଭବ। ମୋତେ ଭୋଟ ଦେଇଥିବା ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଉଛି। ଏହା ମୋ ପାଇଁ ବଡ଼ ସ୍ୱୀକୃତି। ଏହା ମୋତେ କଠିନ ପରିଶ୍ରମ ସହ ଗେମ୍ ପ୍ରତି ଅଧିକ ଫୋକସ ରଖିବା ଏବଂ ଦେଶ ପାଇଁ ଅଧିକରୁ ଅଧିକ ଗୌରବ ଆଣିବାକୁ ପ୍ରେରିତ କରିଛି'' ବୋଲି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାତୀୟ କ୍ୟାମ୍ପ ଅବସରରେ ବିବେକ ପ୍ରକାଶ କରିଛନ୍ତି। ଚଳିତ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡ୍ସ ଓ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷରେ ଖେଳି ସାରିଥିବାବେଳେ ଚଳିତମାସ ଶେଷଭାଗରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆକୁ ଭେଟିବାକୁ ପ୍ରସ୍ତୁତ ହେଉଛି।

**ଚମକପ୍ରଦ ସରପ୍ରାଇଜ୍**

ଏଫଆଇଏଚ୍ ପୁରସ୍କାର ସମ୍ପର୍କରେ ବିବେକ କହିଛନ୍ତି ଯେ, '' ଯେତେବେଳେ ପ୍ରାରମ୍ଭିକ ନାମ ଘୋଷଣା ହେଲା ସେତେବେଳେ ମୁଁ ଟ୍ରେନିଂ ସାରି ରୁମ୍‌ରେ ଥିଲି। ମନପ୍ରୀତ ଭାଇ(ଅଧିନାୟକ ମନପ୍ରୀତ ସିଂ) ପ୍ରଥମେ ମୋତେ ଏ ସମ୍ପର୍କରେ ଜଣାଇଲେ। ମାତ୍ର ସେ ମଜା କରୁଛନ୍ତି ବୋଲି ଭାବିଥିଲି। ମାତ୍ର ସେ ମୋତେ ଏଫଆଇଏଚ୍ ଅଫିସିଆଲ ୱେବସାଇଟ୍ ଦେଖାଇଥିଲେ। ସେତେବେଳେ ପ୍ରକୃତରେ ଖୁସି ଲାଗିଥିଲା। ସୋମବାର ବିଜେତା ଘୋଷଣା ହେବାପରେ ଆମ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ରାତ୍ରଭୋଜନ ପୂର୍ବରୁ ଟିମ୍ ବୈଠକ ଡାକିଲେ। ଏହା ଏକ ରୁଟିନ ଟିମ୍ ବୈଠକ ବୋଲି ମୁଁ ଭାବିଥିଲି। ମାତ୍ର ସେହି ବୈଠକରେ କୋଚ୍, ଟିମ୍‌ର ସମସ୍ତ ସଦସ୍ୟ ଏବଂ ହକି ଇଣ୍ଡିଆ କର୍ମକର୍ତ୍ତାମାନେ ମୋତେ ଚମକପ୍ରଦ ସରପ୍ରାଇଜ୍ ଦେଲେ। ଏହା ମୋ ପାଇଁ ଅବିସ୍ମରଣୀୟ''।

**ବାପା ଶିକ୍ଷକ, ମା' ଗୃହିଣୀ**

ବିବେକ ଏବେ ୧୯ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ପିତା ରୋହିତ ପ୍ରସାଦ ଉତ୍ତର ପ୍ରଦେଶ ଗାଜିପୁରରେ ଜଣେ ସ୍କୁଲ ଶିକ୍ଷକଭାବେ କାର୍ଯ୍ୟରତ। ମା' କମଳା ଦେବୀ ଜଣେ ଗୃହିଣୀ। ରୋହିତ-କମଳାଙ୍କ ୪ ସନ୍ତାନଙ୍କ ମଧ୍ୟରୁ ବିବେକ ସର୍ବକନିଷ୍ଠ। ''ମୋ ବାପା ଓ ମା ମୋତେ ପୂରା ସମର୍ଥନ କରି ଆସିଛନ୍ତି। ସେମାନେ ଅନେକ କିଛି ତ୍ୟାଗ ମଧ କରିଛନ୍ତି। ଏହି ପୁରସ୍କାର ଘୋଷଣା ମୋ ଏବଂ ମୋ ପରିବାର ପାଇଁ ଭାବପୂର୍ଣ୍ଣ ମୁହୂର୍ତ୍ତ ଆଣିଥିଲା। କାରଣ ଏହାଠାରୁ ବଡ଼ ଖୁସି ଆମ ପାଇଁ କିଛି ନ ଥିଲା। ଏହି ସଫଳତା କଠିନ ପରିଶ୍ରମ, ନିଷ୍ଠା ଓ ତ୍ୟାଗର ଫଳ ବୋଲି ବିବେକ କହିଛନ୍ତି। ବିବେକଙ୍କ ନେତୃତ୍ୱରେ ଭାରତୀୟ ୧୮ ବର୍ଷରୁ କମ୍ ହକି ଦଳ ୨୦୧୮ ବୁଏନ୍ସ ଏୟାର୍ସ ଯୁଥ୍ ଅଲିମ୍ପିକ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିଲା। ପ୍ରତିଭାକୁ ଚିହ୍ନିବା ସହ ଭଲ ଖେଳିବାକୁ ଉତ୍ସାହିତ କରିଥିବା କୋଚ୍ ମାନଙ୍କୁ ବିବେକ ଧନ୍ୟବାଦ ଜଣାଇବାକୁ ଭୁଲି ନାହାନ୍ତି। ସେମାନଙ୍କ ସମର୍ଥନ ଓ ପରିଶ୍ରମ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ଦେଶ ପାଇଁ ଅଧିକରୁ ଅଧିକ ଟ୍ରଫି ଜିତିବା ଏବଂ ପଦକ ଆଣିବା ପାଇଁ ସେମାନେ ମୋତେ ଉତ୍ସାହିତ କରି ଚାଲିଛନ୍ତି ବୋଲି ଏହି ପ୍ରତିଭାସମ୍ପନ୍ନ ମିଡ୍‌ଫିଲ୍ଡର ପ୍ରକାଶ କରିଛନ୍ତି।

**ମୌଳିକତା ପ୍ରତି ଧ୍ୟାନ ଦେଇଥିଲି**

କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷ ପ୍ରୋ ଲିଗ୍ ଦ୍ୱିତୀୟ ମ୍ୟାଚରେ ବିବେକ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହା ତାଙ୍କ ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଥିଲା। ''ମୁଁ ମୋ ମୌଳିକ ଖେଳ ପ୍ରତି ଧ୍ୟାନ ଦେଇଥିଲି। ସୁଯୋଗ ଆସିବା ମାତ୍ରେ ମୁଁ ତା'ର ସଦୁପଯୋଗ କରିଥିଲି। ତେବେ ପୂରା ମ୍ୟାଚ କଥା ଦେଖିବାକୁ ଗଲେ ଆମେ ଅନେକ ସୁଯୋଗ ପାଇଥିଲୁ, ମାତ୍ର ତାହାକୁ ଗୋଲରେ ପରିଣତ କରିପାରିଲୁ ନାହିଁ। ବ୍ୟକ୍ତିଗତଭାବେ ମୁଁ ମୋ ଦକ୍ଷତା ଅନୁସାରେ ଖେଳିଥିଲି। ତେଣୁ ମୋ ପ୍ରଦର୍ଶନରେ ମୁଁ ସନ୍ତୁଷ୍ଟ'' ବୋଲି ସେ ପ୍ରକାଶ କରିଛନ୍ତି।

ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା



ଅଭିଜିତ ମହାନ୍ତି (ସାଇ)
ଅଂଶୁମାନ ମହାନ୍ତି (ରାମ)
ଶୁଭ ଜନ୍ମବାର୍ଷିକ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ବଡବାପା, ବଡମାମା, ମାମା, ବାବା, ସତ୍ୟ, ଲୋରି, ଖୁସି, ରୂପା, ଲିପାନି, ଅନୁ, ରାକ୍ଷୀ
ଧ-୧୬୬୬୬

### ଗୋଲକିପରଙ୍କୁ ମାରି ରେଫରି ବାସନ୍ଦ

ମିଲାନ,୧୨।୨

ଚଳିତ ମାସରେ ଏକ ଲିଗ୍ ମ୍ୟାଚ୍ ବେଳେ ଜଣେ ଇଟାଲିଆନ ରେଫରି ଗୋଲକିପରଙ୍କୁ ମୁଣ୍ଡିଆ ମାରିଥିଲେ। ଏଥିନେଇ ରେଫରିଙ୍କୁ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଚଳିତ ମାସ ୧ ତାରିଖରେ ବର୍ଗୋ ମଗଲିଆନୋ ଓ ମଣ୍ଟୋଟୋନ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ରେଫରି ଆଣ୍ଟନିଓ ମାର୍ଟିନିଏଲୋ ବର୍ଗୋ ଗୋଲକିପର ମାଟେଓ ସିସିଙ୍କୁ ରେଡ୍ କାର୍ଡ ଦେଇଥିଲେ। ଏହି ମ୍ୟାଚ୍‌କୁ ଆୟୋଜକ ଦଳ ୩-୧ ଗୋଲରେ ଜିତିନେଇଥିଲା। ମ୍ୟାଚ୍ ପରେ ରେଫରି ଆଣ୍ଟନିଓ ଓ ବର୍ଗୋ ଗୋଲକିପର ପରସ୍ପରକୁ ଭେଟିଥିଲେ। ଚେଞ୍ଜ ରୁମ୍‌ରେ ଗୋଲକିପର ମାଟେଓ ଆଣ୍ଟନିଓଙ୍କୁ ରେଡ୍ କାର୍ଡ ଦେବାର କାରଣ ପଚାରିଥିଲେ। କିନ୍ତୁ ରେଫରି ଆଣ୍ଟନିଓ ମାଟେଓଙ୍କୁ ମୁଣ୍ଡରେ ମାରିଥିଲେ। ପରେ ମାଟେଓଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ବାସନ୍ଦ ଥିବା ମାର୍ଟିନିଏଲୋ ଆଗାମୀ ବର୍ଷ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ପରିଚାଳନା କି କୌଣସି ଇଟାଲିଆନ ଦଳର ଚେଞ୍ଜ ରୁମ୍‌ରେ ପ୍ରବେଶ କରିପାରିବେ ନାହିଁ।

# ଫାଇନାଲରେ ହାରିଲା ଭାରତ

ମେଲବୋର୍ନ,୧୨।୨(ପି.ଟି.)

ଓପ୍‌ନର ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ବେକାର ସାବ୍ୟସ୍ତ ହୋଇଛି। ଏଠାରେ ବୁଧବାର ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍ ଫାଇନାଲରେ ଅଷ୍ଟ୍ରେଲିଆ ୧୧ ରନ୍‌ରେ ଭାରତକୁ ହରାଇ ଚାମ୍ପିୟନ ହୋଇଛି। ୧୫୬ ରନ୍ ଟାର୍ଗେଟର ପିଛା କରୁଥିବା ଭାରତୀୟ ମହିଳା ଦଳ ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଚାମ୍ପିୟନ ଦଳ ପାଇଁ ୫ ଉଇକେଟ ସଫଳତା ପାଇଥିବା ବାମହାତୀ ସ୍ପିନର ଜେସ ଜୋନାସେନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ବେଥ ମୁନିଙ୍କୁ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ କରାଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଟିମ୍ ଇଣ୍ଡିଆ ଅନ୍ତିମ ଓଭରରେ ୧୯ ରନ୍ ବ୍ୟୟ କରିଥିଲା, ଯାହାକି ପରାଜୟର ମୂଳ କାରଣ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେଥ ମୁନି ୭୧ ରନ୍ କରି ଅପରାଜିତ ଥିଲେ। ତାଙ୍କ ବ୍ୟତୀତ ଆଶଲେ ଗାର୍ଡ଼ନର ଓ ଅଧିନାୟିକା ମେଗ ଲାନ୍ନିଂ ୨୬ ଲେଖାଏ ରନ୍ କରିଥିଲେ। ଭାରତୀୟ ଦଳ ପକ୍ଷରୁ ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍ୱାଡ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଧା ଯାଦବ ଓ ଅରୁନ୍ଧତୀ ରେଡ୍ଡୀ ପ୍ରତ୍ୟେକେ ୧ଟି ଉଇକେଟ ହାତେଇଥିଲେ। ଜବାବରେ ଟିମ୍ ଇଣ୍ଡିଆ ଆରମ୍ଭରୁ ଶେଫାଳି ବର୍ମା (୧୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ମନ୍ଧାନା ୩୭ ବଲରେ ୬୬ ରନ୍‌ର ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ଥିଲା ୧୨ ଚୌକା। ଏଥିଯୋଗୁ ଭାରତୀୟ ଦଳ ୧୪.୧ ଓଭର ପର୍ଯ୍ୟନ୍ତ ୩ ଉଇକେଟ ହରାଇ ୧୧୧ ରନ୍ କରିଥିଲା। ସେତେବେଳେ ଦଳକୁ ଜିତିବା ପାଇଁ ୩୫ ବଲରେ ୪୪ ରନ୍ ଦରକାର ଥିଲା। କିନ୍ତୁ ଟିମ୍ ଇଣ୍ଡିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେଷଆଡ଼କୁ ତାନିଆ ଭାଟିଆ (୧୧) କିଛି ଚେଷ୍ଟା କରିଥିଲେ। କିନ୍ତୁ ତାହା ଫଳପ୍ରଦ ହୋଇ ନ ଥିଲା। ଫଳରେ ଦଳ ଶେଷ ପର୍ଯ୍ୟନ୍ତ ଖେଳି ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଇନିଂସ-** ୨୦ ଓଭରରେ ୧୫୫/୬(ମୁନି ୭୧*, ଗାର୍ଡ଼ନର ୨୬, ଲାନ୍ନିଂ ୨୬, ଦୀପ୍ତି ୨/୩୦, ରାଜେଶ୍ୱରୀ ୨/୩୨)।
**ଭାରତୀୟ ଇନିଂସ-** ୨୦ ଓଭରରେ ୧୪୪/୧୦ (ମନ୍ଧାନା ୬୬, ରିଚା ୧୭, ହରମନପ୍ରୀତ ୧୪, ଜେସ ଜୋନାସେନ ୫/୧୨, ତାଲା ଭ୍ଲାମିଙ୍କ ୨/୩୨)।

**ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍**



ଭାରତର ସ୍ମୃତି ମନ୍ଧାନା ଏକ ଶଟ୍ ମାରୁଛନ୍ତି।

### ଦକ୍ଷିଣ ଆଫ୍ରିକା ୧ ରନରେ ବିଜୟୀ

ଇଷ୍ଟ ଲଣ୍ଡନ, ୧୨।୨

ସ୍ଥାନୀୟ ବଫାଲୋ ପାର୍କରେ ବୁଧବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ଇଂଲଣ୍ଡ ଏକଦା ବିଜୟ ଦ୍ୱାରରେ ପହଞ୍ଚିଥିଲେ ହେଁ ଚାପର ବଶବର୍ତ୍ତୀ ହୋଇ ମ୍ୟାଚ ହାତଛଡ଼ା କରିଥିଲା। ମ୍ୟାଚ ଜିତିବା ପାଇଁ ଇଂଲଣ୍ଡକୁ ଶେଷ ୨ ଓଭରରେ ୨୩ ରନ ଆବଶ୍ୟକ ହେଉଥିଲା। ଇଅନ ମୋର୍ଗାନ ଓ ମୋଇନ ଅଲୀ ପ୍ରତିପକ୍ଷ ବେନ୍ ହେଣ୍ଡ୍ରିକ୍ସ ବୋଲିଂ କରିଥିବା ୧୯ତମ ଓଭରରୁ ୧୬ ରନ ସଂଗ୍ରହ କରିଥିଲେ। ଏହି ଓଭରରେ ୨ ଚୌକା ଓ ୧ ଛକା ମାରିଥିବା ମୋର୍ଗାନ ୬ଷ୍ଠ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଅନ୍ତିମ ଓଭରରୁ ବିଜୟ ପାଇଁ ମାତ୍ର ୭ ରନ ଆବଶ୍ୟକ ହେଉଥିଲା। ମାତ୍ର ଲୁନ୍‌ଗି ଏନଗିଡିଙ୍କ ଓଭରରେ ଦଳ ୩ ଉଇକେଟ ହରାଇ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଇଂଲଣ୍ଡ ୧୭୬/୯ରେ ସୀମିତ ରହିଯାଇଥିଲା।

### ଶୀର୍ଷ ସ୍ଥାନ ହରାଇଲେ ବୁମରା

ଦୁବାଇ,୧୨।୨

ଭାରତୀୟ ପେସର ଯଶପ୍ରୀତ ବୁମରା ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଏଥିଯୋଗୁ ତାଙ୍କୁ ଆଇସିସି ଦିନିକିଆ ବୋଲିଂ ର୍‍ୟାଙ୍କିଂ‌ର ଶୀର୍ଷ ସ୍ଥାନ ହରାଇବାକୁ ପଡ଼ିଛି। ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ପ୍ରତ୍ୟେକ ମ୍ୟାଚ ଖେଳିଥିଲେ। ହେଲେ ସେ ୩୦ ଓଭର ବୋଲିଂ କରି ୧୬୭ ରନ୍ ବ୍ୟୟ କରିଥିଲେ। କିନ୍ତୁ ଗୋଟିଏ ହେଲେ ଉଇକେଟ ନେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ପେସର ଟ୍ରେଣ୍ଟ ବୋଲ୍ଟ ଆଇସିସି ବୋଲରଙ୍କ ର୍‍ୟାଙ୍କିଂ‌ରେ ଶୀର୍ଷ ସ୍ଥାନ ହାତେଇଛନ୍ତି। ବୁମରା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଫଗାନିସ୍ତାନର ମୁଜିବ ଉର ରେହମାନ, ଦକ୍ଷିଣ ଆଫ୍ରିକାର କାଗିସୋ ରବାଡା ଓ ଅଷ୍ଟ୍ରେଲିଆର ପାଟ କୁମିନ୍ସ ରହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କୋହଲି ମାତ୍ର ୭୫ ରନ୍ କରିଥିଲେ। ଭାରତ ସମସ୍ତ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ତାଙ୍କ ପଛକୁ ରହିଛନ୍ତି ଉପଅଧିନାୟକ ରୋହିତ ଶର୍ମା। ସେ ଆହତ ସମସ୍ୟା ଯୋଗୁ ସିରିଜ୍‌ରୁ ବାଦ୍ ପଡ଼ିଥିଲେ।



ଯଶପ୍ରୀତ ବୁମରା

ନ୍ୟୁଜିଲାଣ୍ଡର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଗୋଟିଏ ସୋପାନ ଉପରକୁ ଉଠି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଅଲରାଉଣ୍ଡଙ୍କ ତାଲିକାରେ ରବୀନ୍ଦ୍ର ଜାଡେଜା ୩ୟ ସ୍ଥାନ ଉପରକୁ ଉଠି ୭ମ ସ୍ଥାନରେ ରହିଛନ୍ତି। ଜାଡେଜା ୬୩ ରନ୍ କରିବା ସହ ଦୁଇ ଉଇକେଟ ନେଇଥିଲେ। ଆଫଗାନିସ୍ତାନର ମହମ୍ମଦ ନବି ଶୀର୍ଷସ୍ଥାନ ଅଧିକାର କରିଛନ୍ତି।

# ଭାରତର ବୋଲିଂ, ଫିଲ୍ଡିଂ ନୈରାଶ୍ୟଜନକ ଥିଲା

**ଭିଭିଏସ୍ ଲକ୍ଷ୍ମଣ**

ନ୍ୟୁଜିଲାଣ୍ଡ ମଧୁର ପ୍ରତିଶୋଧ ନେଇଛି। ଟି୨୦ ସିରିଜରେ ଭ୍ରମଣକାରୀ ଭାରତଠାରୁ ୫-୦ରେ ପରାସ୍ତ ହୋଇ ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଥିଲେ ମଧ ଦିନିକିଆ ସିରିଜରେ ଭାରତକୁ ୩-୦ରେ ପରାସ୍ତ କରିଛି। ତେବେ ଅସ୍ଥିର ପ୍ରଦର୍ଶନ କରୁଥିବା ଭାରତର ଦୁର୍ବଳତାରୁ ଫାଇଦା ଉଠାଇଥିଲା ନ୍ୟୁଜିଲାଣ୍ଡ।

ବୋଲିଂ ଓ ଫିଲ୍ଡିଂରେ ଭାରତର ମାମୁଲି ପ୍ରଦର୍ଶନ ନେଇ ଅଧିନାୟକ ବିରାଟ କୋହଲି ଓ ଟିମ ମ୍ୟାନେଜମେଣ୍ଟ ନିଶ୍ଚିତ ଭାବେ ନିରାଶ ହୋଇଥିବେ। ତେବେ ବ୍ୟାଟିଂରେ ଭାରତର ପ୍ରଦର୍ଶନ ସେତେଟା ଖରାପ ନ ଥିଲା। ୪ ନମ୍ବରରେ ଶ୍ରେୟାସ ଆୟାର ଓ ଲୋକେଶ ରାହୁଲଙ୍କ ପ୍ରଦର୍ଶନ ଭାରତ ପାଇଁ ଏକ ବଡ଼ ଆବିଷ୍କାର ଥିଲା ବୋଲି କୁହାଯାଇପାରେ। ଭାରତୀୟ ଦଳର ଦୁର୍ବଳତାକୁ ଶେଷରେ ନ୍ୟୁଜିଲାଣ୍ଡ ପଦାରେ ପକାଇବାକୁ ସକ୍ଷମ ହୋଇଛି। ଖାସ୍ କରି ନ୍ୟୁଜିଲାଣ୍ଡ ଓପନର ଦ୍ୱୟ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସିରିଜରେ ତୃତୀୟ ଥର ପାଇଁ ମାର୍ଟିନ ଗୁପ୍ଟିଲ ଓ ହେନେରୀ ନିକୋଲ୍ସ ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ୨୯୬ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲେ ମଧ ଏହା ନ୍ୟୁଜିଲାଣ୍ଡ ପାଇଁ ଯଥେଷ୍ଟ ହୋଇ ନ ଥିଲା। ନିକୋଲ୍ସ ଜଣେ ଦୃଢ ବ୍ୟାକ୍‌ଫୁଟ୍ ଖେଳାଳି। ଭଲ ପୁଲ ଶଟ୍ ଖେଳୁଥିବା ଗୁପ୍ଟିଲ ମଧ ଧୂଆଁଧାର ବ୍ୟାଟିଂ କରିଥିଲେ। ବୋଲିଂରେ ଭାରତର ମୁଖ୍ୟ ଅସ୍ତ୍ର ରୂପେ ଜଣାଥିବା ଯଶପ୍ରୀତ ବୁମ୍‌ରା ନିଜ ଦକ୍ଷତା ଅନୁରୂପ ଉଇକେଟ ଅକ୍ତିଆର କରିବାରେ ବିଫଳ ହୋଇଥିଲେ। ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଭାରତ ପାଇଁ ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଓ ଅନ୍ୟତମ ସ୍ପିନର ରବୀନ୍ଦ୍ର ଜାଡେଜା ଭଲ ପ୍ରଦର୍ଶନ କରିଥିଲେ। ବଲ୍ ଫ୍ଲାଇଟ୍ କଲା ବେଳେ ଚହଲ ବିପଜ୍ଜନକ ମନେ ହେଉଥିଲେ। ସେ ଭଲ ଭାବେ ବଲକୁ ଟର୍ନ ମଧ କରାଇବାରେ ସଫଳ ହୋଇଥିଲେ। ନ୍ୟୁଜିଲାଣ୍ଡ ମିଡଲ ଅର୍ଡରକୁ ଭାରତ ଧ୍ୱସ୍ତ କରିଥିଲେ ମଧ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଓ ଅଲରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ ଧୂଆଁଧାର ବ୍ୟାଟିଂ କରି ଭାରତକୁ ବିଜୟୀ କରାଇଥିଲେ। ଖାସ୍ କରି ଗ୍ରାଣ୍ଡହୋମ ଲମ୍ବା ଶଟ୍‌ମାନ ଖେଳି ଭାରତ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ।

ସାରା ସିରିଜରେ ଭାରତର ଫିଲ୍ଡିଂ ନୈରାଶ୍ୟଜନକ ଥିଲା। ଯେତେବେଳେ ଉଇକେଟ ହାସଲ କରିବାରେ ବୋଲର ବିଫଳ ହୁଅନ୍ତି ସେତେବେଳେ ଉଚ୍ଚକୋଟୀର ଫିଲ୍ଡିଂ ଜଣେ ଅତିରିକ୍ତ ବୋଲର ଭାବେ କାମରେ ଆସିଥାଏ। କିନ୍ତୁ ଖରାପ୍ ଫିଲ୍ଡିଂ ଭାରତ ପାଇଁ କାଳ ହୋଇଥିଲା। ବ୍ୟାଟିଂରେ ମଧ ଭାରତ ଭଲ ଆରମ୍ଭ କରିବାରେ ବିଫଳ ହୋଇଥିଲା। କେବଳ ପ୍ରଥମ ଦିନିକିଆରେ ଦୁଇ ଓପନର ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ଅର୍ଦ୍ଧଶତକୀୟ ଭାଗୀଦାରି ସ୍ଥାପନ କରିଥିଲେ। ତେବେ ବାକି ଦୁଇଟି ମ୍ୟାଚ୍‌ରେ ବିଫଳ ହୋଇଥିଲେ। ଇନିଂସ ପ୍ରଥମ କ୍ୱାର୍ଟରରେ ୩ଟି ଉଇକେଟର ପତନ ହେଲେ ଏହି ବିପର୍ଯ୍ୟୟରୁ ମୁକୁଳିବା ନିଶ୍ଚିତ ଭାବେ କଷ୍ଟକର। ତେବେ ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳି ବଡ଼ ସ୍କୋର ହାସଲ କରିବାରେ ସକ୍ଷମ ହୋଇଥିଲା। ମିଡଲ ଅର୍ଡରରେ ଆୟାର ଓ ରାହୁଲ ଦମ୍‌ଦାର ପ୍ରଦର୍ଶନ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ବଡ଼ ସ୍କୋର ପ୍ରଦାନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ମନୀଷ ପଣ୍ଡେ ମଧ ନିଜର ଦାୟିତ୍ୱ ସମ୍ପାଦନ କରିବାରେ ସଫଳ ହୋଇଛନ୍ତି। ଅନ୍ତିମ ଦିନିକିଆରେ ରାହୁଲ ଓ ପଣ୍ଡେ କ୍ରମାଗତ ଦୁଇଟି ବଲ୍‌ରେ ଆଉଟ ହେବା ପରେ ଭାରତର ରନ ସଂଗ୍ରହ ହାର କମିଯାଇଥିଲା। ଫଳରେ ଭାରତର ମୋଟ ସ୍କୋରରେ ୨୫ରନ କମିଯିବା ଭଳି ମନେ ହେଉଥିଲା।

(ଗେମ୍ ପ୍ଲାନ)

ROYAL STAG CUP
INDIA vs NEW ZEALAND
ODI & TEST
*MEGA MUSIC CDs

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତା ସଂଯୁକ୍ତା କୁମାରୀ (ପ୍ରଧାନ ଶିକ୍ଷୟିତ୍ରୀ)
ଭୁବନପୁର ସ୍ୱାଧୀନ କଲୋନୀ, ନିମାପଡ଼ା
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ମାମା, ଚାହୁଁ ଚାହୁଁ ଦଶବର୍ଷ ବିତିଗଲା। ତୋ ବିନା ମୁହୂର୍ତ୍ତେ ବଞ୍ଚିବା କଷ୍ଟକର ହେଉଛି। ତୋ ମମତା ଭରା ମୁହଁ, ଅମୃତ ବୋଳା ହସ ଆଜି ଆମ ପାଇଁ ସାତ ସପନ। ତୋ ବିନା ଆମ ଘର ଶୂନଶାନ। ମୋ ମାଙ୍ଗଳିକ କାର୍ଯ୍ୟରେ ତୋର ଅନୁପସ୍ଥିତି ଅସହନୀୟ। ଆଜି ଦଶମ ଶ୍ରାଦ୍ଧବାର୍ଷିକ ଅବସରରେ ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ସ୍ୱାମୀ: ଗୁଣନିଧି, ଝିଅ: ଜି.ଏସ୍. ବର୍ଷା, ଜ୍ୱାଇଁ: ପାର୍ଥସାରଥି, ପୁତୁରା: ନଣ୍ଡା, ଅନ୍ୟ ଝିଆରୀ ପୁତୁରା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୧୬୬୫୯

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବାଇଧର ସାହୁ
Hatiasuni Lane,
Tankapani Road, Bhubaneswar
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୬୨୮୯



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




ଭୁବନେଶ୍ୱରଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ରେଡିଓ ମହୋତ୍ସବ ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବୁଧବାର ତିଆରି କରିଥିବା ବାଲୁକାକଳା।

# କମିବ ଲିଭର୍ ପ୍ରତିରୋପଣ ଖର୍ଚ୍ଚ



ମନ୍ତ୍ରୀ ନବ କିଶୋର ଦାସ ବୈଠକରେ ଲିଭର୍ ପ୍ରତିରୋପଣ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଆସ୍ତର ଗ୍ରୁପର ପ୍ରସ୍ତାବ

- ରୋଗୀ ପିଛା ସରକାର ଦିଅନ୍ତୁ ୭ ଲକ୍ଷ ୫୦ ହଜାର ଟଙ୍କା

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ପ୍ରତିବର୍ଷ ବହୁସଂଖ୍ୟକ ଶିଶୁ ଗୁରୁତର ଲିଭର୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅଙ୍ଗଦାତା ନ ମିଳିବା ଓ ଭିତ୍ତିଭୂମିର ଅଭାବ ଏକ ମୁଖ୍ୟ କାରଣ ସାଜିଥିବାବେଳେ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚ ତୁଲାଇବା ମଧ୍ୟ ସମ୍ଭବ ହୋଇପାରୁନି। ତେଣୁ ବେଙ୍ଗାଲୁରୁସ୍ଥିତ ଆସ୍ତର ଲିଭର୍ କେୟାର ଗ୍ରୁପ୍ ରାଜ୍ୟ ସରକାରଙ୍କୁ ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ସହଯୋଗ ନିମନ୍ତେ ପ୍ରସ୍ତାବ ଦେଇଛି। ଏନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସ୍ତର ଲିଭର୍ କେୟାର ଗ୍ରୁପ୍ ତରଫରୁ ଡା. ସୋନାଲ୍ ଆସ୍ଥାନା ଯୋଗଦେଇ ଏହି ସମସ୍ୟାର ନିରାକରଣ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଲିଭର୍ ପ୍ରତିରୋପଣ ନିମନ୍ତେ ଆନୁମାନିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ରାଜ୍ୟ ସରକାର ପ୍ରଚଳିତ ଯୋଜନା ମୁତାବକ ରୋଗୀ ପିଛା ୭ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ସମ୍ପୃକ୍ତ ସଂସ୍ଥା ପ୍ରସ୍ତାବ ଦେଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଲିଭର୍ ପ୍ରତିରୋପଣକୁ ଏକ ମିଶନ ଭାବେ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି, ପାଣ୍ଠି ଯୋଗାଡ଼, ସହଯୋଗକାରୀ ସଂସ୍ଥାଗୁଡ଼ିକ ସହ ସମ୍ପର୍କ ସ୍ଥାପନ ଓ ସରକାରଙ୍କ ସହାୟତା ମାଧ୍ୟମରେ ମିଶନକୁ କିପରି ଆଗେଇ ନେବାକୁ ହେବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଲିଭର୍ ପ୍ରତିରୋପଣ ନିମନ୍ତେ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରଙ୍କୁ ଆବଶ୍ୟକ ଉଚ୍ଚତର ତାଲିମ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ପ୍ରତିରୋପଣ ସଂକ୍ରାନ୍ତରେ ପ୍ରାଥମିକ ସ୍ତରରେ ବିଭିନ୍ନ ସ୍ଥାନରେ ରୋଗ ନିରୂପଣ କରି ରୋଗୀ ଚିହ୍ନଟ କରିବା ସହ ଆବଶ୍ୟକ ସ୍ଥଳେ ଲିଭର୍ ପ୍ରତିରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ପ୍ରତିରୋପଣ ପରବର୍ତ୍ତୀ ସମୟରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ମଧ୍ୟ ତାଲିମ ପ୍ରଦାନ କରାଯିବ। ଫଳରେ ରୋଗୀମାନେ ଉପକୃତ ହୋଇପାରିବେ ଓ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ସହ ସରକାରଙ୍କ ଆଭିମୁଖ୍ୟ ଏବଂ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଆୟୁର୍ବିଜ୍ଞାନ ସଂସ୍ଥାର ଡା. ମାଧବାନନ୍ଦ କର, ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ, ଅଧୀକ୍ଷକ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ନାୟକ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ୍ କୁମାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ ଆଘାତରେ ନିର୍ମାଣ ଶ୍ରମିକ ମୃତ

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ଆବାସ ଯୋଜନାରେ ଘର ନିର୍ମାଣ ଚାଲିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ବୁଧବାର ଘଟିଛି ଏହି ଦୁଃଖଦ ଘଟଣା। ମୃତ ଶ୍ରମିକ ହେଲେ ମୟୂରଭଞ୍ଜ ଜିଲ୍ଲାର ଶ୍ୟାମା ମୁଣ୍ଡା। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଠିକା କାମ କରୁଥିବା ଶ୍ରାବଣୀ କନ୍‌ଷ୍ଟ୍ରକ୍ସନର ଇଞ୍ଜିନିୟର ଓ ଠିକାଦାରଙ୍କୁ ଶ୍ରମିକ ସଂଗଠନ କର୍ମକର୍ତ୍ତା ଘେରାଉ କରି କ୍ଷତିପୂରଣ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପହ ମୃତଦେହ ଜବତ କରି ହସ୍ପିଟାଲ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରବର୍ତ୍ତୀ ସମୟରେ ମୃତକ ବାପାଙ୍କୁ କନ୍‌ଷ୍ଟ୍ରକ୍ସନ କମ୍ପାନୀ ପକ୍ଷରୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ପୋଲିସ ସୂଚନା ଦେଇଛି।
















ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଫେବୃୟାରୀ, ୨୦୨୦



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଘରୋଇ ଛାତ୍ରୀନିବାସରେ ଅଗ୍ନିକାଣ୍ଡ

**ରୋଷେଇ ଘର ଗ୍ୟାସ୍‌ଟାଙ୍କିରୁ ବ୍ୟାପିଲା ନିଆଁ**

**କଟକ ଅଫିସ୍,୧୨।୨:** କଟକ ସହର ମୁରାଦ୍‌ଘାଁପାଟଣା ଗଳିରେ ଥିବା ଏକ ଘରୋଇ ଛାତ୍ରୀନିବାସର ରୋଷେଇ ଶାଳ ଗ୍ୟାସ୍‌ଟାଙ୍କିରେ ବୁଧବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଟାଙ୍କିରୁ ଗ୍ୟାସ୍ ଲିକ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଛାତ୍ରୀନିବାସର ପ୍ରଥମ ମହଲାରେ ଥିବା ରୋଷେଇ ଶାଳରେ ନିଆଁ ଲାଗିଯିବା ପରେ ଭୟରେ ଅନ୍ତେବାସୀମାନେ ଏଣେତେଣେ ଦୌଡ଼ିଥିଲେ। ସଙ୍ଗେସଙ୍ଗେ ଝରକା କାଚକୁ ଭାଙ୍ଗିଦିଆଯିବା ଫଳରେ ନିର୍ଗତ ଗ୍ୟାସ୍ ପଦାକୁ ଚାଲିଯାଇ ଥିଲା। ଅନ୍ୟପଟେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେମାନେ ଗ୍ୟାସ୍ ଟାଙ୍କିକୁ ସତର୍କତାର ସହ ବାହାରକୁ ଆଣି ଲିଭାଇଥିଲେ। ରୋଷେଇଶାଳରେ ଥିବା ବିଭିନ୍ନ ଆସବାବପତ୍ରରେ ନିଆଁ ଲାଗିଯାଇଥିବାରୁ ତାକୁ ମଧ ଲିଭାଯାଇଥିଲା। ଏ ନେଇ ଅନ୍ତେବାସୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ମଧରେ ଆତଙ୍କ ଖେଳିଯାଇଥିଲା। ତେବେ ଅଗ୍ନିକାଣ୍ଡରେ ବିଶେଷ କ୍ଷତି ହୋଇନାହିଁ। କଟକ ସହରର ଗଳିକନ୍ଦିରେ ଗଢ଼ିଉଠିଥିବା ଏଭଳି ଘରୋଇ ହଷ୍ଟେଲ୍‌ଗୁଡ଼ିକରେ ନିୟମିତ ବ୍ୟବଧାନରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ହେଲେ ପୋଲିସ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ହଷ୍ଟେଲ୍‌ଗୁଡ଼ିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ନିଆଁ ଲାଗିଲେ ଲିଭାଇବା ପାଇଁ ସାମାନ୍ୟ ବ୍ୟବସ୍ଥା ମଧ ରହୁନାହିଁ। ବୁଧବାର ଛାତ୍ରୀ ନିବାସ ଅଗ୍ନିକାଣ୍ଡ ଘଟଣାରୁ ଏ କଥା ସ୍ପଷ୍ଟ ହୋଇଛି ବୋଲି ଅଞ୍ଚଳବାସୀଙ୍କ ମଧରେ ଆଲୋଚନା ଶୁଣିବାକୁ ମିଳିଥିଲା।

### ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଙ୍କୀ,୧୨।୨(ବି.ପ୍ର./ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ବୀରା ରାଣୀ ଶୁକ ଦେଈଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଶ୍ୟାମସୁନ୍ଦର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଡ. ବନାନୀ ପଟ୍ଟନାୟକ ବାର୍ଷିକ ବିବରଣୀପାଠ କରିଥିଲେ। କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ପୁରସ୍କାର ବିତରଣ କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ଅଧାପିକା ସୁଧାଂଶୁମାଳୀ ଦେବତା ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଚଳଚ୍ଚିତ୍ର ତାରକା ରାଜଦୀପ ଓ ରୋଜାଲିନ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ନିଜ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାବିଦ୍ୟାଳୟକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଛାତ ଉପରେ ଚାଲିଛି ପରିବା ଚାଷ

**ଅଶୋକ ମହାପାତ୍ର**
**ନିଶ୍ଚିନ୍ତକୋଇଲି,୧୨।୨(ସ୍ୱ.ପ୍ର.)**

ଦିନକୁଦିନ ଚାଷ ଜମି କମିଯାଉଥିବାବେଳେ ସବୁଆଡେ କୋଠାବାଡି ଦେଖିବାକୁ ମିଳୁଛି ଚାଷୀ ଅଧିକ ଲାଭ ଆଶାରେ ଫସଲରେ ଜୈବିକ ସାର ଓ ପ୍ରାକୃତିକ ଜୈବିକ ଔଷଧ ପରିବର୍ତ୍ତେ ରସାୟନିକ ସାର, ହରମୋନ ଓ ବିଷାକ୍ତ ଔଷଧ ବ୍ୟବହାର କରୁଛନ୍ତି। ଏହାକୁ ଖାଇ ଲୋକେ ବିଭିନ୍ନ ଦୂରାରୋଗ୍ୟରେ ପୀଡ଼ିତ ହେଉଛନ୍ତି। ଏଭଳିସ୍ଥିତିରେ ଜଣେ ଚାଷୀ ରସାୟନିକ ସାର ଓ ଔଷଧ ପ୍ରୟୋଗ ନ କରି ଛାତ ଉପରେ ସଫଳ ଚାଷ କରି ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡା ଗ୍ରାମର ସୁଧାଂଶୁ ଶେଖର ନାୟକ।

ତାଙ୍କର ଏହି କାର୍ଯ୍ୟଦକ୍ଷତା ପାଇଁ କେନ୍ଦ୍ର ସରକାରଙ୍କ କୃଷି ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। । ଚଳିତ ବର୍ଷ ସୁଧାଂଶୁ ଶେଖର ନାୟକ ଏହି ନିଆରା ପ୍ରଣାଳୀରେ ଚାଷ ଆରମ୍ଭ କରିଛନ୍ତି। ସେ କୋଠା ଛାତ ଉପରେ କମ୍ ଖର୍ଚ୍ଚରେ କିଚେନ ଗାର୍ଡେନ ପ୍ରସ୍ତୁତ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରସାୟନିକ ସାର ବଦଳରେ ଛାତ ଉପରେ ଜୈବିକ ସାର, ଔଷଧ ଦେଇ ଚାଷ କଲେ ପରିବା ଖର୍ଚ୍ଚରୁ ଖ୍ୟାନ୍ତି ପାଇବା ସହ ସୁସ୍ଥ ଓ ନିରୋଗ ରହିବା ସହ ସତେଜ ପନିପରିବା ପାଇ ପାରିବ। ଏଭଳି ପ୍ରଣାଳି ପ୍ରସ୍ତୁତି କରି ସେ କେବଳ ଗାଁ ଗଣ୍ଡାରେ ନୁହେଁ ରାଜ୍ୟ ବାହାରେ ମଧ ପୁରସ୍କୃତ ହୋଇଛନ୍ତି।

୨୦୧୬-୧୭ ଆର୍ଥିକ ବର୍ଷରେ ସୁଧାଂଶୁଙ୍କୁ କେନ୍ଦ୍ର ସରକାର ଜଣେ ସଫଳ ଚାଷୀ ହିସାବରେ ପୁରସ୍କୃତ କରିଥିଲେ। ଏଥିସହ ରାଜ୍ୟ ସରକାର ଓ ବହୁ ବୈଦେଶିକ କମ୍ପାନି ତାଙ୍କୁ ପୁରସ୍କୃତ କରିଛନ୍ତି। ଏଭଳି ଅଭିଯାନ ପଲ୍ଲିରୁ ଦିଲ୍ଲୀ ପର୍ଯ୍ୟନ୍ତ ତ୍ୱରାନ୍ୱିତ କରିବାକୁ ଆଶାବ୍ୟକ୍ତ କରିଛନ୍ତି।


ସୁଧାଂଶୁ ଶେଖର ନାୟକ ଛାତ ଉପରେ ଚାରା ପ୍ରସ୍ତୁତ କରୁଛନ୍ତି।

**ପ୍ରେରଣା ସାଜିଛନ୍ତି ସୁଧାଂଶୁ**
- ରସାୟନିକ ସାର, ଔଷଧରେ ପ୍ରୟୋଗ ନ କରି କରୁଛନ୍ତି ଚାଷ
- କମ୍ ଖର୍ଚ୍ଚରେ ପ୍ରସ୍ତୁତ କରିଛନ୍ତି କିଚେନ ଗାର୍ଡେନ

**ଛାତ ଉପରେ ଚାଷର ଉପକାରିତା**

ଛାତ ଉପରେ କମ୍ ପାଣି ଖର୍ଚ୍ଚ କରି ଭଲ ଫସଲ ଆମଦାନୀ ହୁଏ। ଏଥିସହ କମ ସମୟ ବ୍ୟୟ ଓ ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ କରିହୁଏ। ଏହା ଦ୍ୱାରା ଚାଷ କ୍ଷେତ ଅଭାବ ଦୂର ହେବା ସହ ଛାତ ଉପରେ ପରିବା ଗଛ ଘର ଉପରେ ଏକ ସବୁଜ ବଳୟ ସୃଷ୍ଟି ହୋଇଥାଏ। ଏହା ଖରାଦିନେ ରୌଦ୍ର ତାପରୁ ରକ୍ଷା କରିଥାଏ। ଏହି ସବୁଜ ବଳୟ ଘର ଉପରେ ପ୍ରଦୂଷଣ ରୋକିଥାଏ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଛାତ ଉପରେ ପଲିଥିନ ଚାଦର ପକାଯିବ। ୩ ଝୁଡି ମାଟି, ୨ଝୁଡି ଖତ, ୧ଝୁଡି ଅଗାଡି,୫୦ଗ୍ରାମ ଲିମ୍ବପତ୍ର, ୫୦ଗ୍ରାମ ଅଣୁସାର ଓ ଜୀବାମୃତ ଦେଇ ଉର୍ବର ମାଟି ପ୍ରସ୍ତୁତ କରାଯିବ। ଏହି ଉର୍ବର ମାଟିକୁ ପଲିଥିନରେ ପ୍ୟାକ କରି ସେଥିରେ ମଞ୍ଜି ଲଗାଯିବ। ଆବଶ୍ୟକ ଅନୁଯାୟୀ ପାଣି ଦେବା ପରେ ୧୦ରୁ ୧୫ ଦିନ ମଧରେ ଗଛ ହୋଇଯିବ । ଏହାପରେ ସେଥିରେ ପଞ୍ଚଗବ୍ୟ ସିଞ୍ଚନ କରାଯିବ। ଯଦି କୌଣସି ପ୍ରକାର ପୋକ ଲାଗନ୍ତି ୫ ଲିଟର ଗୋମୂତ୍ର, ୫କିଲୋ ଲିମ୍ବ ପତ୍ର ଓ ୧୦୦ଗ୍ରାମ ରସୁଣ ରସକୁ ମିଶ୍ରଣ କରି ଗଛରେ ଛିଞ୍ଚନ କରାଯିବ ।

**ଛାତ ଉପରେ ପରିବା ଚାଷ ପାଇଁ ଆବଶ୍ୟକ ସାମଗ୍ରୀ**

ଚାଷ ପାଇଁ ପଲିଥିନ ଚଦର, ପଲିଥିନପ୍ୟାକେଟ, ଗୋବର ଖତ, ଜୀବସାର (ଅର୍ଗାନିକ) ମାଟି, ଅଗାଡି, ଲିମ୍ବ ପତ୍ର, ଅଣୁସାର ଓ ପଞ୍ଚଗବ୍ୟ ଆବଶ୍ୟକ।

# କୋର୍ଟ ଚାଲାଣ ବେଳେ ଖସିଗଲେ ଅଭିଯୁକ୍ତ

**ବଡମ୍ବା,୧୨।୨(ଡି.ଏନ୍.ଏ)**

- ବିଭାଗୀୟ ଗାଡିରୁ ଡେଇଁ ଛୁ ମାରିଲେ
- ରାତିରେ ଗାଁ ରାସ୍ତାରୁ ଧରାପଡିଲେ
- ଜେଲ୍‌ଗଲେ ଅନ୍ୟ ୨ ଅଭିଯୁକ୍ତ

ନରସିଂହପୁର ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣେ ଖସି ପଳାଇଯାଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ନରେଶ ବେହେରା(୩୦)। ତାଙ୍କ ଘର ବଡ଼ମ୍ବା ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ବୋଲି ଜଣାପଡିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନରସିଂହପୁର ଅବକାରୀ ବିଭାଗ ଏସ୍‌ଆଇ ଥାମ୍ବା ମାରାଣ୍ଡି କହିଛନ୍ତି। ସୂଚନା ଅନୁଯାୟୀ, ବେଆଇନ ମଦ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ବୁଧବାର ସ୍କ୍ୱାର୍ଡ ପକ୍ଷରୁ ନରେଶ, ବଡ଼ମ୍ବା ଥାନା କଜଳବେଢା ଗ୍ରାମର ସୁର ଶେଣ ଓ ଆସେଲିପୁର ଗ୍ରାମର ଅନ୍ତର୍ଯାମୀ ବେହେରାଙ୍କୁ ଅବକାରୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ବିଭାଗ ଗାଡ଼ିରେ ଅଭିଯୁକ୍ତମାନଙ୍କୁ କୋର୍ଟକୁ ନିଆଯାଇଥିଲା। ମାତ୍ର କୋର୍ଟ ନିକଟରେ ନରେଶ ଗାଡ଼ିରୁ ଡେଇଁ ପଳାଇଯାଇଥିଲେ। ରାତି ପ୍ରାୟ ୮ଟା ବେଳେ ମହୁଲିଆ ଗ୍ରାମ ନିକଟ ଏକ ରାସ୍ତାରୁ ସେ ଧରାପଡ଼ିଥିଲେ। ଅପରପକ୍ଷେ ଅନ୍ୟ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉଭୟଙ୍କୁ ଜାମିନ ନ ମିଳିବାରୁ ବଡ଼ମ୍ବା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି । କୋର୍ଟରେ ଉଭୟଙ୍କ ନାମରେ ପୃଥକ ଭାବେ ମାମଲା ନଂ.୨(ଏ)ସିସି.-୪/୨୦ ଓ ୫/୨୦ ରୁଜୁ ହୋଇଛି।

# ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ ଗୁରୁତ୍ୱ ଦେବେ ବସ୍‌ମାଲିକ

**ପୁରୀ ଅଫିସ,୧୨।୨**

ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ରାଜ୍ୟ ବସ୍ ମାଲିକ ସଂଘର ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ ଦିବସରେ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଲିକମାନଙ୍କ ସମସ୍ୟା ଶୁଣିଥିଲେ। ସରକାରଙ୍କ ସହାୟତାରେ କିପରି ସଂଘର ଦାବିକୁ ପୂରଣ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ।

ବ୍ରହ୍ମପୁର ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯେଉଁ ବସ୍‌ଯାତ୍ରୀମାନେ ମୃତାହତ ହୋଇଥିଲେ ସେମାନଙ୍କ ପାଇଁ ଦୁଃଖ ପ୍ରକାଶ କରାଯାଇଥିଲା। ଦୁର୍ଘଟଣାକୁ ଏଡାଇ ପାଇଁ ବିଷଦ୍ ଆଲୋଚନା ହେବା ସହ ପ୍ରତି ଆଞ୍ଚଳିକ ସଂଘ ଦ୍ୱାରା ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବସ୍ ମାଲିକମାନେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି ନିଜେ ଯତ୍ନବାନ ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ରାଜ୍ୟର ବସ୍‌ଷ୍ଟାଣ୍ଡଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡିଛି। ତୁରନ୍ତ ସେଗୁଡ଼ିକର ପୁନରୁଦ୍ଧାର ସାଙ୍ଗକୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପୋଲିସ ଦ୍ୱାରା ସୁରକ୍ଷା ଯୋଗାଇବା, ପ୍ରତୀକ୍ଷାଳୟକୁ ଶୀତତାପ ନିୟନ୍ତ୍ରିତ କରିବା ଏବଂ ବସ୍ କର୍ମଚାରୀଙ୍କ ନିମନ୍ତେ ଶୀତତାପ ନିୟନ୍ତ୍ରିତ ବିଶ୍ରାମ କକ୍ଷ ନିର୍ମାଣ, ଭୁବନେଶ୍ୱରରେ ସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ପାଇଁ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ରାଜ୍ୟ ବସ୍ ମାଲିକ ସଂଘର ୩ବର୍ଷ କାର୍ଯ୍ୟକାଳ ସରିଯାଇଥିବାରୁ ବୁଧବାର ବୈଠକରେ ସର୍ବସମ୍ମିତକ୍ରମେ ବିଭିନ୍ନ ପଦପଦବୀ ଲାଗି କର୍ମକର୍ତ୍ତା ଚୟନ କରାଯାଇଥିଲା। ଲୋକନାଥ ପାଣି ସଭାପତି, ଦେବେନ୍ଦ୍ର କୁମାର ସାହୁ ସାଧାରଣ ସମ୍ପାଦକ, ବରଦାପ୍ରସନ୍ନ ଆଚାର୍ଯ୍ୟ କୋଷାଧ୍ୟକ୍ଷ, ଦେବାଶିଷ ନାୟକ ମୁଖପାତ୍ର, ଅଜୟ କୁମାର ବାରିକ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

# ବରିଷ୍ଠ ମହିଳା ସମ୍ମିଳନୀ

**ବାଙ୍କୀ,୧୨।୨(ବି.ପ୍ର.)**

ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁଧବାର ବରିଷ୍ଠ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ । ମୁଖ୍ୟଅତିଥି ଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ସଭାପତି ନୃସିଂଚରଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିପିନୀ ବିହାରୀ ମହାନ୍ତି ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। କେଶବ ଚନ୍ଦ୍ର ବେହେରା ଏହାକୁ ସଞ୍ଚାଳନ କରିଥିଲେ । ମୁଖ୍ୟବକ୍ତା ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସଦାନନ୍ଦ ବାରିକ ଓ ସମ୍ମାନିତ ଅତିଥିଭାବେ ଖବରଦାତା ସମରେନ୍ଦ୍ର ମହାପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାଷ ଚନ୍ଦ୍ର ପାଢୀ ଯୋଗଦେଇଥିଲେ। ଗୌରାଙ୍ଗ ବେହେରା ଓ ଡାକ୍ତର କୈଳାସ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ବରିଷ୍ଠ ମହିଳା ସମ୍ମିଳନୀର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜୟନ୍ତୀ ନାୟକ,ମମତା ମନ୍ତ୍ରୀ, ନିଶି ଦଳେଇ, ଜୟନ୍ତୀ ଗୋଛି ଓ ପ୍ରତିମା ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୋଜକ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାଇଧର ଦେହୁରୀ, ରଘୁ ନାୟକ, ସରୋଜ କୁମାର ସାହୁ ଓ ଗୌରାଙ୍ଗ ଦେବତା ପ୍ରମୁଖ ସହଯୋଗ କରିଥିଲେ।

# ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ବାଙ୍କୀ,୧୨।୨(ବି.ପ୍ର./ସ୍ୱ.ପ୍ର.)**

ବାଙ୍କୀସ୍ଥିତ ଅଂଶୁପା ପ୍ରାକୃତିକ ଉଦ୍ୟାନରେ ବୁଧବାର କଟକ ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ(ଦିଶା) ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରୀ ମହତାବ, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ଚୌଦ୍ୱାର କଟକ ବିଧାୟକ ସୌମିକ୍ ବିଶ୍ୱାଳ, କଟକ ଜିଲାପାଳ ଭବାନୀ ଶଙ୍କର ଚଇନୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ୍ଲ ଅଖତର, ଜିଲାପରିଷଦ ଉପାଧକ୍ଷ ସୁନିଲ ପରିଡା, ଆଠଗଡ ଉପଜିଲାପାଳ ଅମିୟ ସାହୁ, କଟକ ସଦର ଉପଜିଲାପାଳ ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସମୀକ୍ଷା ବୈଠକରେ ଅଙ୍ଗନୱାଡି ମାଧମରେ ଶିଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ରୁର୍ବେନ ମାଧମରେ ସ୍ମାର୍ଟ୍ ଶ୍ରେଣୀ ଖୋଲିବା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଉଦ୍ୟାନ ବିଭାଗ କାର୍ଯ୍ୟର ସମୀକ୍ଷା ଓ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମୋବାଇଲ ବଣ୍ଟନ ଆଦି କାର୍ଯ୍ୟର ସମୀକ୍ଷା ହୋଇଥିଲା। ଅନ୍ୟମାନଙ୍କ ମଧରେ ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା,ବାଙ୍କୀ ବିଡିଓ ପ୍ରଭାତ ସାହୁ, ଡମପଡା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଓ ତହସିଲଦାର ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜକଙ୍କୁ ଗୁଳି, ସ୍ତ୍ରୀଙ୍କୁ ଅସଦାଚରଣ ଉଦ୍ୟମ

**ମାହାଙ୍ଗା,୧୨।୨(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ବରାହିପୁର ପଞ୍ଚାୟତରେ ମଙ୍ଗଳବାର ରାତିରେ ମନ୍ଦିର ପୂଜକଙ୍କୁ ଗୁଳି ଚଳାଯାଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ସହ ଅସଦାଚରଣ ଉଦ୍ୟମ କରି ସୁନାଚେନ୍ ଲୁଟି ନିଆଯାଇଛି। ଏନେଇ ସମ୍ପୃକ୍ତ ମହିଳା ଜଣକ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ନୟାଗଡ ଅଞ୍ଚଳର ହୋଇଥିବାବେଳେ ତାଙ୍କ ସ୍ୱାମୀ ଏହି ପଞ୍ଚାୟତର ଏକ ହନୁମାନ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରନ୍ତି। ସେ ପରିବାର ସହ ଏଠାରେ ରହୁଥିଲେ। ଗତ କିଛି ଦିନ ତଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଏକ ଗଣ୍ଡଗୋଳକୁ କେନ୍ଦ୍ର କରି ହନୁମାନ ମନ୍ଦିରରେ ତାଲା ପକାଇଦେଇଥିଲେ। ପୂଜକଙ୍କୁ ମନ୍ଦିରେ ପୂଜା ନ କରି ଧମକ ଦେବା ସହ ନୟାଗଡ଼ ଫେରିଯିବାକୁ କହିଥିଲେ। ଏନେଇ ମନ୍ଦିରରେ କିଛି ଦିନ ପାଇଁ ପୂଜା କାର୍ଯ୍ୟ ବନ୍ଦ ରହିଥିଲା। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ପୁନର୍ବାର ପୂଜା କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏଥିରେ କ୍ଷୁବ୍ଧ ହୋଇ ଅଭିଯୁକ୍ତ ମଙ୍ଗଳବାର ରାତିରେ ପୂଜକଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ପୂଜକଙ୍କ ସ୍ତ୍ରୀ ପଦାକୁ ଆସି ଏହାର ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ସହ ଅସଦାଚରଣ ଉଦ୍ୟମ କରିଥିଲେ। ପୂଜକ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ସାଙ୍ଗରେ ଆଣିଥିବା ବନ୍ଧୁକ ବାହାର କରି ଗୁଳି ଫୁଟାଇଥିଲେ। ସୌଭାଗ୍ୟବଶତଃ ସେ ବର୍ତ୍ତି ଯାଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କୁ ହତ୍ୟାଧମକ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଭାଜପା ସାଙ୍ଗଠନିକ ବୈଠକ

**ନରାଜ,୧୨।୨ (ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଏକ ଘରୋଇ ମଣ୍ଡପରେ କଟକ ଜିଲା ସଦର ଭାଜପାର ସାଙ୍ଗଠନିକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ଭାଜପା ସଦର ସଭାପତି ପ୍ରକାଶ ବେହେରା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ଯୋଗଦେଇ ବୁଥ୍‌ସ୍ତରରେ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ନୟନ କିଶୋର ମହାନ୍ତି, ସାରଦା ପ୍ରସାଦ ପ୍ରଧାନ, ସୁଶାନ୍ତ ମଲ୍ଲିକ, ଛବି ମଲ୍ଲିକ ଓ ବିଜୟ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି ଅତିଥିପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବାଙ୍କୀ ଭାଜପା ଯୁ ନେତା ତୁଷାରକାନ୍ତ ଚକ୍ରବର୍ତ୍ତି ପରିଚାଳନା କରିଥିଲେ। ସମ୍ପାଦକ ସତ୍ୟ ଜେନା ଧନ୍ୟବାଦ ଦେଇଥିଲେ।

# ପାରାଲିଗାଲ୍ ଭଲ୍ୟୁଣ୍ଟିୟରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ବଡମ୍ବା,୧୨।୨(ଡି.ଏନ୍.ଏ)**

ବଡ଼ମ୍ବା ପାରାଲିଗାଲ୍ ଭଲ୍ୟୁଣ୍ଟିୟରଙ୍କ ପକ୍ଷରୁ ବୁଧବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଡ଼ମ୍ବା ତାଲୁକ୍ ଆଇନ୍ ସେବା କମିଟି ଅଧକ୍ଷା ରେଖାରାଣି ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଡ଼ମ୍ବା କଚେରି ସମ୍ମୁଖ ମୁଖ୍ୟରାସ୍ତାରେ ପିଏଲ୍‌ଭି ମାନେ ଏକତ୍ରିତ ହୋଇ ସଡ଼କ ସୁରକ୍ଷା ଉପରେ ଚାଳକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନା, ପୂର୍ବତନ ସଭାପତି ହରିହର ବଳବନ୍ତରାୟ, ସୂର୍ଯ୍ୟନାରାୟଣ ମିଶ୍ର ଓ ଆଇନଜୀବୀ ନାରାୟଣ ଚନ୍ଦ୍ର ଦାଶ୍ ପ୍ରମୁଖ ଯୋଗଦେଇଥିଲେ। ବିକ୍ରମ କେଶରୀ ବରାଳ, ନବକିଶୋର ପଣ୍ଡା, ରୁଦ୍ରନାରାୟଣ ଭଞ୍ଜ, ମାନସ କୁମାର ବରାଳ ଓ ନବକିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଉଛି।

# ଅଧ୍ୟୟନ ପାଇଁ ଶୈକ୍ଷିକ ବାତାବରଣ ଜରୁରୀ

**ନିଶ୍ଚିନ୍ତକୋଇଲି,୧୨।୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ଅନ୍ତର୍ଗତ ବାଣୀନଗରସ୍ଥିତ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷା ନିବେଦିତା ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଶକ୍ତି ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇ ମହାବିଦ୍ୟାଳୟର ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀଙ୍କ ଅଧ୍ୟୟନ ନିମନ୍ତେ ଶୈକ୍ଷିକ ବାତାବରଣ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ପଞ୍ଚାୟତିରାଜ,ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମହାବିଦ୍ୟାଳୟର ଗାରିମା ରକ୍ଷା କରିବା ପାଇଁ ଯତ୍ନବାନ ହେବାକୁ ବିଦ୍ୟାର୍ଥୀମାନଙ୍କୁ କହିଥିଲେ। ସମ୍ମାନିତ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ସରପଞ୍ଚ ବନ୍ଦନା ମାଝୀ ଓ ସମିତିସଭ୍ୟ ଅଜୟ କୁମାର ବେହେରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡିଗ୍ରୀ କଲେଜ ଅଧାପିକା ଡ.ପୁଷ୍ପିତା ଜେନା ସ୍ୱାଗତ ଭାଷଣ ଓ ଡ.ରୀତା ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ। ଶେଷରେ ଅଧାପିକା ଶୁଭଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।ଏଅବସରରେ ମହାବିଦ୍ୟାଳୟର ପତ୍ରିକା ଉନ୍ମୋଚନ କରାଯାଇ ମହାବିଦ୍ୟାଳୟ ପ୍ରାକ୍ତନ ଅଧାପିକା, ଅଧାପକଙ୍କୁ ମାନପତ୍ର ଉପଢୋକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟ ଅଧାପକ ସୁବ୍ରତ ସ୍ୱାଇଁ, ଅଶୋକ କୁମାର ରାଉତ ଓ ବଟକୃଷ୍ଣ ରାଉତ ପ୍ରମୁଖ ସହଯୋଗ କରିଥିଲେ।


ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ରଜତ ଜୟନ୍ତୀ**

## ସଂକ୍ଷେପରେ

### କଣ୍ଟାପଡ଼ା ପଞ୍ଚାୟତ ସମିତି ବୈଠକ

**କଣ୍ଟାପଡ଼ା,୧୨।୨(ଡି.ଏନ୍.ଏ.):** କଣ୍ଟାପଡା ପଞ୍ଚାୟତ ସମିତିର ୭ମ ବୈଠକ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଅନୁପସ୍ଥିତ ଥିବାରୁ ବିଧାୟକ ଡା. ପ୍ରମୋଦ ମଲ୍ଲିକ ବିରକ୍ତି ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଗତ ୩ ଥର ବୈଠକ ବାତିଲ ପରେ ବୁଧବାର ସମିତି ବୈଠକ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହି ବୈଠକରେ ଫନୀ ସହାୟତା ଓ ଅଙ୍ଗନୱାଡି ଗୃହ ପାଇଁ ଜମି ଚିହ୍ନଟ ସମେତ ପଞ୍ଚାୟତ ସମିତିର ଆୟବ୍ୟୟ, ଉନ୍ନୟନ କାର୍ଯ୍ୟ, ଜୀବିକା ମିଶନ ଶକ୍ତି ସମ୍ପର୍କରେ ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ତହସିଲଦାରଙ୍କ ପରିବର୍ତ୍ତେ ଅତିରିକ୍ତ ତହସିଲଦାର ସୁଭ୍ରାଂଶୁ ଶେଖର ସାହୁ ବୈଠକରେ ଉପସ୍ଥିତ ଥିଲେ। ତହସିଲଦାରଙ୍କ ଉପସ୍ଥିତି ଜରୁରୀ ବୋଲି ବିଧାୟକ କହିବା ସହ ଫୋନକରି ଡାକିବା ପାଇଁ ଅତିରିକ୍ତ ତହସିଲଦାରଙ୍କୁ କହିଥିଲେ। ଅତିରିକ୍ତ ତହସିଲଦାର ସେଠାରୁ ଚାଲିଯାଇ ଆଉ ବୈଠକକୁ ଫେରି ନ ଥିଲେ। ସେହିପରି ଚିହ୍ନଟ ହୋଇଥିବା ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ତୁରନ୍ତ କାର୍ଯ୍ୟାଦେଶ ଦେବା ପାଇଁ ସ୍ଥିର ହୋଇଥିଲା। ଜିବୀକା ମିଶନର କାର୍ଯ୍ୟ ସମ୍ପର୍କରେ ଲୋକ ପ୍ରତିନିଧିମାନେ ଜାଣିପାରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଡିଓ କେ ଅଶୋକ କୁମାର, ଉପାଧକ୍ଷ ସୁଦର୍ଶନ ରାଉତରାୟ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ଦାସ, ଜଗତ୍‌ସିଂହପୁର ସାଂସଦଙ୍କ ପ୍ରତିନିଧି ବିମାନ ବେହେରା, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗୁରୁପୂଜନ, ବନ୍ଧୁମିଳନ ଉତ୍ସବ

କଟକ ଅଫିସ, ୧୨।୨: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ନାତକୋତ୍ତର ପୁରାତନ ଛାତ୍ର ପରିଷଦ ୧୯୯୧-୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶ୍ୟାମାପ୍ରସନ୍ନ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ରାଜାକୁମାର ନାଏକ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ବିଭୂତି ପଟ୍ଟନାୟକ, ଡ. ନଟବର ଶତପଥୀ, ଡ. ମାଳବିକା ରାୟ, ଡ. ବିଜୟ କୁମାର ଶତପଥୀ, ଡ. ରଞ୍ଜିତା ନାୟକଙ୍କୁ ପୂଜନ କରାଯାଇଥିଲା। ଆଇନଜୀବୀ ସର୍ବେଶ୍ୱର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ, ବିପଦବନ୍ଧୁ ମହାନ୍ତି ସ୍ୱାଗତ ଭାଷଣ ଓ ରାମକୃଷ୍ଣ ସାମଲ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ସ୍ୱପ୍ନା ମିଶ୍ର, ମାୟାଧର ନାୟକ, ମିତାଶ୍ରୀ ମିଶ୍ର, ନିବେଦିତା ଧୀର, ନିରୁପମା ଚୌଧୁରୀ, ଚନ୍ଦ୍ରକାନ୍ତ ପଣ୍ଡା ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ‘ଶ୍ରମିକଙ୍କ ଦକ୍ଷତା ବିକାଶ କରୁଛି ଏମ୍ଏସ୍ଏମ୍ଇ’

କଟକ ଅଫିସ, ୧୨।୨

ଏମ୍ଏସ୍ଏମ୍ଇ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛି। ଏଥିସହ ଶ୍ରମିକମାନଙ୍କ ଦକ୍ଷତାର ବିକାଶ କରୁଛି। ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ମଧ ମୁଖ୍ୟ ଭୂମିକା ବହନ କରୁଛି। ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ଯୋଗାଇ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

ବାଲିଯାତ୍ରା ଉପରପଡ଼ିଆରେ ଏମ୍ଏସ୍ଏମଇ ବିଭାଗ ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାର ବୁଧବାର ଥିଲା ଚତୁର୍ଥ ଦିବସ। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏହି ମେଳା ଶିଳ୍ପୋଦ୍ୟୋଗୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତି ଆଗ୍ରହ ବଢାଇବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ବ୍ୟାଙ୍କଗୁଡିକ


ଫୁଡ ଜୋନ ନିକଟରେ ଲୋକଙ୍କ ଗହଳି।

## ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାର ଚତୁର୍ଥ ଦିବସ


ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାର ଏକ ଷ୍ଟଲରେ ଶାଢୀ ଚୟନ କରୁଥିବା ଗ୍ରାହକ।

ଏମ୍ଏସଏମ୍ଇ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କଲେ ଏକ ସମୃଦ୍ଧଶାଳୀ ସମାଜ ଗଠନ ହୋଇପାରିବ। ଏମ୍ଏସଏମ୍ଇରେ ଆର୍ଥିକ ଓ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ରହିଛି। ସେଥିପାଇଁ ବ୍ୟାଙ୍କଗୁଡ଼ିକୁ ଏହିଭଳି କାର୍ଯ୍ୟକ୍ରମରେ ସାମିଲ କରାଯିବା ଦରକାର। ଉଦ୍ୟୋଗୀ ହେବାକୁ ଉଦ୍ୟମ କରିବାର ଇଚ୍ଛାଶକ୍ତି ଥିବା ଆବଶ୍ୟକ। ଏହି ଇଚ୍ଛାଶକ୍ତି ବର୍ତ୍ତମାନର ଯୁବପିଢିଙ୍କ ମଧ୍ୟରେ ବିଶେଷ ପରିଲକ୍ଷିତ ହେଉନାହିଁ। ଏହି ମାନସିକତାର ପରିବର୍ତ୍ତନ ହେବା ଜରୁରୀ ବୋଲି ବିଧାୟକ ତ୍ରିପାଠୀ ମତ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏମ୍ପି ଭର୍ତ୍ତୃହରି ମହତାବ ଏବଂ ଲୋକସେବକ ମଣ୍ଡଳର ସମ୍ପାଦକ ତଥା ଦୈନିକ ଖବରକାଗଜ ‘ସମାଜ’ର ପ୍ରକାଶକ ନିରଞ୍ଜନ ରଥ ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ ନ୍ୟାଶନାଲ ମ୍ୟୁଜିକ ଆସୋସିଏଶନର କଳାକାରମାନେ ଓଡ଼ିଶୀରେ ବିଷ୍ଣୁଙ୍କର ଦଶାବତାର ନୃତ୍ୟ ଏବଂ ସାକ୍ଷୀ ଶର୍ମା ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀ, ବର୍ଷା ଓ ପିଙ୍କି ସଙ୍ଗୀତ ପରିବେଷଣ କରିଥିଲେ। ଓଆଇଏର ଅଧକ୍ଷ ଅବନୀ କାନୁନଗୋ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ଏମଏସଏମଇ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଶେଫାଳି ଉଦ୍‌ଗାତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ।

### ମହକୁଛି ଚନ୍ଦନ ଓ ଅତର

ଚନ୍ଦନ ଓ ଅତରର ବାସ୍ନା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଏଭଳି ସାମଗ୍ରୀ ନେଇ ମହୀଶୂର ବ୍ୟବସାୟୀ କୌସର ଅହମ୍ମଦ ଆସିଛନ୍ତି। ତାଙ୍କ ଷ୍ଟଲରେ ଅଗରବତି, ଖେଳନା, ସେଣ୍ଟ, ଅତର, ସାବୁନ ଓ ଚାବି ରିଂ ବିକ୍ରି ହେଉଛି। ଅଗରବତିର ମୂଲ୍ୟ ଶହେରୁ ୨ଶହ ଟଙ୍କା ରହିଥିବା ବେଳେ ଖେଳନାର ମୂଲ୍ୟ ଏକ ଶହ, ସେଣ୍ଟ ମୂଲ୍ୟ ୧୫୦ ଟଙ୍କା, ଅତର ୭୦ରୁ ୪୫୦ ଟଙ୍କା, ଚାବି ରିଂ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନିଜ ହାତରେ ଏହି ସବୁ ସାମଗ୍ରୀକୁ ପ୍ରସ୍ତୁତ କରୁଥିବା ସେ କହିଛନ୍ତି।

### ଆମିଷ ଷ୍ଟଲରେ ଭିଡ଼

ବୁଧବାର ଆମିଷ ଖାଦ୍ୟ ଷ୍ଟଲଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଥିଲା। କେଇ ଘଣ୍ଟା ମଧ୍ୟରେ ଷ୍ଟଲଗୁଡ଼ିକର ଖାଦ୍ୟ ଶେଷ ହୋଇଯାଇଥିଲା। ଚିକେନ ଆଇଟମ ପ୍ରତି ଗ୍ରାହକଙ୍କ ରୁଚି ଅଧିକ ରହିଥିଲା। ବୁଧବାର ବେଶ ଭଲ ରୋଜଗାର ହୋଇଥିବା ଭୁବନେଶ୍ୱରର ବ୍ୟବସାୟୀ ଶେଖ ରଜିବ କହିଥିଲେ।

### ଗୁଜରାଟର ଡ୍ରେସ୍ ପ୍ରତି ଆକର୍ଷଣ

ଏହି ମେଳାରେ ଘରକରଣା ସାମଗ୍ରୀ ସାଙ୍ଗକୁ ବିଭିନ୍ନ ପୋଷାକ ଷ୍ଟଲ ଖୋଲିଛି। ଗୁଜରାଟର ଡ୍ରେସ୍ ପ୍ରତି ଲୋକଙ୍କ ଆକର୍ଷଣ ପରିଲକ୍ଷିତ ହୋଇଛି। ବ୍ୟବସାୟୀ ଶୋଭା ସୋଲାଙ୍କିଙ୍କ ଷ୍ଟଲରେ କଟକର ଝିଅମାନେ ଡ୍ରେସ କିଣିବାକୁ ଭିଡ଼ ଜମାଉଛନ୍ତି। ଏହି ଷ୍ଟଲରେ ଗୁଜରାଟ ଲେହେଙ୍ଗା, ସ୍କଟ, ଜ୍ୟାକେଟ, ପଟିଆଲ ପ୍ୟା ଓ ଚୁନ୍‌ରି ବିକ୍ରି କରାଯାଉଛି। ଲେହେଙ୍ଗାର ଦାମ ୯ ଶହରୁ ୬ ହଜାର ଟଙ୍କା ଥିବାବେଳେ ସ୍କଟର ଦାମ ୯ ଶହରୁ ୧୫ଶହ ଟଙ୍କା ରହିଛି। ସେହିପରି ଜ୍ୟାକେଟ ଦାମ୍ ୮ଶହରୁ ଏକ ହଜାର, ପଟିଆଲ ପ୍ୟା ୫ଶହରୁ ୭ଶହ, ଚୁନୁରି ୪ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଲୋକେ ଗୁଜୁରାଟର ପୋଷାକକୁ ପସନ୍ଦ କରୁଥିବା ବ୍ୟବସାୟୀ ସୋଲାଙ୍କି କହିଛନ୍ତି।

# କବିତା ମାଧ୍ୟମରେ କବି ନିଜ ଭାବନା ପ୍ରକାଶ କରେ

କଟକ ଅଫିସ, ୧୨।୨

ଜଗତପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ବୁଧବାର ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ କବିତା ମାଧ୍ୟମରେ କବି ନିଜର ଭାବନା ପ୍ରକାଶ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦ ସଭାପତି ଉଦୟ କେଶରୀ ବର୍ମା, ସମ୍ମାନିତ ଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସ୍ୱର୍ଣ୍ଣଲତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଅମିତା ବେହେରା ଓ ମହେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଞ୍ଛାନିଧି ମିଶ୍ର, ଉଲ୍ଲାସ ବେହେରା, ବସନ୍ତ କୁମାର ସାହୁ, ହେମନ୍ତ କୁମାର ପଣ୍ଡା, ରତନ କୁମାର ମହାନ୍ତି, ସସ୍ମିତା ପରିଡ଼ା ଓ ସୁଧୀର କୁମାର ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ବେକାରି ସମସ୍ୟା ଦୂର କରିବ ‘ଡାଟା ସାଇନ୍ସ’

କଟକ ଅଫିସ,୧୨।୨

ସମଗ୍ର ବିଶ୍ୱ ଦିନକୁ ଦିନ ସଙ୍କୁଚିତ ହେଉଛି। ହାତ ମୁଠାରେ ବିଶ୍ୱର ଖବର ପହଞ୍ଚୁଛି। ଏହି ପରିପ୍ରେକ୍ଷୀରେ ଡାଟା ସାଇନ୍ସର ଗୁରୁତ୍ୱ ବୃଦ୍ଧି ପାଉଛି। ବେକାରି ସମସ୍ୟା ଦୂର କରିବା ପାଇଁ ଯୁବପିଢି ଡାଟା ସାଇନ୍ସ କ୍ଷେତ୍ରରେ ଆଗଭର ହେବା ଉଚିତ ବୋଲି କହିଛନ୍ତି ଭାରତର ପ୍ରତିଷ୍ଠିତ ଡାଟା ବୈଜ୍ଞାନିକ ତଥା ଓଡ଼ିଆ ଯୁବକ ଇଂ. ପ୍ରଭାତ ରଞ୍ଜନ ଜେନା। ବୁଧବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଆଇଟିଏମ୍ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏକ କର୍ମଶାଳାରେ ଇଂ. ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେଇଛନ୍ତି।

‘ଡାଟା ସାଇନ୍ସ ଆଣ୍ଡ ଡାଟା ଆନାଲିଟିକ୍ସ’ ଶୀର୍ଷକ ଏହି କର୍ମଶାଳାକୁ ବିଭାଗୀୟ ମୁଖ୍ୟ ଡ. ପ୍ରିୟଦର୍ଶୀ ତ୍ରିପାଠୀ ଉଦ୍‌ଘାଟନ କରିବା ସହ ସମ୍ପ୍ରତି ଯୁଗରେ ଡାଟା ସାଇନ୍ସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଇଂ. ଜେନା ନିଜ ଅଭିଭାଷଣରେ ଡାଟା (ତଥ୍ୟ)କୁ ସମ୍ପ୍ରତି ସମୟରେ ସୁନା ଓ ତେଲ ସହ ତୁଳନା କରାଯାଉଛି ବୋଲି କହିଥିଲେ। ଦେଶର ସମସ୍ତ କ୍ଷେତ୍ରରେ ଡାଟା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫଳସ୍ୱରୂପ ପ୍ରତ୍ୟେକ କ୍ଷେତ୍ରରେ ଡାଟା ବୈଜ୍ଞାନିକଙ୍କ ଆବଶ୍ୟକତା ଅନୁଭବ କରାଯାଉଛି। ରାଜନୀତିଠାରୁ ଆରମ୍ଭ କରି ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଡାଟା ବୈଜ୍ଞାନିକଙ୍କ ଆବଶ୍ୟକତା ଲୋଡ଼ାଯାଉଛି। ରେଭେନ୍‌ଶା ଆଇଟିଏମ୍ ବିଭାଗ ଛାତ୍ରୀଛାତ୍ରମାନେ ଡାଟା ସାଇନ୍ସ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ ବୋଲି ଇଂ. ଜେନା କହିଛନ୍ତି। ଏହି କର୍ମଶାଳାରେ ଅଧାପକ ମାନସ ପ୍ରସାଦ ରାଉତ, ଡ. ପ୍ରିୟଙ୍କା ତ୍ରିପାଠୀ, ଅଧାପିକା ଭି. ଶ୍ୱେତା ଚନ୍ଦ୍ରିକା ଏବଂ ଅଧାପକ ସନ୍ତୋଷ କୁମାର ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନରେ ଶ୍ରଦ୍ଧାଞ୍ଜଳି

କଟକ ଅଫିସ୍,୧୨।୨

ଚାନ୍ଦିନୀଚୌକ ସଂକୀର୍ତ୍ତନ ମଣ୍ଡଳୀ ଅଧିକାରୀ ପ୍ରଫୁଲ୍ଲ ମହାରଣାଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଚାନ୍ଦିନୀଚୌକ ମେଲଣ ପଡ଼ିଆରେ ସଂକୀର୍ତ୍ତନ ସମାବେଶ ତଥା ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ମୁଖ୍ୟ ଉପଦେଷ୍ଟା ତଥା କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରି ଦାସ ଅଧକ୍ଷତା କରିଥିଲେ । ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁ ଏବଂ ସଦସ୍ୟ ଧୀରେନ୍ଦ୍ର କୁମାର ସିଲ୍, ହସନାବାଦ୍ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ଧୀରେନ୍ଦ୍ର କୁମାର ରଥ, ଚାନ୍ଦିନୀଚୌକ ସଂକୀର୍ତ୍ତନ ମଣ୍ଡଳୀର ମହନ୍ତ ବଂଶୀଧର ସ୍ୱାଇଁ, କଟୁଆଳ ସୋମନାଥ ଦାସ, ପୂର୍ଣ୍ଣଚନ୍ଦ୍ର ସିଂ ଏବଂ ଯତୀନ୍ଦ୍ର କୁମାର ଦାସ ପ୍ରମୁଖ ସ୍ୱର୍ଗତ ମହାରଣାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଚାନ୍ଦିନୀଚୌକ, ବିଡ଼ାନାସୀ, ହସନାବାଦ୍, ଦେଉଳସାହି, ତୁଳସୀପୁର ଓ ଦର୍ଜିସାହିର ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ପ୍ରତାପ କିଶୋର ସିଂ, ରାହାସ ବିହାରୀ ସିଂ, ବିଜୟ କୁମାର ବେହେରା, ରମେଶ ବେହେରା, ଦିଲ୍ଲୀପ କୁମାର ଦଳେଇ, ଫକୀର ଚରଣ ସିଂ, ସୁରେନ୍ଦ୍ର କୁମାର ମହାରଣା, ଚାନ୍ଦିନୀଚୌକ ଜଗନ୍ନାଥ ପରିଚାଳନା ସମିତି ସଦସ୍ୟ ପ୍ରଦୀପ କୁମାର ସିଂ, ଅଜୟ କୁମାର ଦାସ, କେ. ଭାସ୍କର ରାଓ, ବିଜୟ କୁମାର ପ୍ରଧାନ, ପୁରୁଷୋତ୍ତମ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ବିଜୟ କୁମାର ଦଳାଇଙ୍କ ସମେତ ବିଭିନ୍ନ କ୍ଲବ ଓ ଧର୍ମାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରୋଇ ଛାତ୍ରୀନିବାସରେ ଅଗ୍ନିକାଣ୍ଡ

## ରୋଷେଇ ଘର ଗ୍ୟାସ୍‌ଟାଙ୍କିରୁ ବ୍ୟାପିଲା ନିଆଁ

କଟକ ଅଫିସ୍,୧୨।୨

କଟକ ସହର ମୁରାଦ୍‌ଘାଁପାଟଣା ଗଳିରେ ଥିବା ଏକ ଘରୋଇ ଛାତ୍ରୀନିବାସର ରୋଷେଇ ଶାଳ ଗ୍ୟାସ୍‌ଟାଙ୍କିରେ ବୁଧବାର ଅପରାହ୍ଣରେ ନିଆଁ ଲାଗିଯାଇଥିଲା। ଟାଙ୍କିରୁ ଗ୍ୟାସ୍ ଲିକ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଛାତ୍ରୀନିବାସର ପ୍ରଥମ ମହଲାରେ ଥିବା ରୋଷେଇ ଶାଳରେ ନିଆଁ ଲାଗିଯିବା ପରେ ଭୟରେ ଅନ୍ତେବାସୀମାନେ ଏଣେତେଣେ ଦୌଡ଼ିଥିଲେ। ସଙ୍ଗେସଙ୍ଗେ ଝରକା କାଚକୁ ଭାଙ୍ଗିଦିଆଯିବା ଫଳରେ ନିର୍ଗତ ଗ୍ୟାସ୍ ପଦାକୁ ଚାଲିଯାଇ ଥିଲା। ଅନ୍ୟପଟେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେମାନେ ଗ୍ୟାସ୍ ଟାଙ୍କିକୁ ସତର୍କତାର ସହ ବାହାରକୁ ଆଣି ଲିଭାଇଥିଲେ। ରୋଷେଇଶାଳରେ ଥିବା ବିଭିନ୍ନ ଆସବାବପତ୍ରରେ ନିଆଁ ଲାଗିଯାଇଥିବାରୁ ତାକୁ ମଧ ଲିଭାଯାଇଥିଲା। ଏ ନେଇ ଅନ୍ତେବାସୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଅଗ୍ନିକାଣ୍ଡରେ ବିଶେଷ କ୍ଷତି ହୋଇନାହିଁ। କଟକ ସହରର ଗଳିକନ୍ଦିରେ ଗଢ଼ିଉଠିଥିବା ଏଭଳି ଘରୋଇ ହଷ୍ଟେଲ୍‌ଗୁଡ଼ିକରେ ନିୟମିତ ବ୍ୟବଧାନରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ହେଲେ ପୋଲିସ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ହଷ୍ଟେଲ୍‌ଗୁଡ଼ିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ନିଆଁ ଲାଗିଲେ ଲିଭାଇବା ପାଇଁ ସାମାନ୍ୟ ବ୍ୟବସ୍ଥା ମଧ ରହୁନାହିଁ। ବୁଧବାର ଛାତ୍ରୀ ନିବାସ ଅଗ୍ନିକାଣ୍ଡ ଘଟଣାରୁ ଏ କଥା ସ୍ପଷ୍ଟ ହୋଇଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଶୁଣିବାକୁ ମିଳିଥିଲା।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଜୋନ୍‌ସ୍ତରୀୟ ଚାନ୍‌ସେଲର କପ୍ ବକ୍ତୃତା ପ୍ରତିଯୋଗିତା

କଟକ ଅଫିସ,୧୨।୨

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜୋନସ୍ତରୀୟ ଚାନ୍‌ସେଲର କପ୍ ବକ୍ତୃତା ପ୍ରତିଯୋଗିତା ଖ୍ରୀଷ୍ଟ କଲେଜରେ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କଲେଜର ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ବିଦ୍ୟାର୍ଥୀମାନଙ୍କର ତାର୍କିକ ପ୍ରତିଭାର ପରିପ୍ରକାଶ ପାଇଁ ଏହା ଏକ ଉପଯୁକ୍ତ ମଞ୍ଚ ବୋଲି କହିଥିଲେ। ପ୍ରଫେସର ସଞ୍ଜୟ କୁମାର ଶତପଥୀ, ପ୍ରଫେସର ଦେବପ୍ରିୟ ଦାସ, ଡ. ରୀତା ଦାସ, ଡ. କ୍ଷୀରୋଦ କୁମାର ସାହୁ, ଡ. ଦୀପକ କୁମାର ଦାଶ, ଡ. ଲକ୍ଷ୍ମୀଧର ଦାଶ, ପ୍ରଫେସର ସୁଶାନ୍ତ ବିଶ୍ୱାଳ, ଡ. ପ୍ରମୋଦିନୀ ସାହୁ ପ୍ରମୁଖ ବକ୍ତୃତା ପ୍ରତିଯୋଗିତାର ଇଂଲିଶ, ଓଡ଼ିଆ ଓ ହିନ୍ଦୀ ବିଷୟ ପାଇଁ ବିଚାରକ ଭାବେ ଯୋଗଦେଇଥିଲେ। କଲେଜର ତର୍କ-ପ୍ରବନ୍ଧ କମିଟି ସଦସ୍ୟ ଡ. ଜେହେରା ଜବିନ୍, ଡ. ଜିତା ରାୟ, ଡ. ସ୍ୱାତୀ ମହାନ୍ତି, ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ, ଅଧାପିକା ଇତିଶ୍ରୀ ପୃଷ୍ଟି, ଅଧାପିକା ସୁକନ୍ୟା ସେନାପତି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ ଗୁରୁତ୍ୱ ଦେବେ ବସ୍ ମାଲିକ


ରାଜ୍ୟ ବସ୍ ମାଲିକ ସଂଘ ଉଦଯାପନୀ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

- ରାଜ୍ୟ ବସ୍ ମାଲିକ ସଂଘ ସମ୍ମିଳନୀ ଉଦ୍‌ଯାପିତ
- ରାଜଧାନୀରେ ସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇବାକୁ ଦାବି
- ନୂତନ କର୍ମକର୍ତ୍ତା ଚୟନ

ପୁରୀ ଅଫିସ,୧୨।୨

ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ରାଜ୍ୟ ବସ୍ ମାଲିକ ସଂଘର ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ ଦିବସରେ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଲିକମାନଙ୍କ ସମସ୍ୟା ଶୁଣିଥିଲେ। ସରକାରଙ୍କ ସହାୟତାରେ କିପରି ସଂଘର ଦାବିକୁ ପୂରଣ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ।

ବ୍ରହ୍ମପୁର ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯେଉଁ ବସ୍‌ଯାତ୍ରୀମାନେ ମୃତାହତ ହୋଇଥିଲେ ସେମାନଙ୍କ ପାଇଁ ଦୁଃଖ ପ୍ରକାଶ କରାଯାଇଥିଲା। ଦୁର୍ଘଟଣାକୁ ଏଡାଇ ପାଇଁ ବିଶଦ୍ ଆଲୋଚନା ହେବା ସହ ପ୍ରତି ଆଞ୍ଚଳିକ ସଂଘ ଦ୍ୱାରା ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବସ୍ ମାଲିକମାନେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି ନିଜେ ଯତ୍ନବାନ ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ରାଜ୍ୟର ବସ୍‌ଷ୍ଟାଣ୍ଡଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡିଛି। ତୁରନ୍ତ ସେଗୁଡ଼ିକର ପୁନରୁଦ୍ଧାର ସାଙ୍ଗକୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପୋଲିସ ଦ୍ୱାରା ସୁରକ୍ଷା ଯୋଗାଇବା, ପ୍ରତୀକ୍ଷାଳୟକୁ ଶୀତତାପ ନିୟନ୍ତ୍ରିତ କରିବା ଏବଂ ବସ୍ କର୍ମଚାରୀଙ୍କ ନିମନ୍ତେ ଶୀତତାପ ନିୟନ୍ତ୍ରିତ ବିଶ୍ରାମ କକ୍ଷ ନିର୍ମାଣ, ଭୁବନେଶ୍ୱରରେ ସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ରାଜ୍ୟ ବସ୍ ମାଲିକ ସଂଘର ୩ବର୍ଷ କାର୍ଯ୍ୟକାଳ ସରିଯାଇଥିବାରୁ ବୁଧବାର ବୈଠକରେ ସର୍ବସମ୍ମିତକ୍ରମେ ବିଭିନ୍ନ ପଦପଦବୀ ଲାଗି କର୍ମକର୍ତ୍ତା ଚୟନ କରାଯାଇଥିଲା। ଲୋକନାଥ ପାଣି ସଭାପତି, ଦେବେନ୍ଦ୍ର କୁମାର ସାହୁ ସାଧାରଣ ସମ୍ପାଦକ, ବରଦାପ୍ରସନ୍ନ ଆଚାର୍ଯ୍ୟ କୋଷାଧକ୍ଷ, ଦେବାଶିଷ ନାୟକ ମୁଖପାତ୍ର, ଅଜୟ କୁମାର ବାରିକ ସହ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି।

# ଧାର୍ଯ୍ୟ ସମୟରେ ସରୁନି ଆବାସ ନିର୍ମାଣ

- ମନଇଚ୍ଛା ବିଳମ୍ବ କରୁଛନ୍ତି ହିତାଧିକାରୀ
- ପ୍ରତିବାଦରେ ବ୍ଲକ ଅଫିସ କର୍ମଚାରୀଙ୍କ ଧାରଣା
- ସର୍ବକ୍ଷମା ଯୋଜନାରେ ସାମିଲ ପାଇଁ ଦାବି

କଟକ ସଦର,୧୨।୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ବିଜୁ ପକ୍କାଘର ଯୋଜନାରେ ଘର ପାଇଥିବା ହିତାଧିକାରୀ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରୁ ନାହାନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ପୁଣି କଟକ ସଦର ବ୍ଲକ ପ୍ରଶାସନର କର୍ମଚାରୀମାନେ କନ୍ଦରପୁର ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଘର ଆଗରେ ପ୍ରତୀକ ଧାରଣା ଦେଇଥଲେ। ଏହି ଅଭିନବ ପ୍ରୟାସ ଜାନୁୟାରୀ ମାସଠାରୁ ଆରମ୍ଭ ହୋଇଛି। ଭାରାପ୍ରାପ୍ତ ବିଡିଓଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ୱାର୍ଡସଭ୍ୟ, ଗ୍ରାମରୋଜଗାର ସେବକ ଓ ଅନ୍ୟ ସରକାରୀ କର୍ମଚାରୀମାନେ ଧାରଣାରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମକୁ ଅନେକ ପ୍ରଶଂସା କରୁଥିବାବେଳେ କେତେଜଣ ବ୍ୟକ୍ତି ସର୍ବକ୍ଷମା ଯୋଜନାରେ ଏମାନଙ୍କୁ ସାମିଲ କରି କାର୍ଯ୍ୟ ସାରିବା ପାଇଁ ଦାବି କରିଛନ୍ତି।

୨୦୦୦-୨୦୧୪ ମଧ୍ୟରେ କାର୍ଯ୍ୟାଦେଶ ନେଇ ୧୨୭ହିତାଧିକାରୀ ଘର ଛାତ ପକାଇନାହାନ୍ତି। ୫ହଜାରରୁ ୩୦ହଜାର ଟଙ୍କା ବିଭିନ୍ନ ପର୍ଯ୍ୟାୟରେ କିସ୍ତି ନେଇ ସମ୍ପୃକ୍ତ ହିତାଧିକାରୀ ଘର କାମ ସାରିନାହାନ୍ତି। ଯାହାକି ବ୍ଲକ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଗରିବ ଶ୍ରେଣୀର ହିତାଧିକାରୀ ହୋଇଥିବାରୁ ନେଇଥିବା କିସ୍ତି ଟଙ୍କା ଫେରାଇ ପାରି ନ ଥିଲେ। ଫଳରେ ଏମାନେ ସର୍ବକ୍ଷମା ଯୋଜନାରେ ସାମିଲ ହୋଇପାରିଲେ ନାହିଁ। କନ୍ଦରପୁର ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ଭୋଇ କହିଛନ୍ତି, ଅଧାପନ୍ତରିଆ ଘର କରିଥିବା ସମସ୍ତ ହିତାଧିକାରୀଙ୍କୁ ସର୍ବକ୍ଷମା ଯୋଜନାରେ ସାମିଲ କରାଯିବା ଦରକାର। ନୂଆ ଘର ପାଇଁ ମିଳିବାକୁ ଥିବା ୧ଲକ୍ଷ ୨୦ହଜାର ଟଙ୍କାରୁ କିଛି ଅର୍ଥ କାଟି ରଖି ବଳକା ଅର୍ଥ ଦେଲେ କାମ ଶୀଘ୍ର ସରିବ ବୋଲି ସେ କହିଛନ୍ତି। ହିତାଧିକାରୀ ପରମହଂସ ଗ୍ରାମର ରବୀନ୍ଦ୍ର ଭୋଇ କୁହନ୍ତି, ୨୦୧୪-୧୫ରେ ବର୍ଷାଦିନେ ଘର କରିବା ପାଇଁ ୫ହଜାର ଟଙ୍କା କିସ୍ତି ମିଳିଥିଲା। ଉକ୍ତ ସମୟରେ ଘର ସାମଗ୍ରୀ ସହ ମଜୁରି ଅଧିକ ଥିବାରୁ କାମ କରିପାରିଲି ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା କହିଛନ୍ତି, ଏଭଳି ପ୍ରସ୍ତାବ ଉପରେ ନିଷ୍ପତ୍ତି ନେବାର କ୍ଷମତା କେବଳ ସରକାରଙ୍କର ରହିଛି। ହିତାଧିକାରୀଙ୍କୁ କାର୍ଯ୍ୟାଦେଶପତ୍ର ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ମିଳୁଥିବାରୁ ବାସ୍ତୁ ଶାସ୍ତ୍ର ଅନୁଯାୟୀ ବହୁ ହିତାଧିକାରୀ ଘର ଶୁଭ ଦେଇପାରୁନାହାନ୍ତି। ତେଣୁ କିଛି ଟଙ୍କା ଖର୍ଚ୍ଚ କରିଦେଉଛନ୍ତି ବୋଲି କନ୍ଦରପୁର ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ କହିଛନ୍ତି। କୌଣସି ନୂଆ ନୀତି ନିର୍ଦ୍ଧାରଣ ପୂର୍ବରୁ କ୍ଷେତ୍ରସ୍ଥଳର ବାସ୍ତବ ସ୍ଥିତି ଉପରେ ଦୃଷ୍ଟି ଦିଆଗଲେ ଆବାସ ଯୋଜନା ସଫଳ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
-ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଜିଲାପାଳଙ୍କୁ ଅଭିଯୋଗ

**ଜଟଣୀ, ୧୨।୨(ଡି.ଏନ.ଏ.):** ଖୋର୍ଦ୍ଧା ବ୍ଲକ କେରଙ୍ଗ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ପ୍ରକୃତ ଗରିବ ହିତାଧିକାରୀଙ୍କ ପରିବର୍ତ୍ତେ ଧନୀ, ଦୁଇମହଲା କୋଠାଘର ଥିବା, ଚାକିରିଆମାନଙ୍କୁ ଏଥିରେ ସାମିଲ କରାଯାଇଛି। ପଞ୍ଚାୟତର ୭, ୮, ୧୨ ଓ ୧୩ ନଂ. ୱାର୍ଡରେ ଏପରି ଅନିୟମିତତା ହେଇଥିବା ପଞ୍ଚାୟତର ୱାର୍ଡମେମ୍ବର କମରୁଲ୍ ହକ୍, ଅମଜାଦ ଖାନ ଓ ନୃସିଂହ ଚରଣ ମହାଭୋଇଙ୍କ ନେତୃତ୍ୱରେ ଶହେ ପାଖାପାଖି ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ସାକ୍ଷତ କରି ଲିଖିତ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ ପାଇଁ ଡିସେମ୍ବର ୧୯ରେ ସର୍ଭେ ହେବା ପରେ ତାଲିକା ପ୍ରସ୍ତୁତ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହାକୁ ପରିବର୍ତ୍ତନ କରି ଧନୀ ଲୋକଙ୍କୁ ଏଥିରେ ସାମିଲ୍ କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର

**ନିରାକାରପୁର,୧୨।୨(ଡି.ଏନ.ଏ.)-** ରାମେଶ୍ୱର ପଞ୍ଚାୟତ ପରିସରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବିଶ୍ୱ ଜୀବନ ସେବା ସଂଘ ଓ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ଖୋର୍ଦ୍ଧାଙ୍କ ମିଳିତ ଆନୁକୂଲ୍ୟରେ ପଞ୍ଚାୟତ ବିକାଶ ଯୋଜନା ସମ୍ବନ୍ଧରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ମ୍ୟାନେଜର ଅକ୍ଷୟ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନିରାକାରପୁର, ଲେଣ୍ଡୋ, ଡିଆ, ରାମେଶ୍ୱର, ବଡପୋଖରିଆ ଆଦି ପଞ୍ଚାୟତର ସରପଞ୍ଚ ଓାର୍ଡମେମ୍ବର, ଯୋଗାଣ ସହାୟକ, ଗ୍ରାମ୍ୟ ରୋଜଗାର ସେବକ, ସ୍ୱଂୟ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ପ୍ରଶକ୍ଷିକ ଦୀଲିପ ଶତପଥୀ ପ୍ରଶିକ୍ଷଣ ଦେଇଥିଲେ ।



### ଅଟୋ ସହ ମଦ ଜବତ

**ଟାଙ୍ଗୀ(ଖୋର୍ଦ୍ଧା), ୧୨।୨ (ଡି.ଏନ.ଏ.)-** କନ୍ଦନୟାଗଡ ଛକଠାରେ ଚାନ୍ଦପୁର ଥାନା ପୋଲିସ ଏକ ଅଟୋରିକ୍ସାରୁ ୧ ହଜାର ଲିଟର ମଦ ଜବତ କରିଛି। ଅଟୋକୁ ଜବତ କରିଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି। ୧୬ ନଂ. ଜାତୀୟ ରାଜପଥ କନ୍ଦନୟାଗଡ ଛକଠାରେ ମଦ ଚୋରାଚାଲାଣ କରାଯାଉଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚି ଥିଲା। ପୋଲିସକୁ ଦେଖିଚାଳକ ସେଠାରୁ ଦୌଡି ପଳାଇଯାଇଥିଲା । ପୋଲିସ ଗାଡି ସହ ମଦ ଜବତ କରି ଥାନାକୁ ଆଣିଥିଲା। ଏଥିରେ ଦେଶୀ ମଦ ସହ କିଛି ବିଦେଶୀ ମଦ ରହିଥିଲା ।

# ତାଲିକା ପ୍ରକାଶ ପରେ କୁହୁଳୁଛି ଅସନ୍ତୋଷ

## ବେଗୁନିଆ ବ୍ଲକ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପ୍ରସଙ୍ଗ

**ବେଗୁନିଆ, ୧୨।୨ (ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ରହିଥିଲେ। ଏମାନଙ୍କ ପାଇଁ ନୂତନ ଗୃହ ପ୍ରଦାନ ନିମନ୍ତେ ନାମ ତାଲିକା ପ୍ରକାଶ ପାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶାଙ୍କ ପତ୍ର ସଂଖ୍ୟା ୩୨୬୮ରେ ଜାନୁୟାରୀ ୭ ରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ପଞ୍ଚାୟତଦ୍ୱାରି ହିତାଧିକାରୀ ଚୟନ କରାଯାଇଛି। ବେଗୁନିଆ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଡିଓଙ୍କ ପକ୍ଷରୁ ନୂତନ ତାଲିକା ପଞ୍ଚାୟତ କାର୍ଯ୍ୟାଳୟର ବିଜ୍ଞାପନ ଫଳକ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକାନ୍ଥ, ବିଦ୍ୟାଳୟ କାନ୍ଥ ଏବଂ ସର୍ବସାଧାରଣ ସ୍ଥାନରେ ଲଟକା ଯାଇଛି। ଅନ୍ୟପକ୍ଷରେ ଯଦି କେଉଁ ହିତାଧିକାରୀଙ୍କ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ସେ ସମ୍ପର୍କରେ ଲିଖିତ ଭାବେ ବ୍ଲକ କାର୍ଯ୍ୟାଳୟରେ ଥିବା ଅଭିଯୋଗ ବାକ୍ସରେ ଚଳିତମାସ ୧୦ରୁ ୧୬ ତାରିଖ ମଧ୍ୟରେ ଦାଖଲ କରିପାରିବେ। ପୁଣି ସେହି ପୂର୍ବଭଳି ଅନିୟମିତା ହୋଇଥିବାରୁ ପ୍ରକୃତ ହିତାଧିକାରୀମାନଙ୍କ ସ୍ୱର ବ୍ୟାପକ ହେବାରେ ଲାଗିଛି। ଏପରି କି ଏହି ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ସମସ୍ତ ଯୋଗ୍ୟତା ହାସଲ କରୁଥିବା ବହୁ ଗରିବ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଭଙ୍ଗା କୁଡ଼ିଆ ତଳେ ବାସ କରୁଥିବା ଲୋକଙ୍କୁ ଅଣଦେଖା କରି ୨ ମହଲା କୋଠା ଥିବା ବ୍ୟକ୍ତିଙ୍କ ନାମ ତାଲିକାରେ ଉଲ୍ଲେଖ ରହିଛି। ସେହିପରି କେତେଜଣ ପ୍ରକୃତ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦିଆଯାଇଛି। ଗୋଟିଏ ପରିବାର ଏକାଧିକ ସଦସ୍ୟଙ୍କ ନାମ ମଧ୍ୟ ନୂଆ ତାଲିକାରେ ପ୍ରକାଶ ପାଇଥିବା ଜଣାପଡିଛି। ତେବେ ଚୟନ ତାଲିକାରେ ଦେଖାଦେଇଥିବା ବ୍ୟତିକ୍ରମ ପୁଣି ସେହି ଗାଁ ଦଲାଲଙ୍କ ଯୋଗୁ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ବ୍ଲକ ଅଧୀନ ଗଡ଼ମାଣତୀର, ପୋଡ଼ାଡିହ, କୁଞ୍ଜୁରୀ, ସିମୋର, ବୋତଲମା, ରାଧାକାନ୍ତପୁର ଆଦି ପଞ୍ଚାୟତ ଅଞ୍ଚଳରେ ଆବାସ ଯୋଜନାର ବ୍ୟାପକ ଦୁର୍ନୀତି ହୋଇଥିବା ଖବର 'ଧରିତ୍ରୀ'ରେ ବାରମ୍ବାର ପ୍ରକାଶ ପାଇଥିଲା। ଏହାକୁ ନେଇ ଆଉ ଥରେ ସର୍ଭେ କରାଯାଇ ନୂତନ ତାଲିକା ଚୟନ କରାଯିବ ବୋଲି ଖୋର୍ଦ୍ଧା ଜିଲାପାଳଙ୍କ ପକ୍ଷରୁ ଆଦେଶନାମା ପ୍ରକାଶ ପାଇଥିଲା। ଜିଲାର ଅନ୍ୟ ବ୍ଲକ ଅଞ୍ଚଳର ଅଧିକାରୀ ଏବଂ କର୍ମଚାରୀମାନେ ଆସି ଏହି ବ୍ଲକର ବିଭିନ୍ନ ଗାଁକୁ ଗାଁ ବୁଲି ହିତାଧିକାରୀ ଚୟନ କରାଯାଇଥିଲା। ସେହି ଚୟନକାରୀଙ୍କ ଦଳରେ ଗାଁ ଦଲାଲ ବୁଲୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବେଗୁନିଆ ବିଡିଓ ରଶ୍ମିରେଖା ଦାସ କୁହନ୍ତି, ଯଦି ଏହି ନୂତନ ଚୟନ ତାଲିକା ଉପରେ କୌଣସି ହିତାଧିକାରୀ ଅଭିଯୋଗ କରିବାର ଅଛି, ତେବେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଦାଖଲ କରିପାରିବେ। ବ୍ଲକ ପକ୍ଷରୁ ସେମାନଙ୍କ ଅଭିଯୋଗକୁ ତଦାରଖ କରାଯାଇ ବିଚାରକୁ ନିଆଯିବ, ଏଥିରେ କିଛି ବ୍ୟସ୍ତ ହେବାର ନାହିଁ।



ପ୍ରଧାନମନ୍ତ୍ରୀ ଆବାସ ପାଇଁ ଅପେକ୍ଷା କରିଛନ୍ତି ଛତ୍ରପଡା ଗାଁର ବିନୋଦିନୀ ବଳିଆରସିଂ।

# ନବନିର୍ମାଣ କୃଷକ ସଙ୍ଗଠନର ନ୍ୟାୟ ଯାତ୍ରା



ପଥପ୍ରାନ୍ତ ସଭାରେ ସଙ୍ଗଠନର କର୍ମକର୍ତ୍ତାମାନେ।

**ବୋଲଗଡ,୧୨।୨(ଡି.ଏନ.ଏ.)**

ଚାଷୀମାନଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ସଂଗ୍ରାମ ଚଳାଇଥିବା ନବନିର୍ମାଣ କୃଷକ ସଙ୍ଗଠନର ନ୍ୟାୟ ଯାତ୍ରା ବୁଧବାର ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତରେ ପହଞ୍ଚିଥିଲା। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଆସିଥିବା କର୍ମକର୍ତ୍ତାଙ୍କୁ ପାଇକ ସମରକଳା ପ୍ରଦର୍ଶନ ପୂର୍ବକ ପାଛୋଟି ନିଆଯାଇଥିଲା। ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ପୌରୋହିତ୍ୟରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ କହିଥିଲେ ଯେ, ଭାରତ କୃଷିପ୍ରଧାନ ଦେଶ ହୋଇଥିଲା ବେଳେ ସରକାରୀ ଚାକିରିଆମାନଙ୍କୁ ୭ମ ବେତନ କମିଶନ ହାରରେ ଦରମା ଦିଆଯାଉଛି। ମାତ୍ର ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବାକୁ ସଂଘର୍ଷ କରୁଥିବା ଚାଷୀ ପାଇଁ ସରକାର ଆତ୍ମହତ୍ୟାର ବାଟ ଦେଖାଇ ଦେଇଛନ୍ତି। ହକ୍ ପାଇଁ ଚାଷୀ ଲଢେଇ କରିବା ସମୟରେ ସରକାର ପୋଲିସ ଲଗାଇ ଦମନ କରିଚାଲିଛି। କିନ୍ତୁ ଏଥର ଚାଷୀ ସଙ୍ଗଠନ ସଶକ୍ତ ଆନ୍ଦୋଳନ କରିବ, ଯେପରି ସରକାର ସେମାନଙ୍କ ନ୍ୟାଯ୍ୟ ଦାବି ଆଗରେ ମୁଣ୍ଡ ନୁଆଁଇବ। ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ ସଂଯୋଜକ ମଦନ ସାହୁ, ନୟାଗଡ ସଂଯୋଜକ ମହେଶ୍ୱର ଜେନା, କାହ୍ନୁ ବେହେରା, ନିରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ଅଞ୍ଚଳର ଚାଷୀମାନେ ଯୋଗ ଦେଇଥିଲେ।



ପିଲାମାନେ ରାସ୍ତାରେ ଲୋକଙ୍କୁ ସଚେତନ କରାଉଛନ୍ତି ।

# ଟ୍ରାଫିକ ନିୟମର ବାର୍ତ୍ତା ବାଣ୍ଟିଲେ ପିଲା

**ବେଗୁନିଆ, ୧୨।୨ (ଡି.ଏନ୍.ଏ)**

ବେଗୁନିଆ ସଦର ମହକୁମାରେ ବୁଧବାର ଟ୍ରାଫିକ ନିୟମର ବାର୍ତ୍ତା ଛୋଟ ପିଲାମାନେ ବାଣ୍ଟୁଥିବାର ଦେଖିବାକୁ ମିଳିଥିଲା। ତେବେ ପିଲାମାନେ ବିଭିନ୍ନ ପ୍ରକାର କୋତୁକିଆ ପୋଷାକରେ ପିନ୍ଧି ରାସ୍ତା ଘାଟରେ ଯାତାୟାତ କରୁଥିବା ଲୋକମାନଙ୍କୁ ଅନେକ ଶିକ୍ଷଣୀୟ ବିଷୟରେ ସଚେତନ କରାଇଥିଲେ। ଏପରିକି ପିଲାମାନେ ପୋଲିସ, ଅଗ୍ନିଶମ ବିଭାଗର କର୍ତ୍ତବ୍ୟ ଓ ମୂଲ୍ୟବୋଧ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସହ ରାସ୍ତାରେ ଗମନାଗମନ କଲା ବେଳେ ଅନେକ ନିୟମ ରହିଛି। ସେଥିମଧ୍ୟରୁ ଟ୍ରାଫିକ ନିୟମ ହେଉଛି ଅନ୍ୟତମ। ହେ ଚାଳକ ମହାଶୟ ଆପଣମାନଙ୍କୁ ହସ୍ତ ଯୋଡି ଆମ୍ଭେ ନିବେଦନ କରୁଛୁ। ଟ୍ରାଫିକ ନିୟମକୁ ଆମ୍ଭେ ସମ୍ମାନ ଦେବା, ଯାହାଦ୍ୱାରା ଈଶ୍ୱର ଦତ୍ତ ଏହି ମୂଲ୍ୟବାନ ଧନ ଏବଂ ଜୀବନ ସୁରକ୍ଷିତ ରହିପାରିବ ବୋଲି ପିଲାମାନେ କହି ନିବେଦନ କରୁଥିଲେ। ବେଗୁନିଆ ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର, ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ସାହୁ, ପ୍ରତିଷ୍ଠାତା ଅଜୟ କୁମାର ସାହୁ, ଉପଦେଷ୍ଟା ଅଖିଳେଶ ମହାପାତ୍ର, ଗୁରୁମାଗୁରୁଜୀମାନେ ବାଣ୍ଟୁଥିବା ଏହି ସଚେତନତା ବାର୍ତ୍ତାରେ ସାମିଲ ହୋଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବୋଲଗଡ,୧୨।୨(ଡି.ଏନ.ଏ.):**

ବୋଲଗଡ ବ୍ଲକ ବାଙ୍କୋଦେଶ ପଞ୍ଚାୟତର ୩ଥର ସରପଞ୍ଚ ଥିବା ସ୍ୱର୍ଗତ ଲିଙ୍ଗରାଜ ପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଧବାର ଆୟୋଜିତ ହୋଇଯାଇଛି। ସଂସଦର କର୍ମକର୍ତ୍ତା ଶିକ୍ଷାବିତ୍ କୁଳମଣି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଐତିହାସିକ ରବୀନ୍ଦ୍ର କୁମାର ପରିଡା, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ବେଦପାଠ ପୂର୍ବକ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପାତ୍ର ଅଞ୍ଚଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ଜଣେ ଅଗ୍ରଗଣ୍ୟ ବ୍ୟକ୍ତି ଥିଲେ ବୋଲି ଅତିଥିମାନେ କହିଥିଲେ। ଶେଷରେ ତାଙ୍କ ମଧ୍ୟମ ପୁତ୍ର ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ଏପ୍ରିଲ ୧ରେ ଲକ୍ଷେ ପ୍ରେରଣା ଗ୍ରୀନ୍ ଆର୍ମିଙ୍କ ସମାବେଶ

**ବେଗୁନିଆ, ୧୨।୨ (ଡି.ଏନ୍.ଏ)**

ବିପ୍ଳବର ମାଟି ଖୋର୍ଦ୍ଧା। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ଖୋର୍ଦ୍ଧାରୁ। ଏବେ ସମଗ୍ର ବିଶ୍ୱର ମହାସଙ୍କଟ ହେଉଛି, କ୍ଲାଇମେଟ ଚେଞ୍ଜ, ଗ୍ଲୋବାଲ ୱାରମିଂ, ପରିବେଶ ପ୍ରଦୂଷଣ ଆଦି ସମସ୍ୟା। ଏହାର ପ୍ରଭାବରେ ପୃଥିବୀର ବହୁ ଜୀବଜନ୍ତୁ ଲୋପ ପାଇ ଗଲେଣି। ପରିବେଶ ବିଜ୍ଞାନୀମାନେ ମତ ଦେଉଛନ୍ତି, ଯଦି ଏବେଠାରୁ ବ୍ୟାପକ ବୃକ୍ଷରୋପଣ କରା ନ ଯାଏ, ତେବେ ପୃଥିବୀ ପୃଷ୍ଠରେ ଜୀବଜଗତର ଆୟୁଷ ଆଉ ବେଶୀ ଦିନ ନୁହେଁ। ବିଶ୍ୱ ବଞ୍ଚାଅ ଅଭିଯାନକୁ ଉଦ୍‌ଘାଟନ କରି ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି। ବିଶେଷ କରି ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ପାଇଁ ଯୁବକମାନେ ଗୁରୁତର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର କମାଣ୍ଡଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରିଥିଲେ। ସେ କହିଲେ, ବୁଧବାରଠାରୁ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ଖୋର୍ଦ୍ଧାରୁ ଜନଜାଗରଣ ଅଭିଯାନ ଆରମ୍ଭ ହେଲା। ଏହା ରାଜ୍ୟର ପ୍ରତ୍ୟେକ ଜିଲା ସଦର ମହକୁମା, ସବ୍‌ଡିଭିଜନ୍, ବ୍ଲକ ଓ ପଞ୍ଚାୟତ ସ୍ତରରେ କରାଯାଇ ଏପ୍ରିଲ ୧ରେ ଭୁବନେଶ୍ୱରରେ ୧ ଲକ୍ଷ ଗ୍ରୀନ ଆର୍ମିଙ୍କ ସମାବେଶ କରାଯିବ। ସେହିପରି ଜୁଲାଇ ୧ରେ ସମଗ୍ର ଓଡ଼ିଶାରେ ବନ ମହୋତ୍ସବ ପାଳନ କରାଯାଇ ଗ୍ରୀନ ଆର୍ମିମାନେ ଛାତ୍ର, ଯୁବକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, କଳାକାର, କ୍ରୀଡ଼ାବିତ୍, ଆଇନଜୀବି ଆଦିଙ୍କ ସହଯୋଗରେ ୧ କୋଟି ବୃକ୍ଷ ରୋପଣ କରିବେ। ଏହି ସମାବେଶରେ ଖୋର୍ଦ୍ଧା ଜିଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ବାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରକାଶ ସାମନ୍ତରାୟ, ଆଇନଜୀବୀ ଶିଶିର ପରିଡ଼ା, ନରେନ୍ଦ୍ର ଜିତ୍‌ସିଂହ, ବିଜୟ କୁମାର ସାମନ୍ତସିଂହାର, ଲକ୍ଷ୍ମଣ ପରିଡ଼ା ଦିବ୍ୟନାରାୟଣ ସ୍ୱାଇଁ, ରମାକାନ୍ତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଯୁବ ସମାଜ ବହୁସଂଖ୍ୟାରେ ଗ୍ରୀନ୍ ଆର୍ମିରେ ସାମିଲ ହୋଇ ଏହି ଅଭିଯାନକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ପରେ ଛାତ୍ର, ଯୁବକ, ଆଇନଜୀବୀ, କ୍ରୀଡ଼ାବିତ୍ ତଥା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିମାନଙ୍କୁ ନେଇ ଶୋଭାଯାତ୍ରା ଖୋର୍ଦ୍ଧା ସହର ପରିକ୍ରମା କରିଥିଲା। ଶେଷରେ ୧ ହଜାରରୁ ଅଧିକ ଗ୍ରୀନ ଆର୍ମି ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ବିଶ୍ୱ ବଞ୍ଚାଅ ଅଭିଯାନରେ ସାମିଲ ହୋଇ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଖୋର୍ଦ୍ଧା ରାଜ୍ୟର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ନିକଟରେ ଶପଥ ଗ୍ରହଣ କରିଥିଲେ।



ଗ୍ରୀନ ଆର୍ମିର ସଦସ୍ୟମାନେ ବୃକ୍ଷ ରୋପଣ ପାଇଁ ଶପଥ ନେଉଛନ୍ତି ।

- ୧ କୋଟି ଗଛ ଲାଗିବ ଜୁଲାଇ ୧ରେ
- ସବୁଜ ବିଶ୍ୱ ପାଇଁ ସଂଗ୍ରାମ ଆରମ୍ଭ ହେଲା ଖୋର୍ଦ୍ଧାରୁ
- ଆଜୀବନ ଗ୍ରୀନ ଆର୍ମି ଭାବେ ଶପଥ ନେଲେ ୧ ହଜାର ଛାତ୍ର, ଯୁବକ

# କେଏଫ୍‌ସି କରଡ଼ାପଲ୍ଲୀ ଫାଇନାଲକୁ ଉନ୍ନୀତ

## କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ

**ବେଗୁନିଆ, ୧୨।୨ (ଡି.ଏନ୍.ଏ):**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ଅହମ୍ମଦୀୟା ଏଫ୍‌ସି କେରଙ୍ଗ ସହ କେଏଫ୍‌ସି କରଡ଼ାପଲ୍ଲୀ ମଧ୍ୟରେ ଖେଳାଯାଇଛି। ମ୍ୟାଚର ଦ୍ୱିତୀୟାର୍ଦ୍ଧର ୫୫ ମିନିଟ୍‌ରେ ଅହମ୍ମଦୀୟା ଏଫ୍‌ସି କେରଙ୍ଗ ଦଳର ମିଥୁନ ସ୍ୱାଇଁ ଗୋଟିଏ ଗୋଲ ମାରି ଦଳକୁ ବିଜୟ ପଥରେ ସୁନିଶ୍ଚିତ କରିଥିଲେ। କିନ୍ତୁ ବେଶୀ ସମୟ ପର୍ଯ୍ୟନ୍ତ ଏ ଖୁସିକୁ କାଏମ ରଖି ପାରିନଥିଲେ । ଖେଳର ମାତ୍ର ୬୫ ମିନିଟରେ କେ ଏଫ ସି କରଡ଼ାପଲ୍ଲୀ ଦଳର ପ୍ରୀତିଷ ପଟ୍ଟନାୟକ ନିଜ ଦଳ ପାଇଁ ଗୋଟିଏ ଚମତ୍କାର ଗୋଲଟିଏ ମାରି ସ୍କୋରକୁ ବରାବର କରିବାରେ ସକ୍ଷମ ହୋଇଥିଲେ। ଖେଳର ଶେଷ ସମୟର ମାତ୍ର ୧୦ ମିନିଟ ପୂର୍ବରୁ ପୁନର୍ବାର ଆଉ ଏକ ଗୋଲ କେ ଏଫ ସି କରଡ଼ାପଲ୍ଲୀ ଦଳର ପ୍ରିତୀଶ ପଟ୍ଟନାୟକ ଗୋଲ ମାରି ଦଳକୁ ବିଜୟୀ କରିବାରେ ସମର୍ଥ ହୋଇଥିଲେ ।

ଏହି ଖେଳକୁ ସଖାୱତ ଖାଁ ପରିଚାଳନା କରୁଥିବା ବେଳେ, ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା, ଗିରିଶ ଚନ୍ଦ୍ର ଯାନୀ, ସଗିର ଅହମ୍ମଦ ସାହାର୍ଯ୍ୟ କରିଥିଲେ। ମ୍ୟାଚର କମିଶନର ଭାବେ ବିଦେଶୀ ନାୟକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲାର କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ମୁନୱର ଅହମ୍ମଦ, ଭୁବନେଶ୍ୱର ମୌଲାନା ଫଜଲ ହକ ଖାଁ, କଟକ ଜିଲାର ଇନଚାର୍ଜ ମୌଲାନା ହଲିମ ଅହମ୍ମଦ ଏବଂ ମଞ୍ଜୁର ହୁସେନ ଯୋଗ ଦେଇଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ କେଏଫ୍‌ସି କରଡ଼ାପଲ୍ଲୀ ଏବଂ ବଜରଙ୍ଗୀ କ୍ଲବ ଘାଟିକିଆ ମଧ୍ୟରେ ହେବ ବୋଲି ଫୁଟ୍‌ବଲ ଟୁର୍ନାମେଣ୍ଟ କମିଟି ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ସହକରେ ଉଭୟ ଦଳର ଖେଳାଳି ଓ ରେଫ୍ରି ।

# ଓପନ୍ ଡେ ପ୍ରଦର୍ଶନୀରେ ୮ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ




ପ୍ରତିଷ୍ଠା ଦିବସରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟମାନେ ।

## ଆଇଆଇଟିର ୧୨ତମ ପ୍ରତିଷ୍ଠା ଦିବସ

**ଜଟଣୀ, ୧୨।୨(ଡି.ଏନ.ଏ.):**

ଐତିହାସିକ ବରୁଣେଇ ପାଦଦେଶରେ ଥିବା ଏହି ଆଇଆଇଟିରୁ ଉର୍ତ୍ତୀର୍ଣ୍ଣ ହେବା ପରେ ବିଜ୍ଞାନର ଅଗ୍ରଗତି ସହିତ ଜନକଲ୍ୟାଣରେ ବ୍ରତୀ ହେବାକୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଜଟଣୀସ୍ଥିତ ଆଇଆଇଟିର ବୁଧବାର ଅନୁଷ୍ଠିତ ୧୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ବିଜ୍ଞାନର ନେତୃତ୍ୱ ନେବା ସହ ସାମାଜିକ ଉଦ୍ୟୋକ୍ତା ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ଉପସ୍ଥିତ ଆଇଆଇଟିଆନ୍‌ମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ବିଶ୍ୱରେ ଭାରତକୁ ବିକାଶମୁଖୀ ଦେଶରେ ରୁପାନ୍ତରିତ କରିବାରେ ଆଇଆଇଟିଆନ୍‌ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଗବେଷଣା ମାଧ୍ୟମରେ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିବା ସହ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜାକୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଦକ୍ଷତା ବିକାଶ ଅଥରଟିର ଚେୟାରମ୍ୟାନ୍ ସୁବ୍ରୋତ ବାକଚି ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ପ୍ରଫେସର ଆର. କେ. ପଣ୍ଡା, ପ୍ରଫେସର ସୁଜିତ୍ ରାୟ, ପ୍ରଫେସର ଭି.ଆର. ପେଡିରେଡ୍ଡି, ରେଜିଷ୍ଟ୍ରାର ଡ. ସୁବୋଧ କୁମାର, ଡ. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ଫାକଲଟି ଓ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପ୍ରତିଷ୍ଠା ଦିବସରେ ଓପନ୍ ଡେ :

ପ୍ରାରମ୍ଭିକସ୍ତରର ସ୍କୁଲ ଓ କଲେଜ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ପ୍ରତିଭା ବୃଦ୍ଧି ଓ ଏ ନେଇ ଅଧିକ ଉତ୍ସାହ ତଥା ଆଗ୍ରହ ସୃଷ୍ଟି ପାଇଁ ଓପନ ଡ଼େ ନାମରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ଉପରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଶେଷକରି ଛାତ୍ରୀଙ୍କୁ ଏ କ୍ଷେତ୍ରରେ ସଶକ୍ତିକରଣ ସହି ଉପାନ୍ତ ଅଞ୍ଚଳର ସ୍କୁଲ ପିଲାଙ୍କୁ ଆକର୍ଷିତ କରିବା ଲକ୍ଷ୍ୟ ନେଇ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ତିନିବର୍ଷ ଧରି ଏପରି ପ୍ରଦର୍ଶନୀ ଆଇଆଇଟି ପକ୍ଷରୁ ଆୟୋଜିତ କରାଯାଉଛି। ଆଇଆଇଟି ବିଭିନ୍ନ ବିଭାଗ ପରିସରରେ ଏହା ପ୍ରଦର୍ଶିତ ହୋଇଥିଲା। ଆଇଆଇଟି ବିଦ୍ୟାର୍ଥୀ ଓ ଫାକଲଟିଙ୍କ ଦ୍ୱାରା ପ୍ରସ୍ତୁତ ୨୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପକୁ ଆସିଥିବା ସ୍କୁଲ ଛାତ୍ରୀଛାତ୍ରମାନେ ଦେଖିଥିଲେ ଓ ବୁଝିଥିଲେ। ଏଥିରେ ଜଟଣୀ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସ୍କୁଲ ଓ କଲେଜରୁ ୮ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କ ସମାଗମ ହୋଇଥିଲା।

### ଏମାନେ ଯାହା କୁହନ୍ତି...



"ବିଜ୍ଞାନ ଓ ବୈଷୟିକ ଶିକ୍ଷା ଉପରେ ସ୍କୁଲ ସ୍ତରରୁ ପିଲାଙ୍କୁ ଆକର୍ଷିତ କରିବା ସହ ଉତ୍ସାହ ସୃଷ୍ଟି ଉଦ୍ଦେଶ୍ୟରେ ଆଇଆଇଟି ପକ୍ଷରୁ ୩ ବର୍ଷ ହେବ ଏହି ପ୍ରୟାସ ଜାରି ରହିଛି। ଏହାଦ୍ୱାରା ଛୋଟବେଳୁ ପିଲାମାନେ ବିଜ୍ଞାନପ୍ରତି ଆଗ୍ରହ ପ୍ରକାଶ କରିବେ। ଏହାଛଡ଼ା ଆଇଆଇଟି ଭଳି ଜାତୀୟ ଶିକ୍ଷାନୁଷ୍ଠାନ ଉପରେ ସେମାନଙ୍କ ଜ୍ଞାନ ଲାଭ ହେବ। ବିଜ୍ଞାନ ମାଧ୍ୟମରେ ଦେଶର ଅଗ୍ରଗତି ସହ ସମାଜର କଲ୍ୟାଣ କରିପାରିବେ।

**ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର, ଆଇଆଇଟି**



"ଏହି ପ୍ରଦର୍ଶନୀରେ ଅନେକ ନୂଆ ପ୍ରକଳ୍ପମାନ ଦେଖିଲି ଓ ବୁଝିଲି। ଆମ ସ୍କୁଲରେ ହେଉଥିବା ବିଜ୍ଞାନମେଳାରେ ପୂର୍ବରୁ ଅଂଶଗ୍ରହଣ କରିଛି। ହେଲେ ଏଥିରେ ଅନେକ ନୂଆ ନୂଆ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଦେଖିବାକୁ ପାଇଲି। ପ୍ରକଳ୍ପ ସମ୍ବନ୍ଧରେ ଆଇଆଇଟିର ବିଦ୍ୟାର୍ଥୀମାନେ ବିସ୍ତୃତ ଭାବେ ବୁଝାଇଥିଲେ।

**– ସନ୍ତୋଷିନୀ ବିଶ୍ୱାଳ, ସରସ୍ୱତୀ ବିଦ୍ୟାମନ୍ଦିର, ଜଟଣୀ**



"ଏଠାକୁ ଆସିବା ପରେ ଜଣେ ଆଇଆଇଟିଆନ୍ ଭାବେ ଭବିଷ୍ୟତରେ ହେବାକୁ ଆଗ୍ରହ ସୃଷ୍ଟି ହୋଇଛି।

**ପ୍ରଦୀପ କୁମାର ସାହୁ, ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ, ଜଟଣୀ**



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଶ୍ରୀକ୍ଷେତ୍ର ହେବ ତମାଖୁମୁକ୍ତ

**ପୁରୀ ଅଫିସ,୧୨।୨:** ପୁରୀ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ବୁଧବାର ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ ସଂକ୍ରାନ୍ତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ବିରଜା ଶଙ୍କର ରଥଙ୍କ ଅଧକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସିର ରାଜ୍ୟ ପରାମର୍ଶଦାତା ଗିରିଜା ଶଙ୍କର ମିଶ୍ର, ଡା. ନିମାଇ ଚରଣ ଜେନା, ଡା. ଲଳିତ କୁମାର ଦାସ, ଡା. ସୁଶାନ୍ତ କୁମାର ବିଶ୍ୱାଳ, ପୁରୀ ଜିଲା ପୋଲିସର ବିଭିନ୍ନ ଥାନାଧିକାରୀ, ଅବକାରୀ ପୋଲିସ ଅଧିକାରୀ, ଖାଦ୍ୟ ତନଖି ଅଧିକାରୀ, ଡ୍ରଗ ଇନ୍‌ସପେକ୍ଟର, ତମାଖୁ ନିୟନ୍ତ୍ରଣ କମିଟି ସଭ୍ୟ ମଧୁସୂଦନ ମିଶ୍ର ଏବଂ ବଦ୍ରି ମିଶ୍ର ଯୋଗଦେଇଥିଲେ। ତମାଖୁ ନିୟନ୍ତ୍ରଣ ଆଇନ କଡ଼ାକଡ଼ି ଲାଗି ଆଲୋଚନା ହୋଇଥିଲା। ଓଟପା ଆଇନ ସମେତ ବିଭିନ୍ନ ଆଇନ ଅନୁଯାୟୀ ତମାଖୁ ବିକ୍ରେତାଙ୍କ ଉପରେ ଜରିମାନା, ତମାଖୁ ବିକ୍ରି ଉପରେ ଅଙ୍କୁଶ, ଶିକ୍ଷାନୁଷ୍ଠାନର ଶହେ ମିଟର ଦୂରରୁ ତମାଖୁ ସମ୍ପର୍କିତ ବ୍ୟବସାୟିକ ପ୍ରତିଷ୍ଠାନ ନିଷିଦ୍ଧ ହେବା ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ କରିବା ଲାଗି ଆହ୍ୱାନ ଦିଆଯାଇଥିଲା। ଏହା ସମସ୍ତଙ୍କ ମିଳିତ ପ୍ରୟାସରେ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

### ସି.ବି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କଣାସ,୧୨।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ସାନପୁଟ ପଞ୍ଚାୟତରେ ଚଉଦମଉଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୁଧବାର ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ବେଣୁଧର ଦାସ ଯୋଗଦେଇଥିବା ବେଳେ ଗଡମାଣିତିରି ମହାବିଦ୍ୟାଳୟର ଅଧକ୍ଷ ଅଲେଖ ଚରଣ ଭୂୟାଁ, ଲକ୍ଷ୍ମୀଧର ସାମନ୍ତସିଂହାର, କୃପାସିନ୍ଧୁ ବିଶ୍ୱାଳ, ଜମ୍ବେଶ୍ୱର ଯୁଜାରସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହୋଇ ବିଦ୍ୟାଳୟର ନାଁ ରଖିବାକୁ କହିଥିଲେ। ଅଧକ୍ଷ ସାମନ୍ତରାୟ ବାର୍ଷିକ ବିବରଣୀ ପାଠକରିଥିବା ବେଳେ ଅଧାପକ ରବୀନ୍ଦ୍ର କୁମାର ସୁନ୍ଦରାୟ ଉତ୍ସବକୁ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୨ ମନ୍ତ୍ରୀଙ୍କ ଗୋପ ତହସିଲ ଅଫିସ ପରିଦର୍ଶନ

## ଅଚାନକ ପହଞ୍ଚି ବିଭିନ୍ନ ରେକର୍ଡପତ୍ର ଦେଖିଲେ

- ଫନୀ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଶୁଣିଲେ
- ପୁନଃ ତଦନ୍ତ ଲାଗି ନିର୍ଦ୍ଦେଶ ଦେଲେ

**ଗୋପ,୧୨।୨(ଡି.ଏନ୍.ଏ)**

ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଅଚାନକ ଗୋପ ତହସିଲ ଅଫିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦ୍ୱୟ ଜମିଜମା ସଂକ୍ରାନ୍ତ ବିଭିନ୍ନ ରେକର୍ଡପତ୍ର ତନଖି କରିବା ସହ ଫନୀ ବାତ୍ୟା ବିପନ୍ନଙ୍କ ଅଭିଯୋଗ ଶୁଣିଥିଲେ। ପ୍ରାୟ ୪୦ ମିନିଟ୍ ଧରି ଦୁଇ ମନ୍ତ୍ରୀ ତହସିଲ ଅଫିସ୍‌ରେ ରହିଥିଲେ।

ସୂଚନା ଅନୁଯାୟୀ, ଗୋପ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ ସୁଚାରୁ ରୂପେ ହୋଇପାରୁ ନ ଥିବା ଲୋକେ ଅଭିଯୋଗ କରି ଆସୁଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ, ବିଧାୟକ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି କ୍ରମରେ ବୁଧବାର ଅପରାହ୍ନରେ ରାଜସ୍ୱ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଅଚାନକ ଗୋପ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେମାନେ ଓଏଲ୍‌ଆର୍, ଦାଖଲ ଖାରଜ, ଘରବାରି କିସମ ପରିବର୍ତ୍ତନ ସହିତ କାର୍ଯ୍ୟାଳୟରେ ଗଚ୍ଛିତ ଥିବା ରାଜସ୍ୱ ଅର୍ଥ ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ୮୨ଲକ୍ଷ ଟଙ୍କାର ରାଜସ୍ୱ ସମ୍ପର୍କରେ ମଧ କାଗଜପତ୍ର ଦେଖି ତହସିଲଦାର ପୃଥିରାଜ ମଣ୍ଡଳଙ୍କୁ ପଚାରିବା ସହ ଫନୀ ମହାବାତ୍ୟାରେ କେତେ ସହାୟତା ରାଶି ଦିଆଯାଇଛି ଓ କେତେ ଦିଆଯିବାକୁ ଅଛି ସେ ନେଇ ପଚାରି ବୁଝିଥିଲେ। ମନ୍ତ୍ରୀ ଦ୍ୱୟ ଉକ୍ତ କାର୍ଯ୍ୟାଳୟରୁ ବାହାରିବା ବେଳେ ଫନୀ ବିପନ୍ନମାନେ ପହଞ୍ଚି ଠିକ୍ ଭାବେ ସହାୟତା ରାଶି ପାଇ ନ ଥିବା ଅଭିଯୋଗ କରିଥିଲେ। ଏଥିଯୋଗୁ ପୁନଃ ତଦନ୍ତ କରିବା ପାଇଁ ତହସିଲଦାରଙ୍କୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ନିର୍ଦ୍ଦେଶ ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ଦାଶ ଗୋପ ବ୍ଲକ୍ ନିକଟସ୍ଥ ଏକ ସ୍ଥାନରେ ଆଦର୍ଶ ବିଦ୍ୟାଳୟ ଲାଗି ଖୁବ୍ ଶୀଘ୍ର ଜମି ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାହୁ, ବିଜୟ କୁମାର ବରାଳ, ତ୍ରିଲୋଚନ ସେଠୀ ଏବଂ ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରାଜସ୍ୱ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ରେକର୍ଡପତ୍ର ଯାଞ୍ଚ କରୁଛନ୍ତି।



ମହୋଦଧିରେ ମହାତ୍ମା ଗାନ୍ଧୀଙ୍କ ଚିତାଭସ୍ମ ବିସର୍ଜନ ସ୍ମୃତିରେ ବୁଧବାର ପୁରୀ ସର୍ବୋଦୟ ମେଳା ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ରାମଧୂନ୍ ପରିବେଷଣ କରାଯାଉଛି।

# ଦଳିତଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା

- ମାମଲା ରୁଜୁ ପରେ ହେଉନି କାର୍ଯ୍ୟାନୁଷ୍ଠାନ
- ରାଷ୍ଟ୍ରୀୟ ଦଳିତ ମହାସଭା ଓଡ଼ିଶା ଶାଖାର ଅଭିଯୋଗ

**ପୁରୀ ଅଫିସ,୧୨।୨**

ପୁରୀ ଜିଲାରେ ଦଳିତଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ନ୍ୟାୟ ପ୍ରଦାନରେ ଅବହେଳା କରାଯାଉଛି। ୨୦୧୯ ଡିସେମ୍ବର ୪ତାରିଖରେ କାକଟପୁର ଥାନା ଅନ୍ତର୍ଗତ ବାଉରୀକରଣ ଗ୍ରାମର ରୁବିନା ସେଠୀଙ୍କ ହତ୍ୟା ମାମଲାକୁ ୨ମାସ ବିତିଲାଣି। ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ମାମଲାକୁ ରଫାଦଫା କରିବା ଲାଗି ଉଦ୍ୟମ କରୁଛି। ସେହିପରି ଫେବୃୟାରୀ ୧ରେ ପୁରୀର ଏକ ହୋଟେଲରେ ବସନ୍ତ ସେଠୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ନ୍ୟାୟ ପାଇବା ପାଇଁ ତାଙ୍କ ମା', ବାପା ଥାନାଠାରୁ ଏସ୍‌ପିଙ୍କ ଅଫିସ୍ ପର୍ଯ୍ୟନ୍ତ ଦୌଡୁଛନ୍ତି। ମାତ୍ର କେହି ଶୁଣୁନାହାନ୍ତି। ସମୁଦ୍ରକୂଳ ଥାନା ପୋଲିସ କେବଳ ମାମଲା ରୁଜୁ କରି ନୀରବ ରହିଛି। ବସନ୍ତଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ମଧ ପୋଲିସ ଅଣଦେଖା କରୁଛି ବୋଲି ବୁଧବାର ଚନ୍ଦ୍ରଶେଖର ପାଠାଗାର ପରିସରରେ ରାଷ୍ଟ୍ରୀୟ ଦଳିତ ମହାସଭାର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ମହାସଭାର ରାଜ୍ୟ ସଭାପତି ଅଶୋକ କୁମାର ମଲ୍ଲିକ ଉକ୍ତ ଦୁଇ ଘଟଣାରେ ପୋଲିସର ଶିଥିଳତା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉଭୟ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ କେସ୍ ରୁଜୁ କରି ପୀଡ଼ିତାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଲାଗି ମହାସଭା ଦାବି କରିଛି। ଏ ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ଏସ୍‌ସି ଆଣ୍ଡ୍ ଏସ୍‌ଟି କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ମଲ୍ଲିକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉଭୟ ପୀଡିତାଙ୍କ ପରିବାର ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଭାର ରାଜ୍ୟ ଉପଦେଷ୍ଟା ରବୀନ୍ଦ୍ର ସେଠୀ, ବନ୍ଧୁ ସେଠୀ ଏବଂ ରିପବ୍ଲିକାନ ପାର୍ଟିର ରାଜ୍ୟ ସଭାପତି ସେକ୍ ଅବଦୁଲ ୱାଲି ପ୍ରମୁଖ ଉପସ୍ଥିତ ଥିଲେ।





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# 'ଜ୍ଞାନର ପରିସୀମା ବିକଶିତ କର'

## ପୁରୀ ଜିଲା ସ୍କୁଲର ବାର୍ଷିକୋତ୍ସବ

**ପୁରୀ ଅଫିସ,୧୨।୨**

ପୁରୀ ଜିଲା ସ୍କୁଲର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୋ ସ୍କୁଲ ଅଭିଯାନର ଅଧକ୍ଷା ସୁସ୍ମିତା ବାଗଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଡା. ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ସଦର ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଶିଳ୍ପପତି ରାଜକିଶୋର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ସେମାନଙ୍କ ଗଠନମୂଳକ ଚିନ୍ତାଧାରା ଦ୍ୱାରା ଏକ ସୁଦୃଢ଼ ରାଷ୍ଟ୍ର ନିର୍ମାଣ ହୋଇପାରିବ। ଛାତ୍ରୀଛାତ୍ରମାନେ ଜ୍ଞାନର ପରିସୀମା ବିକାଶ କରନ୍ତୁ। ମହାପୁରୁଷଙ୍କ ଜୀବନୀକୁ ଅଧ୍ୟୟନ କରନ୍ତୁ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନଶିକ୍ଷକ ମିଶ୍ର କହିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ମହୋଦଧି' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ, ସାମୂହିକ ସୂର୍ଯ୍ୟ ନମସ୍କାର ଆଦି ପରିବେଷଣ କରିଥିଲେ। ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।

# ପ୍ରସ୍ତାବିତ ମଦ ଦୋକାନକୁ ଜୋରଦାର ବିରୋଧ

## ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ଲୋକ

**ଅସ୍ତରଙ୍ଗ, ୧୨।୨(ଡି.ଏନ୍.ଏ)**

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ଏଡ଼ବାଂଶରେ ଅବକାରୀ ବିଭାଗର ପ୍ରସ୍ତାବିତ ମଦ ଦୋକାନକୁ ଜୋରଦାର୍ ବିରୋଧ କରାଯାଉଛି। ବୁଧବାର ତାଳଦା ପଞ୍ଚାୟତର ଶତାଧିକ ଲୋକ ଏ ନେଇ ଜନଜାଗରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଳଦା ବିକାଶ ପରିଷଦ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ପୁରୁଷଙ୍କ ସମେତ ମହିଳା, ଯୁବତୀ ଯୁବକ, ବିଭିନ୍ନ ରାଜନୈତିକ ଦଳ ଏବଂ ସଙ୍ଗଠନର କର୍ମକର୍ତ୍ତା ଏକାଠି ହୋଇଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବୁଦ୍ଧେଶ୍ୱର ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବିଭିନ୍ନ ସାହି ପରିକ୍ରମା କରି ସାଇ ମନ୍ଦିର ପାଖରେ ପହଞ୍ଚିଥିଲେ। ସେମାନେ ମଦ ବିରୋଧରେ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ, ବ୍ୟାନର ଧରି ସ୍ୱର ଉତ୍ତୋଳନ କରିଥିଲେ। ପରେ ଏକ ବୈଠକ ହୋଇଥିଲା। କୌଣସି ପରିସ୍ଥିତିରେ ବି ମଦ ଦୋକାନ ଖୋଲାଇ ନ ଦିଆଯିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଆନ୍ଦୋଳନରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ବେହେରା ଓ ତାଙ୍କର ୨୦ ଜଣ ସମର୍ଥକ, ସ୍ଥାନୀୟ ଶିକ୍ଷାବିତ୍ ବ୍ରଜବନ୍ଧୁ ସେନାପତି, ତାଳଦା ବିକାଶ ପରିଷଦର ମାନସ ପଢିଆରୀ, ଉମେଶ ସେନାପତି, ଅଶୋକ ନାୟକ, ସଞ୍ଜୟ ନାୟକ, ଅସ୍ତରଙ୍ଗ ବ୍ଲକ ମଦମୁକ୍ତ ଯୁବବାହିନୀ ଶାଖାର ଜିତେନ୍ଦ୍ର ସ୍ୱାଇଁ, ସତ୍ୟବ୍ରତ ବାରିକ, ନୀଳମଣି ବେହେରା, ମନୋଜ ବିଶ୍ୱାଳ, ଲିପୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମଧ୍ୟାହ୍ନଭୋଜନ ସମୟରେ ସ୍ଥାନୀୟ ଏକ ସ୍କୁଲର ପିଲାମାନେ ଶୋଭାଯାତ୍ରାରେ ସାମିଲ ହୋଇ ମଦ ଓ ନିଶା କାରବାରକୁ ବିରୋଧ କରିଥିଲେ।

# ଲୋକଙ୍କ ସମସ୍ୟା ସମାଧାନ ପାଇଁ ସଂଗ୍ରାମ ଜାରି ରହିବ

**ନିମାପଡ଼ା,୧୨।୨(ଡି.ଏନ୍.ଏ.)**

ନିମାପଡ଼ା ନିର୍ବାଚନମଣ୍ଡଳୀର ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଭାରତୀୟ ଜନତା ପାର୍ଟି ସର୍ବଦା ସଂଘର୍ଷ ଓ ସଂଗ୍ରାମ ଜାରି ରଖିବ ବୋଲି ବୁଧବାର ଭାଜପା ମହିଳାମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ନିମାପଡ଼ାସ୍ଥିତ ଭାଜପା କାର୍ଯାଳୟରେ ଆୟୋଜିତ ଦଳର ପଞ୍ଚାୟତ ସଭାପତି ଚୟନ ସମାବେଶରେ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଦଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଅତିଥିଭାବେ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତର ଦଳୀୟ ପଞ୍ଚାୟତ ସଭାପତି ଚୟନ କରାଯାଇଥିଲା। ଗୋପ ମଣ୍ଡଳର ମହିଳାମୋର୍ଚ୍ଚା ସଭାନେତ୍ରୀ ସୌଦାମିନୀ ସେନାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି ମାନସ ପ୍ରଧାନ, ପ୍ରସନ୍ନ ଦାଶ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଯଚିନ୍ଦ୍ର ସ୍ୱାଇଁ, ସୌଦାମିନୀ ସେନାପତି, ଦିଲ୍ଲୀପ ପାତ୍ର, ରାଜକିଶୋର ନାୟକ, ମିନଲତା ମହାନ୍ତି, ଝିଲିଲତା ଦାସଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

# ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବେ ବସ୍ ମାଲିକ

- ରାଜ୍ୟ ବସ୍ ମାଲିକ ସଂଘ ସମ୍ମିଳନୀ ଉଦ୍‌ଯାପିତ
- ରାଜଧାନୀରେ ସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇବାକୁ ଦାବି
- ନୂତନ କର୍ମକର୍ତ୍ତା ଚୟନ

**ପୁରୀ ଅଫିସ,୧୨।୨**

ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ରାଜ୍ୟ ବସ୍ ମାଲିକ ସଂଘର ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ ଦିବସରେ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଲିକମାନଙ୍କ ସମସ୍ୟା ଶୁଣିଥିଲେ। ସରକାରଙ୍କ ସହାୟତାରେ କିପରି ସଂଘର ଦାବିକୁ ପୂରଣ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ।

ବ୍ରହ୍ମପୁର ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯେଉଁ ବସ୍‌ଯାତ୍ରୀମାନେ ମୃତାହତ ହୋଇଥିଲେ ସେମାନଙ୍କ ପାଇଁ ଦୁଃଖ ପ୍ରକାଶ କରାଯାଇଥିଲା। ଦୁର୍ଘଟଣାକୁ ଏଡାଇ ପାଇଁ ବିଷଦ୍ ଆଲୋଚନା ହେବା ସହ ପ୍ରତି ଆଞ୍ଚଳିକ ସଂଘ ଦ୍ୱାରା ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବସ୍ ମାଲିକମାନେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି ନିଜେ ଯତ୍ନବାନ ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ରାଜ୍ୟର ବସ୍‌ଷ୍ଟାଣ୍ଡଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡିଛି। ତୁରନ୍ତ ସେଗୁଡ଼ିକର ପୁନରୁଦ୍ଧାର ସାଙ୍ଗକୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପୋଲିସ ଦ୍ୱାରା ସୁରକ୍ଷା ଯୋଗାଇବା, ପ୍ରତୀକ୍ଷାଳୟକୁ ଶୀତତାପ ନିୟନ୍ତ୍ରିତ କରିବା ଏବଂ ବସ୍ କର୍ମଚାରୀଙ୍କ ନିମନ୍ତେ ଶୀତତାପ ନିୟନ୍ତ୍ରିତ ବିଶ୍ରାମ କକ୍ଷ ନିର୍ମାଣ, ଭୁବନେଶ୍ୱରରେ ସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ପାଇଁ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ବସ୍ ମାଲିକ ସଂଘର ୩ବର୍ଷ କାର୍ଯ୍ୟକାଳ ସରିଯାଇଥିବାରୁ ବୁଧବାର ବୈଠକରେ ସର୍ବସମ୍ମିତକ୍ରମେ ବିଭିନ୍ନ ପଦପଦବୀ ଲାଗି କର୍ମକର୍ତ୍ତା ଚୟନ କରାଯାଇଥିଲା। ଲୋକନାଥ ପାଣି ସଭାପତି, ଦେବେନ୍ଦ୍ର କୁମାର ସାହୁ ସାଧାରଣ ସମ୍ପାଦକ, ବରଦାପ୍ରସନ୍ନ ଆଚାର୍ଯ୍ୟ କୋଷାଧକ୍ଷ, ଦେବାଶିଷ ନାୟକ ମୁଖପାତ୍ର, ଅଜୟ କୁମାର ବାରିକ ସହ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି।



ରାଜ୍ୟସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ଆଚାର୍ଯ୍ୟ ହରିହରଙ୍କ ସେବା, ମଣିଷପଣିଆ ଆଜି ଦୁର୍ଲଭ

- ୨୧୮ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର
- ଚିତ୍ତବିନୋଦନ କେନ୍ଦ୍ର, ଓଡ଼ିଶୀ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ୧୦ ଲକ୍ଷ ଲେଖାଏ ମଞ୍ଜୁର

**ସାକ୍ଷୀଗୋପାଳ,୧୨।୨(ଡି.ଏନ୍.ଏ.)**

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଉପଲକ୍ଷେ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସାକ୍ଷୀଗୋପାଳ ପାନ୍ଥଶାଳାରେ ବୁଧବାର ମହୋତ୍ସବ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ସେବା ଓ ମଣିଷପଣିଆ ଆଜି ଦୁର୍ଲଭ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ସାମନ୍ତରାୟ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ନିମନ୍ତେ ସତ୍ୟବାଦୀ ବ୍ଲକର ୨୧୮ଜଣଙ୍କୁ ପରିଚୟପତ୍ର ସହିତ ଶୀତବସ୍ତ୍ର ପ୍ରଦାନ କରିଥିଲେ।

ସତ୍ୟବାଦୀ ଥାନାରେ ବରିଷ୍ଠ ନାଗରିକଙ୍କ ଚିତ୍ତ ବିନୋଦନ ଏବଂ ପଚ୍ଚନାୟିକିଆ ଛକରେ ଏକ ଓଡ଼ିଶୀ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ୧୦ଲକ୍ଷ ଲେଖାଏ ଟଙ୍କା ଅନୁଦାନ ମଞ୍ଜୁର କରିବାକୁ ବିଧାୟକ ସଭାରେ ଘୋଷଣା କରିଥିଲେ। ଏଥିସହିତ ଅନ୍ତର୍ଜାତୀୟ ଆଥଲେଟ ଜୟନ୍ତୀ ବେହେରାଙ୍କ ପରିବାରକୁ ଗ୍ରାମୀଣ ଗୃହ ନିର୍ମାଣ ସହାୟତା, ବକୁଳବନର ଉନ୍ନୟନ ପାଇଁ ୧୦କୋଟି, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋକୁ ଜାତୀୟ ସ୍ମୃତି, କାଦୁଆ ଆଶ୍ରମ, ସାକ୍ଷୀଗୋପାଳ ମନ୍ଦିର, ସତ୍ୟବାଦୀ ଓ କଣାସରେ ପାନୀୟ ଜଳ ପ୍ରକଳ୍ପ, ଶୁଳ୍‌କରେ ବିଦ୍ୟୁତ ଗ୍ରୀଡ, ସୁଆଁଲୋ ଓ ସୋମେଶ୍ୱରପୁରରେ ୩୩/୧୧ କେଭି ଷ୍ଟ୍ରକଚର, ରାସ୍ତା ନିର୍ମାଣ ପ୍ରକଳ୍ପର ରୂପରେଖ ସମ୍ପର୍କରେ ବିଧାୟକ ସୂଚନା ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ ଓ ଧ୍ରୁବ ଚରଣ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବିକାଶ ପରିଷଦର ସଭାପତି ଗୁଣ୍ଡିଚା ବରାଳ ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅମର ନନ୍ଦ ବିବରଣୀ ପାଠ କରିଥିଲେ। ଉପସଭାପତି ରାମଚନ୍ଦ୍ର ମହାନ୍ତି ସତ୍ୟବାଦୀ ଅଞ୍ଚଳର ପ୍ରମୁଖ ଦାବି ମଧ୍ୟରେ ଏନ୍‌ଏସି ଘୋଷଣା, ଗ୍ରାମନ୍ୟାୟାଳୟ ସ୍ଥାପନ, ଡାକ୍ତରଖାନାକୁ ସବଡିଭିଜନାଲ ହସପିଟାଲ, ପଞ୍ଚସଖା ପଡ଼ିଆକୁ ମିନି ଷ୍ଟାଡିୟମ, ସିଦ୍ଧ ବକୁଳପୀଠର ଉନ୍ନୟନ, ଜରାଶ୍ରମ, ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ସୁବିଧା ଆଦି ଦାବି ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିକାଶ ପରିଷଦର କର୍ମକର୍ତ୍ତାଙ୍କ ମଧ୍ୟରେ ବୀରେନ୍ଦ୍ର ଭୂଷଣ ହୋତା, ବିଶ୍ୱଜିତ ଶତପଥୀ, ରାମଶଙ୍କର ନନ୍ଦ, ବୀଣାପାଣି ମିଶ୍ର, ହୃଷୀକେଶ ମିଶ୍ର, ପୁଷ୍କର ମହାପାତ୍ର, ବନମାଳୀ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ମହନ୍ତ ରାମଚରଣ ଦାସ ମହାରାଜ ଓ ଅଧାପକ ପ୍ରମୋଦ କୁମାର ଆଚାର୍ଯ୍ୟ ଭାଗବତ ପ୍ରବଚନ ଦେବା ସହିତ ଭାଗବତ ଗ୍ରନ୍ଥ ପ୍ରଦାନ କରିଥିଲେ। ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସ, ସାହିତ୍ୟକ ବୀରେନ୍ଦ୍ର କୁମାର ମହାନ୍ତି ଓ ଭୀମସେନ ମହାପାତ୍ର, ନୃତ୍ୟଗୁରୁ ଲିଙ୍ଗରାଜ ବେହେରା, ପାରା ଆଥଲେଟ ଜୟନ୍ତୀ ବେହେରା, ଓଡ଼ିଶୀ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆ, ରୋଜାଲିନ ସୁନ୍ଦରାୟ, ଲିଜାଲିନ ସୁନ୍ଦରାୟ, ପର୍ବତାରୋହୀ ଅଭିଷେକ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଓ ସମାଧିପୀଠରେ ମାଲ୍ୟାର୍ପଣ, ଯୋଗ ପ୍ରଶିକ୍ଷଣ, ରକ୍ତଦାନ ଓ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଡଭୋକେଟ ଅଞ୍ଜନ ହୋତା ଓ ସତ୍ୟବାଦୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।